ମୂଲ୍ୟାୟନ

ଦ୍ୱିତୀୟ ବର୍ଷ : ଦ୍ୱିତୀୟ ସଂକଳନ

ଗୁରୁପ୍ରସାଦ ବିଶେଷାଙ୍କ

- ପ୍ରବନ୍ଧ, ଆଲୋଚନା ଓ ସମାଲୋଚନା :

କୃଷ୍ଣଚରଣ ସାହୁ—ସତ୍ୟଶଙ୍କର ମିଶ୍ର--ଶରତଚନ୍ଦ୍ର ଶତପଥୀ-ତାରିଣୀ ଚରଣ ଦାସ--ବିନୋଦ ବିହାରୀ ପଣ୍ଡା-କୁମୁଦ ଚନ୍ଦ୍ର ଦାଶ--ଲୋଚନ ଚନ୍ଦ୍ର ନାୟକ

- ଗୁରୁପ୍ରସାଦଙ୍କ କବିତା ଓ ମୁଁ :

ନୀଳାଦ୍ରି ଭୂଷଣ ହରିଚନ୍ଦନ—ଶତ୍ରୁଘ୍ନ ପାଣ୍ଡବ—ବଂଶୀଧର ଷଡ଼ଙ୍ଗୀ—ପ୍ରଫୁଲ୍ଲ କୁମାର ତ୍ରିପାଠୀ—ପ୍ରହରାଜ ସତ୍ୟନାରାୟଣ ନନ୍ଦ—ନିତ୍ୟାନନ୍ଦ ପତି

- ଗୁରୁପ୍ରସାଦଙ୍କ ପାଞ୍ଚୋଟି କବିତା : ବିସ୍ତାର—ଅନୁଶୀଳନ :

ରେଖା ମହାନ୍ତି—ପଞ୍ଚାନନ ମହାନ୍ତି—ପ୍ରମୋଦ କୁମାର ମହାନ୍ତି—ସୌମେନ୍ଦ୍ର ବାରିକ—ବିଜୟ କୁମାର ଚୌଧୁରୀ

- ଗୁରୁପ୍ରସାଦଙ୍କ ସହ ସାକ୍ଷାତ୍କାର :
- ପରିଶିଷ୍ଟ : 'ସମୁଦ୍ରସ୍ନାନ' ପରବର୍ତ୍ତୀ କବିତା ।

ସଂପାଦନା:

ପ୍ରଫୁଲ୍ଲ କୁମାର ଜଗଦ୍ଦେବ

ମହାନଦୀ ବୁକ୍ସ

ମୂଲ୍ୟ : ପାଞ୍ଚ ଟଙ୍କା ମାତ୍ର

Digitized by srujanika@gmail.com

ମୂଲ୍ୟାୟନ -୭

(ସାମୟିକ ସାହିତ୍ୟ-ସମାଲୋଚନା ସଂକଳନ)

* ଦ୍ୱିତୀୟ ବର୍ଷ : ଦ୍ୱିତୀୟ ସଂକଳନ *

ଗୁରୁପ୍ରସାଦ ବିଶେଷାଙ୍କ

ସମ୍ପାଦକ :

ପ୍ରଫୁଲ୍ଲ କୁମାର ଜଗଦେବ

ଅଧ୍ୟାପକ, ସ୍ନାତକୋତ୍ତର ଇଂରାଜୀ ବିଭାଗ

ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ମହାନଦୀ ବୁକ୍ସ

ଭୁବନେଶ୍ୱର

Digitized by srujanika@gmail.com

● ସମ୍ପାଦକ :– ପ୍ରଫୁଲ୍ଲ କୁମାର ଜଗଦେବ ।। ଅତିଥି ସମ୍ପାଦକ : ଶିଶିର କୁମାର ବେହେରା ।। ଆଞ୍ଚଳିକ ସମ୍ପାଦକ : ପଞ୍ଚାନନ ମହାନ୍ତି ।। ପରିଚାଳନା (ସମ୍ପାଦକ : ସନ୍ତୋଷ କୁମାର ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ତ୍ରିପାଠୀ ।। ପ୍ରଚାର ଅଧ୍ୟକ୍ଷ : ରଞ୍ଜନ କୁମାର ପଟ୍ଟନାୟକ ।।

● ଯୋଗାଯୋଗ : ପ୍ରଯତ୍ନେ—ମୂଲ୍ୟାୟନ ପ୍ରେସ୍
ପ୍ଲଟ୍ ନଂ ଡି-୧, ଶହୀଦ ନଗର, ଭୁବନେଶ୍ୱର-୭

● ପାଞ୍ଚୋଟି ସଂକଳନରେ 'ମୂଲ୍ୟାୟନ'ର ଏକ ବର୍ଷ ପୂରଣ ହୁଏ । ପ୍ରତିସଂଖ୍ୟା ତିନିଟଙ୍କା । ବାର୍ଷିକଦେୟ (ବିଶେଷାଙ୍କଗୁଡ଼ିକ ସହ) ପନ୍ଦର ଟଙ୍କା ।

● 'ମୂଲ୍ୟାୟନ'ରେ କେବଳ ସାହିତ୍ୟ ଓ ସଂସ୍କୃତିର ସମାଲୋଚନାତ୍ମକ ଲେଖା ପ୍ରକାଶିତ ହୁଏ ଓ ପ୍ରତି ସଂକଳନରେ ନିମ୍ନଲିଖିତ ତିନୋଟି ନିୟମିତ ବିଭାଗ ପରିବେଷଣ କରାଯାଏ ।

କ) ପ୍ରବନ୍ଧ, ଆଲୋଚନା ଓ ସମାଲୋଚନା :—ଏ ବିଭାଗଟି ବିଭିନ୍ନ ସାହିତ୍ୟ ଓ ସଂସ୍କୃତି ତତ୍ତ୍ୱ, 'ବାଦ' ଓ ଆନ୍ଦୋଳନ ସମ୍ବନ୍ଧୀୟ ପ୍ରବନ୍ଧ, ତଥା ପ୍ରାଚୀନ, ମଧ୍ୟଯୁଗୀୟ ଓ ଆଧୁନିକ ଓଡ଼ିଆ ସାହିତ୍ୟର ପୁନର୍ମୂଲ୍ୟାୟନାତ୍ମକ ସମାଲୋଚନା ପାଇଁ ଉଦ୍ଦିଷ୍ଟ ।

ଖ) ସ୍ୱାଧୀନତୋତ୍ତର ଓଡ଼ିଆ କବିତା : ବିସ୍ତୃତ-ଅନୁଶୀଳନ :—ସ୍ୱାଧୀନତୋତ୍ତର କାଳରେ ସୃଷ୍ଟ ଅଧିକାଂଶ କବିତା 'ଅବୋଧ୍ୟ', 'ଅର୍ଥହୀନ' 'ନିରର୍ଥକଭାବେ ଦୁର୍ବୋଧ୍ୟ' ଇତ୍ୟାଦି ଅଭିଯୋଗ ପ୍ରଚୁର । କିନ୍ତୁ ଏ ଅଭିଯୋଗର ସତ୍ୟତା କେତେ ? ତା'ର ନିରୂପଣ ପାଇଁ ପ୍ରକାଶିତ କରାଯାଏ, ଅନ୍ତତଃ ଗୋଟିଏ ସ୍ୱାଧୀନତୋତ୍ତର କବିତାର ବିସ୍ତୃତ ଅନୁଶୀଳନ । ଅନୁଶୀଳନଗୁଡ଼ିକ ମନ୍ତବ୍ୟସର୍ବସ୍ୱ ନ ହୋଇ ଆଲୋଚ୍ୟ କବିତାର ଭାବସତ୍ତା ଓ ଆଙ୍ଗିକ ସମ୍ପର୍କରେ ଯଥେଷ୍ଟ ଆଲୋକପାତ କରନ୍ତି ।

ଗ) ପୁସ୍ତକ-ସମୀକ୍ଷା :—ସଂପୃକ୍ତ ଲେଖକ/ପ୍ରକାଶକ ନୂତନ ପୁସ୍ତକରୁ ଦୁଇଖଣ୍ଡ ଲେଖାଏ ପଠାଇବା ବିଧେୟ ।

● ଲେଖାଗୁଡ଼ିକରେ ପ୍ରକାଶିତ ମତ/ମନ୍ତବ୍ୟ ଏକାନ୍ତଭାବେ ସଂପୃକ୍ତ ଆଲୋଚକଙ୍କର; ତାହା ସମ୍ପାଦକ ବା ପ୍ରକାଶକଙ୍କମତ ବା ତା'ର ପ୍ରତିଫଳନ ବୋଲି ଗ୍ରହଣ କରିନେବା ଉଚିତ ନୁହେଁ ।

● ●

Digitized by srujanika@gmail.com

॥ ସୂଚୀ ॥

● ଭୂମିକା ୫

● ପ୍ରବନ୍ଧ, ଆଲୋଚନା ଓ ସମାଲୋଚନା:—

୧. ସମୁଦ୍ରସ୍ନାନ ଓ କବି ଗୁରୁପ୍ରସାଦ : କୃଷ୍ଣଚରଣ ସାହୁ ୧୩

୨. ଗୁରୁପ୍ରସାଦଙ୍କ କବିତାରେ ରୂପକଳ୍ପର ବ୍ୟବହାର — ସତ୍ୟଶଙ୍କର ମିଶ୍ର ୨୩

୩. ଗୁରୁପ୍ରସାଦଙ୍କ ସନେଟ୍ — ଶରତ ଚନ୍ଦ୍ର ଶତପଥୀ ୩୦

୪. ଗୁରୁପ୍ରସାଦଙ୍କ କବିତା ଓ ମେକର ପୋଏଟ୍ରି — ତାରଣୀଚରଣ ଦାସ ୪୧

୫. ଗୁରୁପ୍ରସାଦଙ୍କ 'କାଳପୁରୁଷ' — ବିନୋଦବିହାରୀ ପଣ୍ଡା ୪୪

୬. ଗୁରୁପ୍ରସାଦଙ୍କ ଜୀବନ ଜିଜ୍ଞାସା — କୁମୁଦ ଚନ୍ଦ୍ର ଦାଶ ୪୮

୭. ଗୁରୁପ୍ରସାଦଙ୍କ କାବ୍ୟଶୈଳୀ — ଗୋବିନ୍ଦଚନ୍ଦ୍ର ନାୟକ ୫୩

● ଗୁରୁପ୍ରସାଦଙ୍କ କବିତା ଓ ମୁଁ:—

୧. ନୀଳାଦ୍ରି ଭୂଷଣ ହରିଚନ୍ଦନ ୬୩

୨. ଶତ୍ରୁଘ୍ନ ପାଣ୍ଡବ ୬୮

୩. ବଂଶୀଧର ଷଡଙ୍ଗୀ ୮୩

୪. ପ୍ରଫୁଲ୍ଲ କୁମାର ତ୍ରିପାଠୀ ୮୯

୫. ପ୍ରହରାଜ ସତ୍ୟନାରାୟଣ ନନ୍ଦ ୯୩

୬. ନିତ୍ୟାନନ୍ଦ ପତି ୯୪

● ଗୁରୁପ୍ରସାଦଙ୍କ କେତୋଟି ସୁପରିଚିତ କବିତା: ବିଚାର ଅନୁଶୀଳନ:—

୧. 'ଆଖିର କପୋତ ମୋର' — ରେଖା ମହାନ୍ତି ୯୭

୨. 'ସୁନାର ଝରଣା' — ସଂଘନନ ମହାନ୍ତି ୧୦୪

୩. 'ପ୍ରିୟ ବାନ୍ଧବୀ' — ପ୍ରମୋଦ କୁମାର ମହାନ୍ତି ୧୧୨

୪. 'ସିନ୍ଧୁଆ' — ସୌରୀନ୍ଦ୍ର ବାରିକ ୧୩୧

୫. 'ଚମ୍ପାଫୁଲ' — ବିଜୟ କୁମାର ଚୌଧୁରୀ ୧୪୫

● ଗୁରୁପ୍ରସାଦଙ୍କ ସହ ସାକ୍ଷାତକାର ୧୫୦

● ପରିଶିଷ୍ଟ ('ସମୁଦ୍ରସ୍ନାନ' ପରବର୍ତ୍ତୀ କବିତା) ୧୬୩

● ●

Digitized by srujanika@gmail.com

॥ ଏ ସଙ୍କଳନର ସମାଲୋଚକ ॥

କୃଷ୍ଣ ଚରଣ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ ଓଡ଼ିଆ ବିଭାଗର ରୀଡ଼ର ॥ ସତ୍ୟଶଙ୍କର ମିଶ୍ର ଜେ : କେ : ବି : ଡେ କଲେଜ, କଟକରେ ଇଂରାଜୀ ଅଧ୍ୟାପକ ॥ ଶରତଚନ୍ଦ୍ର ଶତପଥୀ ଉତ୍କଳ ବିଶ୍ୱବିଦ୍ୟାଳୟରେ ଇଂରାଜୀ ଅଧ୍ୟାପକ ॥ ତାରିଣୀ ଚରଣ ଦାସ ଖଲିକୋଟ କଲେଜ, ବ୍ରହ୍ମପୁରରେ ହିନ୍ଦୀ ବିଭାଗରେ ରୀଡର ଓ ବିଭାଗୀୟ ମୁଖ୍ୟ । ବିନୋଦବିହାରୀ ପଣ୍ଡା ଆନନ୍ଦପୁର କଲେଜ (ଜି: କଟକ)ରେ ଇଂରାଜୀ ଅଧ୍ୟାପକ ॥ କୁମୁଦ ଚନ୍ଦ୍ର ଦାଶ ଛତ୍ରପୁର କଲେଜରେ ଓଡ଼ିଆ ଅଧ୍ୟାପକ ॥ ଗୋବିନ୍ଦଚନ୍ଦ୍ର ନାୟକ ଜଗତସିଂହପୁର କଲେଜରେ ଓଡ଼ିଆ ଅଧ୍ୟାପକ । ନୀଳାଦ୍ରି ଭୂଷଣ ହରିଚନ୍ଦନ ବିଶ୍ୱଭାରତୀ, ଶାନ୍ତିନିକେତନରେ ଓଡ଼ିଆ ଅଧ୍ୟାପକ । ଇଉନିଭରସିଟି ଗ୍ରାଣ୍ଟ୍ସ କମିଶନଙ୍କ ଦ୍ୱାରା ମନୋନୀତ ହୋଇ ସେ ସଂସ୍କୃତ ନାଟକ ସମ୍ପର୍କରେ ଗବେଷଣା କରୁଛନ୍ତି । ଶତ୍ରୁଘ୍ନ ପାଣ୍ଡବ ଜଟଣୀ କଲେଜରେ ଓଡ଼ିଆ ଅଧ୍ୟାପକ ॥ ବଂଶୀଧର ଷଡ଼ଙ୍ଗୀ ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗରେ ଶିକ୍ଷକ-ଗବେଷକ ॥ ପ୍ରଫୁଲ୍ଲ କୁମାର ତ୍ରିପାଠୀ ବି: ଜେ: ବି: କଲେଜ, ଭୁବନେଶ୍ୱରରେ ଇଂରାଜୀ ଅଧ୍ୟାପକ ॥ ପ୍ରହରାଜ ସତ୍ୟନାରାୟଣ ନନ୍ଦ ଓଡ଼ିଶା ସରକାରଙ୍କ ଲୋକସମ୍ପର୍କ ନିର୍ଦ୍ଦେଶାଳୟ, ଭୁବନେଶ୍ୱରରେ ସହକାରୀ ସମ୍ପାଦକ ॥ ନିତ୍ୟାନନ୍ଦ ପତି ଓ ପ୍ରମୋଦ ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ମନୋବିଜ୍ଞାନ ବିଭାଗରେ ଶିକ୍ଷକ ଗବେଷକ ॥ ରେଖା ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଐତିହାସିକ ଉପନ୍ୟାସ ସମ୍ପର୍କରେ ଗବେଷଣା କରୁଛନ୍ତି ॥ ପଞ୍ଚାନନ ମହାନ୍ତି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ଗବେଷକ ॥ ସୌରିନ୍ଦ୍ର ବାରିକ ଭଦ୍ରକ କଲେଜରେ ଇଂରାଜୀ ରୀଡର ॥ ବିଜୟ କୁମାର ଚୌଧୁରୀ ମହର୍ଷି ମହାବିଦ୍ୟାଳୟ (ଜି: ଢେଙ୍କାନାଳ)ରେ ଓଡ଼ିଆ ଅଧ୍ୟାପକ ॥ ●

Digitized by srujanika@gmail.com

ଭୂମିକା

"ମୋଟ ଉପରେ କହିବାକୁ ଗଲେ, ଅଧିକାଂଶ ମଡର୍ଣ୍ଣ ବା ନୂତନ-ମାନଙ୍କର ସିଦ୍ଧି ଅକିଞ୍ଚିତ୍କର । ଅବଶ୍ୟ ସିଦ୍ଧି ତୁଳନାରେ ସେମାନଙ୍କର ଚିତ୍କାର ଅତି ବେଶୀ ... ।

ଦଶବର୍ଷତଳେ ଏହି ଦଳର ଧର୍ମ-ରକ୍ଷକ ଭାବରେ ଦେଖାଦେଲେ ଜନୈକ ଇଂରାଜୀ ଅଧ୍ୟାପକ ଯତୀନ୍ଦ୍ର ମୋହନ ମହାନ୍ତି । ଏହି ଅଧ୍ୟାପକ ପ୍ରଚାର ଚଳେଇଲେ କି, ତାଙ୍କର ଆଶୀର୍ବାଦ-ପ୍ରାପ୍ତ ଦୁଇଜଣ 'ନୂତନ' କବି, ଶ୍ରୀ ଭାନୁଜୀ ରାଓ ଓ ଶ୍ରୀ ଗୁରୁପ୍ରସାଦ ମହାନ୍ତିଙ୍କ ରଚନା ପରି ଉତ୍କୃଷ୍ଟ ସୃଷ୍ଟି, ସମଗ୍ର ଓଡ଼ିଆ ସାହିତ୍ୟରେ କେବେହେଲେ ଦେଖା ଦେଇ ନ ଥିଲା । 'ନୂତନ କବିତା' ନାମକ ଏକ ସଂଗ୍ରହ ପ୍ରକାଶ କରି, ଅଧ୍ୟାପକ ମହାନ୍ତି, ନୂତନ କବିତା ଉପରେ ଯେଉଁ ପ୍ରଚାର କରିଛନ୍ତି ତାହାର ଏକାଂଶ ଏହି—

'ତେଣୁ ଆଧୁନିକ ଓଡ଼ିଆ କବିତାର ପରିପ୍ରେକ୍ଷିତରେ ବିଚାର କଲେ, ଏହି 'ନୂତନ କବିତା'ର ଯଥେଷ୍ଟ ଗୁରୁତ୍ୱ ଅଛି । ଏଲିୟଟ୍ଙ୍କର unification of sensibility ଓ dissociation of sensibility ମଧ୍ୟରେ ଯେତିକି ପ୍ରଭେଦ, 'ନୂତନ କବିତା' ଓ ଆଜିର ଓଡ଼ିଆ କବିତା ମଧ୍ୟରେ ଠିକ୍ ସେତିକି ପ୍ରଭେଦ । ଗୋଟିକୁ ଯଦି ପରିତ୍ୟାଗର କବିତା କୁହାଯିବ, ଅନ୍ୟଟି ସମନ୍ୱୟର କବିତା । ଏହି ସମନ୍ୱୟକ୍ଷମ ମାନସ 'ନୂତନ କବିତା'ର ବଡ଼ କଥା । ଏହାର ନୂତନତା କେବଳ କାବ୍ୟ-ଆବେଗ, ଆଙ୍ଗିକ ବା ଶୃଙ୍ଖଳାରେ ସୀମାବଦ୍ଧ ନୁହେଁ, କାବ୍ୟ-ଅନ୍ତର୍ନିହିତ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ମଧ୍ୟ ଓଡ଼ିଆରେ ଅଭିନବ ।'

ଏହି ଆଡ଼ମ୍ବର ଘୋଷଣା ସହିତ, ଉଦ୍ଧୃତ-ଉଚ୍ଛ୍ୱସିତ ପ୍ରଶଂସିତ ତଥା-କଥିତ 'ନୂତନ କବିତା' ଭିତରେ କି ବ୍ୟବଧାନ ପାଠକେ ଜାଣନ୍ତି

Digitized by srujanika@gmail.com

ତାର ବିସ୍ତାର କରନ୍ତୁ । ଏହି 'ନୂତନ-କବିତା' ନାମକ ସଂଗ୍ରହ-ପୁସ୍ତକରେ ଅଧ୍ୟାପକ ମହାନ୍ତି ପ୍ରଥମ ଶ୍ରେଷ୍ଠ କବି ଗୁରୁପ୍ରସାଦ ମହାନ୍ତିଙ୍କର ଛଅଟି କବିତା ସ୍ଥାନ ପାଇଛି । ସେଗୁଡିକ ସବୁ ପ୍ରେମ କବିତା । କିନ୍ତୁ ପ୍ରେମ ନାମକ ଯେଉଁ ମାନବିକ ଅନୁଭୂତି ଜୀବନକୁ ରୂପାନ୍ତର ଦିଏ ସେ ପ୍ରେମର ଶବ୍ଦହିଁ ଏଠି ନାହିଁ । ଏଠି ପ୍ରେମ କେବଳ ଜାନ୍ତବ ନୁହେଁ, ତାହା ଘୋର ଅସାମାଜିକ ମଧ୍ୟ । କେତୋଟି ଦୃଷ୍ଟାନ୍ତ ଦିଆଯାଉଛି......ପାଠକେ, ଅଧ୍ୟାପକ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ଦ୍ୱାରା ଘୋଷିତ ଏହି ମୃଗାନ୍ତକାରୀ କବିତାରେ ଏତେବେଳକୁ ଏଲିଅଟଙ୍କର 'unification of sensibility', 'ସମନ୍ୱୟକ୍ଷମ ମାନସ', 'ଜୀବନ ପ୍ରତି ଦୃଷ୍ଟିଭଙ୍ଗି' ଇତ୍ୟାଦି ବିରାଟ ବିରାଟ ଗୁଣାବଳୀ, ଯାହା ଶ୍ରୀ ମହାନ୍ତି ଏସବୁଥିରେ ପାଇ ଏପରି ଉଚ୍ଛ୍ୱସିତ ହୋଇ ଉଠିଛନ୍ତି, ସେସବୁ ନିଜେ ଏତେବେଳକୁ ହୃଦୟଙ୍ଗମ କରିପାରିବେଣି ! ଅଧ୍ୟାପକ ଯେପରି କହିଛନ୍ତି, ଏ ପ୍ରକାର ଉଚ୍ଚ କବିତା ପ୍ରକୃତରେ ସମଗ୍ର ଓଡ଼ିଆ ସାହିତ୍ୟରେ କେବେ ଦେଖା ଦେଇ ନ ଥିଲା—ସେ ସବୁ ସଂପୂର୍ଣ୍ଣ ଅଭିନବ । ଅଧ୍ୟାପକ ମହାନ୍ତିଙ୍କ ବିଦଗ୍ଧ ମତରେ ଜୀବନପ୍ରତି ଏହି 'ନୂତନ' ଦୃଷ୍ଟିକୋଣ, ବୋଧହୁଏ କେବଳ ଜାନ୍ତବ ଯୌନ-କ୍ଷୁଧା ପ୍ରତି ଦୃଷ୍ଟିପାତ .. ।

କିନ୍ତୁ ଏହି ନକଲି ଏଲିଅଟ୍ ଓ ପାଉଣ୍ଡମାନଙ୍କର ଏସବୁ କବିତାରେ, ବାମପନ୍ଥୀମାନଙ୍କର ଭୂ-ସ୍ୱର୍ଗ-ସ୍ୱପ୍ନ ନାହିଁ, କି 'ୱେଷ୍ଟଲାଣ୍ଡ'ର ବ୍ୟର୍ଥତାମୟ ଯୁଗଯନ୍ତ୍ରଣା ନାହିଁ; ନାହିଁ ମଧ୍ୟ ଏଜ୍ରା ପାଉଣ୍ଡଙ୍କର 'କାଣ୍ଟୋ'ମାନଙ୍କ ତଳେ ଥିବା ବିପୁଳ ପୁସ୍ତକର ପାଣ୍ଡିତ୍ୟ । ଏ ସବୁ କବିତା କୌଣସି ଶ୍ରେଣୀର ହିଁ ନୁହନ୍ତି ଓ ଆଲୋଚନା ବାହାରର ଦ୍ରବ୍ୟ ।" (ମାୟାଧର ମାନସିଂହ, 'ଓଡ଼ିଆ ସାହିତ୍ୟର ଇତିହାସ', ଗ୍ରନ୍ଥମନ୍ଦିର, କଟକ, ୧୯୬୭, ପୃ. ୩୮୫—୩୮୮)

ଗୁରୁପ୍ରସାଦଙ୍କ କାବ୍ୟ-କୃତି ଯେ ଓଡ଼ିଆ ସାହିତ୍ୟରେ 'ନୂତନ' ଓ ଅନନ୍ୟ, ସେ ସମ୍ପର୍କରେ 'ନୂତନ କବିତା'ର ପ୍ରାରମ୍ଭରେ ଯତୀନ୍ଦ୍ର ମୋହନ

Digitized by srujanika@gmail.com

ମହାନ୍ତିଙ୍କ 'ଭୂମିକା'ଠାରୁ ଅଧିକ ନିର୍ଭରଯୋଗ୍ୟ ପ୍ରମାଣ-ପତ୍ର ହେଉଛି ବୋଧେ ମାନସିଂହଙ୍କର ଏପ୍ରକାର ବ୍ୟଙ୍ଗପୂର୍ଣ୍ଣ, ଉତ୍କ୍ଷିପ୍ତ ସମାଲୋଚନା । ମାନସିଂହଙ୍କୁ ଦୋଷ ନ ଦେଇ ବରଂ ଏଥିରୁ ବୁଝାଯିବା ଉଚିତ ହେବ ଯେ ମାନସିଂ ଯେଉଁ ପ୍ରକାର କାବ୍ୟ ରୁଚି, କାବ୍ୟ-ପ୍ରଣାଳୀ ଓ କାବ୍ୟ-ଆବେଗର ପ୍ରତିନିଧିତ୍ୱ କରନ୍ତି, ତାକୁ ନେଇ ଗୁରୁପ୍ରସାଦଙ୍କ କବିତା ଉପଲବ୍ଧ କରିହେବ ନାହିଁ । କେବଳ ଓଡ଼ିଆ ସାହିତ୍ୟରେ କାହିଁକି, ଅନ୍ୟାନ୍ୟ ଦେଶର ସାହିତ୍ୟରେ ମଧ୍ୟ ଜଣେ ପ୍ରକୃତରେ 'ନୂତନ' କବି ପ୍ରଥମେ ଏଭଳି ଅନୁଦାର ସମାଲୋଚନାର ଶରବ୍ୟ ହେବାର ଦୃଷ୍ଟାନ୍ତ ପ୍ରଚୁର; ଯଥା :— ଇଂରାଜୀ ସାହିତ୍ୟରେ ଓ୍ୱାର୍ଡ଼ସ୍‌ଓ୍ୱାର୍ଥ ଓ ଇଲିୟଟ୍, ଯୁକ୍ତରାଷ୍ଟ୍ର ଆମେରିକାରେ ହ୍ୱିଟ୍‌ମ୍ୟାନ, ଫ୍ରାନ୍ସରେ ବଦ୍‌ଲେୟାର୍ ଇତ୍ୟାଦି ।

ଅବଶ୍ୟ ଅଜାଣତରେ ମାନସିଂ ଗୁରୁପ୍ରସାଦଙ୍କ କବିତାର ନୂତନତ୍ୱ ସ୍ୱୀକାର କରି ନେଇଛନ୍ତି ! : "ଏ ସବୁ କବିତା କୌଣସି ଶ୍ରେଣୀର ନୁହନ୍ତି ।" ବାସ୍ତବିକ, ସେଗୁଡ଼ିକୁ କୌଣସି ଶ୍ରେଣୀଭୁକ୍ତ କରିହେବ ନାହିଁ ଏବଂ ସ୍ୱାଧୀନତୋତ୍ତର ଆଧୁନିକ ଓଡ଼ିଆ କାବ୍ୟ-ଇତିହାସରେ ପରିଦୃଷ୍ଟ ଗୋଟିଏ ଗଭୀର ବ୍ୟଙ୍ଗପୂର୍ଣ୍ଣ ଘଟଣା ଏହି ଯେ ମାନସିଂ ଯେଉଁ କବିତାକୁ 'ଆଲୋଚନା ବାହାରର ଦ୍ରବ୍ୟ' କହି ଉପେକ୍ଷା କରିଥିଲେ, ତାରି ସମ୍ପର୍କରେ ବୋଧେ (କବିତା ସଂଖ୍ୟା ଦୃଷ୍ଟିରୁ, ଆନୁପାତିକ ଭାବରେ) ସବୁଠୁଁ ବେଶୀ ଆଲୋଚନା କରାଯାଇଛି; ଓ ଯତୀନ୍ଦ୍ର ମୋହନ ମହାନ୍ତି ଗୁରୁପ୍ରସାଦଙ୍କ କବିତାରେ ଯେଉଁ ନୂତନତ୍ୱର ସନ୍ଧାନ ପାଇଥିଲେ, ପରବର୍ତ୍ତୀ ଅଧିକାଂଶ କବି ଓ ସମାଲୋଚକ ସେ ମତକୁ ଗ୍ରହଣ କରିନେଇଛନ୍ତି । ତେବେ, ଏକାଧିକ ଆଲୋଚକଙ୍କ ଦ୍ୱାରା ବିଭିନ୍ନ ଦୃଷ୍ଟିକୋଣରୁ ଗୁରୁପ୍ରସାଦଙ୍କ କାବ୍ୟକୃତିର ସମାଲୋଚନା ତଥା ମୂଲ୍ୟାୟନ ଦିଗରେ ଏ ସଂକଳନ ପ୍ରଥମ ଉଦ୍ୟମ । ଏଥିରେ ସଂକଳିତ ସମସ୍ତ ଲେଖା ନୂଆ ଓ ଏଇ ସଂକଳନ ପାଇଁ ହିଁ ଲିଖିତ । ସହଯୋଗ କରିଥିବା ଆଲୋଚକମାନଙ୍କୁ ଏ ଅବସରରେ ଆମେ ଆନ୍ତରିକ କୃତଜ୍ଞତା ଅର୍ପଣ କରୁଛୁ । ଏ ସଂକଳନର ଆଉ ଏକ ବିଶିଷ୍ଟ ବିଷୟ ହେଉଛି, ଗୁରୁପ୍ରସାଦଙ୍କ

Digitized by srujanika@gmail.com

ସହ ସର୍ବପ୍ରଥମ ଆନୁଷ୍ଠାନିକ ସାକ୍ଷାତ୍କାରର ପ୍ରକାଶନ, ଏବଂ ଏଥିପାଇଁ ଆମେ ଗୁରୁପ୍ରସାଦଙ୍କ ନିକଟରେ ଋଣୀ। ବିଶ୍ୱାସ, ଏ ସାକ୍ଷାତ୍କାରରେ ତାଙ୍କ କବିତା ସମ୍ପର୍କରେ ଉନ୍ମୋଚିତ ତଥ୍ୟସମୂହ ତାଙ୍କ କାବ୍ୟ-କୃତିର ସାମଗ୍ରିକ ମୂଲ୍ୟାଙ୍କନ କ୍ଷେତ୍ରରେ ନୂତନ ଦିଗନ୍ତର ସନ୍ଧାନ ଦେବାରେ ପ୍ରଭୂତ ସାହାଯ୍ୟ କରିବ। 'ସମୁଦ୍ରସ୍ନାନ' ସଂକଳିତ ହେଲାପରେ ବିଭିନ୍ନ ପତ୍ରିକାରେ ପ୍ରକାଶିତ ଗୁରୁପ୍ରସାଦଙ୍କ ତିନୋଟି କବିତାର ଏ ସଂକଳନରେ ପୁନର୍ମୁଦ୍ରଣ ତା'ର ଅନ୍ୟ ଏକ ଆକର୍ଷଣ, ଏବଂ ସେଗୁଡ଼ିକୁ ଏ ସଂକଳନରେ ସନ୍ନିବେଶିତ କରିବାକୁ ଅନୁମତି ପ୍ରଦାନ କରିଥିବାରୁ ଆମେ ତାଙ୍କ ନିକଟରେ କୃତଜ୍ଞ।

ସଂକଳନର ଲେଖାଗୁଡ଼ିକୁ ତିନିଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ବିଭାଗ 'ପ୍ରବନ୍ଧ, ଆଲୋଚନା ଓ ସମାଲୋଚନା'ରେ ଆଲୋଚକଗଣ ଗୁରୁପ୍ରସାଦଙ୍କ କାବ୍ୟକୃତିର ବିଭିନ୍ନ ବିଷୟ ସମ୍ପର୍କରେ ନୂତନଦୃଷ୍ଟିକୋଣରୁ ଆଲୋକପାତ କରିବାକୁ ନିଷ୍ଠାପର ଉଦ୍ୟମ କରିଛନ୍ତି। ଏ ବିଭାଗର ପ୍ରଥମ ପ୍ରବନ୍ଧରେ ଗୁରୁପ୍ରସାଦଙ୍କ କବିତାର ଏକ ମୂଳଭାବସତ୍ତ୍ୱ ପ୍ରତି ଲକ୍ଷ୍ୟ କରି କୃଷ୍ଣଚରଣ ସାହୁ ଲେଖିଛନ୍ତି : "ଆକାଶ ବାଲିର ବିବାଦ, ପ୍ରେମ ଓ ସମାଧାନ ଏହାରି ମଧ୍ୟଦେଇ ତାଙ୍କ କବିତା ରୂପପାଏ ଓ ତାଙ୍କ କବିତାରେ ଆକାଶ ଓ ବାଲିର ବାରମ୍ବାର ଆବୃତ୍ତି ଶୁଣାଯାଏ। ତାଙ୍କ ଆକାଶରୁ ସେ ବାଲିପରି ନଷ୍ଟ ଦେହର କବିତାହିଁ ଶୁଣିଛନ୍ତି। ପ୍ରିୟାକୁ କେନ୍ଦ୍ରରେ ରଖି ସେ ଆକାଶ ଓ ବାଲିର ଅର୍ଥାତ୍ କଳ୍ପନା ଓ ବାସ୍ତବତାର ସମନ୍ୱୟକରିବାକୁ ଚେଷ୍ଟା କରିଛନ୍ତି" (ପୃ. ୧୪-୧୫)। କୃଷ୍ଣଚରଣ ସାହୁଙ୍କ ମୂଲ୍ୟବାନ୍ ପ୍ରବନ୍ଧର ଆଉ ଏକ ଦିଗ ହେଲା ସେ ଭାରତୀୟ ସାହିତ୍ୟ, ବିଶେଷତଃ ହିନ୍ଦୀ ସାହିତ୍ୟର ପୃଷ୍ଠଭୂମିରେ ଗୁରୁପ୍ରସାଦଙ୍କ କବିତାର ବିଚାର (ଉଭୟ ଭାବସତ୍ତ୍ୱ ଓ ଆଙ୍ଗିକ ଦୃଷ୍ଟିରୁ) କରିବାକୁ ଚାହିଁଛନ୍ତି। "ରୋମାଣ୍ଟିକ୍ ଭାବନାପ୍ରସୂତ ବିମୋହତାର କାରଣ ଆକସ୍ମିକ ନୁହେଁ, ଏହା ତତ୍କାଳୀନ ଐତିହାସିକ ସାମାଜିକ ପରିସ୍ଥିତିର ପରିଣାମ। ସ୍ୱାଧୀନତା ପ୍ରାପ୍ତିର କିଛି ପୂର୍ବରୁ ସମସ୍ତ ଭାରତବର୍ଷର କବିମାନେ କବିତାରୁ ସୁନ୍ଦର ଶବ୍ଦ ଓ ରୂପଚିତ୍ରର ସଂଯୋଜନାକୁ ପରିତ୍ୟାଗ କରିବାକୁ ଦୃଢ଼ବଦ୍ଧ ହୋଇଥିଲେ। ଦେଶର ସାମାଜିକ ଓ ଐତିହାସିକ ସ୍ଥିତି

Digitized by srujanika@gmail.com

କବିତାର ରୋମାଣ୍ଟିକ ରୂପର ନିର୍ଦ୍ଧାରିତ ସୂତ୍ର କରି ଦେଇଥିଲି । ସେମାନେ କଳନାରେ ଖାଣ୍ଟି ନ ଯାଇ ଦମସ୍ୟାର ସମ୍ମୁଖୀନ ହେବା ପାଇଁ ଚେଷ୍ଟା କରିଥିଲେ ।'' (ପୃ ୧୫) । 'ଅସ୍ମିତାର ଅନୁସନ୍ଧାନ' ('ସର୍ଚ୍ଚ ଅଫ୍ ଆଇ-ଡେଣ୍ଟିଟି') ଓ ଆଧୁନିକ ମନୁଷ୍ୟ ପକ୍ଷରେ ସମାଜର ଦୁର୍ବହତା— ଗୁରୁପ୍ରସାଦଙ୍କ କବିତାର ଏଇ ଅନ୍ୟ ଦୁଇ ପ୍ରଧାନ ବିଷୟ ମଧ୍ୟ ସମସାମୟିକ ହିନ୍ଦୀ କବି ସର୍ବେଶ୍ୱର ଦୟାଲ୍ ଓ କେଦାର ସିଂ ପ୍ରଭୃତିଙ୍କ କବିତାରେ ପରିଦୃଷ୍ଟ । ଭାରତୀୟ ଜୀବନ ଓ ସାହିତ୍ୟର ପରିପ୍ରେକ୍ଷୀରେ ଗୁରୁପ୍ରସାଦଙ୍କ କାବ୍ୟ-କୃତିର ସ୍ୱତ୍ତ୍ୱର ଉପରେ କୃଷ୍ଣଚରଣ ସାହୁଙ୍କ ଏ ପ୍ରବନ୍ଧରେ ଗୁରୁତ୍ୱ ଆରୋପ କରାଯାଇଥିବା ଦୃଷ୍ଟିରୁ ଇଲିୟଟ୍ଙ୍କ ସହ ଗୁରୁପ୍ରସାଦଙ୍କ ସଂପର୍କ ବିଷୟରେ କିଛି ପୁନର୍ଚିନ୍ତନ ('ରି-ଥିଙ୍କିଙ୍ଗ୍') କରାଯାଇପାରେ ।

'ନୂତନକବିତା'ର 'ଭୂମିକା'ରେ ପୂର୍ବବର୍ତ୍ତୀ ଓଡ଼ିଆ କବିତାଠାରୁ ଗୁରୁପ୍ରସାଦଙ୍କ କବିତା କେଉଁକାରଣରେ ଭିନ୍ନ ଓ 'ନୂତନ', ତା'ସୂଚାଇବାପାଇଁ ସଚ୍ଚିଦାନନ୍ଦ ରାଉତରାୟଙ୍କ ମହାଶୟ ପ୍ରଥମେ ଇଲିୟଟ୍ଙ୍କ ଏକ ମୁଖ୍ୟ କାବ୍ୟ-ତତ୍ତ୍ୱ 'ଇଉନିଫିକେସନ୍ ଅଫ୍ ସେନସିବିଲିଟି' 'ଡିସୋସିଏସନ୍ ଅବ୍ ସେନ୍ସିବିଲିଟି'ର ଅବତାରଣାକଲେ :—

> ଏଲିୟଟ୍ଙ୍କର "Unification of sensibility, ଓ "dissociation of sensibility' ମଧ୍ୟରେ ଯେତିକି ପ୍ରଭେଦ 'ନୂତନ କବିତା' ଓ ଆଜିର ଓଡ଼ିଆ କବିତା ମଧ୍ୟରେ ଠିକ୍ ସେତିକି ପ୍ରଭେଦ । ଗୋଟିକୁ ଯଦି ପରିତ୍ୟାଗର କବିତା କୁହାଯିବ, ଅନ୍ୟଟି ସମନ୍ୱୟର କବିତା । ('ନୂତନ କବିତା', ଜନଶକ୍ତି ପୁସ୍ତକାଳୟ, କଟକ, ୧୯୫୫, 'ଭୂମିକା', ପୃ. ।/)

ଆଜି ଯେତେବେଳେ 'ଡିସୋସିଏସନ୍ ଅଫ୍ ସେନ୍‌ସିବିଲିଟି' ତତ୍ତ୍ୱର ସତ୍ୟତା ଓ କାର୍ଯ୍ୟକାରିତା ସାହିତ୍ୟ-ସମାଲୋଚନା ଜଗତରେ ଏକ ତୁମୁଳ ବିତର୍କମାନ ବିଷୟ, ଏପରିକି କେତେକସମାଲୋଚକ ଯେତେବେଳେ ଏହାକୁ ଏକ ଦରକାରି ଅପପ୍ରଚାର ବୋଲି ଅଭିହିତ କରି ସାରିଲେଣି; ବିଶେଷତଃ ଯେତେବେଳେ ନିଜେ ଇଲିୟଟ୍ ତାଙ୍କ ଅଧିକାଂଶ କାବ୍ୟ-ତତ୍ତ୍ୱକୁ ତାଙ୍କ ନିଜ 'ପ୍ରାଇଭେଟ୍ ପୋଏଟ୍ରି ୱାର୍କସପ୍'ର 'ବାଇ-ପ୍ରଡକ୍ଟ' (Bye-product)

Digitized by srujanika@gmail.com

ବୋଲି ଅଭିହିତ କରି ସାରନ୍ତେଣି ●, 'ଇନଫିଲେକ୍ସନ୍ ଅଫ୍ ସେନ୍ସି-ବିଲିଟି' ତତ୍ତ୍ୱକୁ ନେଇ ଗୁରୁପ୍ରସାଦଙ୍କ କବିତାର 'ନୂତନତ୍ୱ' ଆଉ ଏହିତ ନିଷ୍ଠିତତାର ସହିତ ପ୍ରମାଣ କରିହେବ ନାହିଁ । ଫ୍ରାଙ୍କ୍ କର୍ମୋଡ୍ 'ଡିସୋ-ସିଏସନ୍ ଅବ୍ ସେନସିବିଲିଟି' ସଂପର୍କରେ ଯାହା କହିଛନ୍ତି ତାହା ଏଠାରେ ଅତ୍ୟନ୍ତ ପ୍ରାସଙ୍ଗିକ ଓ ପ୍ରଣିଧାନଯୋଗ୍ୟ :

> At its worst, it is merely a way of saying which poets one likes, and draping history over them. At its best it is an interesting primitivism, looking for an unmodern virtue.........The most deplorable consequence of the doctrine is that the periods and poets chosen to illustrate it are bound to receive perverse treatment, you must misrepresent them if you propose to make them justify a false theory. If the theory helps to produce good poetry (as it did) this is not worth complaining about, provided that it dies when this work is accomplished. But this theory shows every sign of surviving, and it is therefore a matter of importance to show how it has distorted Donne and Milton, the two poets most affected by it. ★

'ଡିସୋସିଏସନ୍ ଅବ୍ ସେନ୍ସିବିଲିଟି' ତତ୍ତ୍ୱର ଅସାରତା ସ୍ୱୀକୃତ ହୋଇଯାଇଲେ ପରେ ବି ଇଲିୟଟ୍‌ଙ୍କ କବିତାର ଦୀପ୍ତି ଅମ୍ଳାନ ରହିଛି, ଓ ସେହିପରି ଗୁରୁପ୍ରସାଦଙ୍କ କାବ୍ୟକୃତିର 'ନୂତନତ୍ୱ' ମଧ୍ୟ କୌଣସି ସାହିତ୍ୟିକ ତତ୍ତ୍ୱର ଆଶା-ବାଡ଼ି ବିନା ନିଜ ଗୋଡ଼ରେ ଛିଡ଼ା ହୋଇ ପାରିବା ଉଚିତ । ତଥାପି,

● T. S. Eliot, "The Frontiers of Criticism', 1956.

★ Frank Kermode, *Romantic Image*, London, Routledge and Kegan Paul, Third Impression, 1966, p. 146.

Digitized by srujanika@gmail.com

ଯଦି 'ନୂତନ' କବିତା ସୃଷ୍ଟି ପାଇଁ ଆମ୍ଭେମାନେ ଗୁରୁପ୍ରସାଦଙ୍କ ନିକଟରେ ଋଣୀ, ସେ କବିତା ପାଇଁ ସ୍ୱୀକୃତ ଓ ସମ୍ମାନ ହାସଲ କରାଇବା ଦିଗରେ ଯତୀନ୍ଦ୍ର ମୋହନ ମହାନ୍ତିଙ୍କର ସାହସିକ ଓ ମୂଲ୍ୟବାନ ପ୍ରବନ୍ଧଗୁଡ଼ିକର ଅନସ୍ୱୀକାର୍ଯ୍ୟ ଭୂମିକା ପାଇଁ ତାଙ୍କ ନିକଟରେ ମଧ୍ୟ ଆମ୍ଭେମାନେ କୃତଜ୍ଞ ।

ଗୁରୁପ୍ରସାଦଙ୍କ କବିତା ପାଇଁ ପ୍ରତିଷ୍ଠା ଆଣିବା ସକାଶେ ଇଲିୟଟଙ୍କ ଉଲ୍ଲେଖର ଅବତାରଣାର ଗୋଟିଏଅତି ଦୁର୍ଭାଗ୍ୟଜନକ ଆନୁସଂଗିକ ପରିଣତି ହୋଇଛି; କେତେକ ପରବର୍ତ୍ତୀ ସମାଲୋଚକଂକର ଏପରିଏକ ଧାରଣା ସୃଷ୍ଟି ଯେ ଗୁରୁ-ପ୍ରସାଦଂକ ଅଧିକାଂଶ କବିତା ଇଲିୟଟ୍‌ଂକ ତଦନୁରୂପ କବିତାମାନଂକର ଛାୟା ବା ପ୍ରଭାବରେ ଲିଖିତ । ଏହି ଧାରଣାର ବଶବର୍ତ୍ତୀ ହୋଇ କିଛି ବର୍ଷ ତଳେ ଜଣେ ଆଲୋଚକ ପଚାରିଥିଲେ : "ସ୍ଥୂଳତଃ 'ହନୁ ଦ୍ରସ୍ନାନ'କୁ 'ଚୌର୍ଯ୍ୟ ସମୁଦ୍ରସ୍ନାନ' ବୋଲି କହିବା ଅସଙ୍ଗତ ହେବ ନାହିଁ । ଏ ଭଳି ଆଦର୍ଶ ସୃଷ୍ଟି କରିବା କଣ ଅମର ଧର୍ମ ?" ['ଉତ୍କଳ ସାହିତ୍ୟ' (ନୂତନ ପ୍ରସ୍ଥ-) ୨, ମାନସିଂହ ସ୍ମାରକ ସଂଖ୍ୟା), ପ୍ରଥମ ବର୍ଷ—୧୯୭୪: ପୃ:୬୮] ଏ ସଂକଳନରେ ସନ୍ନିବିଷ୍ଟ 'ସାକ୍ଷାତକାର'ରେ ଗୁରୁପ୍ରସାଦଂକ ବକ୍ତବ୍ୟର କେତେକାଂଶ ଏ ପ୍ରସଂଗରେ ଉଦ୍ଧାର କରାଯାଇ ପାରେ : "ମୁଁ ଲେଖା ଆରମ୍ଭ କଲାବେଳେ ଇଲିୟଟ୍ ସମସ୍ତଂକ ମୁହଁରେ । ତେଣୁ ମୁଁ ବି ତାଂକ ଦ୍ୱାରା ନିଶ୍ଚୟ ଗଭୀରଭାବେ ପ୍ରଭାବିତ । ଏବଂ 'ଗୋବର ଗଣେଶ' ଉପରେ 'ପ୍ରୁଫ୍ରକ୍'ର ଛାୟା ନିଶ୍ଚିତଭାବେ ପଡ଼ିଛି । କିନ୍ତୁ ସେତିକି । ଅନ୍ୟ କୌଣସି କବିତାଉପରେ ବୋଧହୁଏ ଇଲିୟଟ୍‌ଂକ ପ୍ରଭାବ ତ ନାହିଁ । ଆଉ,'କାଳପୁରୁଷ'। 'କାଳପୁରୁଷ' ଲେଖାହେବାର ଏକ ମଜା (ମାନେ 'ଇଣ୍ଟରେଷ୍ଟିଂ') ଇତିହାସ ଅଛି ।""ଇତିହାସ'ଟି ପାଠକମାନେ ନିଜେ ପାଠକରନ୍ତୁ ପୃ-୧୫୨-୧୫୩ରେ । ଏ'ଇତିହାସ'ର ପରିପ୍ରେକ୍ଷୀରେ 'କାଳପୁରୁଷ' ତଥା ତା' ସଂପର୍କିତ ପରସ୍ପର-ବିରୋଧୀମତଗୁଡ଼ିକ ବିଷୟରେ ପୁନର୍ଚିନ୍ତନ ଆବଶ୍ୟକ । ଏହି ମତ-ବର୍ଣାଳୀର ଗୋଟିଏ ଉପାନ୍ତରେ ଅଛି 'କାଳପୁରୁଷ'କୁ ପ୍ରଥମେ ପ୍ରକାଶ କରିଥିବା 'ପ୍ରଜ୍ଞା'ର ୧୯୬୦ ଅଗଷ୍ଟ ସଂଖ୍ୟାର 'ସଂପାଦକୀୟ' : 'କାଳପୁରୁଷ' ଖାଣ୍ଟି ଓଡ଼ିଆ କବିତା ଓ ଏହାହିଁ ଏ କବିତାର ସବୁଠାରୁ ବଡ ପରିଚୟ ।......

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠ ଦାସଂକର 'କୋଣାର୍କ' ପରେ ଏପରି ଉତ୍କୃଷ୍ଟ ଓଡ଼ିଆ କବିତା ଆଉ ପ୍ରକାଶ ପାଇ ନାହିଁ ।" ଏବଂ ଆଉ ଏକ ଉପାନ୍ତରେ ବିଦ୍ୟମାନ ଏ ସଂକଳନରେ ପ୍ରକାଶିତ ଭାଗଣୀ ଚରଣ ଦାସଙ୍କର ମତ : "ମନେହୁଏ 'କାଳପୁରୁଷ' 'ୱେଷ୍ଟଲେଣ୍ଡ'ର ଏକ ଓଡ଼ିଆ ଏଡ଼ିସନ ମାତ୍ର । ଏଥିରେ Something new କିମ୍ବା Differentର ସ୍ୱର ଅତ୍ୟନ୍ତ କ୍ଷୀଣ" (ପୃ ୪୧)ଓ ବିନୋଦବିହାରୀ ପଣ୍ଡାଙ୍କର ମନ୍ତବ୍ୟ : 'ନିଜ କବିତାର ଅଭାବକୁ ପୋଡ଼ାଇବା ପାଇଁ 'ୱେଷ୍ଟଲ୍ୟାଣ୍ଡ'ର ଛାଞ୍ଚାକୁ ଅମଦାନୀ କରିବାର ପ୍ରଯତ୍ନଟା ନିହାତି ମୁଦ୍ରଦରିଦ୍ର ଜଣାଯାଉଛି ।" (ପୃ. ୪୮) । ଏହାସାଙ୍ଗକୁ ପୁଣି ଅଛି 'ସାକ୍ଷାତକାର'ରେ ଗୁରୁପ୍ରସାଦଙ୍କର ନିଜର ବକ୍ତବ୍ୟ : " 'କାଳପୁରୁଷ'କୁ ସେତେବେଳେ ଯେଉଁମାନେ କହୁଥିଲେ It's a Cuttacki edition of 'The Waste Land' ସେମାନେ ବିଶେଷକିଛି ଭୁଲ୍ କହୁନଥିଲେ' ପୃ.୧୬୦

ଗୁରୁପ୍ରସାଦଙ୍କୁ ଜଣେ 'ମେଜର ପୋଏଟ୍' କହିବାକୁ ଭାଗଣୀ ଚରଣ ଦାସ ଦ୍ୱିଧାବୋଧକରିଥିଲେ ବି ତାଙ୍କ କବିତାରେ 'ବଳିଷ୍ଠ ସଂପ୍ରେଷଣ' ଅଛିବୋଲି ସେହି ଲେଖିଛନ୍ତି : ତାଙ୍କ କାବ୍ୟିକପ୍ରୟୋଗ ସହି ବିଭିନ୍ନସାଂସ୍କୃତିକପ୍ରସଙ୍ଗରୁ ଓଡ଼ିଆ କବିତାକୁ ମୁକ୍ତକରିଛି ଏବଂ ନୂତନ କବିଗଣଂକୁ ସୃଜନକ୍ଷମ କରିବାରେ ପ୍ରେରଣା ଦେଇଛି ।' (ପୃ. ୪୬) ଶରତ ଚନ୍ଦ୍ର ଶତପଥୀଂକ ପ୍ରବନ୍ଧ ଗୁରୁପ୍ରସାଦଂକ ସନେଟ୍ ସମ୍ପର୍କରେ ବୋଧହୁଏ ପ୍ରଥମ ପୁଙ୍ଖାନୁପୁଙ୍ଖ ଆଲୋଚନା । କୁମୁଦଚନ୍ଦ୍ର ଦାଶଂକ ମତରେ 'ଗୁରୁପ୍ରସାଦଂକ ଜୀବନ-ଜିଜ୍ଞାସା ଘୋର ନୈରାଶ୍ୟରକଥା କହୁଥାଏ ।' ସତ୍ୟ ଶଂକର ମିଶ୍ର ରୂପକଳ୍ପ ପ୍ରୟୋଗରେ ଗୁରୁପ୍ରସାଦଂକ ମୌଳିକତା ଓ ଗୋବିନ୍ଦଚଂଦ୍ର ନାୟକ ତାଂକର କାବ୍ୟ-ଶୈଳୀର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି ।

ସଂକଳନର ଦ୍ୱିତୀୟ ବିଭାଗ "ଗୁରୁପ୍ରସାଦଂକ କବିତା ଓ ମୁଁ"ରେ ସ୍ୱକୀୟ, ବ୍ୟକ୍ତିଗତ ଦୃଷ୍ଟିକୋଣରୁ ଗୁରୁପ୍ରସାଦଂକ କବିତା ପ୍ରତି ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଛଅଜଣ ସାଧନାରତ କବି : ବଂଶୀଧର ଷଡ଼ଙ୍ଗୀ, ପ୍ରହରାଜ ସତ୍ୟନାରାୟଣ ନଂନ୍ଦ, ନିତ୍ୟାନନ୍ଦ ପତି, ପ୍ରଫୁଲ୍ଲ କୁମାର ତ୍ରିପାଠୀ ନୀଳାଦ୍ରି ଭୂଷଣ ହରିଚଂଦନ ଓ ଶତ୍ରୁଘ୍ନ ପାଣ୍ଡବ ।

ଗୁରୁପ୍ରସାଦଂକ ପାଞ୍ଚୋଟି ସୁପରିଚିତ କବିତାର ବିସ୍ତୃତ ତଥା ଅନୁଶୀଳନ ସଂକଳନର ତୃତୀୟ ବିଭାଗରେ କରିଛନ୍ତି ରେଖା ମହାନ୍ତି, ସଂଗ୍ରାମ ମହାନ୍ତି, ପ୍ରମୋଦ ମହାନ୍ତି, ଯୌଗିନ୍ଦ୍ର ବାରିକ ଓ ବିଜୟ ଚୌଧୁରୀ । ବିଶ୍ୱାସ, ଗୁରୁପ୍ରସାଦଂକ କାବ୍ୟ-କୃତିର ନୂତନତ୍ୱ ଓ ଅନନ୍ୟତାର ପୁନର୍ମୂଲ୍ୟାୟନ ଦିଗରେ ଏ ସଂକଳନ ସହାୟକ ହେବ ।

— ପ୍ରଫୁଲ୍ଲ କୁମାର ଜଗଦେବ

Digitized by srujanika@gmail.com

ସମୁଦ୍ରର ସ୍ନାନ ଓ କଣ୍ଠ ଗୁରୁପ୍ରସାଦ

କୃଷ୍ଣଚରଣ ସାହୁ

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅର୍ଥାତ୍ ବିଗତ ପଞ୍ଚଶ ବର୍ଷ ମଧ୍ୟରେ ଯେଉଁମାନେ ସମୁଦ୍ରରେ ସ୍ନାନ କରୁଥିଲେ, ସେମାନେ ସମସ୍ତେ ପୁଣ୍ୟ ଅର୍ଜନ କରିବା ପାଇଁ ହିଁ ସମୁଦ୍ରରେ ସ୍ନାନ କରିଥିଲେ । କିନ୍ତୁ ଯେତେବେଳେ ଗୁରୁବାବୁ 'ସମୁଦ୍ର ସ୍ନାନ' କଲେ ସେତେବେଳେ ସେ ଦେଖିଲେ ଯେ ପୁଣ୍ୟ ପରିବର୍ତ୍ତେ ତାଙ୍କ ଦେହରେ ଥିଲା ଖାଲି ବାଲିର ସଂସାର । ସମୁଦ୍ର ସ୍ନାନ ସାରି ଆଖି ଖୋଲିବା ପରେ ଆଖି ଆଗରେ ଦେଖିଲେ ଦଗନ-ବିସ୍ତାରି ଆକାଶ, ବାଲି ଓ ଆକାଶ ପୁଣି; ଆକାଶ ଓ ବାଲି ମଧ୍ୟରେ ଯେ ଏତେ ବିବ୍ରତ ହୋଇଗଲେ ଯେ ଜଳ ସମୁଦ୍ରରେ ସ୍ନାନ କରିବାବେଳକୁ ତାଙ୍କୁ କେବଳ ଏହି ଦୁଇଟି ପଦାର୍ଥ ଦେଖିବାକୁ ମିଳୁଥିଲା । ସେଥିପାଇଁ ତାଙ୍କ କବିତାରେ ତାଙ୍କ ଜୀବନର ଅନୁଭୂତି ପ୍ରକାଶ ପାଇଲା, ବାଲି ଓ ଆକାଶର ବିବାଦ ମଧ୍ୟରେ । ବାଲି ଓ ଆକାଶ ବିଭିନ୍ନରୂପ ଓ ରଙ୍ଗନେଇ, ବିଭିନ୍ନ ଗତି ଓ ପ୍ରବୃତ୍ତି ଧରି ତାଙ୍କ କବିତାରେ ଆତ୍ମ ପ୍ରକାଶ କଲା ଓ ତାଙ୍କ କବିତା ହେଲା ବାଲି ଓ ଆକାଶର କବିତା । ସେଥିପାଇଁ ସେ ଲେଖିଛନ୍ତି :—

"ଆଜି ଦେଣ୍ଡି ଆକାଶର ବାଦ
ଆଉ ଏ ବାଲିର ବିବାଦ ଭିତରେ
ମୁଁ ତୁମକୁ ପ୍ରେମ କରେ,
ଶତେ ଲେଖେ, ତୁମର ମୁଁ
ସମାଧାନ
ତୁମର ମୁଁ ସମନ୍ୱୟ କରେ ।"

Digitized by srujanika@gmail.com

କବିଙ୍କର ଏହି ସଙ୍କେତ ମଧ୍ୟରୁ ତାଙ୍କ ପରବର୍ତ୍ତୀତ ମନ ତଥା ଉଚନାତ୍ମକ ପ୍ରକୃତିର ସୂଚନା ମିଳେ । ଆକାଶ ଓ ବାଲିର ବିବାଦ, ପ୍ରେମ ଓ ସମାଧାନ ଏହାଙ୍କ ମଧ୍ୟଦେଇ ତାଙ୍କ କବିତା ରୂପ ପାଏ ଓ ତାଙ୍କ କବିତାରେ ଆକାଶ ଓ ବାଲିର ବାରମ୍ବାର ଆବୃତ୍ତି ଶୁଣାଯାଏ । ସେ ଯେ କେବଳ ବାଲି ଓ ବାଲିଚରର ବାରମ୍ବାର ଆବୃତ୍ତି କରି ତାଙ୍କ କବିତାକୁ ଗୀତାତ୍ମକ ରୂପପ୍ରଦାନ କରିଛନ୍ତି ତାହା ନୁହେଁ, ବାଲିର ଏହି କ୍ଷୁଦ୍ର କ୍ଷୁଦ୍ର ଆକୃତି ମଧ୍ୟରେ ସେ ଜୀବନର ସ୍ତୂପ ସ୍ତୂପ ନିରର୍ଥକ, ମୂମୂର୍ଷୁବେଗ, ଯନ୍ତ୍ରଣା ଝାଳ ଓ ତାତି ପୁଣି ବିବର୍ଣ୍ଣ ରୋଗଗ୍ରସ୍ତ ଶରୀରର ସ୍ତବ୍ଧତା ଓ କ୍ଳାନ୍ତି ଅନୁଭବ କରିଥିଲେ । ସେହିପରି ଆକାଶର ଆବୃତ୍ତି ମଧ୍ୟରେ ସେ ନିଜକୁ କଳାଧଳା ବିଜୁଳିଦେହୀ ଆକାଶ, ସୂର୍ଯ୍ୟାସ୍ତର ଶୋଭାଯୁକ୍ତ ଆକାଶ ପୁଣି ଚନ୍ଦ୍ର ଓ ତାରାଖଚିତ ଆକାଶର କମନୀୟତାରୁ ମୁକ୍ତ କରି, ସେଥିରେ ନିଃସଙ୍ଗତା, ସ୍ତିମିତ ତାରାର ଲୁହ, ବନ୍ଧୁହୀନ, କ୍ଳାନ୍ତିହୀନ ଚେତନାର ସ୍ପର୍ଶ ପାଇଛନ୍ତି । ବହୁ ପ୍ରେମିକ ପ୍ରେମିକାଙ୍କୁ ଉଦ୍ଦୀପିତ କରୁଥିବା ଜହ୍ନ ଆଜି ହୋଇଛି ଆବଶ୍ୟକହୀନ କ୍ଳାନ୍ତ ଓ ବିବର୍ଣ୍ଣ । ପ୍ରଥମେ ଯେଉଁ ଆକାଶ ମିଳନ ଓ କଳ୍ପନାର ପ୍ରତୀକରୂପେ ନିରମ ଥିଲା, ସେହି ଆକାଶ ଆଜି ଇଚ୍ଛାତ ପରି କ୍ଷୀଣ ହୋଇ ପୃଥିବୀର ସ୍ଥବିର ଶରୀର ପ୍ରତି ଆକୃଷ୍ଟ ହେଲା ଏବଂ ଏହି ପୃଥିବୀରେ ଥିବା ଜୀର୍ଣ୍ଣ ଦେହର ଶ୍ରେଷ୍ଠ ଶ୍ରେଷ୍ଠ ଭଙ୍ଗୀ ମଧ୍ୟରେ ନିଜକୁ ଆବଦ୍ଧ କରିଦେଲା । ଫଳରେ କବି ଋତାକୁ ଆକାଶର ରୋମାଣ୍ଟିକ ଭାବନାରୁ ଦୂରେଇ ବାସ୍ତବମୁଖୀ କଲେ । ସ୍ୱପ୍ନ ତ୍ୟାଗ କରି ସେ ଚେତନାଯୁକ୍ତ ହେଲେ । ଉପେନ୍ଦ୍ର ଭଞ୍ଜ, ରାଧାନାଥ, ମାନସିଂହ ଓ ସଚ୍ଚିରାଉତରାୟ ପ୍ରଭୃତି ରୋମାଣ୍ଟିକ କବିଙ୍କ କଳ୍ପନାଠାରୁ ସେ ନିଜକୁ ଅଲଗା କଲେ । ଆକାଶରୁ ତାରା ଝଡ଼ି ଶୂନ୍ୟରେ ମିଳାଇଯିବା ପରି ପୂର୍ବୋକ୍ତ କବିସବୁଙ୍କ କଳ୍ପନାରଞ୍ଜିତ

Digitized by srujanika@gmail.com

ମନ ତାଙ୍କ ଆଖି ଆଗରୁ ଅପସାରିତ ହୋଇଗଲା । ତାଙ୍କ କବିତାରେ ଆକାଶ ପ୍ରଥମେ ସ୍ୱପ୍ନ, ରୂପ ଓ ଦେବତ୍ୱର ପ୍ରତୀକ ଭଳି ଜଣାଯାଉଥିଲେ ହେ ପ୍ରକୃତରେ ଏହା କେବଳ ଅଶାନ୍ତିର ସ୍ମୃତି । ତାଙ୍କ ଆକାଶରୁ ସେ ବାଲି ପରି ନଷ୍ଟ ଦେହର କବିତା ହିଁ ଶୁଣିଛନ୍ତି । ମୃତ୍ୟୁକୁ କେନ୍ଦ୍ରରେ ରଖି ସେ ଆକାଶ ଓ ବାଲିର ଅର୍ଥାତ୍ କଳ୍ପନା ଓ ବାସ୍ତବତାର ସମନ୍ୱୟ କରିବାକୁ ଚେଷ୍ଟା କରିଛନ୍ତି ।

ରୋମାଣ୍ଟିକ ଭାବନାପ୍ରତି ବୀତସ୍ପୃହତାର କାରଣ ଆକସ୍ମିକ ନୁହେଁ, ଏହା ତତ୍କାଳୀନ ଐତିହାସିକ ସାମାଜିକ ପରିସ୍ଥିତିର ପରିଣାମ । ସ୍ୱାଧୀନତା ପ୍ରାପ୍ତିର କିଛି ପୂର୍ବରୁ ସମସ୍ତ ଭାରତବର୍ଷର କବିମାନେ କବିତାରୁ ସୁନ୍ଦର ଶବ୍ଦ ଓ ରୂପଶବ୍ଦର ସଂଯୋଜନାକୁ ପରିତ୍ୟାଗ କରିବାକୁ ଦୃଢ଼ବଦ୍ଧ ହୋଇଥିଲେ । ଦେଶର ସାମାଜିକ ଓ ଐତିହାସିକ ସ୍ଥିତି କବିତାର ରୋମାଣ୍ଟିକ ରୂପର ନିରର୍ଥକତା ସ୍ପଷ୍ଟ କରି ଦେଉଥିଲା । ସେମାନେ କଳ୍ପନାରେ ଭାସି ନ ଯାଇ ସମସ୍ୟାର ସମ୍ମୁଖୀନ ହେବାପାଇଁ ଇଚ୍ଛା କରୁଥିଲେ । ପ୍ରତ୍ୟେକ ଜିନିଷକୁ ତାର ନିଜ ନାଁରେ ଡାକିବା ପାଇଁ ସେମାନେ ଇଚ୍ଛା କଲେ । ଅର୍ଥାତ୍ କଳ୍ପନାକୁ ତ୍ୟାଗ କରି ସେମାନେ ଯେଉଁଠି ଆଗରୁ ହିନ୍ଦୀ କବି କେଦାରନାଥ ସିଂହଙ୍କ ଭାଷାରେ 'ପ୍ୟାର' ଲେଖୁଥିଲେ ସେଠି 'ସଡ଼କ' ଲେଖିବାକୁ ଆରମ୍ଭ କଲେ । ଯେଉଁ ଭାଷା ସେମାନଙ୍କ ହୃଦୟ ଭିତରୁ ଚନ୍ଦ୍ରମା ଦେଇ ପ୍ରକାଶ ପାଉଥିଲା ତାହା ଦାନ୍ତ ଓ ଜିଭର ସନ୍ଧି ସ୍ଥଳରୁ ପ୍ରକାଶ ପାଇବାକୁ ଲାଗିଲା । ସ୍ୱାଧୀନତା ପ୍ରାପ୍ତି ପରେ ଏହାର ବିଷୟ ବିସ୍ତାର ହେଲା ଓ ଗୁରୁବାବୁ ହେଲେ ବିଷୟ ବିସ୍ତାର ପରେ ଜୀବନର ସମସ୍ୟାସବୁକୁ ସମୟସ୍ରୋତ ମଧ୍ୟରେ ଜାକଜୁକ ନ ଦେଇ ନୂଆ ଭାବେ ଦେଖିବାକୁ ଆରମ୍ଭ କଲେ । କବିର ଏହି ଦୃଷ୍ଟିକୋଣ

Digitized by srujanika@gmail.com

'କପୋତ କପୋତୀ', 'ପ୍ରିୟବାନ୍ଧବୀ' 'ଶରତ ଋତୁରେ ଜନ୍ମ', 'ସୁନାର ହରିଣୀ', 'ଚଟି', 'ଅଳକା ସାନ୍ୟାଲ', 'ଆଖିର କପୋତ ମୋର', 'ପିକ୍‌ନିକ୍', 'ତୁହିର ଖଣ୍ଡ' ଓ ଅନ୍ୟାନ୍ୟ କବିତାରେ ମଧ୍ୟ ଦେଖିବାକୁ ମିଳେ । ଏସବୁ କବିତାର ନାମକରଣ ଓ ଆଦ୍ୟଭାଗରେ ରୋମାଣ୍ଟିକ ଭାବନାର ଗନ୍ଧ ଥିଲେ ହେଁ ପରମୁହୂର୍ତ୍ତରେ ଏହା ଉଭେଇ ଯାଇ ତା' ସ୍ଥାନରେ ଦେଖାଦେଉଛନ୍ତି ଧୂସର ବାସ୍ତବ ଓ ଅସ୍ତଗାମୀ ଜହ୍ନ ମଧ୍ୟରେ ପୃଥିବୀର ପ୍ରାଚୀନ ପ୍ରାଣ ପୁଣି ମରଣର ଆହ୍ୱାନ ।

ରୋମାଣ୍ଟିକ ଚେତନାରୁ ଦୂରେଇ ଯିବାପରେ କବି ନିଜ ମଧ୍ୟରେ ନିଜକୁ ପୁଣି ନିଜର ଅସ୍ତିତ୍ୱକୁ ଖୋଜିବାରେ ଲାଗିଛନ୍ତି । ଅସ୍ମିତାର ଅନୁସନ୍ଧାନ ମନୋବିଜ୍ଞାନରେ ଯାହାକୁ 'ସର୍ଚ୍ଚ ଅଫ୍ ଆଇଡେଣ୍ଟିଟି' କୁହାଯାଏ, ତାହାହିଁ ବିଭିନ୍ନଭାବେ ତାଙ୍କ କବିତାରେ ଆତ୍ମପ୍ରକାଶ କରିଛି । ଏହି ପର୍ଯ୍ୟାୟରେ ଆସେ କବିଙ୍କର 'ଗୋବର ଗଣେଶ', 'ହରେକୃଷ୍ଣ ଦାସ', 'ଅନ୍ତୂର ଜବାବ', 'କାଳପୁରୁଷ' ଓ ଅନ୍ୟାନ୍ୟ କବିତା । ଏଥିରେ କବି ନାଟକୀୟ ଢଙ୍ଗରେ ତୁମେ ଓ ମୁଁ ର ଆଳାପ ମଧ୍ୟରେ ନିଜକୁ ଅନୁସନ୍ଧାନ ଓ ଆବିଷ୍କାର କରିବାରେ ଲାଗିଛନ୍ତି । 'ମୁଁ' ଏଠି ସ୍ପଷ୍ଟ ହେଲେ ହେଁ 'ତୁମେ ସ୍ପଷ୍ଟ ନୁହେଁ । କବି ଏହାକୁ 'କପୋତ କପୋତୀ' 'ଗୋବର ଗଣେଶ' ପ୍ରଭୃତି କବିତାରେ ପ୍ରିୟା ବା ବାନ୍ଧବୀ ରୂପେ ଗ୍ରହଣ କରୁଥିଲେ ହେଁ କେତେକ କବିତାରେ ଏହାର ଅସ୍ପଷ୍ଟ ସ୍ୱର ଦେଖିଛନ୍ତି । 'କାଳପୁରୁଷ'ରେ ଏହାର ଅସ୍ପଷ୍ଟ ପଦଶବ୍ଦ ହିଁ ଶୁଣାଯାଉଛି ।

''ବାହାରେ କାହାର ଶବ୍ଦ ? ନୁହେଁ ନୁହେଁ କେହି ନୁହେଁ
ବର୍ଷା ଓ ମେଘର ଡାକ ଶବ୍ଦ ପବନର ।

Digitized by srujanika@gmail.com

ତୁମେ ଆସି ଛୁଡ଼ା ନୂଅ କେନ୍ଦ୍ର, ଖୋଜ ଆଲୁଅର
ମୁଁ ତୁମର ଦେହଆଡ଼ୁ ଖୋଜିପିନ୍ଧ, ଖୋଜିପିବ ମନ୍ତ୍ର ମୋର,
ସ୍ଥିତି ମୋର, ଘରକେନ୍ଦ୍ର ମୋର ଏ ଦେହର ।”

ଏହିସବୁ କବିତାରେ ଥିବା ଆଳାପର ଧ୍ୱନି ଆଧୁନିକ କବିତାର ଏକ ବଶିଷ୍ଟଶୈଳୀ ଅର୍ଥାତ୍ ନାଟକୀୟତାକୁ ପ୍ରକାଶ କରୁଥିଲେ ହେଁ ବେଳେବେଳେ ଏହା ମନ-ଚୈତନ୍ୟ ସମ୍ବାଦର ଭ୍ରମ ଉତ୍ପନ୍ନ କରେ । ମନ ଯେତେବେଳେ କୁହେ “ମୁଁ ପଢ଼ିଛି ଉପନ୍ୟାସ ମୁଁ ପଢ଼ିଛି ଇଂରେଜୀ ନାଟକ : ମୁଁ ଜାଣିଛି ଏ ରକ୍ତରେ ଶୋଇଥାଏ ଆଦମ ଅସଭ୍ୟ” ସେତେବେଳେ ଚୈତନ୍ୟ ମନକୁ ଚେତାଇ ଦିଏ “ଭୁଲ ସବୁ, ଗଧ ତୁମେ : ବୋକା ତୁମେ ଓଲୁ ତୁମେ : ଭୂଳଣାର ଭେଳକି ତୁମର ।” ମନ ଉପରେ ଶଙ୍କି ପାଇ ଛେପ ଢୋକେ, ତଣ୍ଟି ଶୁଖିଯାଏ । ଏହା ହେଉଛି ଏକ ମଧରେ ଦୁଇର ଆଳାପ । ମୁଁ ଯିଏ, ତୁମେ ସେଇ, ସେହି ହେଉଛି ପ୍ରେମିକ ସେହି ପୁଣି ପ୍ରେମିକା । ବେଦାନ୍ତର ତତ୍ତ୍ୱଚିନ୍ତା ଏହା ‘ମୁଁ’କୁ ଜାଣିବାର ଏକ ପ୍ରୟାସ । କବି ବିଭିନ୍ନ କବିତାରେ ଭିନ୍ନ ଭିନ୍ନ ରୂପରେ ଅସ୍ମିତାର ଅନୁସନ୍ଧାନ କରୁଥିବାବେଳେ ‘କଟପାତ କଟପାଣି’ରେ ଏହାକୁ ସହର ଅନ୍ଧାରରେ ଖୋଜନ୍ତି ସ୍ୱପ୍ନ ଓ ଇନ୍ଦ୍ରଜାଲ ଭିତରେ । ଯେଉଁଠି ଅନ୍ଧାର ନିର୍ବିବାଦରେ ନିଶବ୍ଦରେ ଜାକିଜୁକି ପୁଣି ଧୋଡ଼ଧାଡ଼ ହୋଇ ଶୋଇ ପଡ଼ିଛି । ନିଶବ୍ଦ ଚଇତ ରାସ୍ତାପରେ ରାସ୍ତା, ଗଳିପରେ ଗଳି ଭେଦ କରି କେତେବେଳେ ଘୋଡ଼ାଗାଡ଼ିରେ ଓ କେତେବେଳେ ଟେକ୍ସାରେ ଚଢ଼ି, ସାବୁନ୍, ବାସ୍ନାତେଲ, ଗୁଡ଼ାଖୁ, ଇଲେକ୍ଟ୍ରିକ ଆଲୁଅ ଓ ହ୍ୱାଇଦର ବଢ଼ର ସ୍ୱପ୍ନିଳ ଦୁନିଆ ଭିତରେ ଗାନ୍ଧୀ ଟୋପି ପିନ୍ଧି ରାସ୍ତାର ଭିଡ଼ ଠେଲି ଆଗକୁ ଚାଲିଛି । ସତିର ଏହି ଅନ୍ଧାରରେ

Digitized by srujanika@gmail.com

ନଗ୍ନତା, ନିଃସ୍ବତା, ନାରୀବାଦ, ସାମ୍ୟବାଦ ଓ ପ୍ରେମର ସୀମା ଲଙ୍ଘିଯାଇଛୁ । ଯୁଦ୍ଧଚିତ୍ର ବା ଫିଲ୍ମର ଚିତ୍ରକଥା ପରି ଏହି କବିତାର ଦୃଶ୍ୟପଟରେ ଦୃଶ୍ୟର ଯେଉଁ ସଂଯୋଜନା ଦେଖିବାକୁ ମିଳେ ତା ହିନ୍ଦୀ କବି ମୁକ୍ତିବୋଧଙ୍କର 'ଅନ୍ଧାରେମେ' କବିତାର ଅନୁରୂପ । ଅନ୍ଧକାରମୟ ରାତିର ବାତାବରଣ ମଧ୍ୟରେ ଯେତେବେଳେ କବିତାର 'ମୁଁ' ନିଜକୁ ଆବିଷ୍କାର କରିବାକୁ ଇଚ୍ଛା କରେ ସେତେବେଳେ ସେହି ଅନ୍ଧାରରେ ତାକୁ ଏକ ମଶାଲ ଶୋଭାଯାତ୍ରା ଦେଖାଯାଏ । ଏହା ଏକ ମୃତ୍ୟୁଦଳର ଶୋଭାଯାତ୍ରା । ଆଗରେ ବ୍ୟାଣ୍ଡପାର୍ଟି ଓ ପଛରେ ସେହି ସହରର କେତେକ ପ୍ରତିଷ୍ଠିତ ପତ୍ରକାର, ଆଲୋଚକ, ଶତ୍ରୁରକ, ଉଦୀୟମାନ କବି, ଉଦ୍ୟୋଗପତି, ବିଦ୍ୱାନ ଏବଂ କେତେଜଣ ମନ୍ତ୍ରୀ ମଧ୍ୟ । ସେମାନଙ୍କ ସାଙ୍ଗରେ ଡୋମା ଜଣ ଯେଉଁଟି ସେହି ସହରର ନାମଜାଦା । ଡକାୟତ କୁଖ୍ୟାତ ଜହ୍ଲାଦ । ଫାସିଷ୍ଟମାନଙ୍କର ଏହି ଶୋଭାଯାତ୍ରା ମଧ୍ୟରୁ କବି 'ମୁଁ'କୁ ଆବିଷ୍କାର କରିବାପାଇଁ ଚାହାଁନ୍ତି । ସେ ଦେଖାଇବାକୁ ଚାହାଁନ୍ତି ଯେ ଯେଉଁମାନେ ଦିନରେ ବିଭିନ୍ନ ମୁଖା ପିନ୍ଧି ଜନମଙ୍ଗଳ କାର୍ଯ୍ୟରେ ରତ ଓ ପରସ୍ପରଠାରୁ ସ୍ୱତନ୍ତ୍ର ସେହିମାନେ ହିଁ ରାତିର ଅନ୍ଧକାର ମଧ୍ୟରେ ଏକତ୍ର ହୋଇଯାଆନ୍ତି । ଭେଦଭାବର ଚିହ୍ନ ରହେନାହିଁ । ସବୁ ସୀମାରେଖା ଲୋପ ପାଇ ଏକାକାର ହୋଇଯାଏ । ସଂସାରର କାର୍ଯ୍ୟ-କଳାପ ମଧ୍ୟରୁ 'ମୁଁ'ର ଏହି ଅନୁଭୂତି ହୋଇଛି ଯେ ସେହି ଅଦୃଶ୍ୟ ବ୍ୟକ୍ତି ଆଉ କେହି ନୁହେଁ, ସେ ହେଉଛି 'ଆତ୍ମସମ୍ଭବା ଅସ୍ମିତାଭିବ୍ୟକ୍ତି ।' ଏହି ଅନ୍ଧାର ମଧ୍ୟରୁ ଯେଉଁ ଜ୍ୟୋତି ଜାଗ୍ରତ ହୋଇଉଠିଛି ତାହା ଯଥାର୍ଥକୁ ଆହୁରି ଯଥାର୍ଥ କରିଦେଉଛି । 'ମୁଁ' ତାର ପ୍ରତିରୂପକୁ ଦେଖି ଡରି ଯାଇଛି ସତ, କିନ୍ତୁ ତାକୁ ଛାଡ଼ିପାରୁ ନାହିଁ ।

ଅସ୍ମିତା ଅନୁସନ୍ଧାନର ଆଉ ଗୋଟିଏ ରୂପ ହେଉଛି ଯେ ମନୁଷ୍ୟ

Digitized by srujanika@gmail.com

ସଂସାରରେ ମୁକ୍ତ ନୁହେଁ । ସେ ସ୍ପଷ୍ଟଭାବେ ଅନୁଭବ କରୁଛି ଯେ ବର୍ତ୍ତମାନ ସମାଜ ତା ପକ୍ଷରେ ଦୁର୍ବହ । ସବୁବେଳେ ତାର ପିଠି ଉପରେ ଏକ ବୋଝ ଲଦି ହୋଇ ରହିଛି । ସେ ସବୁବେଳେ ଚାହୁଁଛି ଏହି ମଠ ଓ ଚତ୍ୱର ବନ୍ଧନ ଭେଦ କରି, ଦୁର୍ଗମ ପ୍ରାଚୀରକୁ ଅତିକ୍ରମ କରି ଅରୁଣାଭ ପଦ୍ମର ଦର୍ଶନ ପାଇଁ । ଭାଗବତର ଅକ୍ରୁର ଏହିପରି ଏକ ଦ୍ୱନ୍ଦ୍ୱମୂଳକ ଚରିତ୍ର । ପଛରେ କ୍ରୁର କଂସ ଓ ଆଗରେ କରୁଣାସାଗର ଭଗବାନ । ପିଠି ଉପରେ ନୃଶଂସ କଂସର ନିର୍ଯ୍ୟାତନାର ପ୍ରହାର ଓ ସମ୍ମୁଖରେ ଏହାର ମୁକ୍ତିର ଆଲୋକ । ଆଧୁନିକ ମନୁଷ୍ୟ ସମାଜ ଏହିପରି ଏକ ଯୁଗଯନ୍ତ୍ରଣାର ସମ୍ମୁଖୀନ । ସେ ଆତ୍ମରକ୍ଷା ପାଇଁ, ମୁକ୍ତିପାଇଁ ଚିତ୍କାର କରୁଛି । ଗୁରୁବାବୁ ସେଥିପାଇଁ ଅକ୍ରୁର ଚରିତ୍ରକୁ ନିର୍ବାଚନ କରି ତାଙ୍କ 'ଉବାଚ' ମାଧ୍ୟମରେ ମନୁଷ୍ୟର ଏହି ଭାରାକ୍ରାନ୍ତ ମନର ଘନୀଭୂତ ପୀଡ଼ାକୁ ଦେଖାଇବାପାଇଁ 'କାଳପୁରୁଷ'ରେ କହିଛନ୍ତି :

"ହେ ଅକ୍ରୁର ହେ ଉଦ୍ଧବ ସଖା ମୋର ପ୍ରାଣର ଦୋସର
ରୁହ ରୁହ ଛିଡ଼ା ହୁଅ ପିଠିରେ ମୋ ଭୂମି ପରି ବୋଝ
ଅନ୍ଧାରରେ ପାଦ ଯେବେ ଛନ୍ଦି ହୁଏ ଚୂଡ଼ଙ୍କଙ୍କ ନଈ।
ଶୁଖେ ଗୁଳ୍ମ ଭାଙ୍ଗେ ହାଡ଼ ବଢ଼ିଉଠେ ବଢ଼ିଉଠେ ଶୋଷ।"

କେବଳ ଗୁରୁବାବୁ ନୁହନ୍ତି ଆଧୁନିକ କବିତାରେ ଏହା ହେଉଛି ଏକ ବଶିଷ୍ଟ ପ୍ରବୃତ୍ତି । ହିନ୍ଦୀ କବି ସର୍ବେଶ୍ୱର ଦୟାଲ 'ଅପନୀ ବେଟୀ କେ ମୃତ୍ୟୁପର' ଶୀର୍ଷକ କବିତାରେ 'ମୁଁ'ର ଘନୀଭୂତ ପୀଡ଼ାକୁ ଠିକ୍ ଏହିଭାବେ ଅନୁଭବ କରିଛନ୍ତି । ନଈର ବଢ଼ି ଦୁଇକୂଳ ଖାଉଛି । ସେହି ଉପକୂଳର ନଈପାଣି ଭିତରେ 'ମୁଁ' ଅଣ୍ଟାଏ ପାଣିରେ ଠିଆ ହୋଇଛି । ତା' ପିଠି ଉପରେ ଲଦି

Digitized by srujanika@gmail.com

ହୋଇଛି ଏକ ସିନ୍ଦୁକ । ତାର ଆଖି ଆଗରେ ଘରସବୁ ଭାଙ୍ଗିଯାଇ ଭସିଯାଉଛି ଓ ସେହି ଭଙ୍ଗା ଛାତ ଉପରେ ଦୁଇଟି ଖେଳନା ନର୍ଭୟରେ ବସିଛନ୍ତି । ପଂକ୍ତିଗୁଡ଼ିକ ଏହିପରି ବୋଧହୁଏ ମନୁଷ୍ୟ ଜାତିକୁ ଉପହାସ କରିବାପାଇଁ ଉଦ୍ଦିଷ୍ଟ—

"ଘରେଁ ଔର ଦରହଣ୍ଟ ହୁଇବାଢ଼
କମର ତକ ପାନୀ ମେଁ
ପୀଠ ପର ସିନ୍ଦୁକ ଲଦେଖଡ଼ା ମେ
ଦେଖ ରହା ହୁଁ ସାମନେ ମେ
ବହତା! ହୁଆ ସାରା ଘର,
ହିଲତୀ ହୁଇ ଛତ ପର
କୁଛ ସହମେ, କୁଛ ନଡର ବୈଠେ
ଅପନେ ଦୋ ଖିଲୌନେ
ଭବିଷ୍ୟ ସିକୋଡ଼ତା ଜାରହେମେଘ ପୀଠ
ଔର ଝୁକାତା ଯାରହା ହୈ ମେରେ କନ୍ଧେ
ଛୁତି ପହାଡ଼ ବନତେ-ବନତେ
ମେଁ ଆଦମୀ ସେ ନାଂବ ବନାତା ଯାରହା ହୁଁ ।"

ଗୁରୁବାବୁଙ୍କ କବିତା-ସଂଗ୍ରହରେ ତାଙ୍କ ସୃଜନାତ୍ମକ ପ୍ରବୃତ୍ତିର ଦୁଇଟି ରୂପ ଦେଖିବାକୁ ମିଳେ କ୍ଷୁଦ୍ର ପୁଣି ଦୀର୍ଘ କବିତା ମାଧ୍ୟମରେ । କ୍ଷୁଦ୍ର କବିତା ସବୁରେ ତାଙ୍କର ମନର ପୀଡ଼ା ଯେତେ ଘନୀଭୂତ ହୋଇ ପ୍ରକାଶ ପାଇଛି ତାହା ଦୀର୍ଘ କବିତାରେ ନାହିଁ । ତାଙ୍କର ପ୍ରତ୍ୟେକ କବିତାରେ ନାଟକୀୟତା ଓ ଗୀତାତ୍ମକତାର ସମାବେଶ ଦେଖିବାକୁ ମିଳୁଥିଲେ ହେଁ କ୍ଷୁଦ୍ର କବିତାର ଗୀତାତ୍ମକତା ଦୀର୍ଘ କବିତାରେ ହ୍ରାସ ପାଇଛି । ଦୀର୍ଘ କବିତାରେ ଭାବସନ୍ଧତି ଓ ଗଭୀରତା

Digitized by srujanika@gmail.com

ପରିବର୍ତ୍ତେ କଥାର ଏକ କ୍ଷୀଣ ଧାରା ପ୍ରବେଶ କରୁଛି । ଫଳରେ ଅରିଷ୍ଟଟଲ୍ ଯାହାକୁ 'କାର୍ଯ୍ୟର ଅନୁକରଣ' (ଇମିଟେସନ୍ ଅଫ୍ ଆକ୍ସନ) କହିଛନ୍ତି, ତାହାହିଁ ହୋଇଛି ଏହି କବିତାର ଧର୍ମ । ଫଳରେ ଆଜି କବିତାରେ କଥାତ୍ମକ ଓ ବର୍ଣ୍ଣନାତ୍ମକ ପ୍ରବୃତ୍ତିର ପ୍ରାଧାନ୍ୟ ଆବଶ୍ୟକୀୟ ଅଙ୍ଗଭାବେ ସ୍ୱୀକୃତ ହୋଇଛି ।

ଗୁରୁବାବୁ ଆଧୁନିକ କବିତାର ସ୍ରଷ୍ଟା ରୂପେ ପ୍ରାଚୀନ କବିତାର ବନ୍ଧ ଶୃଙ୍ଖଳାକୁ ଭାଙ୍ଗି ଦେଇ ଜୀବନର ସୀମାକୁ ବହୁଭାବେ ବ୍ୟାପ୍ତ କରିଥିଲେ ହେଁ ତାଙ୍କ ଭାବନା ବିଶେଷ ଭାବେ ପ୍ରତିଷ୍ଠାକେନ୍ଦ୍ରିତ ସବୁଧରଙ୍କ ବୈଶିଷ୍ଟ୍ୟ ସମ୍ପନ୍ନରୁ ସେ ଗାନ୍ଧୀବାଦ, ସାମ୍ୟବାଦ, ରାଜନୀତି, ହିନ୍ଦୁ ମୁସଲମାନ କନ୍ଦଳ, ଭାରତର ସ୍ୱାଧୀନତା, ପରିବର୍ତ୍ତିତ ସମାଜରେ ନୂଆ ହୋଇ ଦେଖାଯାଉଥିବା ସିଗାରେଟ ଓ କୋଇଲଚୁଲିର ଧୂଆଁ, ଥାର୍ଡ଼ କ୍ଲାସ ରେଲଟିକେଟ ଘର, ଫିଲ୍ମ ଗୀତ, ବଜାରର ଅନେକ କଥା ଦେଖୁଥିଲେ ହେଁ ଏସବୁର ଚିତ୍ରଣକୁ ସେ ନିଜେ ଅନୁଭବରେ ଦେଖିଥିବା ପରି ଜଣାଇଦେଇ ନାହାନ୍ତି । ଆଧୁନିକ କବିତାର କେତେକ ନିର୍ଦ୍ଦିଷ୍ଟ ପ୍ରବୃତ୍ତିକୁ ସେ ତାଙ୍କ କବିତାରେ କେବଳ ପ୍ରୟୋଗ ଓ ପରୀକ୍ଷା କରିଛନ୍ତି । ଫଳରେ ଶେଷ ପର୍ଯ୍ୟନ୍ତ ପୁଷ୍ପବନ୍ତୀ ଗଣିକାର ଗନ୍ଧ ତାଙ୍କ ଦେହରୁ ପୂରା ଭାବରେ ଛାଡ଼ି ପାରିନାହିଁ । ସେ ସାମାଜିକର ପୀଡ଼ାକୁ ମିଥ୍ୟା ମଧ୍ୟରେ ଦେଖିଛନ୍ତି । ଏକଥା ତାଙ୍କ ନିଜ ଉକ୍ତିରେ ମଧ୍ୟ ସ୍ପଷ୍ଟ ।

'ଅରଣ୍ୟର ଅଜଗର ମୁଁ ନହେ ଅଥବା ସ୍ଥିର
ମୁଁ ସହେ କଷଣ ଲକ୍ଷ ଦେହ ଆଜ ମନ ଓ ଆତ୍ମାର
ମୋ ଦେହରେ ଗନ୍ଧ ପୁଣି ପୁଷ୍ପବନ୍ତୀ ଗଣିକାର
ଚନ୍ଦ୍ରଭାନୁ ହୁଙ୍କାର ଓ ଇଭିକାର ଲବଣ୍ୟବତୀର
ମୋ ମାଂସର ଗନ୍ଧ ପୁଣି ମଦ ମଦ୍ୟ ନାରୀଗନ୍ଧ
ମୋ ଦେହରେ ପୃଥିବୀର ଯାଯାବର ଆଲୋକ ଅନ୍ଧାର ।'

Digitized by srujanika@gmail.com

ଗୁରୁବାବୁଙ୍କ ପ୍ରିୟବାନ୍ଧବୀ କୌଣସି ଶରୀରଧାରିଣୀ ନାୟିକା ନୁହନ୍ତି । ପ୍ରାଚୀନ କବିଙ୍କଠାରୁ ଏହାର ରୂପ ଓ ରଙ୍ଗ ସ୍ୱତନ୍ତ୍ର । ଏହା ଜଣଙ୍କ ମଧ୍ୟରେ ଆବଦ୍ଧ ନ ହୋଇ ବହୁ ମିସ୍ ଦାସ ମିସ୍ ଗୁପ୍ତ ମିସ୍ ବସୁ ନଟିଙ୍କର ସପନ ଭଙ୍ଗରେ ପ୍ରକାଶ ପାଇଛି ଏବଂ ସେ ତାଙ୍କୁ ସବୁ ବହି ଦୋକାନରେ, ଆଧୁନିକ ପ୍ରେମ ଗଳ୍ପରେ ରେଡ଼ିଓର ଖବର ଭିତରେ, ଫିଲ୍ମ ଗୀତରେ, ଥାର୍ଡ଼ କ୍ଲାସ ରେଲ ଟିକେଟ ଘରେ, ଟାଉନହଲ ସଭାରେ ପୁଣି ନରଗିସ୍‌ର ଫଟୋରେ ଖୋଜନ୍ତି । ଏହି ପ୍ରିୟବାନ୍ଧବୀର ପ୍ରେମରେ ସେ ନିରନ୍ତର ପ୍ରଜ୍ୱଳିତ ସତ୍ତାର ସନ୍ଧାନ କରିନାହାନ୍ତି । ସେ ପ୍ରଶ୍ନ ବି ଉଠିନାହିଁ । ସେ ଜାଣିଛନ୍ତି, ଦିନଦିନ ମାସ ମାସ ରାସ୍ତାରେ ଚଲିଲେ ଡେପୁଟି କାମ ପାଇଁ ବାହାରେ ଚାଲିବା ଫଳରେ ବର୍ଷାପାଣି ପଡ଼ିବା ସମୟରେ ଗୋଡ଼ ଝିପିଯିବା ଟେପନ ରାସ୍ତା ଉପରେ ସ୍ୱାଭାବିକ, ସେହିପରି ଟାଉନହଲର ସଭାରୁ ଆରମ୍ଭ କରି ହୋଟେଲ, ସିନେମା, ଗଳି, ନାଳକୂଳ, ନଈକୂଳରେ ବୁଲୁଥିବା ପ୍ରିୟବାନ୍ଧବୀର ସତ୍ତା । ତା'ର ଲୀଳାଖେଳା ଦେଖିବା, ଉପରେ ଆସ୍ଥା ରଖିବା ହିଁ ଆଜିର ଧର୍ମ । ସ୍ଖଳନ ପ୍ରକୃତିର ନିୟମ । ଏହାରି ଉପରେ ବିଶ୍ରାମ ନେଇ ତାଙ୍କର ପ୍ରିୟା ବେଣୀ ଫୁଲେଇ ବୀର ଦର୍ପରେ ବୁଲୁଛି ଆତ୍ମହତ୍ୟା ଦେହରେ ଓଜସ୍ୱିନୀ ଭାଷଣ ପ୍ରଦାନ କରି ।

ଗୁରୁବାବୁ ରୋମାଣ୍ଟିସିଜିମ୍ ଓ ସିନିସିଜିମ୍ ଉପରେ ଯେତେ କୁଠାରଘାତ କଲେ ବି, ରୋମାଣ୍ଟିସିଜିମ୍‌ରୁ ସମ୍ପୂର୍ଣ୍ଣଭାବେ ମୁକ୍ତ ହୋଇପାରିନାହାନ୍ତି । ସେ ନିଜକୁ ଖୋଜିବା ଆଳରେ ପ୍ରାପ୍ତ ପ୍ରିୟାର ସାହଚର୍ଯ୍ୟ ନେଇଛନ୍ତି ଏବଂ ସେହି ପ୍ରିୟାକେନ୍ଦ୍ରିତ ବୃତ୍ତ ଦେଇ ସେ ବାହାର ଜଗତର ବିଭିନ୍ନ ଦୃଶ୍ୟମାନ ବସ୍ତୁର ଯେଉଁ ମାନସିକ ମାନଚିତ୍ର ଆଙ୍କିଛନ୍ତି, ତାହା ଅନେକ ସମୟରେ ଅସ୍ପଷ୍ଟ ହୋଇପାଇଛି । ପ୍ରିୟାର ପ୍ରଭାବ ନିକଟରେ ଏହା ଅତ୍ୟନ୍ତ କ୍ଷୀଣ । ସେଥିପାଇଁ ଆଧୁନିକ ପାଠକ ସବୁବେଳେ ପ୍ରାଚୀନ ପାଠକ ପରି ପ୍ରିୟାର ନୂପୁରଧ୍ୱନିର ମଞ୍ଜୁଳତାରେ ମୁଗ୍ଧ ! ପ୍ରିୟାର ପରିବ୍ୟାପ୍ତ ପ୍ରଭାବ ନିକଟରେ ସଂସାରର ସମସ୍ତ ଜଟିଳତା ସଙ୍କୁଚିତ, ସୀମିତ ଓ କ୍ଷୀଣ ।

Digitized by srujanika@gmail.com

ଗୁରୁପ୍ରସାଦଙ୍କ କବିତାରେ ରୂପକଳ୍ପର ବ୍ୟବହାର

ସତ୍ୟଶଙ୍କର ମିଶ୍ର

ଆଗରୁ ଆଲୋଚନା ପ୍ରସଙ୍ଗରେ କହିଥିଲି, ଗୁରୁବାବୁଙ୍କ ଭାଷା ପ୍ରବୃତ୍ତି ବା ଇନ୍ଦ୍ରିୟର ଭାଷା ଯାହାକି ତାଙ୍କର ବ୍ୟକ୍ତିଗତ ଶୈଳୀ, ରୂପକଳ୍ପ, ପ୍ରତୀକ ଓ ଅନୁଭୂତିକୁ ରୂପଦିଏ । * ଯଦି ସ୍ୱୈରବାଦୀ ସଙ୍ଗୀତମୟତା (ସମସ୍ତ ସମୟରେ ମାତ୍ରାଧିକ ସଙ୍ଗୀତମୟତା) ତାଙ୍କ କୃତିର ମୌଳିକତା ଭାବରେ ନଆସାଏ ତେବେ ରୂପକଳ୍ପ ତାର ଗୋଟାଏ ସହଜାତ ପ୍ରତିକ୍ରିୟା କହିଲେ ଠିକହେବ । 'କାଳପୁରୁଷ' ବା ଯେ କୌଣସି ଲେଖାରେ ସଙ୍ଗୀତମୟତା ଓ ପ୍ରବୃତ୍ତିଗତ ଭାଷାର ଯେ କୌଣସି ସ୍ଥାନରେ ସମନ୍ୱୟ ହୁଏ, ରୂପକଳ୍ପର ସେଇଠାରେ ଆକସ୍ମିକ ସୃଷ୍ଟି ହୁଏ । ଅଥବା ସଙ୍ଗୀତମୟତାର ଶେଷ ଯେଉଁଠି ରୂପକଳ୍ପର ଆରମ୍ଭ ସେଇଠି । ଯେପରି—

"ମେ ଦେହଲ ପୁରୁଣାକଥା ଯେତେବେଳେ ଜଳୁଥିଲା ବନ
ଆଉଥିଲା ଆକାଶରେ ରକ୍ତସ୍ରାବ ପଉଷ ସନ୍ଧ୍ୟାର..."

(ପ୍ରିୟ ବାନ୍ଧବୀ)

କିମ୍ବା

ଏ ବର୍ଷର ନଷ୍ଟ ଆମ୍ବ ନଗୁଣ୍ଡିଆ କେତେବେଳେ
ଅନ୍ଧାର ଭିତରୁ
ହଠାତ୍ ଆସି ଛୁଡ଼ାହୁଏ ସାମନାରେ ସୁଏଟର୍ ଗାଲ୍ ଯୋଡ଼ିଦେଇ..."

(ନଷ୍ଟ ଗୋଧୂଳି)

---

*'ମୂଲ୍ୟାୟନ ୩' : ବିଚାର-ଅନୁଶୀଳନ : ଆଖିର କପୋତ ମୋର
ପୃ ୩୩-୩୯

Digitized by srujanika@gmail.com

ଏଠାରେ ସ୍ପଷ୍ଟ ଲକ୍ଷ୍ୟ କରଯାଏ କିପରି ଶବ୍ଦ ଓ ଛନ୍ଦ ଯୋଜନା ସହିତ ରୂପକଳ୍ପ ଜଡ଼ିତ ହୋଇ ରହିଛି। ଗୁରୁବାବୁ ମୁକ୍ତ ଛନ୍ଦକୁ ଗୁରୁତ୍ୱ ଦେଇଚନ୍ତି। ଶବ୍ଦ ଯୋଜନା ଅନୁରୂପ ଭାବରେ ସ୍ୱାଧୀନ। ସେଇ ଦୃଷ୍ଟିକୋଣରୁ ବୋଧହୁଏ ରୂପକଳ୍ପକୁ କୌଣସି ଗୋଟିଏ ପର୍ଯ୍ୟାୟଭୁକ୍ତ କରି ନାହାନ୍ତି। ପାଶ୍ଚାତ୍ୟ ଚିନ୍ତାଧାରା ଓ ଅନୁଭୂତିକୁ ଆଧାର କରି ରୂପକଳ୍ପକୁ ଅଣାଯାଇଛି ଏବଂ ସେଠାରେ ତାକୁ ସ୍ଥାନୀୟ ବା ନିଜସ୍ୱ କରାଯାଇଛି। ଯେପରି—

"ମୁଁ ତମକୁ ସ୍ୱପ୍ନ ଦେଖେ
ମୋର ଢିଲା ପାଇଜାମା କମିଜ୍‌ର ଅନ୍ତରାଳରେ

('ଅଳକା ସାନ୍ୟାଲ')

କିମ୍ବା,

"ମୁଁ ଜାଣିଚି ହଜିଥିବା ରୁମାଲରୁ
ଛୁଟି ଉଠେ ରକ୍ତ ମୁଦ୍ରା ହୋଇ"।

('ଗୋବର ଗଣେଶ')

ଏଠାରେ ଏଲିୟଟ୍, ପାଉଣ୍ଡ ବା ସେକ୍‌ସପିୟରଙ୍କ ଚେତନାର ପ୍ରଭାବ କବି ନିଶ୍ଚିତ ଭାବରେ ଏଡ଼ାଇ ପାରି ନାହାନ୍ତି। କିନ୍ତୁ ସଚ୍ଚି ରାଉତରାୟଙ୍କ ରୂପକଳ୍ପ ସେମିତି ଏଠାରେ ଆଦୌ ଦେଖାଯାଏ ନାହିଁ। ରାଉତରାୟଙ୍କ ରୂପକଳ୍ପ-ସମରେ ରୂପକଳ୍ପ ଗୁଡ଼ିକ ହୁଏତ ବିଦେଶୀୟ ଚିନ୍ତାଧାରାକୁ ନେଇ ଗୋଟିଏ ପର୍ଯ୍ୟାୟଭୁକ୍ତ ହୋଇ-ପଡ଼ନ୍ତି ନହେଲେ ସ୍ଥାନୀୟ ଅନୁଭୂତି ବା ଚିନ୍ତାଧାରା ଭିତରେ ସୀମାବଦ୍ଧ ରହନ୍ତି। ଏଠି ତା' ମୋଟେ ଦେଖା ଯାଏନା। ଯେଉଁ ମାନସିକ

Digitized by srujanika@gmail.com

ସ୍ତରରେ ଗୁରୁବାବୁ ପାଶ୍ଚାତ୍ୟ ଚେତନାରୁ ରୂପକଳ୍ପ ଗୁଡ଼ିକ ଆଣନ୍ତି ସେଇ ମାନସିକ ସ୍ତରରେ ଥାଇ ସଙ୍ଗେ ସଙ୍ଗେ ଭାରତୀୟ ଚେତନାର ଭିତ୍ତିରେ ରୂପକଳ୍ପର ସୃଷ୍ଟି କରାଇଥାନ୍ତି ସା'କ ତାଙ୍କ ରୂପକଳ୍ପ-ଜଗତକୁ ଗୋଟାଏ ବିଶେଷ ଆକାର ଦିଏ । ଯେପରି—

"ଏ ହାତ ଉପରେ ମୋର ଅକସ୍ମାତ ଛୁଞ୍ଚାଇଦିଏ
ଦଧୀଚ ସମୟ × ×
ଜାଣିଛନ୍ତି କୁମ୍ଭୀପାକ ନରକରେ ଅସହାୟ ଦଶା ।
(ଗୋବର ଗଣେଶ)

ରମ୍ଭର କ୍ୟାଲକୋ ଧୋତି ଜଳିଗଲା, ପୋଡ଼ିଗଲା
ବଙ୍ଗ୍ ଜ୍ୟାକ୍ ମଣ
ପଞ୍ଚପୁଷ୍ପ ଅମୃତରେ ଏକାଦଶ ଦିନ ବାପଦିନରେ ।
('କାଳପୁରୁଷ')

"ସାଧବ ଯୁବତୀ ମାନେ ଅତି ପ୍ରମାଦରେ
କର୍ ଛନ୍ତି ଭ୍ରମଣଲେ, ଉଡ଼ିଲେ କାଉ ଓ ବାଦୁଡ଼ି" ।
('କାଳପୁରୁଷ')

ଏ ରକମ ଦ୍ୱୈତ ଚେତନା ତାଙ୍କ ରୂପକଳ୍ପ-ଜଗତର ମୌଳିକତା କହିଲେ ଠିକ ହେବ । ଏହା ବ୍ୟତୀତ ଇମାଜିଷ୍ଟ୍ କବିତାର କଠିନ ରୂପକଳ୍ପ ଗୁଡ଼ିକ ଯେପରି କବିମାନଙ୍କ ଆଧୁନିକତାର ପରିଚୟ ବହନ କରେ, କବିଙ୍କ ରୂପକଳ୍ପ ଗୁଡ଼ିକ ସେଇ ଦୃଷ୍ଟିରୁ ମଧ୍ୟ ବିଚାରଯୋଗ୍ୟ । ତଥାପି ଏତିକି ଇମାଜିଷ୍ଟ୍ କବିତାରେ ସାଂଗିତିକତାକୁ ବାଦ୍ ଦିଆଯାଏ ।

Digitized by srujanika@gmail.com

ଠାରେ ନୁହେଁ । 'କାଳପୁରୁଷ' ବା ଅନ୍ୟାନ୍ୟ ଅନେକ କବିତାରେ ରୂପକଳ୍ପ କଠିନ, ଜଡ଼ବାଦୀ, ଜୈବିକ ସ୍ତରରୁ ଆରମ୍ଭ ହୋଇ କ୍ରମେ ଆଧ୍ୟାତ୍ମିକ, କୋମଳସ୍ତରରେ ପହଞ୍ଚିଥାଏ । The Wasteland ର ଛାୟା 'କାଳପୁରୁଷ'ରେ ଭାଷା ଓ ରୂପକଳ୍ପକ୍ଷେତ୍ରରେ ଦେଖିବା । କିନ୍ତୁ ଗୁରୁବାବୁ ନିଜ ମୌଳିକତା ଶେଷଯାଏଁ ବଜାୟ ରଖିଛନ୍ତି ; ଯେପରି

ଏ ସହରର ମୁହଁରେ ଗୋଳ ଗୋଳ ପାଉଁଶ ଅଙ୍ଗାର
× × ପ୍ରତିମା ନାୟିକା ହସେ ତା ଦେହରେ କଳାଶାଢ଼ୀ
ଦୁର୍ଜ୍ଞ ଆଡ଼୍ କ୍ଲୁବର ବଜାର ।

('କାଳପୁରୁଷ')

ଆଖିର କପୋତ ମୋର ଆକାଶର ଇସ୍ପାତ ଦେହରେ
ବାଧା ପାଇ ପ୍ରତିଦିନ ଫେରିଆସେ ।

('ଆଖିର କପୋତ ମୋର)

ଗୋଟାଏ ନଗ୍ନ କଠିନ ରୂପକଳ୍ପ ତିଆରି କରିବାକୁ ଯାଇ କବି ଅତି-ବାସ୍ତବିକ (Surrealistic) ହେବାକୁ ଚେଷ୍ଟା କରିଛନ୍ତି, କିନ୍ତୁ ଛନ୍ଦ ବ୍ୟବହାର କରିବାର ଯେଉଁ ସ୍ୱାଭାବିକ ପ୍ରବୃତ୍ତି କବିଙ୍କର ରହିଛି, ତା ବୋଧହୁଏ ରୂପକଳ୍ପଗୁଡ଼ିକୁ ଅଧିକ ପରୀକ୍ଷାମୂଳକ ବା ମୌଳିକ କରିପାରି ନାହିଁ । ତେବେ ରୂପକଳ୍ପଗୁଡ଼ିକ କ୍ରମେ ଏକ ମନନଶୀଳ ସ୍ତରକୁ ଯାଇ ବ୍ୟକ୍ତିବାଦୀ ଅଧ୍ୟାତ୍ମ ଚେତନାର ଅଂଶୀଦାର ହୋଇଛନ୍ତି । ସବୁଠାରୁ ନିପୁଣ ପର୍ଯ୍ୟାୟରେ ରହେ ତାଙ୍କର ବ୍ୟକ୍ତିବାଦୀ ରୂପକଳ୍ପଗୁଡ଼ିକ । ଅବେକ୍ଷିକ (Abstract) ସ୍ତରକୁ ଉଠି କବିଙ୍କ ଆତ୍ମପରିଚୟ ହୁଏ ।

ଯେପରି

Digitized by srujanika@gmail.com

ମୁଁ ତୁମର ସଙ୍ଗୀତର ଧ୍ରୁବତାରା ସ୍ୱାମୀ ଓ ପ୍ରଭବ ।

('ଶରି')

କନ୍ୟା,

ଅରଣ୍ୟର ଅଜଗର ମୁଁ ରହେ ଅଥର୍ବ ସ୍ଥିର ।

× ×

ମୁଁ ପିଇ ତୁମରି ପରି ତାରା ଖୋଜି ଜନ୍ମ ଯୋନି
ଖୋଜି ଖୋଜି ଝରଣାର ସୁଅ
ମୁଁ ପିଇ ତୁମରି ପରି ଖୋଜି ମୋର ପିତାମାତା
ଜମ୍ମୁ'ଲ ନଟରେ ଖୋଜି ଅନ୍ଧାରୀ ଭାଷାର ଆଲୁଅ ।

× ×

ରାମକୃଷ୍ଣ ମିଶନରୁ କେତେବାଟ ଏମାର ମଠକୁ ?

('କାଳପୁରୁଷ')

ଭ୍ରଷ୍ଟ ଯୌନତାର ଶୀକାର ହୋଇ ସାମ୍ପ୍ରତିକ ସମାଜ ବା କବି ନିଜେ ଅସହାୟ ହୋଇ ତାର ସମାଧାନ ପାଇଁ ବ୍ୟାକୁଳ ହୋଇପଡ଼ନ୍ତି । ଭ୍ରଷ୍ଟ ଯୌନତା ତାଙ୍କ ଲେଖାର ଅନ୍ତଃସ୍ୱର । ତେଣୁ ଦେହଜ ରୂପକଳ୍ପରୁ ଆରମ୍ଭ କରି ମନନଶୀଳ ରୂପକଳ୍ପ ପର୍ଯ୍ୟନ୍ତ ସବୁ ପର୍ଯ୍ୟାୟରେ ସେ ନିଜେ ଉନ୍ମୁକ୍ତ ହୋଇ ରହିଛନ୍ତି । ଭାରତୀୟ ବେଦରେ ବର୍ଣ୍ଣିତ ଶିବଙ୍କର ଅର୍ଦ୍ଧନାରୀଶ୍ୱର ମୂର୍ତ୍ତିକୁ ସାମ୍ପ୍ରତିକ ଭ୍ରଷ୍ଟ ଯୌନତାର ନଗ୍ନ ଅବସ୍ଥାକୁ ଆଣି, ବର୍ତ୍ତମାନ ଯେଉଁ ସହନାର କ୍ଲୀବତ୍ୱ ବା ବନ୍ଧ୍ୟାତ୍ୱ ସମାଜକୁ ପ୍ରଭାବିତ କରିଛି, ତାର ସ୍ୱରୂପ ଦେବାକୁ ଯାଇ କବି ବ୍ୟକ୍ତିବାଦୀ ରୂପକଳ୍ପର ସଫଳ ସୃଷ୍ଟି କରିଛନ୍ତି ।

Digitized by srujanika@gmail.com

ଏକ ଦେହେ ଜନ୍ମ ନେଲା ପୁରୁଷ ମୁଁ ସେହି ଦେହେ
ନାରୀର ହୃଦୟ
ମୋପାଖେ ଏକାଠ ହେଲା ସିଲ୍‌ଭିଆ ପ୍ଲାଥ୍ ସେକ୍ସପିଅର୍
ଧ୍ୱଜଭଙ୍ଗ ପ୍ରସୂତି ଯନ୍ତ୍ରଣା ।

('କାଳପୁରୁଷ')

ଏପରି ବ୍ୟକ୍ତିବାଚୀ ରୂପକଳ୍ପ ପ୍ରାୟ ଅନ୍ୟକୌଣସି ସାମ୍ପ୍ରତିକ ଲେଖାରେ ନାହିଁ ।

ଏହାଛଡ଼ା 'ଉଦ୍ଧବ' ବା 'ଅର୍ଜୁନ'ଙ୍କୁ ଗୋଟିଏ ଗୋଟିଏ ଭାବରେ ନିଆଯାଇଛି । ଯେପରି ଏଲିୟଟ୍‌ଙ୍କ Tiresias ସେପରି କବି-ବ୍ୟକ୍ତିତ୍ୱର ପ୍ରତିଫଳନ ହୁଏ ଉଦ୍ଧବ ଚରିତ୍ରରେ ।

ହେ ଉଦ୍ଧବ ସଖା ମୋର ପ୍ରାଣର ଦୋସର
ରୁଦ୍ରରୁଦ୍ର ଛୁଞ୍ଚାଦୁଅ ପିଠିରେ ମୋ ଭୂମପୁର ବୋଝ ।
('କାଳପୁରୁଷ')

ଉଦ୍ଧବ କବିଙ୍କ ଅସୁସ୍ଥ ମନର ସୁସ୍ଥ ଉପସ୍ଥାପକ । ଗୋଟାଏ ମଣିଷ ଚରିତ୍ରକୁ ଗୋଟାଏ ଧାରଣା କହିଲେ ଠିକ୍ ବୁଝାଯିବ । କାବ୍ୟର କଥାବସ୍ତୁ ଦୃଷ୍ଟିରୁ ଦେଖିଲେ ସେ ଗୋଟାଏ ଦାର୍ଶନିକ ଚେତନା । ଜଟିଳତାରୁ କବିଙ୍କୁ ରକ୍ଷା କରିବାର କବଚ । କିନ୍ତୁ ରୂପକଳ୍ପ ଭାବରେ ବୁଝିଲେ Homosexual ଇମେଜ୍ ଭାବରେ ନିଆଯାଇ ପାରେ । ମାତ୍ରାଧିକ ମାନସିକ ଅସୁସ୍ଥତା ଓ ବହିର୍ମୁଖୀ ସାମ୍ପ୍ରତିକ ଦୃଷ୍ଟି ଭଳିକଳାଙ୍କ ଯୌନତାର ରୂପାନ୍ତର । ରମାକାନ୍ତ ରଥ, ସୀତାକାନ୍ତ ଓ ଅନ୍ୟାନ୍ୟ ଅନେକ କବିଙ୍କ ଲେଖାରେ ଏ ବିଷୟ ଆମେ ଦେଖିଥାଉଁ । କିନ୍ତୁ ଗୁରୁବାବୁଙ୍କ କବିତାରେ ଏପରି Homosexual ଇମେଜ୍

Digitized by srujanika@gmail.com

ଉତ୍ତମ କବିତାର ମୌଳିକତା । ତେବେ ଏହା ପାଶ୍ଚାତ୍ୟ ଅନୁଭୂତିର ପ୍ରଭାବରୁ ମୁକ୍ତ ନୁହେଁ । ଯେପରି

ଧଳା ନଚାପି ଧଳାକାର ବର୍ଣ୍ଣ ପୁଣି ଈଷତ୍ ପିଙ୍ଗଳ
ଯଷ୍ଟିର ଆଘାତ ଆଜ ବୃଷଭର ଆର୍ତ୍ତନାଦ......

('କାଳପୁରୁଷ')

ତେବେ ସାହାହେଉ ଗୋଟାଏ କଥା ଦେଖିବାର କଥା, ବହୁବିଧ ରୂପକଳ୍ପର ସମାହାର କବିତାର ଗଢ଼ଣକୁ ନିୟନ୍ତ୍ରିତ କରୁଛି । ଅନ୍ୟାନ୍ୟ କବିଙ୍କ ପରି ଗୁରୁବାବୁ କେବେ ଦୁର୍ବୋଧ ନୁହନ୍ତି । ଏହା ତାଙ୍କ ରୂପକଳ୍ପ ଯୋଜନାର ଚରମ ସଫଳତା ।

ମୁଖ୍ୟ ରୂପକଳ୍ପଗୁଡ଼ିକ ଆଲୋଚନା ପରେ ଏବେ ଗୌଣ ରୂପକଳ୍ପକୁ ଯିବା । ଏ ପର୍ଯ୍ୟାୟରେ କେବଳ ପାରମ୍ପରିକ ରୋମାଣ୍ଟିକ୍ ରୂପକଳ୍ପଗୁଡ଼ିକ ଆଖିରେ ପଡ଼େ । ଯେପରି

ବେଣୀପରି ଫିଟିଆସେ ଘନବନାନ୍ତ ଆଷାଢ଼ ଶ୍ରାବଣ ।

('କାଳପୁରୁଷ')

ବା ଏପରି ଅସଂଖ୍ୟ ଉଦାହରଣ ରହିଛି । ଏହା କେବଳ ତାଙ୍କ ଆବେଗମୟ ଭାଷାର ରୂପାନ୍ତର ।

ମୋଟାମୋଟି ଭାବରେ ଗୁରୁବାବୁଙ୍କ ରୂପକଳ୍ପର ସଫଳତା ତାଙ୍କ ଭାଷା, ସଙ୍ଗୀତମୟତା, ଧ୍ୱନି, ଛନ୍ଦ ଇତ୍ୟାଦିର ବ୍ୟବହାର ଉପରେ ନିର୍ଭର କରେ । ବୋଧହୁଏ ଏହି ସଙ୍ଗୀତମୟତା ନ ଥିଲେ ରୂପକଳ୍ପର ନିର୍ଦ୍ଦିଷ୍ଟ ପ୍ରକାଶ ସମ୍ଭବ ହୋଇପାରି ନ ଥାନ୍ତା ।

●

Digitized by srujanika@gmail.com

ଗୁରୁପ୍ରସାଦଙ୍କ ସନେଟ୍

ଶରତଚନ୍ଦ୍ର ଶତପଥୀ

ଇତିହାସ କହେ ଯେ, ରାଜା ଦ୍ୱିତୀୟ ଫ୍ରେଡେରିକ୍‌ଙ୍କ ପାରିଷଦମାନଙ୍କ ମଧ୍ୟରୁ ଜ୍ୟାକୋମୋ ଡା ଲେଣ୍ଟିନୋ (Giacomo da Lentino) ନାମକ ଜଣେ ସିସିଲୀୟ ଆଇନଜ୍ଞ ପ୍ରଥମେ ହିଁ ସନେଟ୍ ରଚନା କରିଥିଲେ । ଏହା ଖ୍ରୀ. ୧୨୩୦ ବା ୧୨୪୦ ଖ୍ରୀଷ୍ଟାବ୍ଦର କଥା । ତା’ପରେ ଆଜି ଆଉ ଭିତରେ ଅନେକ ବର୍ଷ କଟିଗଲାଣି । ସନେଟ୍ ଇଟାଲୀରେ ସୀମାବଦ୍ଧ ନ ହୋଇ ଓ୍ୟାଟ୍ ଓ ସରେଙ୍କ ଦ୍ୱାରା ଇଂଲଣ୍ଡକୁ ଆସିଲା ଓ କାଳକ୍ରମେ ବିଶ୍ୱର ପ୍ରତ୍ୟେକ ସମୃଦ୍ଧ ଭାଷାରେ ଏହା ଲେଖାଗଲା ।

ସନେଟ୍‌ର ଆରମ୍ଭ କାଳରେ ଏହାର ଯେଉଁ ରୂପରେଖ ସ୍ଥିର କରାଯାଇଥିଲା ତାହା ବହୁତ ପରୀକ୍ଷା, ନିରୀକ୍ଷା, ପରିବର୍ତ୍ତନ ଭିତର ଦେଇ ଗତି କରି ସାରିଲାଣି । ଏହି ପରିବର୍ତ୍ତନର ଅନୁଶୀଳନ ଅବଶ୍ୟ ଏ ଆଲୋଚନାର ପରିସରଭୁକ୍ତ ଆଦୌ ନୁହେଁ ।

ଅନେକ ପରିବର୍ତ୍ତନ ପରେ ମଧ୍ୟ ଯେଉଁ ମୌଳିକ ଗୁଣମାନ ଏହାକୁ ବିଶ୍ୱର ବହୁ ଭାଷାରେ ସନେଟ୍ ବୋଲି ଗ୍ରହଣୀୟ କରିଅଛି, ତାହାହିଁ ସନେଟ୍‌ର ଅପରିବର୍ତ୍ତିତ ଓ ପରିବର୍ତ୍ତନରହିତ ଆତ୍ମା ବୋଲି କୁହାଯାଇ ପାରେ । ପ୍ରତ୍ୟେକ କବି ସନେଟ୍ ଲେଖିଲା-ବେଳେ ସନେଟ୍‌ର ଆତ୍ମା ପ୍ରତି ଯେଉଁ ପରିମାଣରେ ସଚେତନ, ତାହାହିଁ ତାଙ୍କର ସଫଳତାର ମାନଦଣ୍ଡ ।

Digitized by srujanika@gmail.com

ସନେଟ୍‌ର ଏକାନ୍ତ ନିଜସ୍ୱ ବାହ୍ୟିକ ଆବରଣ ହେଉଛି ଏହାର ନିର୍ଦ୍ଦିଷ୍ଟ କଳେବର, ନିତାନ୍ତ ସଂକ୍ଷିପ୍ତ ନ ହେଲେ ମଧ୍ୟ, ପର୍ଯ୍ୟାପ୍ତ ଚଉଦଟି ଧାଡ଼ି । ଏହି କଳେବର ମଧ୍ୟ ଅନେକ ଜ୍ୟାମିତିକ ବିଭାଜନ ସୂତ୍ର ଦ୍ୱାରା, (କେବେ ଆଠ, ଛଅ, କେବେ ଚାରି, ଚାରି, ଚାରି, ଦୁଇ, କେବେ ଆଉ ଅନ୍ୟ ଧାରାରେ) ପରୀକ୍ଷିତ । ଗୁରୁପ୍ରସାଦଙ୍କ ଦଶଟି ସନେଟ୍ ଜ୍ୟାମିତିକ ପରୀକ୍ଷା ନିରୀକ୍ଷାରହିତ ଓ ସେକ୍‌ସପିଅରଙ୍କ ସନେଟ୍‌ମାନଙ୍କ ସଦୃଶ । ସେ ଗ୍ରହଣ କରିଛନ୍ତି ସନେଟ୍‌ର ପ୍ରାପ୍ତ ସଂରଚନାରେ ଆଦୃତ କ୍ୱାଟ୍ରେନ (Quatrain) ଓ କପ୍‌ଲେଟ(couplet)ରୂପ । ଯେହେତୁ ତାଙ୍କର ଦଶଟି ସନେଟ୍ ସମକାୟା ସମ୍ପନ୍ନ ଏବଂ ଏମାନଙ୍କର 'କାୟା' ବିବାଦରହିତ, ସର୍ବଥା ଗ୍ରହଣୀୟ, ତେଣୁ ଏହା ସତ୍ୟ ଯେ 'କାୟା' ନେଇ ଗୁରୁପ୍ରସାଦ ଖୁବ୍ ବ୍ୟସ୍ତ ନୁହନ୍ତି, ବା ସେ ଦିଗରେ ସେ କୌଣସି ନୂତନତ୍ୱ ବା ପରିବର୍ତ୍ତନ ଚେଷ୍ଟା କରିନାହାନ୍ତି । ବରଂ ସେ ମହାଜନ ଆଦୃତ ପନ୍ଥା ଗ୍ରହଣ କରି ଦୁଇଟି ବିଶିଷ୍ଟ କଥା ବୁଝାଇଛନ୍ତି । ପ୍ରଥମତଃ, ତାଙ୍କ 'ସନେଟ୍'ମାନଙ୍କର 'କାୟା' ପାଠକ ବା ସମାଲୋଚକଙ୍କୁ, ଏକ ସ୍ୱୀକୃତ ସିଦ୍ଧାନ୍ତକୁ ଓ ନିଏ ତଦ୍ୱାରା 'କାୟା' ଦିଗରେ କୌଣସି ହଟଚମଟରେ ସମ୍ଭାବନାକୁ ସମ୍ପୂର୍ଣ୍ଣ ଏଡ଼ାଇ ଦିଏ । ଦ୍ୱିତୀୟତଃ, ସ୍ୱତଃ ଏହି ସମ୍ଭାବନା ସୃଷ୍ଟି କରେ ଯେ ସନେଟ୍‌ମାନଙ୍କର କଳାତ୍ମକ ଉତ୍କର୍ଷ ପ୍ରତିପାଦନ କାୟା'-ଉତ୍ତର ଅନୁଶୀଳନ ସାପେକ୍ଷ ।

ସେକ୍‌ସପିଅରଙ୍କ ସନେଟ୍‌ଗୁଡ଼ିକର ପ୍ରତିଟି ଧାଡ଼ି ଆୟାମ୍ବିକ୍ ପେଂଟାମିଟରେ (Iambic Pentametre)ରେ ଲେଖା । ପଙ୍କ୍ତି-ପାତର ସୂତ୍ର ବାଦ, ପ୍ରତିଟି ଧାଡ଼ିରେ ଅନ୍ତଃ-ଛନ୍ଦପାତ ଏହାର

Digitized by srujanika@gmail.com

ସ୍ୱାତନ୍ତ୍ର୍ୟ, ସୌଷ୍ଠବ ତଥା ଉତ୍କର୍ଷଣ । ଏ ପ୍ରକାର ଛନ୍ଦପାତ ଏକ ଭାଷାଗତ ବୈଚିତ୍ର୍ୟ । ପ୍ରତ୍ୟେକ ଭାଷାର ନିଜସ୍ୱ ଶୃଙ୍ଖଳା ଓ ନିଜସ୍ୱ ଔଦାର୍ଯ୍ୟ ମଧ୍ୟ । ଏହି ଔଦାର୍ଯ୍ୟର ପରିପ୍ରକାଶ ଅନ୍ୟ ଭାଷାରେ ସମ୍ଭବ ନୁହେଁ । (ଆମ "ଦେଖ ନବକାଳିକା, ବକାଳିକା ମାଳିକା" ଅନ୍ୟଭାଷାରେ ପ୍ରକାଶ ଅସମ୍ଭବ । ତେଣୁ କେବଳ ଯତିପାତ ବ୍ୟତୀତ) ମୂଳକାଠା, 'କ୍ୱାଟ୍ରେନ' ଓ 'କପ୍‌ଲେଟ୍‌'(Quatrain ଓ Couplet)ର ଅନ୍ୟାନ୍ୟ ଶୃଙ୍ଖଳା ଗୁରୁପ୍ରସାଦଙ୍କ ସନେଟରେ ଖୋଜିବା ନିରର୍ଥକ । ଯତିପାତ ମଧ୍ୟ ବେଶ୍‌ ବିଶୃଙ୍ଖଳ । କ୍ୱାଟ୍ରେନଗୁଡ଼ିକରେ ହିସାବ ଦେବା ଦରକାର ନାହିଁ । ଅନେକ ସନେଟରେ 'କପ୍‌ଲେଟ୍‌'ଗୁଡ଼ିକ ମଧ୍ୟ ଯତିପାତର ଅନୁପମତା ପ୍ରଦର୍ଶନ କରନ୍ତି । ସନେଟ୍‌—୨ରେ 'ଯାହା' ଓ 'ପରିଧି', ସନେଟ...୫ରେ 'ଦେହ' ଓ 'ଭଲପାଅ', ସନେଟ--୬ରେ 'ଦେହ' ଓ 'ନପାଅ', ସନେଟ—୯ରେ 'ଦେଇ' ଓ 'କମିନାହିଁ', ଅସମ ଯତିପାତର ଉଦାହରଣ । ସନେଟ—[illegible]ର କପ୍‌ଲେଟ୍‌ରେ 'ମୁକ୍ତ' ଓ 'କାହାର' ବିଷମ ଯତିପାତର ସୂଚନା । ମୋଟ ଉପରେ ଦେଖିବାକୁ ଗଲେ, ବ୍ୟାକରଣଗତ ବା ସନେଟର କାଠାଗତ ଶୃଙ୍ଖଳା ପ୍ରତି ଗୁରୁପ୍ରସାଦ ବେଶ୍‌ ଉଦାସୀନ ।

ଇଏତ ଗଲା 'ସନେଟ'ର ବାହ୍ୟିକ ଶୃଙ୍ଖଳା । ଏବେ ଏହାର ଅନ୍ତଃନିହିତ ଶୃଙ୍ଖଳାଗୁଡ଼ିକ ବିଚାର କରାଯାଇ ପାରେ । ସନେଟ ସର୍ବଦା ଏକକ ସ୍ୱର-ସର୍ବସ୍ୱ । ଗୁରୁପ୍ରସାଦଙ୍କ ସବୁ ସନେଟରେ ସ୍ୱର ଏକକ । ଏହି ସ୍ୱର ପ୍ରଥମପୁରୁଷ, ଏକବଚନ । ତେଣୁ ଏକାନ୍ତ, ସୁସ୍ପଷ୍ଟ । ସନେଟରେ ସ୍ୱରଗତ ସଂଯମତା ଏହାର ବଳିଷ୍ଠତା, ଯାହାକି କ୍ୱାଟ୍ରେନଗୁଡ଼ିକ ଦେଇ ବୃଦ୍ଧି ସ୍ପଷ୍ଟ ଯୌରୁକତା ମାଧ୍ୟମରେ ଉତ୍ତରୋତ୍ତର ବିକାଶ ଲାଭ କରି କପ୍‌ଲେଟ୍‌ର ପରିଣତି ଦିଗକୁ ସ୍ୱତଃ

Digitized by srujanika@gmail.com

ଉତ୍ତୀର୍ଣ୍ଣ ହୋଇଥାଏ । ଗୁରୁପ୍ରସାଦଙ୍କ କ୍ଷେତ୍ରରେ ଏହି ବକ୍ତବ୍ୟର ସମ ଆଲୋଚନା ପରିପ୍ରେକ୍ଷୀରେ ସନେଟ ର ବିଷୟବସ୍ତୁମାନଙ୍କ ଉପରେ ଦୃଷ୍ଟିପାତ କରାଯାଉ । କାରଣ ଯୁକ୍ତି ଉପରେ ନିର୍ଭର କରୁଥିବା, ବିକାଶର ପରାକାଷ୍ଠା, ବିଷୟ ବା ଥିମ୍‌ର ମୌଳିକତା ଉପରେ ନିର୍ଭରଶୀଳ ଅନେକାଂଶରେ । ଯଦିଓ ଭିନ୍ନ ଭିନ୍ନ ବିଷୟବସ୍ତୁମାନଙ୍କୁ ନେଇ ବିଭିନ୍ନ କାଳରେ ସନେଟ ଲେଖା ଯାଇଛି, ସମୟର ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି ମାତ୍ର ତିନୋଟି: ପ୍ରେମ, ସମୟ ଓ ମୃତ୍ୟୁ । ଏମାନେ କାବ୍ୟିକ ଜୀବନକାଳ ଲାଗି ଅକ୍ଷୟ ତିନୋଟି ସଂଜ୍ଞା । ସମୟ ଓ ମୃତ୍ୟୁ ଓତଃପ୍ରୋତଃ ଜଡ଼ିତ ଓ ପ୍ରେମ ବିଷୟରେ ଏକ ମିଳିତ ବିରୁଦ୍ଧଶକ୍ତି ରୂପେ ସର୍ବଦା କବି ମାନସରେ କଳ୍ପିତ । ପ୍ରେମ ସମୟରେ ସୃଷ୍ଟି କିନ୍ତୁ ମୂଳରେ ସମୟୋତ୍ତର । ଏହାର ଜନ୍ମ ଅଛି. କିନ୍ତୁ ଏହା ମୃତ୍ୟୁହୀନ । ସମୟରେ ଭିତ୍ତି ମଧ୍ୟ ପରାକାଷ୍ଠା ହାସ ଏହା କାଳଜୟୀ । ଏହି ସତ୍ୟ ଓ ସମ୍ଭବର ସାଧାରଣ ନିର୍ଦ୍ଦେଶ ମୃତ୍ୟୁକୁ ଚିରନ୍ତନ, ଅନ୍ତହୀନ, ସଙ୍ଘର୍ଷ ପରିପେକ୍ଷୀରେ କଳ୍ପନା କରି ସନେଟ ସୃଷ୍ଟି କରାଯାଇ ଥାଏ । କ୍ୱାଟ୍ରେନଗୁଡ଼ିକ ଏହି ସଙ୍ଘର୍ଷର ସୃଷ୍ଟପାତ ବିରୁଦ୍ଧଭାବ ଓ ମୃତ୍ୟୁହୀନ ପ୍ରେମର ଅବତାରଣା କରିଥାନ୍ତି ଓ କପ୍‌ଲେଟ ସର୍ବଥା ଏହି ମୃତ୍ୟୁହୀନ ପ୍ରେମର ଜୟଗାନ କରିଥାଏ । ପ୍ରେମ, ସମୟ ଓ ମୃତ୍ୟୁ ଦୈହିକ ନୁହନ୍ତି, ବରଂ ଦେହୋତ୍ତର, ତେଣୁ ସପ୍ତଦଶ ଶତାବ୍ଦୀରେ ଜନ୍ ଡନ୍‌ଙ୍କ କବିତାରେ ଯେଉଁ ଦେହ ସମ୍ବନ୍ଧୀୟ ବିଳାସିତା ଦେଖାଯାଇ ଥାଏ—ଯଦିଓ ଆତ୍ମମୁଖ୍ୟ ଦେହହୀନତାକୁ ଉତ୍ତରଣ—ଏଲିଜାବେଥାନ୍ ସନେଟରେ ତାହା ଦେଖାଯାଏ ନାହିଁ । କାରଣ କବି ମାନସ ଏକ ଅନ୍ୟ ପୃଥିବୀରେ ଏକ ଅନୁପମ କାବ୍ୟିକ ଅନୁଭୂତିରେ 'ମଗ୍ନ'। ଗୁରୁପ୍ରସାଦ,

Digitized by srujanika@gmail.com

ଏଲିଜାବେଥ ଯୁଗର ସନେଟ୍‌ର 'କାସ୍ପା' ନିଜର ବୋଲି ଗ୍ରହଣ କରିଛନ୍ତି । ସେ କେତେଦୂର ତାହାର 'ଅମ୍ଭିକ ଭାବକୁ ଗ୍ରହଣ କରିଛନ୍ତି, ଆଲୋଚନା କରାଯାଇ ପାରେ । ଏହି କ୍ଷେତ୍ରରେ ସନେଟ-ଗୁଡ଼ିକର ଅନ୍ତଃ ବିକାଶ ଓ ପରିଣତି ଦିଗକୁ ଧ୍ୟାନ ସମ୍ପ୍ରସାରିତ ଗତି ମଧ୍ୟ ଲକ୍ଷଣୀୟ ।

ଗୁରୁପ୍ରସାଦଙ୍କ ସମୁଦାୟ ଦଶଟି ସନେଟକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଏହି ବିଭାଜନ ସନେଟମାନଙ୍କର କାବ୍ୟିକ ସଫଳତା ଉପରେ ଆଧାରିତ । କାରଣ କେତେକ ସନେଟ୍ କଳାତ୍ମକ ଦୃଷ୍ଟିରୁ ଖୁବ ସଫଳ ମନେହୁଅନ୍ତି ଓ ଅନ୍ୟଗୁଡ଼ିକ ଅସଫଳ । ଏହା ଲକ୍ଷ୍ୟ କରିବାର କଥା ଯେ ସନେଟ୍‌ଗୁଡ଼ିକ ଭିତରେ ଦେଇ କୌଣସି ଏକ ଚିନ୍ତାର, ସୁସଂହତ କ୍ରମବିକାଶ ଘଟିପାରି ନାହିଁ । ପ୍ରଥମ ସନେଟ୍‌ରୁ ଦଶମ ସନେଟ ପର୍ଯ୍ୟନ୍ତ ଚିନ୍ତାଗତ ବିଭିନ୍ନତା ସୁସ୍ପଷ୍ଟ । ତେଣୁ କବି ଗୁରୁପ୍ରସାଦଙ୍କ କବି ମାନସର ବିକାଶ ଦିଗରେ କୌଣସି ବିଶେଷ ସୂଚନା ଏଥିରୁ ମିଳିପାରେ ନାହିଁ । ଚିନ୍ତାର ବିଭିନ୍ନତା, ଭାବଗତ ବୈଚିତ୍ର୍ୟ, ଏବଂ କେତେକ କ୍ଷେତ୍ରରେ ଅନୁଭୂତିର ଦୈନ୍ୟ, ସଚେତନ ପାଠକକୁ ଅସନ୍ତୁଷ୍ଟ କରାଏ । ତାଙ୍କର ଅନ୍ୟାନ୍ୟ କବିତା ପରିପ୍ରେକ୍ଷୀରେ ସନେଟ୍-ମାନଙ୍କର ମୂଲ୍ୟାୟନ କଷ୍ଟସାଧ୍ୟ ମନେହୁଏ କାରଣ ସନେଟଗୁଡ଼ିକର ଅନ୍ୟ କବିତାମାନଙ୍କ ସହ ଭାଷାଗତ ନିବିଡ଼ତା ବେଶ୍ ସାନ୍ଦ୍ର ଥିବା ସ୍ଥଳେ ଚିନ୍ତାଗତ ଐକ୍ୟ, ବିଷିପ୍ତତା ହେତୁ ସେତେଟା ସୁସ୍ପଷ୍ଟ ନୁହେଁ ।

ସନେଟ ୪, ୭, ୯, ୧୦, ମନେହୁଅନ୍ତି ବେଶ୍ ଦୁର୍ବଳ । ସନେଟ-୪ର ଆଧାର ହେଉଛି ପ୍ରେମ । କିନ୍ତୁ ପ୍ରେମ ଏଠାରେ

Digitized by srujanika@gmail.com

ଅତ୍ୟନ୍ତ ଦେହଜ, ଦେହକୈନ୍ଦ୍ରିକ ଓ ଦେହରେ ସୀମିତ । ପ୍ରଥମ କ୍ୱାଟ୍ରେନଟି କେମିତି ଏକ ଉଦାସ,କାତର ଭାବ ସୃଷ୍ଟି କରେ । କିନ୍ତୁ 'ମନର ରକ୍ତମାଂସ ଚମର ପୋଷାକ' ନିସ୍ତେଜ ପୃଥିବୀର ଦେହ ଛୋଡ଼ି ହୋଇ ଶୋଇପଡ଼େ…' 'ଏକାକାର ସମସ୍ତର ଦେହ ଓ ଅଦେହ…' ଇତ୍ୟାଦିରେ ଲୁକ୍‌କାୟିତ ଦେହଜଭାବ ଦ୍ୱିତୀୟ କ୍ୱାଟ୍ରେନରେ ସ୍ପଷ୍ଟ ଭାବରେ ସମ୍ଭୋଗଧର୍ମୀ ଚିତ୍ରକଳ୍ପ 'ମୋ ଦେହର ସ୍ୱାସ୍ଥ୍ୟ ଆଜି ରକ୍ତ ମାଂସ ଚମର ପୋଷାକ / ଝପିପଡ଼ୁ ଉପେକ୍ଷିତ ବିସର୍ଜିତ ତୁମର ଦେହରେ',ର ପୂର୍ବ ସୂଚନା ମାତ୍ର । ଏଥିରେ ସ୍ୱପ୍ନ ଏକ ଉତ୍କଣ୍ଠା ଓ ପ୍ରତ୍ୟାଶାରେ ପରିଣତ ହୋଇଛି । ଅମୂର୍ତ୍ତତା (Abstraction) ଓ ଇଚ୍ଛା-ଚରିତାର୍ଥତା (wishfulfilment)ରୁ ବହୁ ଦୂରେ ଦେହକୈନ୍ଦ୍ରିକ ତୃତୀୟ କ୍ୱାଟ୍ରେନରେ । 'ପୃଥିବୀର ଏ ଦେହରେ ଖୋଜି ଖୋଜି ମୁଁ ତୁମର ମନର ସନ୍ଧାନ / ଆଜି ହୁଏ ଉପଗତ ଉପକୂଳେ ତୁମର ଦେହର ।' ତାପରେ ତାଙ୍କର ଅନୁସନ୍ଧାନ କେବଳ ଦେହରେ, 'ରକ୍ତେ ମୋର ଦେହର ସୀମାରେ' ଏବଂ ଯେ ଗୃହାନ୍ତ ଅମୂର୍ତ୍ତିର ରୂପକ ପ୍ରକାଶ—'ଦେହ କାହିଁ ତୁମର ମନର ? କପ୍‌ଲେଟ ଆଣେ ଶେଷ ସ୍ୱର, ନିର୍ଦ୍ଦିଷ୍ଟ ଭାବରେ; 'ମୁଁ ତେଣୁ ତୁମର ଦେହ ଖୋଜେ ମୋର ଏ ଦେହରେ ସବୁ ମୋର ଆଶା' । ପ୍ରେମ ଏଠାରେ ଦେହାଶ୍ରିତ ହେବାକୁ ଆଗ୍ରହୀ ମଧ୍ୟ ନୁହେଁ । ତେଣୁ ଚେଷ୍ଟାର ପଣ୍ଡଉଠୁ ବା କେଉଁଠୁ ? ଚିତ୍ରକଳ୍ପଗୁଡ଼ିକ ଦେହ ସମ୍ବନ୍ଧୀୟ ଓ ସମୁଦାୟ ସନେଟ୍‌ରେ 'ଦେହ'ର ପ୍ରୟୋଗ ବାରମ୍ବାର ଓ ଅର୍ଥପୂର୍ଣ୍ଣ । ଏହା ପାଠକର ରସବୋଧକୁ ସୀମିତ କରିଦିଏ ।

ସନେଟ୍‌ଟିରେ କାବ୍ୟିକ ଅନୁଭୂତିର ସରସତା ନାହିଁ, ସାନ୍ଦ୍ରତା ନାହିଁ କିମ୍ବା ସ୍ୱରର ନିବିଡ଼ତା ନାହିଁ । ପ୍ରଥମ କ୍ୱାଟ୍ରେନ୍‌

Digitized by srujanika@gmail.com

କେମିତି ଏକ ଅନିର୍ଦ୍ଦିଷ୍ଟ ଅସଲଗ୍ନତାର ତ୍ରୁଟି ହୋଇପାରେ । 'ଫାଲ୍‌ଗୁନରେ ଥିଲ କୃଷ୍ଣଚୂଡ଼ା'ରୁ 'ପୃଥିବୀର ଦେହରେ ଦେଖିଥିଲି ବନଗତିର ପାଖୁଡ଼ା'ରେ ଥିବା କାବ୍ୟିକ ରସବୋଧ ଓ ରୋମାଣ୍ଟିକ୍ ଚେତନା, 'ପୃଥିବୀର ଦୟା କ୍ଷମା ସ୍ୱପ୍ନ......, ଓ ଶାନ୍ତଥିଲ ସୁଖଥିଲି......'ସହ ସମ୍ପୂର୍ଣ୍ଣ ସମ୍ପର୍କହୀନ ମନେହୁଏ । କାରଣ ଏହା ଛନ୍ଦ ଓ ମିଳାପରେ ପଦ୍ୟ ନ ହୋଇ ଗଦ୍ୟ, ଏବଂ ଅନୁଭୂତିର ମାପ କାଠିରେ ଅପରିଚୟ ଜନକ ଶବ୍ଦ ଯୋଜନା ମାତ୍ର । ଦ୍ୱିତୀୟ କ୍ୱାଟ୍ରେନର ଶବ୍ଦ ଯୋଜନା ସୁନ୍ଦର, ତୃତୀୟ କ୍ୱାଟ୍ରେନରେ କବିଙ୍କର ଅନ୍ୱେଷଣ (Quest) କେମିତି ବାକ୍‌ବିଳାସ-ପର୍ଯ୍ୟବସିତ ମନେ ହୁଏ । 'ତୁମକୁ' ସେ 'ଦୟା' 'କ୍ଷମା' 'ଆଶା' 'ସ୍ୱପ୍ନ' ରେ ସେ ଖୋଜୁଥିଲେ । ଏଠାରେ 'ଦୟା' 'କ୍ଷମା' ଓ 'ଆଶା ସ୍ୱପ୍ନ'ର emotive potency ପରସ୍ପର ଠାରୁ ଭିନ୍ନ, ଗୁଣାତ୍ମକ ଦୃଷ୍ଟିରୁ । ତେଣୁ 'ଅନ୍ୱେଷଣ'ର ନିଷ୍ଠା ଉପରେ ସନ୍ଦେହ ଆସେ । କାରଣ ଅନ୍ୱେଷଣ କ୍ରମଃ କ୍ଷୟମାଣ ମନେହୁଏ । ତା'ପରେ 'ତୁମର ଦେହରେ କାହିଁ ଯୁଗଯୁଗ ମଣିଷର ସ୍ମୃତି'ରେ କବିଙ୍କର କେବଳ, ଏକ ଅନୁଭୂତିହୀନ, ନିଷ୍ଠାଶୂନ୍ୟ, ମହାକାଶତିକ ଭାବର ପ୍ରକାଶ ଘଟିଛି । 'ତୁମେ'ରୁ 'ଯୁଗଯୁଗ ମଣିଷର ସ୍ମୃତି' ପର୍ଯ୍ୟନ୍ତ ଗତି ସାବଲୀଳ ନୁହେଁ । ବରଂ 'ଗତି' ନାହିଁ ଆଦୌ ଏହା କେବଳ ଏକପ୍ରକାର ନିଷ୍ଫଳ ଆରୋହଣ ଓ ମିଳାପୂନର ଜବରଦସ୍ତ ପ୍ରଚେଷ୍ଟା ! କପ୍‌ଲେଟରେ ନିଜସ୍ୱ ମୃତ୍ୟୁ କାମନା ଓ 'ତୁମକୁ' ସ୍ୱାଭାବିକ ପରିଣତି କ୍ଷୟ ସମ୍ବନ୍ଧୀୟ ଅବଧାରିତ ସତ୍ୟ ଚେତାଇ ଦେବାର ପ୍ରୟାସ—ସନେଟ୍‌ର ସ୍ୱତଃସ୍ଫୂର୍ତ୍ତ ସ୍ୱାଭାବିକ ଉପସଂହାର ଆଦୌ ନୁହେଁ । ନିଷ୍ଠାର ଅଭାବ ଓ ଅନୁଭୂତିର ଦାରିଦ୍ର୍ୟ ଏ ସନେଟ୍‌କୁ ଏକ ବିକଳ ରୂପ ପ୍ରଦାନ କରିଛି ଯାହା । ସନେଟ୍-୧୦ର ପର୍ଯ୍ୟାଲୋଚନା ପୃଥକ୍ ହେବା ଉଚିତ କାରଣ ଏହା ସନେଟ୍‌ରେ

Digitized by srujanika@gmail.com

ସଜ୍ଜା ଓ ଗୀତଗତ ଶୃଙ୍ଖଳାର ବନ୍ଧନ ଭିତରୁ ଅନେକାଂଶରେ ବହିର୍ଭୂତ । ଧାଡ଼ିଗୁଡ଼ିକ ବିସ୍ତୃତ ଓ ଭାବ ମଧ୍ୟ ପ୍ରଗଲ୍‌ଭ । "କାଳପୁରୁଷ"ର ଠିକ୍ ପୂର୍ବରୁ ରଚିତ ★ଏହା "କାଳପୁରୁଷ"ର ପ୍ରାକ୍‌କଥନର ଭ୍ରମ ସୃଷ୍ଟି କରେ । ଶବ୍ଦ ଯୋଜନାର ଲାଳିତ୍ୟ, ଭାବଗତ ଉଦ୍‌ବେଳତା, ଭାଷାଗତ ବଳିଷ୍ଠତା, ଓ ମନୋଚାପର ଏକ ଉତ୍କଣ୍ଠାପୂର୍ଣ୍ଣ ଉଦ୍‌ଗୀର୍ଣ୍ଣଭାବ, ସନେଟ-୧୦ରେ ଲକ୍ଷଣୀୟ । ଏହାର ଦୀର୍ଘ ଧାଡ଼ିଗୁଡ଼ିକୁ ଅନାୟାସରେ ଭାଙ୍ଗି ପୁନଃସଜ୍ଜା କରାଯାଇପାରେ ଓ ଏହା କବିତାର ରସବୋଧରେ କିଛି ବାଧା ସୃଷ୍ଟି କରିବାର ସମ୍ଭାବନା ନାହିଁ । ତେଣୁ ଏହାକୁ ସନେଟ୍ ଆଲୋଚନାରେ ନିଆଯାଉ ନାହିଁ ।

ଏଥର ସଫଳ 'ସନେଟ୍'ଗୁଡ଼ିକ କଥା ଦେଖାଯାଉ । ସନେଟ୍-୧ର ପ୍ରଥମ କ୍ୱାଟ୍ରେନ୍ 'କ୍ଳାନ୍ତ' 'ସୁପ୍ତି' 'ଅନ୍ୟମନସ୍କତା' ଦେଇ ଏକ ସ୍ଥିର ଚିତ୍ରକଳ୍ପ (Static Image) ସୃଷ୍ଟି କରେ ସତ, କିନ୍ତୁ ଏହି ଆଘାତ ଗତିହୀନତା ଏବଂ 'ତାଳର ଅନ୍ଧର ବିଜନ ଦେହ' ଚିତ୍ରକଳ୍ପର ସମ୍ଭାବ୍ୟ ସୃଷ୍ଟିହୀନତା ଓ ସ୍ଥିରତା ଦେଇ ଅବକ୍ଷୟ ପ୍ରଚ୍ଛନ୍ନ । ଦ୍ୱିତୀୟ କ୍ୱାଟ୍ରେନରେ ଏହି ଅବକ୍ଷୟ ବିସ୍ତୃତ ହୁଏ । ଚାଖଣ୍ଡା 'ଶ୍ୱାସ ଦେଲ', ଫୁଟି 'ଝଡ଼ିଗଲ', ବସନ୍ତର ଚାନ୍ଦ 'ଜଳି', 'ଫେଡ଼ି' 'ନିଭିଗଲ' । ଏଠାରେ ଅବକ୍ଷୟର ଚିତ୍ର ସମ୍ପୂର୍ଣ୍ଣ । ଅବକ୍ଷୟ ଏଠାରେ ଅତ୍ୟନ୍ତ ସତ୍ୟ, ସୁନିଷ୍ଠ କିନ୍ତୁ 'ମ୍ଳାନ' ଓ ଅଳକ'ଛିନ୍ନ' । ପ୍ରଥମ କ୍ୱାଟ୍ରେନ୍‌ର 'ସୁପ୍ତି' ଓ 'କ୍ଳାନ୍ତି' ପ୍ରକୃତରେ ଏହି ଅବକ୍ଷୟର ପର ଅବସ୍ଥା । ଆଘାତ ସ୍ଥିର ଚିତ୍ରକଳ୍ପ ଏଠି ପ୍ରତିଷ୍ଠାର ପରିଣତି ଓ ଏକ ପ୍ରତିପାଦ୍ୟ ସତ୍ୟ । ତୃତୀୟ କ୍ୱାଟ୍ରେନ୍ ଏହି ଅବକ୍ଷୟର ସତ୍ୟକୁ ସମ୍ପ୍ରସାରିତ ଓ ସର୍ବବ୍ୟାପୀ କରାଏ । ତେଣୁ

* 'ସମୁଦ୍ରସ୍ନାନ' (ଲର୍କ ବୁକ୍‌ସ)ର ପ୍ରଥମ ସଂସ୍କରଣ, ୧୯୭୦

Digitized by srujanika@gmail.com

'ସମୁଦ୍ରର ହାତ ଆଙ୍ଗୁଠିଏ କାଟିକାଟି' 'ମାଂସ ଚମ ଜ୍ୱର' ହୁଏ, 'ଦୂରର ଜଙ୍ଗଲ' ମରିଯାଏ 'ଏ ବାଲିରେ'। 'କାଟିକାଟି', ଓ 'ଜ୍ୱର'ରେ ଅବକ୍ଷୟର ପ୍ରକ୍ରିୟା ସ୍ପଷ୍ଟ ଏବଂ ଜଙ୍ଗଲର ରୂପାନ୍ତର ବାଲିରେ। ଦେହ ସମ୍ବନ୍ଧୀୟ ଶବ୍ଦକଳ୍ପଗୁଡ଼ିକ ଏଣୁ ଅବକ୍ଷୟର ଉପଜୀବ୍ୟ। ତେଣୁ ଦେହୋତ୍ତର ହେବାର ପ୍ରଚେଷ୍ଟା ଏହା ଦେହର କ୍ଷୟିଷ୍ଣୁ ଭାବନାରୁ ଜନ୍ମ ନିଏ କପ୍‌ଲେଟ୍‌ରେ। ଏବଂ 'ମୁଁ ଯେତେ ତୁମକୁ ପାଏ ପାଖ ହୋଇ ମନ ଆଉ ଦେହ'ର ନିଷ୍ଠା ସନ୍ଦେହରୁ ଊର୍ଦ୍ଧ୍ୱରେ। ମନେହୁଏ କପ୍‌ଲେଟ୍‌ର ଶେଷରେ ପ୍ରଶ୍ନବାଚକ ଚିହ୍ନ ମୁଦ୍ରା ପ୍ରମାଦ ଜନିତ *କାରଣ ପ୍ରାପ୍ତି ଏଠାରେ ଦେହୋତ୍ତର ଓ ସମୟୋତ୍ତର ମଧ୍ୟ। ପ୍ରଶ୍ନବାଚୀର ଆବଶ୍ୟକତା ଏଠାରେ କାହିଁ ?

ସନେଟ୍-୨ରେ ମଧ୍ୟ ପ୍ରେମ ଦେହୋତ୍ତର। ପ୍ରଥମ ଓ ଦ୍ୱିତୀୟ କ୍ୱାଟ୍ରେନ୍ ଏକ ଆକସ୍ମିକ ଓ ଅଦ୍ଭୁତଭାବ ସୃଷ୍ଟି କରନ୍ତି। ସମସ୍ତ ପରିପ୍ରେକ୍ଷୀରେ ପ୍ରେମର ପରାକାଷ୍ଠା ଓ ତୀବ୍ରତା ପ୍ରକାଶ କରାଯାଇଛି। ଏଣୁ ବନ୍ଧୁର ସ୍ୱରୂପ ତୃତୀୟ କ୍ୱାଟ୍ରେନ୍‌ରେ ପ୍ରାଞ୍ଜଳ। 'ଅସରନ୍ତି ଏ ବାଟରେ ତୁମେ ଓ ମୁଁ ସମୟର ହାତ ମୋର ଭଲ ପାଇବାର ଯୁକ୍ତି ଆଜି ତମର ସନ୍ଦେହ।' କପ୍‌ଲେଟ୍‌ରେ 'ଦେହ' ଏକ 'ସୀମିତ ପରିଧି'. 'ଜନ୍ମ ମୃତ୍ୟୁ', 'ସମୟର ଷଡ଼ଯନ୍ତ୍ର' ଏସବୁ ଗତି-ଶୀଳ ଓ ସଂହାରାତ୍ମକ କିନ୍ତୁ ଏକମାତ୍ର ସତ୍ୟ-ସୀମିତ ଦେହ ଏ ସବୁରେ ସଂକ୍ରମିତ ହେଲାପରେ ମଧ୍ୟ-'ମୁଁ ତୁମକୁ ଭଲପାଏ'। ଭଲ ପାଇବାର ଏକାଗ୍ରତା ହିଁ ସବୁ ମଧ୍ୟରେ ଧ୍ରୁବ। ଏଣୁ ସନେଟ୍‌ର କପ୍‌ଲେଟ୍‌ରେ କାବ୍ୟିକ ନିଷ୍ଠା ଓ ପ୍ରେମଗତ ପରାକାଷ୍ଠା ସନେଟ୍‌ର କ୍ୱାଟ୍ରେନ ମଧ୍ୟ ଦେଇ ଗତି କରିଥିବା ଅନ୍ତରଙ୍ଗ ସ୍ୱର (Intimate tone)ର ସୁସ୍ଥତା

---

* 'ସମୁଦ୍ରସ୍ନାନ' (ଲକ'ବୁକ୍‌ସ)ର ପ୍ରଥମ ମୁଦ୍ରଣ, ୧୯୭୦

Digitized by srujanika@gmail.com

ଉପରେ ଭର୍ତ୍ତି କରେ । ଏହା ଏକକ ସ୍ୱରର ଅନାବିଳ ଏକାଗ୍ରତା ଏବଂ ଐକାନ୍ତିକତା ପ୍ରତିପାଦନ କରେ ।

ସନେଟ-୩ର ପ୍ରଥମ କ୍ୱାଟ୍ରେନ ଅବକ୍ଷୟର ସମ୍ଭାବନା ଓ ସୂଚନା ଦିଏ । 'ସମୟ' ଏଠାରେ ଅବକ୍ଷୟର ସୂଚକ । କ୍ଷୟପ୍ରସ୍ତ ସମୟର ଶକ୍ତି ଅବଦମିତ ଓ କ୍ଷୟ ମଦେହାଶିତ, ତେଣୁ ନଷ୍ଟ ିତ । ଦ୍ୱିତୀୟ କ୍ୱାଟ୍ରେନ ଏକ ଅନାଗତ ଭବିଷ୍ୟତର ଚିତ୍ର ଦିଏ । ଏଠାରେ ଲକ୍ଷ୍ୟ କରିବାର କଥା ଯେ କ୍ଷୟିଷ୍ଣୁ ପ୍ରକ୍ରିୟା ନିଜେ ମଧ୍ୟ କ୍ଷୟରହିତ ନୁହେଁ, କ୍ଷୟମାଣ ଅବସ୍ଥା ନିଜେ ମଧ୍ୟ ପରିବର୍ତ୍ତନଶୀଳ, ପଡ଼ ଝଡ଼ିଯିବା, ଦାନ୍ତ ଗଡ଼ିଯିବା ଭଳି ଏକ ବର୍ଦ୍ଧମାନ ଅବସ୍ଥା । ଏଇ ବର୍ଦ୍ଧମାନ ଅବସ୍ଥା ନିଜେ ନିଜକୁ ଗଡ଼ୁଡ଼ାଳିକା ପ୍ରବାହରେ କ୍ଷୟିଷ୍ଣୁ କରିଯାଏ । କ୍ଷୟ ହିଁ ସତ୍ୟ, କ୍ଷୟର ଅବଯୂବ ବା ସ୍ୱାକ୍ଷର ନୁହେଁ ତୃତୀୟ କ୍ୱାଟ୍ରେନ୍ ସେଇ ଅନାଗତ ଭବିଷ୍ୟତ ପୃଷ୍ଠଭୂମିରେ ଏକ 'କ୍ଷୟିଷ୍ଣୁ ମୁଁ'ର ଉପସ୍ଥିତ ସୂଚାଏ । କପ୍‌ଲେଟ୍‌ରେ 'ମୁଁ' ତୁମକୁ ଖୋଜିଯିବ ଆଜପରି ତଥାପି ତଥାପି ଲକ୍ଷଣୀୟ । ସମୁଦାୟ ସନେଟର ପୃଷ୍ଠଭୂମିରେ, ସମୟ ବର୍ତ୍ତମାନ ଠାରୁ ବେଶ୍ ଦୂରରେ, ଏକ ଅନାଗତ ଭବିଷ୍ୟତରେ, କିନ୍ତୁ ସମୟରେ ରହି, ସମୟୋତ୍ତର ହେବାର ବଳିଷ୍ଠ ଚେତନା କପ୍‌ଲେଟ୍‌ରେ ହିଁ ଲକ୍ଷଣୀୟ । କ୍ଷୟ ହିଁ ଏ ସଂକୀର୍ଣ୍ଣତାର କାରଣ, ତେବେ 'ଖୋଜିଯିବ··· ତଥାପି ତଥାପି' କାହିଁକି ? କ'ଣ ଲାଗି ଏ ଦୁରନ୍ତ ଜିଜ୍ଞାସା ଓ ଅନ୍ୱେଷଣ ସଂଧାନ ? ନିଶ୍ଚୟ 'ପୃଥିବୀ' ନୁହେଁ, ଯେହେତୁ ତାହା କ୍ଷୟିତ ଓ ସଂକୀର୍ଣ୍ଣ । କାବ୍ୟିକ ଆବେଗ ଓ ଦେହରୁ ଉର୍ଦ୍ଧ୍ୱଗତ ସୂକ୍ଷ୍ମସ୍ଥ ।

ସନେଟ-୫ ର କଳ୍ପନାର ଚମତ୍କାରିତା ଚମକ୍ ଆଣିଦିଏ । ପ୍ରଥମ କ୍ୱାଟ୍ରେନ୍ ଏକ ନିର୍ଜୀବ ପୃଥିବୀର ଚିତ୍ର ଦିଏ । ଏଠି ଜୀବନ ସ୍ପନ୍ଦନ ଅନେକ ଗୁଡ଼ିଏ ନାସ୍ତିବାଚକ ସ୍ଥିତି

Digitized by srujanika@gmail.com

ଘଟ ଦେଇ ପ୍ରତିପାଦିତ । ଚିନ୍ତା କଲେ ଏଗୁଡ଼ିକ ବେଶ୍ ରୋମାଣ୍ଟିକ୍ ଓ ଇଂଗିତଧର୍ମୀ । ସବୁ ଜୀବନଧ୍ୟାନ ଚିତ୍ରକଳ୍ପଗୁଡ଼ିକ ବିକଳ୍ପରେ ଏକ ଉଜ୍ଜ୍ୱଳ ଜୀବନପ୍ରୀତିର ଆଶ୍ରୟ ଦିଅନ୍ତି । କାବ୍ୟିକ ଚମତ୍କାରିତା, 'ସମୁଦ୍ରସ୍ନାଅରେ ନାହିଁ ଜୀବନର ଭଙ୍ଗାଗଡ଼ା' ରେ ଅତ୍ୟନ୍ତ ସୁନ୍ଦର । ଆକାଶ ପୃଥିବୀ, ମଣିଷ ଓ ଶାମୁକା ଦେଇ 'ସମୁଦ୍ରସ୍ନାଅ' ପର୍ଯ୍ୟନ୍ତ ନିଷ୍ପ୍ରାଣତାର ଗତି ବେଶ୍ ସହଜ ଓ ସାବଲୀଳ । ଏଇ ପୃଷ୍ଠଭୂମିରେ ଦ୍ୱିତୀୟ କ୍ୱାଟ୍ରେନ୍ ଏକ ଜଡ଼ 'ଭ୍ରମର ଦେହର କପୁଷ୍ଟିଆ କଙ୍କାଳ-' ଏବଂ 'ଦଗ୍ଧ ମୋ ଦେହର କଅଁଳ' ମଧ୍ୟରେ ଓତଃପ୍ରୋତ ସମ୍ବନ୍ଧର ସୂଚନା ଦିଏ, ଯଦିଓ 'ଜୀବନଧ୍ୟାନତା' କୌଣସି ପ୍ରକାରର ଖୋଲା ଖୋଲି ସଂବଂଧର ପ୍ରତିବଂଧକ ହୋଇଛି । ତୃତୀୟ କ୍ୱାଟ୍ରେନ୍ ପ୍ରଥମ କ୍ୱାଟ୍ରେନ୍‌ର ବିରୁଦ୍ଧ ଚିତ୍ର ଦିଏ । ଏହି ବିରୁଦ୍ଧ ଚିତ୍ର କିନ୍ତୁ ସର୍ତ୍ତଶୂନ୍ୟ ନୁହେଁ । ଏଠାରେ କେବଳ ପ୍ରାଣ ପ୍ରାଚୁର୍ଯ୍ୟର ଚିହ୍ନ । କପଲେଟ୍ ଆଣେ ଜୀବନ୍ୟାସ ଜୀବନ ଧ୍ୟାନତାରେ ଏବଂ ପ୍ରମାଣ କରେ ଯେ ଜୀବନହିଁ ପ୍ରେମ, 'ତୁମେ ଯଦି ଭଲପାଅ ତୁମେ ଆଜ ଭଲ ପାଅ' । ଏ ପ୍ରେମ ଦେହୋତ୍ତର କାରଣ କପ୍‌ଲେଟ୍ ପୂର୍ବରୁ ଦୈହିକ ଚିତ୍ରକଳ୍ପ (Physical Image) ସବୁ ବେଶ ବଳିଷ୍ଠ ଭାବରେ ପ୍ରକାଶ ପାଇଛନ୍ତି, କିନ୍ତୁ ନିଷ୍ପ୍ରାଣ ରୂପରେ । ତେଣୁ ଦେହ ନୁହେଁ ପ୍ରାଣହିଁ ସତ୍ୟ ଓ ପ୍ରାଣହିଁ ପ୍ରେମ ଓ ପରିପୂର୍ଣ୍ଣତା । ଏକ 'ଅବସ୍ଥା' ଓ ଏକ 'ସଂଭାବନା' ଭିତରେ କଣ୍ଟ୍ରାଷ୍ଟ (contrast) ଅତି ପ୍ରାଞ୍ଜଳ ଓ କାବ୍ୟିକ ଅନୁଭୂତି ବେଶ ପ୍ରାଣବଂତ ।

ସନେଟ୍‌-୭ର ଶବ୍ଦକଳ୍ପଗତ ଦୁର୍ବଳତା ସନେଟ୍‌କୁ ଅପରିପକ୍ୱ ମନେ କରାଏ । 'ପୃଷ୍ଠା', 'ଚିଠି', 'ଖାତା', 'କାଗଜ', 'ଲେଟର' 'ଛପା' 'ଗ୍ରେଟ୍ ଗ୍ରେଟ୍ ଅକ୍ଷର', 'ଯମକ', 'ଅନୁପ୍ରାସ', 'ଅଳଙ୍କାର',

Digitized by srujanika@gmail.com

'ବର୍ତ୍ତିନୀ ଗୃହୁଣୀ', 'ବ୍ୟାକରଣ', 'ଯନ୍ତ୍ରପାତ', 'ସମସ୍ତର ପୃଷ୍ଠା', ଇତ୍ୟାଦି ଉପମା ଏକ ଅତ୍ୟନ୍ତ ସୀମିତ ଅନୁଭୂତି, ଓ ଚିନ୍ତାଗତ ଦୈନ୍ୟର ସୂଚନା ଦିଅନ୍ତି । ଏପିକ୍ (Epic) ଢାଞ୍ଚାରେ ଗୋଟିଏ ଇମେଜ୍ର ସଂପ୍ରସାରଣ କିନ୍ତୁ ଏକ ଅନାବଶ୍ୟକ ସ୍ତର ପର୍ଯ୍ୟନ୍ତ ଗତି କରିଚି, ଯେଉଁଠି ଇମେଜ ଅନୁଭୂତି ପ୍ରକାଶରେ ଏକ ପ୍ରତିକୂଳ ଅବସ୍ଥା ସୃଷ୍ଟି କରୁଚି । ଇମେଜ୍ ବାହକ (vehicle) ନ ହୋଇ ବଣ୍ୟ ଦଂଚଟା ସୃଷ୍ଟି କରେ । ଇମେଜ୍ରେ ମୌଳିକତାର ଅଭାବ ଓ ଲଳିତ୍ୟହୀନତା ସୁସ୍ପଷ୍ଟ । କେବଳ କପ୍ଲେଟ୍ର ଅନ୍ତର୍ନିହିତ ସ୍ୱର ଏ ସନେଟ୍ର ଏକମାତ୍ର ରକ୍ଷା କବଚ । ଏହି ସ୍ୱର ମଧ୍ୟ ଦେହାଶ୍ରିତ ।

ସନେଟ୍-୮ ର ପ୍ରଥମ କ୍ୱାଟ୍ରେନ୍ରେହିଁ ଏ contrastର ଆରମ୍ଭ । 'ଅରୁନ୍ଧତୀ', 'ସପ୍ତଋଷି', 'ସ୍ୱାତୀ', 'ଶତଭିଷା', ଏକ ସ୍ଥିର, ପରିବର୍ତ୍ତନହୀନ ସ୍ଥାୟିତ୍ୱର ନିୟାମକ । ଏବଂ 'କାମନା', 'ଆଶା', 'ସକଳ ପିପାସା', ଏହାର ବିରୁଦ୍ଧାତ୍ମକ ଚିତ୍ର ଦିଅନ୍ତି । ଏଠାରେ ଉପଭୋଗ୍ୟ ପ୍ରେମ ନୁହେଁ, ଶାନ୍ତ । ଦ୍ୱିତୀୟ କ୍ୱାଟ୍ରେନ୍ରେ ମଧ୍ୟ 'ଚିରନ୍ତନ' ଓ 'କ୍ଷୟମାନ' ର ସାକାର ଚିତ୍ର ଦିଏ, 'କେନ୍ଦ୍ର ଯଦି ସ୍ଥିର ରହେ, ସ୍ଥିର ରହେ ବାଟ ଓ ଅବାଟ'ର ଅବଧାରଣା କରେ । ତୃତୀୟ କ୍ୱାଟ୍ରେନ୍ କାବ୍ୟିକ ଅନୁଭୂତି ଓ ଚେତନଶୀଳତାର ଅନୁଶୀଳନ କରେ । କପ୍ଲେଟ୍ର ସ୍ୱର ବିଫଳତାର (failure) କିନ୍ତୁ ହତାଶାର (despair) ନୁହେଁ । କାରଣ ମୁକ୍ତି ପାଇଁ ଅନ୍ୱେଷଣ(Quest) ସରିନାହିଁ । ଏ ବ୍ୟାକୁଳତା ହିଁ ଏ ସନେଟ୍ରେ ବୈଷମ୍ୟ । ଏ ସନେଟ୍ରେ ଦେହଜ ଭାବ ନାହିଁ ।

ସନେଟ୍-୯ ର ପ୍ରଥମ ଓ ଦ୍ୱିତୀୟ କ୍ୱାଟ୍ରେନ୍ ସ୍ୱପ୍ନର ଚିତ୍ରକଳ୍ପରେ ପରିପୂର୍ଣ୍ଣ । ଦ୍ୱିତୀୟ କ୍ୱାଟ୍ରେନ୍— ଯେହେତୁ ତାହା

Digitized by srujanika@gmail.com

ବ୍ୟକ୍ତିଗତ ସ୍ୱପ୍ନର ଭାବ ପ୍ରକାଶ କରେ, —ସଂବେଦନଶୂନ୍ୟ ଓ ଭାବ ପ୍ରକାଶରେ ନିବଦ୍ଧ। କିନ୍ତୁ ପ୍ରଥମ କ୍ୱାଟ୍ରେନ୍ 'ଭ୍ରମ' ସୃଷ୍ଟି ସାର ସ୍ୱପ୍ନର ସ୍ୱଭାବ ହୁଏ। ତେଣୁ କେତେକାଂଶରେ ତାହା ଆଦର୍ଶାୟିତ (Idealised) ଏବଂ ବକ୍ର(indirect) ଅଦ୍ଭୁତ ସମ୍ଭାବନା, ଯଥା ଭ୍ରମ ଆଖି ତାରା ନିଶାନ୍ତର ନିସ୍ତେଜ ତଗରରେ ରୂପାନ୍ତରିତ, ବା ଓଠର ଚୁମ୍ବନ ଫୁଲକଢ଼ି……ବସନ୍ତର ଫୁଲର ଗହଣା…… ଇତ୍ୟାଦି ସ୍ୱପ୍ନର ପ୍ରଭାବକୁ ଖୁବ୍ ଶାଣିତ ଭାବରେ ପ୍ରକାଶ କରନ୍ତି। ସଂଭାବନାର ରଙ୍ଗୀନ ଓ ରୋମାଣ୍ଟିକ୍ ପୃଷ୍ଠଭୂମିରେ ସ୍ୱପ୍ନ ସ୍ପଷ୍ଟ (definite) ହୁଏ। ତୃତୀୟ କ୍ୱାଟ୍ରେନ୍‌ର ନାଟକୀୟତା ଲକ୍ଷଣୀୟ। ଏଠାରେ ସ୍ୱପ୍ନକୁ ନିସ୍ପୃହ ଏକ କାଳ୍ପନିକ ପ୍ରତିକୂଳ ପରିବେଶର ଶିକାର। ତଥାପି ବିରହ ଅବଦମିତ ଓ ଅପ୍ରଶମିତ, କାରଣ ଏହା ଝୁରୁଥିବ 'ଶରଦିନ ମୋର ଠେ ପ୍ରେମରେ ନାଟକ ଓ କବିତା ଲେଖାରେ'। ଏଇଟି ମନେହୁଏ; ହୁଏତ ବନ୍ଧେ ଏକ କାବ୍ୟିକ ବିଳାସ ଯାହା ଅନୁଭୂତିହୀନତାରୁ ପ୍ରସୂତ କିମ୍ବା ଏକ ଶସ୍ତା ରୋମାଣ୍ଟିକ୍ ବ୍ୟାଧି- ଯାହା ପ୍ରଶମିତ ହେବାର ନୁହେଁ। କିନ୍ତୁ ଏ ପ୍ରଶ୍ନର ସମାଧାନ ଘଟିଛି କପ୍‌ଲେଟ୍‌ରେ 'ଭ୍ରମର ଦେହରେ' ବିବର୍ଣ୍ଣ ବସନ୍ତ ପୁଃ ଓ ସମଟଃ ହନୁମାଣ, 'ଯାଏ ପଥ ଝୁରି ଦେଇ'।।ଏହା ଦେହର ନଶ୍ୱରତା ସୂଚାଇ ଦିଏ ଅଥଚ 'ଆଜି ମୋର ଏଦେହରେ ଭ୍ରମର ଏ ବସନ୍ତର ରକ୍ତସ୍ରୋତ ଜମିନାହିଁ ମୋଟେ କମିନାହିଁ', ଏକ ସ୍ଥାୟୀ, ପରିବର୍ତ୍ତନହୀନ ଆବେଗମୟତାର ଶିକାର ହୁଏ। ଯେହେତୁ ଦେହର ସ୍ୱପ୍ନ ଏ ପ୍ରକାର ଆବେଗକୁ ପ୍ରତିହତ କରିପାରି ନାହିଁ ତେଣୁ ମନେହୁଏ ଆବେଗ ଦେହୋତ୍ତର।

Digitized by srujanika@gmail.com

ଏହି ଆଲୋଚନାରୁ ଲକ୍ଷ୍ୟ କରଯାଏ ଯେ ଗୁରୁପ୍ରସାଦଙ୍କ ସନେଟ ଗୁଡ଼ିକ ଅଧିକ ପରିମାଣରେ ଆବେଗ ପ୍ରସୂତ । ବୁଦ୍ଧି ଓ ମୁକ୍ତପ୍ରବଣତାର ପ୍ରୟୋଗ ପରିମିତ ଓ ସନେଟ୍ ଗୁଡ଼ିକ ପାଠକର ହୃଦୟକୁହିଁ ପ୍ରଥମେ ସ୍ପର୍ଶ କରନ୍ତି । କିନ୍ତୁ ସନେଟ୍‌ର ଅନୁଭୂତି ଗୁଡ଼ିକର କ୍ୟାନ୍‌ଭ୍ୟାସ୍ ନିଶ୍ଚୟ କ୍ଷୁଦ୍ର । ଏଥିରେ କାବ୍ୟିକ ଅନୁଭୂତିର ନିବିଡ଼ତା ଅଛି ସତ, କିନ୍ତୁ ବୈଚିତ୍ର୍ୟ ନାହିଁ । ଅନୁଭୂତି ସୀମିତ, ଓ ପ୍ରେମ— ଦେହ ଓ ଦେହୋତ୍ତର ଆବେଗ ସମ୍ବଳିତ ଓ ହୃଦୟ କୈନ୍ଦ୍ରିକ—ହିଁ ମୁଖ୍ୟ ଅନୁଭୂତି । 'ସମୟ' ଓ 'ମୃତ୍ୟୁ'ର ଅବତାରଣା 'ପ୍ରେମ' ପରିପ୍ରେକ୍ଷୀରେ ମାତ୍ର । 'ସ୍ୱପ୍ନ' ପ୍ରେମର ଅବିନଶ୍ୱରତା ପ୍ରତିପାଦନ ନିମନ୍ତେ contrast ରୂପେ ବ୍ୟବହୃତ । ସନେଟ୍ ଗୁଡ଼ିକର ପୃଷ୍ଠଭୂମିରେ ଅଛି ଏକ ଆଚ୍ଛନ୍ନ ସକରୁଣ ଭାବ । ତେଣୁ ଏକକ ସ୍ୱର, ଏକ ନିର୍ଜନ ଓ ଶବ୍ଦହୀନ ପୃଷ୍ଠଭୂମିରେ ଅତ୍ୟନ୍ତ ସ୍ପଷ୍ଟ । ଇମେଜ୍ ଗୁଡ଼ିକ 'ନଥର' ତାଙ୍କ ଭଙ୍ଗୀ । ସୃଷ୍ଟି ପ୍ରକ୍ରିୟା ଏତେଧୀର ଯେ ତାହା ଜଣେ । ମନେ ହୁଏ, ଏହି ଆଚ୍ଛନ୍ନ ସକରୁଣ ଭାବ କେବଳ ବ୍ୟଞ୍ଜନାତ୍ମକ ନୁହେଁ, ଏହାହିଁ ସନେଟର ଆତ୍ମା । ଇମେଜ୍ ଗୁଡ଼ିକ ପ୍ରାୟତଃ ପରମ୍ପରା-ଗତ ଓ ପ୍ରାକୃତି ମଧ୍ୟ । ତାରା,ବାଲି,ଫୁଲ, ଶିଶିର, ଆଷାଢ଼, ଆକାଶ, କୁହୁଡ଼ି,ମେଘ, ପୃଥିବୀ, ଶାମୁକା, ଝଡ଼, ରାତି, ଉର୍ବରତା,ଆଖିବ୍ୟଥା, ଶ୍ରାବଣ, କୃଷ୍ଣଚୂଡ଼ା, ବଉଦ, ସମୟ, ଗନ୍ଧ, ଅରୁନ୍ଧତୀ, ସପ୍ତ-ଋଷି ସ୍ୱାତି, ଶତଭିକ୍ଷା, ପନ, ଅସ୍ପଷ୍ଟ ଶବ୍ଦ, ମର୍ମରିତ ନିଶ୍ୱାସ, କୁହୁଡ଼ି ଓଢ଼ଣା,ଫୁଲର ଗହଣା,ମୂର୍ମୂର୍ଷୁ ଦିଗନ୍ତ ସ୍ମୃତି ହେଉଛନ୍ତି ମୁଖ୍ୟ ବା ପ୍ରାପ୍ତ ସମୁଦାୟ ଇମେଜ୍, ସନେଟ ଗୁଡ଼ିକରେ ।

Digitized by srujanika@gmail.com

ଏଠାରେ ଲକ୍ଷ୍ୟ କରିବାର କଥା ଯେ ଏହି ପାରମ୍ପରିକ ଇମେଜ ମାନେ ପ୍ରତ୍ୟେକ Emotive ଓ potent । ଏମାନେ ଏକ ନିର୍ଦ୍ଦିଷ୍ଟ ଭାବ ଓ ମୂଲ୍ୟବୋଧର ପରିପୂରକ । ତେଣୁ ଚଳାନୁଗତିକ ନହୋଇ ଏମାନେ ପ୍ରକାଶ ଧାରାରେ ଉଜ୍ଜ୍ୱଳତା ଆଣି ଦିଅନ୍ତି । ପ୍ରେମ ମଧ୍ୟ ଏକ ଚିରନ୍ତନ ଭାବେ ଛୁଏଁ । ତେଣୁ ଇମେଜ-ମାନେ ଭାବ ଓ ପ୍ରକାଶଧାରା ମଧ୍ୟରେ ସନ୍ତୁଳନ ରକ୍ଷା କରନ୍ତି । କ୍ଷୟ ସମ୍ବନ୍ଧୀୟ ଇମେଜ୍ ଗୁଡ଼ିକରେ ଗୁରୁପ୍ରସାଦଙ୍କ ମୌଳିକତା ଉଜ୍ଜ୍ୱଳ । ଇମେଜ ଗୁଡ଼ିକ ମଧ୍ୟରୁ ଅଧିକାଂଶ ସମୟସତ୍ତ୍ୱ ଓତଃପ୍ରୋତ ଭାବେ ସମ୍ପର୍କିତ ।

—●—

Digitized by srujanika@gmail.com

ଗୁରୁପ୍ରସାଦଙ୍କ କବିତା ଓ 'ମେଜର୍ ପୋଏଟ୍ରି'

ତାରିଣୀ ଚରଣ ଦାସ

କବି ଗୁରୁପ୍ରସାଦ ଯେଉଁ ଇଲିଅଟ୍‌ଙ୍କ ଦ୍ୱାରା ଉଦ୍‌ବୁଦ୍ଧ ତାଙ୍କର ଭାଷାରେ କହିବାକୁ ଗଲେ—"Immature poets imitate, mature poets steal; bad poets deface what they take, and good poets make it into some thing better, or at least some thing different . [Selected Essays, Faber and Faber .]

ଏଣୁ 'କାଳପୁରୁଷ' କବିତାରେ ଯେଉଁ କଥାଟି ପ୍ରକୃତରେ ପ୍ରଯୁଜ୍ୟ ତାହା ପାଠକେ ନିଜେ ବିଚାର କଲେ ଭଲ ।

ସଚ୍ଚିଦାନନ୍ଦ ରାଉତରାୟ ସ୍ୱଚ୍ଛନ୍ଦତାବାଦ, ପ୍ରଗତିବାଦ ଓ ପ୍ରୟୋଗ-ବାଦର ପତାକା ନେଇ ୧୯୪୭ରେ 'ପାଣ୍ଡୁଲିପି' ପ୍ରକାଶିତ କରି ଓଡ଼ିଆ କାବ୍ୟ କ୍ଷେତ୍ରରେ ନୂତନ ପ୍ରାଣର ସଞ୍ଚାର କରିଥିଲେ ସତ; କିନ୍ତୁ ସେ ଜୀବନାନନ୍ଦ ଦାଶଙ୍କ ପ୍ରଭାବରୁ ମୁକ୍ତ ହୋଇପାରିନଥିଲେ । ତେବେ ସେ ଇଲିଅଟ୍ ପ୍ରଭାବିତ ବିଷ୍ଣୁ ଦେଙ୍କ ଠାରେ ଅତ୍ମ ବିଜୟ କରି ନଥିଲେ । କବି ଗୁରୁପ୍ରସାଦ ଇଂରେଜୀ ସାହିତ୍ୟର ଛାତ୍ର ଓ ଅଧ୍ୟାପକ ହିସାବରେ ଟି. ଏସ୍. ଇଲିଅଟ୍‌ଙ୍କୁ ଓଡ଼ିଆରେ ପରିବେଷଣ କଲେ କବିତା ମାଧ୍ୟମରେ । 'ନୂତନ କବିତା'ର କେତୋଟି କବିତା ଏବଂ 'କାଳପୁରୁଷ' ପ୍ରଭୃତି ତାଙ୍କର ଜ୍ୱଳନ୍ତ ସାକ୍ଷର । ଯେହେତୁ 'କାଳପୁରୁଷ' "ୱେଷ୍ଟଲେଣ୍ଡ"ର ଏକ ଓଡ଼ିଆ ଏଡ଼ିସନ ମାତ୍ର । ବୈଦେଶିକ ଶୈଳୀର ନୂତନ ପ୍ରୟୋଗ ହେଲେ ହେଁ କବିତାଟି 'ୱେଷ୍ଟଲେଣ୍ଡ'ର ଅନୁକରଣ, ଅନୁସରଣ ଉପରେ ନିର୍ଭରଶୀଳ— ଏଥିରେ Something new କିମ୍ବା Differentର ସ୍ୱର ଅତ୍ୟନ୍ତ କ୍ଷୀଣ ।

Digitized by srujanika@gmail.com

ରହିଲା ଅନ୍ୟାନ୍ୟ କବିତା । ଏଗୁଡ଼ିକରେ ଏଲିଅଟ୍‌ଙ୍କ କଥନ ('Poetry should be felt before it is understood')ର ପୂର୍ଣ୍ଣ ସଫଳ ପ୍ରୟୋଗ କରାଯାଇଛି । କବି ଗୁରୁପ୍ରସାଦଙ୍କ କବିତାରେ ବଳିଷ୍ଠ ସଂପ୍ରେଷଣା ବା ପ୍ରେଷଣୀୟତା (Communicability) ରହିଛି । ଏହା କବିତା ବୁଝିବା ଆଗରୁ ଗଭୀର ଭାବବୋଧ ସ୍ତରରେ ପାଠକକୁ ଉପନୀତ କରାଇ ପାରୁଛି ଏବଂ ସେ ବୁଝିବା ନବୁଝି, ଗୁରୁପ୍ରସାଦଙ୍କ କବିତା ତାକୁ ନିବିଡ଼ତର ଭାବରେ ଅନୁଭୂତ କରାଇ ପାରୁଛି । ଅତଏବ ଅର୍ଥବୋଧ ପୂର୍ବରୁ ଭାବବୋଧ ଆଡ଼କୁ ଟାଣି ନେବା ଅପୂର୍ବ ଦକ୍ଷତା ଏବଂ ପରଂପରା, ପ୍ରତୀକ, ରୂପକଳ୍ପ, ଆଦ୍ୟକଳ୍ପ (ଆର୍କିଟାଇପ୍) ଓ ଦନ୍ତକଥାମାନଙ୍କର ଐନ୍ଦ୍ରଜାଲିକ ବାତାବରଣ ଭିତରେ ଆତ୍ମିକ ଭାବକୁ ଉଦ୍‌ବୁଦ୍ଧ କରିବା କ୍ଷମତା ହେଲ ତାଙ୍କ କବିତାର ସ୍ୱକୀୟ ବୈଶିଷ୍ଟ୍ୟ । କବିଙ୍କ କାବ୍ୟସମ୍ଭାର ବିଶେଷ ନ ହେଲେହେଁ ତାଙ୍କ କାବ୍ୟ ଶୈଳୀରେ ସ୍ୱାତନ୍ତ୍ର୍ୟ ଅବଶ୍ୟ ପରିଲକ୍ଷିତ ହୁଏ ।

ସଚ୍ଚି ରାଉତରାୟ ରୂପକଳ୍ପର ପ୍ରୟୋଗ ପ୍ରଥମେ କରିଥିଲେହେଁ ଦନ୍ତକଥା, ପୌରାଣିକ ପ୍ରତୀକ, ଖଣ୍ଡିତ ରୂପକଳ୍ପ, ଅସମ୍ବଦ୍ଧତା ଓ ସଂବେଗ-ପାରମ୍ପର୍ଯ୍ୟ ପ୍ରଭୃତିର ପ୍ରୟୋଗ ପ୍ରଥମ କରି ଆମେ ଗୁରୁପ୍ରସାଦଙ୍କଠାରେ ଦେଖିଥାଉଁ । ଏହାଙ୍କପରେ ଫ୍ରାନ୍ସ ପ୍ରତୀକବାଦୀମାନଙ୍କ ବ୍ୟକ୍ତିଗତ ପ୍ରତୀକର ପ୍ରୟୋଗ, ବ୍ୟାକରଣିକ ଉଲ୍ଲଙ୍ଘନ, ଯୌନ ପ୍ରତୀକ ପ୍ରଭୃତି ରମାକାନ୍ତଙ୍କଠାରେ ଏବଂ ପରଂପରା, ଆଦ୍ୟକଳ୍ପ, ଲୋକଭାଷା ଓ ବାକ୍ୟଗଠନର ସମୀକରଣ ସୀତାକାନ୍ତଙ୍କଠାରେ ଦୃଷ୍ଟ ହୁଏ । ଏଣୁ ଗୋଟିଏ ବାକ୍ୟରେ କୁହାଯାଇପାରେ ଯେ 'ନୂତନ କବିତା'ର ପ୍ରବର୍ତ୍ତକ ଗୁରୁପ୍ରସାଦଙ୍କ ସାଧନା ଓ ସୃଷ୍ଟି ସୀମିତ ହେଲେହେଁ ତାଙ୍କ ପ୍ରୟାସ ଓ ପ୍ରୟୋଗର ଐତିହାସିକ ମୂଲ୍ୟ ରହିଛି—ଏଥିରେ ସନ୍ଦେହର ଅବକାଶ ନାହିଁ । ଏକ ପକ୍ଷରେ ତାଙ୍କ କାବ୍ୟିକ ପ୍ରୟୋଗ ସଚ୍ଚି ରାଉତରାୟଙ୍କ ପ୍ରଭାବରୁ ଓଡ଼ିଆ କବିତାକୁ ମୁକ୍ତ କରିଛି ଏବଂ ନୂତନ କବିଗଣଙ୍କୁ ସୃଜକ୍ଷମ କଳ୍ପନାରେ ପ୍ରେରଣା ଦେଇ ଆସିଛି ।

'ସମୁଦ୍ରସ୍ନାନ' ପଢ଼ିବା ପରେ କବିଙ୍କ ପ୍ରତିବଦ୍ଧତା ବିଷୟରେ କେତୋଟି ପ୍ରଶ୍ନ ଉଠେ । ତାଂକ କବିତାରେ ବ୍ୟବହାର୍ଯ୍ୟ ଶବ୍ଦ ଭିତରୁ

Digitized by srujanika@gmail.com

'ଟେଲିଗ୍ରାମ' ଓ 'ବାଲ୍‌କନି'ର ବହୁଳ ପ୍ରୟୋଗ ଦେଖାଯାଏ । ଏହାକୁ ଶବ୍ଦଗତ ପ୍ରତିବଦ୍ଧତା କୁହାଯାଇପାରେ । କିନ୍ତୁ 'କପୋତ କପୋତୀ' 'ଗୋବର ଗଣେଶ' ଓ 'ପ୍ରିୟନାୟକ' ପ୍ରଭୃତି କବିତାରେ ଇଲିଏଟ୍‌ଙ୍କ ପରି ଆଧୁନିକ ଜୀବନର ଅନ୍ତଃସାରଶୂନ୍ୟତା, କୃତ୍ରିମତା ଏବଂ ଅସଫଳ ପ୍ରେମ-ଜନିତ ନିରାଶା ପ୍ରତି ପ୍ରତିବଦ୍ଧତା ସୂଚିତ ହୁଏ ।

କେହି କେହି ଆଲୋଚକ ଗୁରୁପ୍ରସାଦଙ୍କ କବିତା ଆଲୋଚନା କଲାବେଳେ ମେଜର ପୋଏଟ୍ କଥା ଉଠାଇଛନ୍ତି । ଓଡ଼ିଶା କିମ୍ବା ଭାରତରେ ବର୍ତ୍ତମାନ ମେଜର ପୋଏଟ୍ କାହାନ୍ତି ? ରବୀନ୍ଦ୍ରନାଥଙ୍କ ପରେ ପରେ ସମନ୍ୱୟ ଓ ସ୍ୱୀକରଣରେ ମାତ୍ର ଏତେ ନାମ ଯେ ଭାରତୀୟ କବି ପାଶ୍ଚାତ୍ୟ ଜଗତକୁ କିଛି ଦୋହଲାଏ ନୂଆ କରି ଦେଖାଇ ପାରୁ ନାହିଁ । ଏହା କେବଳ ଅନୁଭୂତିଗତ ଗଭୀରତା, ଅଭିବ୍ୟକ୍ତିଗତ ସଫଳତା ଏବଂ ଅନ୍ତଃଚେତନାର ପରିପକ୍ୱତା ଉପରେ ନିର୍ଭର କରେ । କିନ୍ତୁ ସମସ୍ତେ ଧାଇଁଛନ୍ତି ପଶ୍ଚିମକୁ ମୁହଁ କରି ଇଲିଅଟ୍ ଓ ପାଉଣ୍ଡଙ୍କୁ ଗୁରୁ ମନେକରି । ତେଣୁ କେତେକ କବିଙ୍କଠାରେ ସ୍ଥାନେ ସ୍ଥାନେ ନୂତନତ୍ୱ ଦୃଷ୍ଟି ହେଲେହେଁ ପରିପକ୍ୱତା ଆଉରି ଆସିପାରିନାହିଁ । ମୋ ଜାଣିବାରେ ମେଜର ପୋଏଟ୍‌ର ଅଧିକାଂଶ ନିଜସ୍ୱ ଏବଂ ଅଧିକାଂଶ ନୂତନ ହେବା ଦରକାର—ଯାର ପ୍ରଭାବ ଯୁଗ ଯୁଗ ଧରି ସ୍ଥିର ନହେଲେ ହେଁ ଅନ୍ତତଃ ସମସାମୟିକ ଭାଷା ଓ ସାହିତ୍ୟମାନଙ୍କ ଉପରେ ପଡ଼ିବା ଆବଶ୍ୟକ । ଏଣୁ କବି ଅନ୍ୟର ପ୍ରଭାବକୁ ଯେତେଶୀଘ୍ର ଅସ୍ୱୀକାର କରି ସ୍ୱକୀୟ ପ୍ରଭାବ ଅନ୍ୟ ଉପରେ ବିସ୍ତାର କରିବା ଦକ୍ଷତା ହାସଲ କରିପାରିବ ସେ ସେତେ ଶୀଘ୍ର ମେଜର ପୋଏଟର ପ୍ରାକ୍‌ଲକ୍ଷଣ-ଯୁକ୍ତ ମାତ୍ର ହୋଇ ପାରିବ । କିନ୍ତୁ ଏହା ବ୍ୟତୀତ ତାର କେତେକ ସ୍ଥିର ମୂଲ୍ୟବୋଧ-ସମ୍ବନ୍ଧୀ କବିତା ମଧ୍ୟ ରହିବା ଆବଶ୍ୟକ—ଯାହାଦ୍ୱାରା ବ୍ୟକ୍ତି ଓ ସମାଜ ଉଦ୍‌ବୁଦ୍ଧ ହେବ-ନାହିଁ । ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ମେଜର ପୋଏଟ୍‌ର ସ୍ଥାନ ଏହି ଦୃଷ୍ଟିରୁ ନିର୍ଦ୍ଧାରିତ ହେବା ଉଚିତ ମନେହୁଏ ।

Digitized by srujanika@gmail.com

ଗୁରୁପ୍ରସାଦଙ୍କ 'କାଳପୁରୁଷ'

ବିନୋଦ ବିହାରୀ ପଣ୍ଡା

ଅନେକେ ଗୁରୁପ୍ରସାଦଙ୍କର "କାଳପୁରୁଷ"କୁ ଏଲିୟଟ୍‌ଙ୍କ "ୱେଷ୍ଟଲାଣ୍ଡ" କାବ୍ୟ ସହିତ ତୁଳନା କରନ୍ତି । ଏପ୍ରକାର ତୁଳନା ମଧ୍ୟ ଯଥାର୍ଥ, କାରଣ "ୱେଷ୍ଟଲାଣ୍ଡ"ର ଏପ୍ରିଲ୍ ବର୍ଷା, ଟାଇପିଷ୍ଟ ଗାର୍ଲ୍, ଫ୍ଲେବାସ୍‌ର ମୃତ୍ୟୁ ଭଳି ଅନେକ ଉପାଖ୍ୟାନର ଏକ ଉପରଠାଉରିଆ ବ୍ୟାଖ୍ୟାତ ଅନୁକରଣ ବଡ଼ ଆଖିଦୃଶିଆ ଜଣାଯାଏ । "ୱେଷ୍ଟଲାଣ୍ଡ" "ଏପ୍ରିଲ ବର୍ଷା"ରେ ଆରମ୍ଭ ହୋଇ "ଶାନ୍ତି"ରେ ଶେଷ ହେଲାଭଳି 'କାଳପୁରୁଷ' ମଧ୍ୟ ବର୍ଷା ଋତୁରେ ଆରମ୍ଭ ହୋଇ "ଅମୃତଂ ଗମୟ"ରେ ଶେଷ ହୋଇଛି । 'କାଳପୁରୁଷ'ର ତୃତୀୟ ସେକ୍‌ସନ୍ ସହିତ "ୱେଷ୍ଟଲାଣ୍ଡ"ର ଚତୁର୍ଥ ସେକ୍‌ସନ୍ ତୁଳନୀୟ । କିନ୍ତୁ କାବ୍ୟ ଦୁଇଟିର ପରିପ୍ରେକ୍ଷି, ଶୈଳୀ ଓ ପ୍ରଭାବରେ ବହୁତ ଫରକ ରହିଛି । "କାଳପୁରୁଷ"ର ଲେଖକ "ୱେଷ୍ଟଲାଣ୍ଡ"କୁ ଭଲଭାବେ ପଢ଼ିଛନ୍ତି ଓ "ୱେଷ୍ଟଲାଣ୍ଡ" ଦ୍ୱାରା ପ୍ରଭାବିତ ହୋଇ ଏକ ନିଜସ୍ୱ ଓଡ଼ିଆ କବିତା ଲେଖିଛନ୍ତି —ଏତିକି "କାଳପୁରୁଷ" କାବ୍ୟ ବିଷୟରେ ନିର୍ଦ୍ଧାର୍ଯ୍ୟଭାବେ କୁହାଯାଇପାରେ । ଏହି କାରଣରୁ 'କାଳପୁରୁଷ'କୁ ଅଧମ କାବ୍ୟ ଅଭିହିତ କରି ଉଡ଼ାଇ ଦେବା ଆଉ ଗୋଟାଏ କଥା ଓ ଏପରି ଅଭିହିତ କରିବା ଏକପ୍ରକାର ସୈମାସିକ ଦେବାଳିଆ ପଣିଆ ଛଡ଼ା ଆଉ କିଛି ନୁହେଁ । ମନେରଖିବାକୁ ପଡ଼ିବ ଯେ "କାଳପୁରୁଷ" ଗୋଟିଏ ଓଡ଼ିଆ କାବ୍ୟ ଓ "ୱେଷ୍ଟଲାଣ୍ଡ"ର ପ୍ରାକ୍ ପଠନ ବିନା ଏହାକୁ ବୁଝିବାକୁ ଚେଷ୍ଟା କରିବା ସବୁଠାରୁ ଭଲ । ତେବେ, ଗୁରୁପ୍ରସାଦ "ୱେଷ୍ଟଲାଣ୍ଡ"ର ସାଧାରଣ ଢାଞ୍ଚା ଅନୁକରଣରେ ଏପରି କବିତା ଲେଖିବାର ଗୁରୁତ୍ୱ ଯେ କ'ଣ

Digitized by srujanika@gmail.com

ଆଭଗାଟରେ, ତାହା ଭଲଭାବେ ହୃଦୟଙ୍ଗମ କରିବା ନିତାନ୍ତ ଆବଶ୍ୟକ—ଏପ୍ରକାର ଆଲୋଚନା ମଧ୍ୟ ଓଡ଼ିଆ ସାଂପ୍ରତିକ କାବ୍ୟର ମୂଲ୍ୟାୟନ ପାଇଁ ଅପରିହାର୍ଯ୍ୟ ।

୧୯୨୨ରେ ପ୍ରକାଶିତ "ଓ୍ୱେଷ୍ଟଲାଣ୍ଡ" ଏଲିୟଟ୍‌ଙ୍କୁ ହଠାତ୍ ଏକ ଉଚ୍ଚାଙ୍ଗ କବିରେ ପରିଣତ କରିଦେଲା । ପ୍ରାୟ ସେହିବର୍ଷ ଜୟ୍‌ସ୍‌ଙ୍କ "ୟୁଲିସେସ୍", ପ୍ରୁଷ୍ଟଙ୍କ "ସୋଡୋମ୍ ଏଣ୍ଡ୍ ଗୋମୋରା" ଷ୍ଟେଭେନ୍‌ସଙ୍କ ପ୍ରାଥମିକ କବିତାସମୂହ, ଲରେନସଙ୍କ "ଏରନ୍‌ସ ରଡ୍" ଓ ରିଲକେଙ୍କ "ସନେଟ୍ସ ଟୁ ଅର୍ଫିୟସ୍" ବାହାରିଥିଲା—ଏ ସବୁ ହେଲେ ଗୋଟିଏ ଗୋଟିଏ ଉଚ୍ଚାଙ୍ଗ କୃତି ଯହିଁରେ ୟୁରୋପର ନୂତନ ଚିନ୍ତା ଓ ବୋଧଶୀଳତା ରୂପାୟିତ ହୋଇଛି। 'ଓ୍ୱେଷ୍ଟଲାଣ୍ଡ' କବିତାର ଏପ୍ରକାର ସାହିତ୍ୟିକ ସମାଜ ଗୁରୁପ୍ରସାଦଙ୍କ ଭଳି ଜଣେ ଆଧୁନିକ କବିଙ୍କୁ ଆକର୍ଷିତ କରିଥିବା ସମ୍ଭବ । "ଓ୍ୱେଷ୍ଟଲାଣ୍ଡ" ନୃତତ୍ତ୍ୱ ଜଗତରୁ ପରିପୋଷକ ରୂପକମାନଙ୍କୁ ଆହରଣ କରି ଏକ ନୂତନ ବିଷୟବସ୍ତୁର ରାଜ୍ୟ ଭିତରକୁ ପଶିଲା। ଅନ୍ୱେଷଣ ବା ଯାତ୍ରା ହେଉଛି ଏକ ସମୟଜୟୀ ଓ କାଳଜୟୀ ନୃତାତ୍ତ୍ୱିକ ବିଷୟବସ୍ତୁ । ଏହାର ବହୁଳଜ୍ୟୋତିତା ଯେକୌଣସି ଆଧୁନିକ କବିର ଆଗ୍ରହ ଉତ୍ପାଦନ କରିବା ସ୍ୱାଭାବିକ । ଏହି ଅନ୍ୱେଷଣ-ପ୍ରଣାଳୀ ଆଧୁନିକ ମନୁଷ୍ୟର ପରିସ୍ଥିତିକୁ ନିରାଭବେ ଉପସ୍ଥାପନ କରିବାରେ କ୍ଷମ । ବାଇବେଲ୍-ପରସ୍ତ ୟୁରୋପୀୟ ମନକୁ ନୃତତ୍ତ୍ୱ ଯାହା, ଭାରତୀୟ ବିଶେଷ କରି ଓଡ଼ିଆ ମନକୁ ଭାଗବତ ତାହା । ତେଣୁକରି, "କାଳପୁରୁଷ"ରେ ଉଦ୍ଧବ-କୃଷ୍ଣଙ୍କର ଅବତାରଣା । "ଓ୍ୱେଷ୍ଟଲାଣ୍ଡ" କବିତାର ଔପଭୀୟ ଗୁଣ ମଧ୍ୟ ଗୁରୁପ୍ରସାଦଙ୍କର ଆଗ୍ରହ ଉତ୍ପାଦନ କରିଥିବା ସମ୍ଭବ । ଅନ୍ୟ ସମସ୍ତ ଚରିତ୍ରମାନଙ୍କର ବୋଧଶୀଳତା ଜରିଆରେ ଟାଇରିସିଆସ୍

Digitized by srujanika@gmail.com

ଯେପରିଭାବେ ସୁଗଭୀର ପ୍ରଭାବ ଅନୁଭବ କରେ, ତାହା ହେଉଛି ଉତ୍କୃଷ୍ଟ କାବ୍ୟର ଏକ ବିଶେଷଲକ୍ଷଣ । ଗୁରୁପ୍ରସାଦ ଏହି ଉତ୍କୃଷ୍ଟ ଗୁଣ ଉତ୍ପାଦନରେ ଏଲିୟଟ୍‌ଙ୍କ ଭଳି ସେତେ ମାତ୍ରାରେ ସଫଳ ହୋଇପାରି ନାହାନ୍ତି । ଏଲିୟଟ୍‌ଙ୍କ ଟାଇରେସିଅସ ଗୁରୁପ୍ରସାଦଙ୍କ କବିତାର ବୋଧକ (Perceiver)ଠାରୁ ଅଧିକତର ବ୍ୟାପକ । "କାଳପୁରୁଷ" କବିତାର ବୋଧକ କୌଣସି ନୈର୍ବ୍ୟକ୍ତିକ ଭାବର ଦ୍ୟୋତକ ଅଧିକତର ନିକଟବର୍ତ୍ତୀ ମନେହୁଏ । "ଓ୍ବେଷ୍ଟଲାଣ୍ଡ" କାବ୍ୟର ସହସାଗତି, ଖଣ୍ଡିତତା, ଓ ବିବିଧାର୍ଥକ ଅଭିବ୍ୟକ୍ତି ଯାହା କବିତାଟିକୁ ସିନେମାଟିକ ପ୍ରଭାବ ପ୍ରଦାନ କରିପାରେ, "କାଳପୁରୁଷ" କବିତାରେ ସେସବୁ ଏକପ୍ରକାର ଲିରିକାଲ ଉଚ୍ଛ୍ୱାସରେ ମିଳାଇ ହୋଇଯାଇଥିବା ଭଳି ଦୁର୍ନିବାର ଭାବେ ଅନୁଭୂତ ହୁଏ । ଏହା ହେଉଛି, "ଓ୍ବେଷ୍ଟଲାଣ୍ଡ" କାବ୍ୟର ଅବଲମ୍ବନରେ ଲିଖିତ ହୋଇ-ଥିବାଭଳି ଭାବି "କାଳପୁରୁଷ"ର ସମୀକ୍ଷା କରିହେବ, କିନ୍ତୁ "ଓ୍ବେଷ୍ଟଲାଣ୍ଡ" କାବ୍ୟ କଥା ମନରେ ନ ଧରି ମଧ୍ୟ "କାଳପୁରୁଷ"ର ସମୀକ୍ଷା କରାଯାଇପାରିବ ଓ ବର୍ତ୍ତମାନ ସେପରି ସମୀକ୍ଷାର ସମୟ ମଧ୍ୟ ଆସିଲାଣି । "କାଳପୁରୁଷ"ର ବୋଧକ (Perceiver) ହେଉଛି ପ୍ରଧାନତଃ ଜଣେ ଯୁବକ, ଯେ କି ତା'ର ଦେହାବର୍ଣ୍ଣ ତଳର ତିକ୍ତ ପ୍ରେମସ୍ମୃତି ଦ୍ୱାରା ବିବ୍ରତ ହୋଇ ବର୍ଷାର ଗୋଟିଏ ମନୋବସ୍ଥା-ପ୍ରଧାନ ରାତି ଆଜି ଆଜି ଉମୁର ଖ୍ରୀନ ଓ ଉମୁର ଜୀବନର ମରଣୋତ୍ତର ମୂଲ୍ୟାୟନରୁ କିଛି ଆଶ୍ୱାସନା ପାଇବାକୁ ଚେଷ୍ଟା କରି ଶେଷରେ ରହସ୍ୟ ଓ ପ୍ରଦର୍ଶନମୟ ଧର୍ମ ତତ୍ତ୍ୱର ଆଶ୍ରୟ ଗ୍ରହଣ କରିଛି । "ବୋଧିଦ୍ରୁମ ତଳେ ଏବା ଫାଶିବଆ ବରଗଛ ତଳେ/ଭେକ ଶୋଷ କମିନାହିଁ........" (ଲାଇନ୍ ୨୯—୩୦)ରେ ବୁଦ୍ଧଦେବ ଓ ଫାଶି ଆସାମୀକୁ ଯୋଡ଼ିବାର ମତଲବ ହେଉଛି, କାମନାର ବିନାଶରେ ଦୁଃଖର ବିନାଶ—

Digitized by srujanika@gmail.com

ଟପୁକୁ ଜାଣି ମୁଦ୍ଧା ଆମେ କାମନାର ପରିତୃପ୍ତି ପାଇଁ ସତତ ବେଷ୍ଟିତ ରହୁଁ ଓ ଏହା ହେଲା ଆମର ଦୁର୍ଗତି । ବର୍ଷା ଆମକୁ ଏହା ସୂଚନା ଦିଏ । କୌଣସି ଏକ ଶାନ୍ତକାବ୍ୟରେ ମଧ୍ୟ ଅଛି, “ଘନ ରସରେ ଘନ ରସରେ ଜୀବନ ପ୍ରାପ୍ତ ହେଲା” । କିନ୍ତୁ “କାଳପୁରୁଷ”ର ବର୍ଷାଟା ଦୁରନ୍ତଶସ୍ତ୍ର ଫର୍ଦ୍ଦ ହୋଇଗଲା ଭଳି ମନେହୁଏ । ଏହା “ଘୁତ୍ତୁ ଘୁଚକୁ ଡେଇ” “ଗଳ ଗଳ ମେନସେଉ ସବୁ” (ଲାଇନ୍ ୨୫୫) ପାର ହୋଇ କେବଳ ପାର ହୋଇ ଯାଉ ନାହିଁ, ବରଂ ତା ସାଥେ ଜଳଚାଟିର ନଦୀ ପ୍ରକ୍ଷାଳପୁ ସବୁକୁ ଧୋଇନେଇ ଉଦ୍ଦୀପନର ଉଚ୍ଛଳ ପ୍ଳାବନ ବୁହାଇ ଦିଏ ଯେପରି ଅଞ୍ଜଳିର ମକରକେତନକୁ ଲଜ୍ଜିତ କରି ବଦ୍ଧବ୍ଳଛି । ବର୍ଷାର ଉଦ୍ଦୀପନର ପ୍ଳାବନ ସହିତ ଭୟଙ୍କର ରୋମାଂଟିକ୍ ଦୁର୍ବ-ପଡ଼ନତା ଖୁବ୍ ଭଲ ଖାପ ଖାଉଛି । “ହେ ଅନ୍ଧର, ହେ ଉଦ୍ଧବ” ବୋଲି ସେ ବାରମ୍ବାର ଡାକୁଥାଉଛି, କିନ୍ତୁ କୌଣସି ଅନ୍ଧର ବା ଉଦ୍ଧବ ଦୁର୍ବଳକୁ ତାର ରୋମାଂଟିକ୍ ଦୁର୍ବଳତାରୁ ରକ୍ଷା କରିପାରୁ ନାହିଁ । ୬୮୭ତମ ଲାଇନ୍‌ରେ ଉଭୟଲିଙ୍ଗୀ ଇକାର ଉଲ୍ଲେଖ ନଇର ଭାଇକାରସ୍‌ଙ୍କ ଅସହାୟତାକୁ ଅତି ସ୍ପଷ୍ଟ କରିଦେଉଛି । ଏଠି ଉଭୟଲିଙ୍ଗୀ ଇକା ଏଲିୟଟଙ୍କ ଉଭୟଲିଙ୍ଗୀ ଟାଇରେସିଆସ୍ ହୋଇ ପାରୁ ନାହିଁ, ଠିକ୍ ଯେପରି ତୃଷ୍ଣାପ୍ ସେଲ୍‌ସନ୍‌ର “ମୁଲ୍‌ଏମ ଚିକ୍‌କଣ ଓ ଗୋଲ୍‌ଗାଲ ଲମ୍ବା ଓ ଚଉଡ଼ା” ରମ୍ଭ ଏଲିୟଟଙ୍କ ଫ୍ଲେବାସ୍ ହୋଇପାରୁ ନାହିଁ । ଅତଏବ କବିତା ଶେଷରେ “ମୃତ୍ୟୋର୍ମା ଅମୃତଂ ଗମୟ”ର ଅବତାରଣା (ଅନ୍ତତଃ ଏହି ଧର୍ମବାକ୍ୟ କାଳେ କବିତାଟିକୁ ଗାମ୍ଭୀର୍ଯ୍ୟ ଭୂଷିତ କରିଦେଇପାରେ !) —ତାହା ପୁଣି “ଓ୍ବେଷ୍ଟଲାଣ୍ଡ” କାବ୍ୟର “ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ”ର ଏକ ନିକୃଷ୍ଟତର ସମସ୍ତର । ଏଥିପରି, “ଓ୍ବେଷ୍ଟଲାଣ୍ଡ”ଠାରୁ ସ୍ୱତନ୍ତ୍ର ହୋଇ “କାଳପୁରୁଷ”ର ସ୍ୱତନ୍ତ୍ର ସମୀକ୍ଷା କରିବାରେ ଆମେ

Digitized by srujanika@gmail.com

ଯେତେ ଚେଷ୍ଟିତ ହେଲେ ମଧ୍ୟ "ଓ୍ବେଷ୍ଟଲଣ୍ଡ"ର ପ୍ରକରଣ ଧରାକାର ପଡ଼ିଯାଉଛି । ନିଜ କବିତାର ଅବୟବଟିକୁ ଯୋଡ଼ାଇବାପାଇଁ "ଓ୍ବେଷ୍ଟଲଣ୍ଡ"ର ଢାଞ୍ଚାକୁ ଆମଦାନି କରିବାର ପ୍ରୟତ୍ନ ହିଁ ଏହାର ସୂତ୍ରଧର (Thre dbare) ଜଣାଯାଉଛି ।

ଗୁରୁପ୍ରସାଦଙ୍କ ଜୀବନ-ଜିଜ୍ଞାସା

କୁମୁଦଚନ୍ଦ୍ର ଦାଶ

'କାଳପୁରୁଷ' ଗୁରୁପ୍ରସାଦ ମହାନ୍ତିଙ୍କର ସର୍ବଶ୍ରେଷ୍ଠ କବିତା । ଇଲିୟଟଙ୍କ 'The Waste Land' କବିତାର ଆମୂଳାନ୍ତ ପ୍ରେରଣା ସ୍ୱୀକାର କରିଥିବା ସତ୍ତ୍ୱେ ଓଡ଼ିଆ କବିତାର ଇତିହାସରେ ଏହା ଥିଲା ଏକ ଅପୂର୍ବ ସଂଯୋଜନା । ରାଧାନାଥଙ୍କ 'ଚିଲିକା' କିମ୍ବା 'ମହାଯାତ୍ରା' ପରି ନ ହେଲେ ବି ଜଗନ୍ନାଥ ଦାସଙ୍କ 'ଭାଗବତ' କିମ୍ବା ଗଙ୍ଗାଧର ମେହେରଙ୍କ 'ପ୍ରଣୟବଲ୍ଲରୀ' ପରି 'କାଳପୁରୁଷ'କୁ ସମ୍ମାନ ଦେବାରେ କୌଣସି କୁଣ୍ଠା ରହିବା ଉଚିତ ନୁହେଁ । 'The Waste Land' ପରି ବିଂଶ ଶତାବ୍ଦୀର ଅବକ୍ଷୟଗ୍ରସ୍ତ ଆଧୁନିକ ଜୀବନର ଏକ କାବ୍ୟିକ ଉପଲବ୍ଧି ଓ ଉପସ୍ଥାପନାର ପ୍ରଚେଷ୍ଟା ହିଁ 'କାଳପୁରୁଷ'ର ବୈଶିଷ୍ଟ୍ୟ । ଇଲିୟଟଙ୍କ ପରି ଗୁରୁପ୍ରସାଦ ମଧ୍ୟ କବିତାଟିର ଅନ୍ତିମ ଛନ୍ଦରେ ମୁକ୍ତିନିଷ୍ଠ ଅମୃତର ଆକାଙ୍‌କ୍ଷା ବା ଅଭୀପ୍ସା ଘୋଷଣ କରିଛନ୍ତି ।

ଏ ଗହ୍ୱର ନିଷ୍ଟ ଯାହା ଆଜି ଯଦି ଅନ୍ଧାରରୁ
ଏ ଗହ୍ୱର ନିଷ୍ଟ ଯାହା ଆଜି ଯଦି ମରଣରୁ
ଏ ଗହ୍ୱର ନିଷ୍ଟ ଯାହା ଆଜି ଯଦି ଅସତରୁ

Digitized by srujanika@gmail.com

ମୃତ୍ୟୁ ର୍ମା°

ଅସତୋ ମା°

ତମସୋ ମା°

ମୃତ୍ୟୁ ର୍ମା°··· ମୃତ୍ୟୁ ର୍ମା°··· ମୃତ୍ୟୁ ର୍ମା°···

ଅମୃତଂ ଗମୟ । (ସମୁଦ୍ରସ୍ନାନ, ଲର୍କ୍ କୁର୍କସ, ପୃ.୫୦)

'କାଳପୁରୁଷ'ର ଅନ୍ତିମତମ ଛତ୍ରରେ ଉଦ୍ଧୃତଥିବା ଏହି ମନ୍ତ୍ର ଓ ଅମୃତ ଅଭୀପ୍ସା କବିଙ୍କର ପରବର୍ତ୍ତୀ କବିତା 'ଅକ୍ରୁର ଉଦ୍ଧବ'ର ମୁଖ୍ୟ ଭାବସତ୍ତା (ଥିମ୍) କହିଲେ ଭୁଲ ହେବ ନାହିଁ । ବସ୍ତୁତଃ 'ଅକ୍ରୁର ଉଦ୍ଧବ'ର ସୃଷ୍ଟି ପ୍ରେରଣାଗତ-କାରଣ, ଏହି "କାଳପୁରୁଷ" କବିତାରେ ହିଁ ଅନୁସନ୍ଧେୟ । 'କାଳପୁରୁଷ'ର ଅନ୍ତିମ ପଂକ୍ତି ପରେ, ଅନପୁମିତ ବ୍ୟବଧାନରେ ଅକ୍ରୁର ଓ ଉଦ୍ଧବଙ୍କର ଉଲ୍ଲେଖ ବାରମ୍ବାର ମିଳିଥାଏ । ଯଥା —

ହେ ଅକ୍ରୁର ହେ ଉଦ୍ଧବ ସଖା ମୋର ପ୍ରାଣର ତୋଷର
ରୁହ ରୁହ କ୍ଷୁଡ଼ା ହୁଅ ପିଠିରେ ମୋ ତୁମ ପର ବୋଝ
ଅନ୍ଧାରରେ ପଦ ଯେବେ ଲଢଢଏ ଗୁଳ୍ମଙ୍କ ଜଟା
ଶୁଖେ ଛାତି ଭାଙ୍ଗେ ହାଡ଼ ବଢ଼ିଉଠେ ଶୋଷ । (ସମୁଦ୍ରସ୍ନାନ ପୃ୩୯)

ବା

ହେ ଅକ୍ରୁର ହେ ଉଦ୍ଧବ ସଖା ମୋର ପ୍ରାଣର ତୋଷର
ରୁହ ରୁହ କ୍ଷୁଡ଼ା ହୁଅ ପିଠିରେ ମୋ ତୁମପର ବୋଝ
ମୁଁ ଯିବି ତୁମରି ଘର ତାଙ୍କ ଖୋଜ ଜେଷ୍ଠ ଖେ.ଜ
ଖୋଜ ଖୋଜ ଝରଣାର ସୁଅ
ମୁଁ ଯିବି ତୁମରି ପଛ ଖୋଜି ମୋର ପିତାମାତା
ନିର୍ମୂଳ ନଷ୍ଟରେ ଖୋଜ ଅନୁଷ୍ଠାନ ତାରାର ଆଲୁଅ
(ସମୁଦ୍ରସ୍ନାନ-ପୃ.୪୫)

Digitized by srujanika@gmail.com

ଏଭଳି ନୁହେଁ, ଏହା ବର୍ଣ୍ଣିତ 'କାଳପୁରୁଷ'ର ୨୨୧-୨୨୪, ୩୪୪-୩୪୭ ପ୍ରଭୃତି ପଙ୍କ୍ତିମାନଙ୍କରେ ମଧ୍ୟ ଏପରି ଉଲ୍ଲେଖ ମିଳିଥାଏ । ନଷ୍ଟନୀଡ଼ ଉପରେ ମୁକ୍ତି ସ୍ୱପ୍ନ ବା ଅମୃତର ଆକାଂକ୍ଷାର ଏକ ଏକ ପୌରାଣିକ ପ୍ରତୀକ ହୋଇ ଦେଖା-ଦେଇଛନ୍ତି ଅକ୍ରୂର ଓ ଉଦ୍ଧବ । ଅକ୍ରୂର ଏବଂ ଉଦ୍ଧବ ଶ୍ରୀମଦ୍ଭାଗବତର ଦୁଇଟି ଚରିତ୍ର ଏବଂ ଭକ୍ତର ଜୀବନର ଆଦର୍ଶ । ସେଥି ମଧ୍ୟରୁ ଅକ୍ରୂର ଚରିତର ପ୍ରତୀକ-ଧାରଣାର ବସ୍ତୁତରେ 'ଅକ୍ରୂର ଉବାଚ' କବିତାର ଜନ୍ମ ବୋଲି କୁହାଯାଇପାରେ । ଏବଂ ଏହି କବିତାରେ ଦେହାତୀତ ମୁକ୍ତିର ବାସନା ସ୍ପଷ୍ଟତର ଓ ବସ୍ତୁତତର ଅଭିବ୍ୟକ୍ତି ଲାଭ କରିଛି । ମଥୁରାରୁ ଗୋପ — ଏକ ଯାତ୍ରାର ରୂପକ ଉପରେ କବିତାଟିର ପରିକଳ୍ପନା । ଅକ୍ରୂର ଯାଉଛନ୍ତି ଶ୍ରୀକୃଷ୍ଣଙ୍କ ପାଖକୁ । ଜୀବାତ୍ମାର ପରମାତ୍ମାଙ୍କ ଉଦ୍ଦେଶ୍ୟରେ ଅଭିଯାତ୍ରା । କୃଷ୍ଣ-ଦର୍ଶନ ପୂର୍ବରୁ ଅକ୍ରୂର-ମାନସର ଆଧ୍ୟାତ୍ମିକ ବ୍ୟାକୁଳତାର ଚିତ୍ର ଅଙ୍କନ କରିଛନ୍ତି କବି । ତାହା ଆଧୁନିକ ମଣିଷର, ହୋଇପାରେ ମଧ୍ୟ ସ୍ୱୟଂ କବିଙ୍କର । ଅକ୍ରୂରର ପ୍ରାର୍ଥନା କବିଙ୍କର ଭାଷାରେ —

''ମହାପ୍ରଭୁ ମୁକ୍ତି ଦିଅ ଏହି ଯାତ୍ରା ଶୁଭ ହେଉ ତୁମର ଦୟାରୁ
ଏହି ଯାତ୍ରା ହେଉ ମୋର ଶେଷ ଯାତ୍ରା ଏ ଦେହରୁ
ତୁମର ସଂହାର ଡେଇଁ
ବହୁତ ବହୁତ କ୍ଲାନ୍ତ ପୁନରୁକ୍ତି ଏ ଆତ୍ମାର
ଆଉ ତୁମ ଦୟା କ୍ଷମା କରୁଣାର ସମୁଦ୍ର କୂଳରୁ''

(ସମୁଦ୍ରସ୍ନାନ-ପୃ୫୪)

ମନେ ହେବ ଏହି ଆଧ୍ୟାତ୍ମ ଚେତନା ହିଁ ଗୁରୁପ୍ରସାଦଙ୍କ ଜୀବନ ଜିଜ୍ଞାସାର ପ୍ରକୃତ ରୂପ । କିନ୍ତୁ ତାଙ୍କର 'ସମୁଦ୍ରସ୍ନାନ' କବିତା

Digitized by srujanika@gmail.com

ସଙ୍କଳନରେ ମାତ୍ର ଏହି ଦୁଇଟି କବିତାରେ ହିଁ ତାଙ୍କ ଜୀବନ-ଜିଜ୍ଞାସାର ଏହି ଦିଗ, ଭାବ ବା ଚେତନା ବିଶେଷ ପ୍ରତିନିଧିତ୍ୱ ଲାଭ କରିଛି । ପରିସଂଖ୍ୟାନାତ୍ମକ ଦୃଷ୍ଟିକୋଣରୁ ଗୌଣ ପ୍ରତିପାଦିତ ହେଉଥିବା ଏହି ଚେତନା ତାଙ୍କ କବିତାର ସାମଗ୍ରିକ ଜୀବନ-ଜିଜ୍ଞାସା ସମ୍ପର୍କରେ ଅସୈତ୍ୟ ବୋଲି ମନେ ହୁଏନାହିଁ । ସ୍ୱର୍ଗ ଆଡ଼କୁ ତାଙ୍କର ଆଖିର ଉତ୍କଣ୍ଠା ଖୁବ୍ କମ୍ । ସେ ଆକାଶର କବି ନୁହନ୍ତି, ବା ନିଜ କାବ୍ୟ ସଙ୍କଳନକୁ 'ସମୁଦ୍ରସ୍ନାନ' ବୋଲି ନାଁ ଦେଇଥିଲେ ମଧ୍ୟ ସେ ସମୁଦ୍ର ସଚ୍ଚିଦାନନ୍ଦଙ୍କ 'ସମୁଦ୍ର' ନୁହେଁ, ଏବଂ ଗୁରୁପ୍ରସାଦ ସମୁଦ୍ରର କବି ମଧ୍ୟ ନୁହନ୍ତି । ସେ ମୁଖ୍ୟତଃ ପୃଥିବୀର କବି ।

ଜନ୍ମ ଓ ମୃତ୍ୟୁର ସୀମା ମଧ୍ୟରେ ଆବଦ୍ଧ ଏହି ପୃଥିବୀର ଜୀବନକୁ କେନ୍ଦ୍ର କରି ଗଢ଼ି ଉଠିଛି ଗୁରୁପ୍ରସାଦଙ୍କ ଜୀବନ-ଜିଜ୍ଞାସା । ଏହି ପୃଥିବୀ ବାଦିତାର ଦୁଇଟି କାରଣ ତାଙ୍କ କବିତା ଭିତରୁ ସନ୍ଧାନ କରାଯାଇପାରେ । ସେ ମୁକ୍ତିର ସ୍ୱପ୍ନ ଦୃଢ଼ ଭାବରେ ଦେଖି ପାରିନାହାନ୍ତି; କାରଣ ଏହି ପୃଥିବୀ ପ୍ରତି ତାଙ୍କର ଆସକ୍ତି, କାମନା ଓ ତୃଷ୍ଣା ତଥାପି ଶେଷ ହୋଇନାହିଁ । 'କାଳପୁରୁଷ'ରେ ରହିଛି ଏହାର ସୁସ୍ପଷ୍ଟ ଉଚ୍ଚାରଣ ।

ଭୋକ ଶୋଷ କମି ନାହିଁ ସରିନାହିଁ ଲୋପ ପାଇ ନାହିଁ
ଭୋଗ ମନ ପାଇନାହିଁ ନିଗୁଟିଆ କଟକ ରଙ୍ଗରେ
ଆଜି ତେଣୁ ଗତିହୀନ ସ୍ଥିର ଏକ ବର୍ତ୍ତମାନ ଧରି
ଗଳି ପରେ ଗଳି ଡେଇଁ କୁତ କୁଡ଼ ବାଲି ଡେଇଁ ଡେଇଁ
ମୁଁ ଆଜି ମ୍ଲାନିତ ଖୋଜେ ତାର ଆଦ୍ୟ ଜନ୍ମ ଗନ୍ଧ
ଚୁପ୍ ଚୁପ୍ ପବନର କଥା

Digitized by srujanika@gmail.com

ବୃଦ୍ଧ ବୃତ୍ତ ଅଙ୍ଗାର ଓ ଅନ୍ଧାରର ସୁଡ଼ଙ୍ଗ ସେପାଖେ
ଆଇସ୍‌କ୍ରୀମ୍ ଲେମନେଡ଼ ଝରଣାର ନିରୁକ୍ତ ମମତା ।
(ସମୁଦ୍ରସ୍ନାନ ପୃ-୩୯)

ପୃଥିବୀ-ବାସତାର ବିକ୍ଷିପ୍ତ କାରଣ ହେଉଛି ସ୍ୱର୍ଗଆଡ଼ୁ ବିଫଳତା । ମନେ ହୁଏ ସତେ ଯେପରି ଗୁରୁପ୍ରସାଦ ଶଙ୍କରାଚାର୍ଯ୍ୟଙ୍କ 'ମୋହ ମୁଦ୍‌ଗର'ର "ପୁନରପି ଜନନମ୍ ପୁନରପି ମରଣମ୍ ପୁନରପି ଜନନୀ ଜଠରେ ଶୟନମ୍"ର ନିରଙ୍କୁଶ ଦୁଃସହତାରେ ବିଶ୍ୱାସୀ । ତାଙ୍କର ଆଠନମ୍ବର ସନେଟ୍‌ର ଶେଷ ପଙ୍‌କ୍ତିଦ୍ୱୟର ଉଚ୍ଚାରଣ ହେଉଛି –

"ଖଣ୍ଡିତ ଆକାଶ ଜମି ମରଣ ବା ଜୀବନର ମୁକ୍ତି
ମୁଁ କରୁଛି ଅନ୍ୱେଷଣ ପାଇନାହିଁ ସନ୍ଧାନ କାହାର" ।
(ସମୁଦ୍ରସ୍ନାନ ପୃ-୭)

ଜୀବନରୁ ମୁକ୍ତି ନାହିଁ, ନାହିଁ ମଧ୍ୟ ମରଣରୁ ମୁକ୍ତି । ତେଣୁ ବନ୍ଧନ ଏବଂ ତେଣୁ ଯନ୍ତ୍ରଣା । ଏବଂ ତାହାହିଁ ବୋଧହୁଏ ଜୀବନ-ସ୍ଥିତିର ଯଥାର୍ଥ ପରିଚୟ । ଗୁରୁପ୍ରସାଦଙ୍କ କବିତାରେ 'ଚିରନ୍ତନ ଅନସ୍ଥିତି'ର ଏକ ଧାରଣା ଅଛି ବୋଧହୁଏ । ସାମ୍ପ୍ରତିକ ଓଡ଼ିଆ କବିତା କ୍ଷେତ୍ରରେ ଗୁରୁପ୍ରସାଦ ଓ ରମାକାନ୍ତ ଉଭୟଙ୍କଠାରେ ଏହି 'ଚିରନ୍ତନ ଅନସ୍ଥିତି'ର ପ୍ରଶ୍ନ ଦେଖା ଦେଇଛି । ଉଭୟ କ୍ଷେତ୍ରରେ ବିଫଳତା ହିଁ ପୁରସ୍କାର ହେବାର କଥା ହୋଇଛି । ଭିନ୍ନ ଭିନ୍ନ ସ୍ୱର ଶୈଳୀରେ ସେହି ଦୁଃଖାନୁଭୂତିକୁ କବିଦ୍ୱୟ ଉପସ୍ଥାପିତ କରିଛନ୍ତି । ଅବଶ୍ୟ ଗୁରୁପ୍ରସାଦଙ୍କ କ୍ଷେତ୍ରରେ ଏହା କିଛିଟା ଉପରଠାଉରିଆ, କିନ୍ତୁ ରମାକାନ୍ତଙ୍କ କ୍ଷେତ୍ରରେ ରକ୍ତକୁ ପାଣି କରିଦେବା ଭଳି ଶକ୍ତ ଓ କରୁଣ । ଯାହାହେଉ, ଏହି ନବପ୍ରେରଣାର କୁହାଯାଇ ପାରେ ଯେ 'ଚିରନ୍ତନ ଅନସ୍ଥିତି'ର ଅସମ୍ଭାବନା ଏବଂ ରକ୍ତମାଂସର ମାୟାବିନିବଦ୍ଧ ମଣିଷର ସହଜ-

Digitized by srujanika@gmail.com

ତୃଷ୍ଣା ଗୁରୁପ୍ରସାଦଙ୍କ ପୃଥିବୀର ଏହି ଜୀବନ ବା ଜୀବନର ଏହି ପୃଥିବୀ ପ୍ରତି ଆସକ୍ତ କରାଇଛି । ଜୀବନର ସାର୍ଥକତା ପ୍ରତି ସଂଶୟ ସତ୍ତ୍ୱେ କେତେ ଣି କାଳ୍ପିକ ଜୀବନରେ ଅର୍ଥ ଖୋଜିବାର ଚେଷ୍ଟା ଅପ୍ରତିହତ ଓ ଅକ୍ଲାନ୍ତ । କିନ୍ତୁ ଏବେ ତାହା ମିଳିବାର ନୁହେଁ, ତାଙ୍କୁ ମିଳୁନାହିଁ । ଗୁରୁପ୍ରସାଦଙ୍କ ଆଖିର କପୋତ ଏହି ପୃଥିବୀ ଉପରେ ଉଡ଼ିବୁଲୁଛି :

ଆଖିର କପୋତ ମୋର ଆକାଶର ଇସ୍ପାତ ଦେହରେ
ବାଧା ପାଇ ପ୍ରତିଦିନ ଫେରିଆସେ ଏହି ପୃଥିବୀକୁ
ସେଇଠାରେ ତୁମେ କର ପ୍ରତିଦିନ ବଜନ ପ୍ରତୀକ୍ଷା
ଜନ୍ମମୃତ୍ୟୁ ବ୍ୟାଧି ପୁଣି ଜୀବନର ଅର୍ଥ ବୁଝିବାକୁ ।

('ସମୁଦ୍ରସ୍ନାନ' ପୃ ୨୩)

'ସମୁଦ୍ରସ୍ନାନ'ର ବିଭିନ୍ନ ସ୍ଥଳରେ ଏହି ପୃଥିବୀର ଉଲ୍ଲେଖ ମିଳିଥାଏ । ତହିଁରୁ କେତୋଟି ଏଠାରେ ଉଦ୍ଧାର କରାଯାଇପାରେ ।

(କ) ପୃଥିବୀ ପ୍ରାନ୍ତରେ ଲୋଟି ପୋଡ଼ିଯାଏ ଜଳିଯାଏ ସବୁ
ମାଂସ ଫୁଟେ ଫୁଲ ହୋଇ ମନ ପଡ଼େ ରୋମାଞ୍ଚରେ ଶୋଇ ।

('ଚମ୍ପାଫୁଲ' ପୃ ୧)

(ଖ) ଏ ବର୍ଷର ନଷ୍ଟ ଆତ୍ମା ଏ କାଳର ଅପନ୍ତ୍ରସପରେ
ଭୁଲିଯାଏ ବାଟ ଅବା ଭୁଲିଯାଏ ପୃଥିବୀର ସ୍ମୃତି ।

('ନହତଗୋଧୂଳି' ପୃ ୨୫)

(ଗ) ଆମର ଏ ପୃଥିବୀରେ କେବେ କିଛି ଲୋଡ଼ାହୁଏ ନାହିଁ
ନିଶାମାତ୍ରୁ, ପୋକଯୋକ ଲୋକବାକ କାଉ ଓ ବାଦୁଡ଼ି
ଆଶ୍ଚର୍ଯ୍ୟ ପୃଥିବୀ ହୁଏ ହତବାକ୍ ଅଭିଭୂତ ସୂର୍ଯ୍ୟାସ୍ତ ଭିତରେ
ପ୍ରତିଦିନ ଏ ପୃଥିବୀ ଆକାଶର ଅପନ୍ତ୍ରସ ଡେଇଁ
ଅଜ୍ଞାତ ବା ଅବଜ୍ଞାତ କେଉଁ ଦୂର ଅନ୍ଧାରକୁ ଧାଏଁ ।

(ହରେକୃଷ୍ଣ ଦାସ-୧ ପୃ ୨୮)

Digitized by srujanika@gmail.com

(ଘ) ସବୁଜ କବିତା ପରି ହୁଏତ ବା ଏ ପୃଥିବୀ
ରୋମାଣ୍ଟିକ ସ୍ୱପ୍ନାଭ ସୁନ୍ଦର
ଏ ପୃଥିବୀ ଜଣାଯାଏ ବନ୍ଧୁହୀନ କ୍ଳାନ୍ତହୀନ
କେଉଁ ଏକ ଅନ୍ୟ ଦେଶପରି ।
(ହରେକୃଷ୍ଣ ଦାସ-୨)

(ଙ) ଏଣୁ ଭଲ ପାଇବାର ଦେହ ଧରି ଏ ପୃଥିବୀ ହୁଏତ ବା
ଏତେ ରୂପବନ୍ତ
ହୁଏତ ଏ ପୃଥିବୀକୁ ଭଲପାଏ ଦେହ ମୋର ସ୍ମୃତିର
ଏ ବେଦନା ଭିତରେ
ତଥାପି ମୋ ବୁକୁପାଖେ ସମସ୍ତର ହାହାକାର ମୃତ୍ୟୁର ଏ
ଚରମ ଶୂନ୍ୟତା
ଶୂନ୍ୟ ଏଣୁ ବେଦନାର ବିବର୍ଣ୍ଣ ଏ ଗୋଧୂଳିରେ ଏ ପୃଥିବୀ
ଏ ମ୍ଳାନ ଆକାଶ । (ସିନ୍ଧୁଆ)

(ଚ) ଆକସ୍ମିକ ଦେହ ମୋର ପୃଥିବୀର ଘଟଣାଜନିତ
ଆକସ୍ମିକ ଘଟଣାରୁ ଉପଜାତ ତୁମର ଏ ଦେହ
ଅସରନ୍ତି ଏ ବାଟରେ ତୁମେ ଓ ମୁଁ ସମସ୍ତର ହାତ
ମୋର ଭଲ ପାଇବାର ଯୁକ୍ତି ଆଜି ତୁମର ସନ୍ଦେହ ।
(ସନେଟ୍-୨)

ଏଣୁ ପୃଥିବୀରେ ରୂପବନ୍ତ ନାରୀର ଦେହ ଭିତରେ ଗୁରୁପ୍ରସାଦଙ୍କ ଅର୍ଥଖୋଜାର ଉଦ୍‌ଭ୍ରାନ୍ତ ସାଧନା । 'ସମୁଦ୍ରସ୍ନାନ'ର ପ୍ରଥମ କବିତା 'ଚମ୍ପାଫୁଲ'ରେ ଜୀବନ ଓ ଯୌବନ ଉପରେ ରୂପବନ୍ତ ତରୁଣୀର ଦୁର୍ନିବାର ପ୍ରଭାବକୁ କବି ଉପସ୍ଥାପିତ କରିଛନ୍ତି । ଭାବାବେଗ ମୁଗ୍ଧତାର ଏବଂ ଇନ୍ଦ୍ରିୟସଂବେଦୀ ।

Digitized by srujanika@gmail.com

ଚମ୍ପା ଫୁଲ ମସ୍ତକରେ କେତେ ସେ ଯେ ଦାରୁଣ କୁତ୍ସକ
ରକ୍ତେ ଯାଏ ନିଆଁ ଲାଗି ଗୁପ୍ତ ଆଉ ନିଃଶ୍ୱାସରେ ନିଆଁ
ଗୁପ୍ତ ଅଙ୍ଗ ନିଶ୍ୱାସରେ ନିଆଁ ସେ ଯେ ଦେହେ ଦେହେ
ଉଜ୍ଜ୍ୱଳ ଚମକ
ଉଜଳ ଚମକ ସେ ଯେ କଣ ନିଆଁ ସବୁ ଯାଏ ଛିନ୍ନ ଭିନ୍ନ
ହୋଇ
ପୃଥ୍ୱୀ ପ୍ରାନ୍ତରେ ଲୋଟି ପୋଡ଼ିଯାଏ ଜଳିଯାଏ ସବୁ
ମାଂସ ଫୁଟେ ଫୁଲ ହୋଇ ମନ ପଡ଼େ ରୋମାଞ୍ଚରେ ଶୋଇ ।

ଏଇ ପ୍ରସ୍ତବରେ ଭଲ ପାଇବା ଅର୍ଥାତ୍ ପ୍ରେମ ହିଁ ସବୁଠାରୁ ମୂଲ୍ୟବାନ୍ ପଦାର୍ଥ । ଏ ପ୍ରେମ କେବଳ ସର୍ବାଂଶରେ ପ୍ରାପ୍ତ ଦେହସର୍ବସ୍ୱ, ଯେଉଁଥିପାଇଁ ଯୁକ୍ତିତର୍କର ମଧ୍ୟ ସୀମା ନାହିଁ । 'ସନେଟ୍-୪' ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ।

ପୃଥିବୀର ଏ ଦେହରେ ଖୋଜି ଖୋଜି ମୁଁ ତୁମର ମନର ସନ୍ଧାନ
ଆଜି ହୁଏ ଉପଗତ ଉପକୂଳେ ତୁମର ଦେହର
ମୁଁ ତେଣୁ ତୁମକୁ ଖୋଜେ ରକ୍ତେ ମୋର ଦେହର ସୀମାରେ
ତୁମର ଆତ୍ମା ବା କାହିଁ ଦେହ କାହିଁ ତୁମର ମନର
ମୁଁ ତୁମକୁ ଭଲ ପାଏ ପୁଂଜିଭୂତ ଏ ଦେହରେ
ଆତ୍ମା ମୋର ମନର ପିପାସା
ମୁଁ ଯେଣୁ ତୁମର ଦେହ ଖୋଜେ ମୋର ଏ ଦେହରେ
ସବୁ ମୋର ଆଶା ଓ ନିରାଶା

ଏଣୁ ନାରୀ କେତେବେଳେ ଯଥା ଚମ୍ପାଫୁଲ, ଅନ୍ୟ କେତେବେଳେ ସେ ପୁଣି ସୁନାର ଝରଣା । ଦେହରେ ଫୁଟିଲା ଫୁଲର ଫୁଲଗଛ; ପ୍ରାପ୍ତ ସବୁବେଳେ 'ଗୋଲ', ଆଖିରେ, ଓଠରେ, ମୁହଁରେ ବାରମ୍ବାର ତାରା ଆଉ ଜହ୍ନ, ଜହ୍ନ ଆଉ ତାରା । ଏହି ଜହ୍ନ ଆଉ

Digitized by srujanika@gmail.com

ତାର ଗୁରୁପ୍ରସାଦଙ୍କର ଅତି ପ୍ରିୟ ଉପାଦାନ, ଯାହା ସବୁବେଳେ ଉଚ୍ଛ୍ୱଳନମୟୀ ତନ୍ୱୀ ତରୁଣୀ ପାଇଁ ସଂରକ୍ଷିତ । ଏହି ଜଗତ ଓ ତାର ସ୍ୱର୍ଗ ଯେପରି କି ତାଙ୍କ ଆସକ୍ତିମୟ ପୃଥିବୀରେ ଆସକ୍ତିର ପ୍ରତିବନ୍ଧ । ଜନ୍ମ ଆଉ ତାପରିଆଡ଼କୁ ଛୁଟିଯିବା ତାଙ୍କ ପାଇଁ ସବୁଠାରୁ ବଡ଼ ନିଶା, ଜୀବନର ସାର୍ଥକତା । କାବ୍ୟନାୟକର ସ୍ୱପ୍ନ ହେଲା—

ତୁମର ଡାଳିରେ ମୋର ଓଠ ଯିବ ଚୁମ୍ବନ ଭିଜା ହୋଇ
ତୁମର ଛାତିରେ ଯିବ ତଳ ହୋଇ ବାଲିଚର ନଶ୍ୱର ନିଘଞ୍ଚ
ତୁମର ଦେହର ରକ୍ତ ପାଣି ଫାଟି ଅଣ୍ଡା ହୋଇଗିବ
ତୁମର ଭିତରେ ମୋର ଆତ୍ମା ଯିବ ନିଶ୍ଚିହ୍ନ ମିଳାଇ !

(‘ପ୍ରିୟକ ହ୍ୱଗ’)

ଏହି ଦେହ ଭିତରେ ସ୍ୱର୍ଗ ଯେପରି କି ଅଦ୍ୱୈତବାଦର ସାଧନା । ସ୍ୱର୍ଗ ବୋଲି କିଛି ନାହିଁ, ଅମରତ୍ୱ ବୋଲି କିଛି ନାହିଁ, ସବୁ ଏହି ଦେହ । ଡ଼. ଏଚ୍. ଲରେନ୍ସଙ୍କ ପରି ସେ ଯେପରି କହିବାକୁ ଚାହାନ୍ତି : ‘Immortality, the heaven is only a projection of the strange but actual fulfilment here in the flesh.’ ସ୍ୱର୍ଗ ଏକ ଅଧ୍ୟାସ, ଏକ ଆଭାସ ମାତ୍ର, ରକ୍ତମାଂସର ତୃପ୍ତି ଭିତରେ ସ୍ୱର୍ଗସୁଖ, ଅମରତ୍ୱ । ହାଡ଼ ଆଉ ମାଂସର ସ୍ପନ୍ଦନ ଶୁଣିବାକୁ ହେବ । ଉପେନ୍ଦ୍ରଭଞ୍ଜଙ୍କ ପରି ଗୁରୁପ୍ରସାଦ ମଧ୍ୟ ସତେ ଯେପରି କହିବାକୁ ଚାହାନ୍ତି ନାସ୍ତି ହେଉଛି ‘ଯୁବାବଇକୁଣ୍ଠପୁର’ କିମ୍ବା ‘ଯାହାର ଯୁବା ବୟସେ ମନର ଯୁବତୀ ପାଶେ ନାହିଁ ତାର ଜୀଇଁବାରେ କି ପ୍ରୟୋଜନ’ । ଗୁରୁପ୍ରସାଦଙ୍କ କବିତାରେ ଦେହର ଗୁରୁତ୍ୱ ସମ୍ପର୍କରେ କୌଣସି ସନ୍ଦେହ ନାହିଁ, ତାହା ସୁପରୀକ୍ଷିତ । ଯଥାର୍ଥରେ କୁହାଯାଇଛି, ‘ଫ୍ରଏଡ଼ୀୟ ଦୃଷ୍ଟିକୋଣରୁ ଦେହର ବନ୍ଦନା ଗୁରୁପ୍ରସାଦଙ୍କ କବିତାରେ ଦେଖିବାକୁ ମିଳେ ।

Digitized by srujanika@gmail.com

ବାରମ୍ବାର ଏହାର ବ୍ୟବହାର ଏହାର ପ୍ରାଧାନ୍ୟ ସୂଚାଇଥାଏ । ସମସ୍ତ କବିତାରେ ଦେହ ଶବ୍ଦଟି ପ୍ରାୟ ୧୬୦ଥରରୁ ଅଧିକ ବ୍ୟବହୃତ ହୋଇଅଛି । ଏହି ସଂଖ୍ୟା ସୂଚେଇ ଦିଏ କବିଙ୍କ ମନରେ ଦେହ ଚେତନା କେତେ ଦୂର ପକ୍ଷ ବିସ୍ତାର କରିଛି । ଏହା ତାଙ୍କ କବିତାର ଗୋଟିଏ ମୁଖ୍ୟ ଧାରା ନୁହେଁ, ଏହା ହିଁ ତାଙ୍କର କବିତା ’।

(‘ଦେହ ଓ ଅଦେହର କବି ଗୁରୁପ୍ରସାଦ’ ସୌରୀନ୍ଦ୍ର ବାରିକ, ଝଙ୍କାର, ପୃ.୫୧-୫୨)

ଦେହ ଭିତରେ ମୁକ୍ତିର ସ୍ୱପ୍ନ ଶେଷ ପର୍ଯ୍ୟନ୍ତ କିନ୍ତୁ ସଫଳ ହୋଇ ପାରିନାହିଁ । ଯାବତୀୟ ଅସାଧାରଣ ପ୍ରତୀକ୍ଷା ଏକ ଏକ ଭ୍ରାନ୍ତ ଅପେକ୍ଷାରେ ପରିଣତ ହୁଏ । ଶୂନ୍ୟତା, ବିଚ୍ଛିନ୍ନତା, ନିଃସଙ୍ଗତା ଜୀବନର ପ୍ରକୃତ ସ୍ୱରୂପ । କବିଙ୍କ ହରେକୃଷ୍ଣ ଦାସ ହବୁଛି —

ସବୁଜ କବିତା ପରି ହୁଏତ ବା ଏ ପୃଥିବୀ
ରୋମାଣ୍ଟିକ୍ ସ୍ୱପ୍ନାଭ ସୁନ୍ଦର
ନେରୁଦାର ଗୀତ ପରି ହୁଏତ ବା ଏ ଜୀବନ
ଦେହହୀନ କେତୋଟି ମୂର୍ଚ୍ଛନା
‘ଧୂପଳ’ ବିରହ ପରି ହୁଏତ ବା ଏହି ମନ
ଆକାଶର ଭସାଭୁସ ମେଘ
ହୁଏତ ବା ଏହି ଦେହ ପଦ୍ମ ସର ନୀଳ ନୀଡରେ
ନାରକେଳ କନ୍ୟାର କାମନା । (‘ସମୁଦ୍ରସ୍ନାନ’ ପୃ.୩୦)

କିନ୍ତୁ ଏ ସବୁ ‘ହୁଏତ ବା’,— ଏଥିରେ ନୈଶ୍ଚିତ୍ୟ ନାହିଁ । ପରେ ପରେ ହରେକୃଷ୍ଣ ଦାସର ପ୍ରତିଶ୍ଲୋକ —

ତଥାପି ଶୀତର ଥଣ୍ଡା ରାତ ଆଉ କୁହୁଡ଼ିର
ଧୂଆଁଳିଆ ଦେହ

Digitized by srujanika@gmail.com

ଗଳିରୁ ଗଳିକୁ ଛୁଇଁ ଛୁଇଁ ଲେଟର ପୋଷ୍ଟ
ବଙ୍ଗାଳିଆ ସ୍କୁଲ ପିଲା ପରି
ଚଉଧୁରୀ ବଜାରର ଆଳୁଅ ଓ ଠେଲାଠେଲି
ଗହଳି ଭିତରେ
ଏ ପୃଥିବୀ ଜଣାଯାଏ ବନ୍ଧୁହୀନ କ୍ଲାନ୍ତହୀନ
କେଉଁ ଏକ ଦୂରଦେଶ ପରି । (ସମୁଦ୍ରସ୍ନାନ, ପୃ. ୩୦)

ସମ୍ପର୍କ ସମ୍ଭବ ନୁହେଁ, ସଂଯୋଗ ସମ୍ଭବ ନୁହେଁ, ତାହା ସତ୍ତ୍ୱେ ତାହାର ବନ୍ଧୁତା ଅସମ୍ଭବ । ସବୁ କିଛି କେବଳ 'ନାହିଁ' । ଦୂର ଦେଶଟି ଯେପରି, କଟକର ପୃଥିବୀଟି ବି ସେହିପରି । ବନ୍ଧୁହୀନ ଓ କ୍ଲାନ୍ତହୀନ । ସମ୍ପର୍କର ଜଗତଟି ଯେଉଁଠି ଏହିପରି, ସେଠି ପ୍ରେମରେ ନିଶ୍ଚିତ୍ର ସାର୍ଥକତା ଏକ ମିଛକଥା । ବୃଥା । ସମୁଦ୍ରରେ ସ୍ନାନ ନୁହେଁ, ସମୁଦ୍ରସ୍ନାନ ନାଁରେ ଫେଣ ଚୁମୁଥିବା ମାତ୍ର । ତାହା ସତ୍ତ୍ୱେ ରହିଛି ସମୟର କ୍ଷିପ୍ରଣାଗ୍ର ଦନ୍ତର ଦଂଶନ ଓ ଦେହର ଦ୍ରୁତ କ୍ଷୟଶୀଳତା । କାବ୍ୟ ନାୟକର ଅନୁଭୂତି ହୋଇ ଉଠେ ମାଇଲ ମାଇଲ ବ୍ୟାପୀ ବିଫଳତାର ବାଲୁକା ବିସ୍ତାର ମାତ୍ର । ଯେତେଦୂର ଯାଏ ଦୃଷ୍ଟି ଚଉପାଶେ ଖାଲି ବାଲି, ନାହିଁ କାହିଁ ଶ୍ୟାମ ଶସ୍ୟ ନବ ଦୁର୍ବାଦଳ । ରାଧାନାଥଙ୍କ ହତାଶ କାବ୍ୟନାୟକ ଥରେ ଗାଇଥିଲେ —

'ଭାଗ୍ୟଧର ଭାଗ୍ୟ ଆକାଶେ ଶୋଭିବ
ତା'ର ରୂପେ ଏ ନବୀନା
ମୋ ଭାଗ୍ୟେ ନୁହଇ ଆଶାର ତାରା ଏ
ଦୁରାଶାର ଉଲ୍କା ସିନା । ('ଯଯାତିକେଶରୀ')

ଗୁରୁପ୍ରସାଦଙ୍କ କ୍ଷେତ୍ରରେ ଭାଗ୍ୟ ଫାଗ୍ୟ କଥା ଉଠୁନାହିଁ । ତା'ର ନୈରାଶ୍ୟ ନାହିଁ, ଅଛି ସମ୍ପୂର୍ଣ୍ଣ ବିଫଳତା । କାବ୍ୟନାୟକଙ୍କୁ ଶୂନ୍ୟ ଲାଞ୍ଛନା ଧରି ଫେରି ଆସିବାକୁ ପଡ଼େ, ଶୂନ୍ୟତାର ଦୁଃସହ

Digitized by srujanika@gmail.com

ଯନ୍ତ୍ରଣା ଭିତରେ ସଫଳତାର ନିରର୍ଥକ ନୀରବ ଶବ୍ଦ'ର ହୋଇଉଠେ ତାର ଜୀବନ ।

ମୋ ପାଇଁ ଚଳିତ କେବେ ଯାଇ ନାହିଁ ପଥର ଥରାଇ
ମୋ ପାଇଁ ଗଳିର ମୋଡ଼ କେବେ ହେଇନ
ଡେଇଁ ଉଠି ନାହିଁ
ଯେତେ ଯୁକ୍ତି ତର୍କ ଯେତେ ସବୁ ବାଦ
ପ୍ରତିବାଦ ପରେ
ମୋ ପାଇଁ ପଇଛି ରହି ଯୁକ୍ତ ଆଉ ଅଯୁକ୍ତ ମୀମାଂସା
ଏକମାତ୍ର ସମାଧାନ ମୋର
ମୁଁ ଏଠି ଚମକ ଦେଖେ ପଥ ଝୁଣ୍ଡ
ତୃଷ୍ଣା ଚେଷ୍ଟା ଭ୍ରଷ୍ଟା ହୋଇ ରହେ
ମୋଡ଼ ପରେ ମୋଡ଼ ଗିଳି ସମୟର ଆଖିଠାର ମାରି
ଛା'ଉଠର ଫାଙ୍କ ପରି ପଡ଼ି ରହେ ଏଇ ଗଳିମୋଡ଼ ।
('ଗୋବର ଗଣେଶ')

ଗୁରୁପ୍ରସାଦଙ୍କ କବିତାକୁ 'ଗଭୀର ଅନୁଭୂତିରୁ ଜାତ ଅସଫଳତାର ଏକ ଛବି' ବୋଲି ଅଧ୍ୟାପକ ସୌମ୍ୟରଞ୍ଜନ ଦାଶ ଯାହା କହିଛନ୍ତି ତା' ସତ୍ୟ । (ଇସ୍ତାହାର-୨, ପୃ. ୫୫) 'ଚମ୍ପାଫୁଲ' କବିତାଟି ପଢ଼ି କବିଙ୍କ ସମ୍ପର୍କରେ କେହି ଯଦି ଶେଷ ଧାରଣା କରି ବସନ୍ତି, ସେ ନିଶ୍ଚୟ ଚରମ ଭୁଲ୍ କରି ବସିବେ । 'ଚମ୍ପାଫୁଲ' ସୁଦୂର କେଳାଭୂମିରୁ ସୁଦୂରତମ ସମୁଦ୍ରର ଆପାତସୁନ୍ଦର ଏକ ସ୍ୱପ୍ନ'ଛବି ମାତ୍ର । 'ସମୁଦ୍ରସ୍ନାନ'ର ତାହା ପ୍ରକୃତ ବା ଚୂଡ଼ାନ୍ତ ଅନୁଭୂତି ନୁହେଁ, ସେଥିରେ ପ୍ରକୃତ ସମୁଦ୍ରସ୍ନାନର ଅଭିଜ୍ଞାନ ନାହିଁ । 'ସମୁଦ୍ରସ୍ନାନ'ର କାବ୍ୟନାୟକର ବାସ୍ତବ ଅନୁଭୂତି ଘୋର ଲବଣାକ୍ତ ଝଡ଼ସଂକୁଳ, ଆଉ ତିମି ତିମିଙ୍ଗିଳର କଥା । ତାହା ନୈରାଶ୍ୟର ବିଷାଦର, ଦୁଃଖର, ବେଦନାର, ବିଡ଼ମ୍ବନାର,

Digitized by srujanika@gmail.com

ବ୍ୟର୍ଥତାର, ବିଫଳତାର, ଯନ୍ତ୍ରଣାର, କାତରତାର, କାରୁଣ୍ୟର, କ୍ଷୟର, ପତନର, ବିନାଶର । ଅନ୍ଧାର, କୌଣସିଠି ପଦଶବ୍ଦ, ମ୍ଳାନ ବିବର୍ଣ୍ଣ ସନ୍ଧ୍ୟା, ଗାଢ଼ ଓ କୋରଡ଼ ଆଖି, ଚିରାଫାଳ ଓ ଖଣ୍ଡ, ଛେଦ ଡୋକ ତଣ୍ଟି ଶୁଖିଯାଏ, ତଥାପି ତଥାପି କଣ୍ଠରୁ ଅଟକି ଯାଏ ହୋଇନ ସମ୍ଭବ, ତା' ଓଠର ଫାଙ୍କ ଫାଟ ଫାଡ଼ ବାଟେ ଏଥି ଗଳମୋଡ଼, କଣ୍ଠ ନାଣ୍ଟି ତାଗନାଣ୍ଟି, ଅପନ୍ତ୍ରାର ମଳଦ୍ୱାର ଘୁଷୁରିଙ୍କ କୁଢ଼ କୁଢ଼ ଉଚ୍ଛିଷ୍ଟ. ହାଡ଼ରୁ ପଚଡ଼ ମାଂସ ଖସି, ଆକାଶରେ ମେଘ ଆଉ ମେଘ, ନିଶବ୍ଦ କାଳିତର, ପଞ୍ଜରର ପଳାଣ ମୂର୍ଚ୍ଛନା, ବର୍ଷଟିଏ ଖସିଯାଏ ଆସ୍ତେ ଖସିଯାଏ ପୁଞ୍ଜୀଭୂତ ବ୍ୟର୍ଥତା, ଗତିର ପ୍ରସୂତି କଷ୍ଟ ସକାଳର ତୁରୀ ଜନ୍ମନେବା, ଜୀର୍ଣ୍ଣ ଚଇତର ଜରାଗ୍ରସ୍ତ ବିବର୍ଣ୍ଣ ଦେହ, ନିସ୍ପୃହିଆ ଘର, ସମୁଦ୍ରର ଢେଉରେ ନିରର୍ଥକ ଚେଷ୍ଟା ଆଉ ନଷ୍ଟ ଯେତେ ଆତ୍ମୁଷର କ୍ରୋଧ, କୁହୁଡ଼ି, ବାଟହୋଇ ପକ୍ଷୀର ଗୀତ ମରିଗଲାଣି, ଭ୍ରାନ୍ତ ଅପେକ୍ଷା, ଦୁରନ୍ତ ଓ ଦୁର୍ବିସହ ଘୂର୍ଣ୍ଣାବର୍ତ୍ତ, ଖରା ଦୁପହର ତପ୍ତ ଧୂସରତା, କୁହୁଡ଼ି ଓ କାକରର ଗତି, ସମୁଦ୍ରର ମରୁଭୂମି, ଆକାଶର ନିଃସଙ୍ଗତା, ବର୍ଷର ନଗ୍ନ ଆତ୍ମା, ଅବସନ୍ନ ସହର, ନିଷ୍ଫଳ ସ୍ୱପ୍ନର ଦେହ, ନିହତ ଗୋଧୂଳି, ଗନ୍ତବ୍ୟହତ ପଥଭ୍ରାନ୍ତ ନିର୍ବାକ ଅନାଇବା, ବନ୍ଧୁହୀନ ଜ୍ଞାତିହୀନ ଅନ୍ୟଦେଶ, ସୂର୍ଯ୍ୟ ନିଭିଯାଏ, ଭସ୍ମ ଆଉ ପାପ, ଜୀବନର ଭଗ୍ନାଂଶ, ଘୋର ଦୁର୍ଦ୍ଦିନ, ନିଶବଦ ମଶାଣିର ଜଳିଗାଡ଼ ମଶିଣା ଓ ଛିଣ୍ଡାକନା ଖପରା, କୁଢ଼ କୁଢ଼ ମୁଣ୍ଡ ମୁଣ୍ଡ ବାଳ ଓ ଅଙ୍ଗାର, ଅଣ୍ଡା ଆଖି ଡୋଳା ତଳେ ଖାଲି ବ୍ୟର୍ଥ ଅବ୍ୟକ୍ତ ବିଷାଦ, ସ୍ତବ୍ଧ ଗତିହୀନ ସ୍ତବ୍ଧ ଗତିହୀନ ଘନୀଭୂତ ନିସ୍ପନ୍ଦ ନିଥର ନିଶବ୍ଦ ମୁହୂର୍ତ୍ତ, ବାଟର ନିର୍ଜନ ଆଉ ରକ୍ତମାଂସ ସ୍ନାୟୁର ବିରକ୍ତି, ଯାହାର ଧୂସର କ୍ଳାନ୍ତି, ମୃତ୍ୟୁର ନିଶବ୍ଦ ସଂସ୍କାର, ସମୟର ହାହାକାର, ମୃତ୍ୟୁର ଚରମ ଶୂନ୍ୟତା, ସମୟର ହାତ, ହଳଦିଆ ପୃଷ୍ଠା ଯେତେ ସମୟର,

Digitized by srujanika@gmail.com

ପ୍ରେମିକର ହାହୁତାଶ, ଆଦର୍ଶଚ୍ୟୁତ, ବୃନ୍ତ ଫୁଲ ମୁମୂର୍ଷୁ ଉଦ୍‌ଭ୍ରାନ୍ତ ଓ ଶକ୍ତି ହରାନ୍ତି — ଏଲିଅଟର ଗଢ଼ା ସେଇ ନଗର । ପାଣି ବୁନ୍ଦାଟିଏ ନାହିଁ, ଗଛ ପତ୍ର ଆଉ ପାହାଡ଼ । ଗୁରୁପ୍ରସାଦଙ୍କର ଏ ଜଗତଟିର ପ୍ରମୁଖରୂପକ (Major Metaphor) ହୋଇ ଦେଖାଦେଇଛନ୍ତି କାଳ । ଜନ୍ମ ଓ ଜାଗର ତାଙ୍କର ସ୍ୱପ୍ନ ବାରମ୍ବାର ଏକ ବାଲିଚରର ଅନୁଭୂତିରେ ମିଥ୍ୟା ପ୍ରମାଣ ହୋଇଯାଏ ।

(କ) ମୁଁ ଯେତେ ଝଡର ସବୁ ବୁଢ଼ା ହୋଇଯାଏ ଶୀତଋତୁ
ଟେଙ୍ଗରୁ ଗୁମ୍ଫବର୍ଣ୍ଣି ନେବାକୁ ଛିଣ୍ଡାଳିଆ ଭଙ୍ଗା କୋଠାଘର
ଧାନ ଖେତ ନାହିଁ ନେଇଁ ମୂର୍ତ୍ତିଟିକେ ନେଇଁ ଅଗଣାର
ଏଠି ମୋର ସ୍ୱପ୍ନପାଖେ ବାଲିଚର ଖାଲି ବାଲିଚର ।

(ପ୍ରିୟବାଂଧବୀ)

(ଖ) ସମୁଦ୍ରବାଲିରେ ଜନ୍ମ ଆଜ ହୁଏ ଇତସ୍ତତ
ଆକାଶରେ ଦେଖ ଆଜି ମେଘ
ଜନ୍ମ ଯାଏ ତା' ଭିତରେ ମରି ହଜି ନିର୍ବିବାଦେ
ସମୁଦ୍ରବାଲିରେ ସ୍ୱପ୍ନ କାହାର ବା ଚେତନା କାହାର ।

(ଶରତ ଋତୁରେ ଜନ୍ମ)

(ଗ) ଏକରେ ଅନ୍ଧାର ଉଠେ ଗିଳି ରେଖା ଆକାର ପ୍ରକାର
ସୀମିତ ମୋ ପୃଥିବୀର ବଡ ହଜେ ହଜଯାଏ ଉପର ଓ ତଳ
କ୍ଲାନ୍ତ ମୋର ଦେହ ଛୁପି ମାଡ଼ି ଆସେ ବାଲିଚର
ବାଲି ଓ ଅନ୍ଧାର

ପାଦ ଯେବେ ଛନ୍ଦ ହଏ ଅନ୍ଧାରରେ ଗୁଡ଼ିକଙ୍କ ନଚା
ଦେହ ମୋର ଖେଳ ରଖେ ଛୁପ ଛୁପ କୁଢ଼ କୁଢ଼
ବାଲି ଓ ଅଙ୍ଗାର । (କାଳପୁରୁଷ)

ପାରମ୍ପରିକ ସାମଗ୍ରିକ ମୁକ୍ତି ତା'ର କାମ୍ୟ ନୁହେଁ । ଏଇ ଜୀବନ ଭିତରେ ଦେହ ଓ ପ୍ରେମ ଭେଇ ସେ ଖୋଜେ ସାର୍ଥକତା ।

Digitized by srujanika@gmail.com

କିନ୍ତୁ ତାହା ସଫଳ ହୁଏନାହିଁ । ସମସ୍ତର, ମୃତ୍ୟୁର ହିମ ଶୀତଳ ସ୍ପର୍ଶ ତାର ଲମ୍ବିଆସେ । ବିଫଳତାର ଏକ ବିସ୍ତୀର୍ଣ୍ଣ ବାଲୁଚର ହୋଇ ଉଠେ କାବ୍ୟନାୟକର ଅନୁଭୂତିର ବାସ୍ତବ ଭୂମିକା-ଖା'ଶ ଉପରେ ଗଢ଼ି ଉଠେ ଏକ ବିଷଦବାହ୍ମ ଜୀବନ ଜିଜ୍ଞାସାର ସ୍ୱରୂପ । 'ସମୁଦ୍ରସ୍ନାନ' ସେହି ଜୀବନ ଜିଜ୍ଞାସାର ଏକ କାବ୍ୟିକ ଉପଲବ୍ଧି ଓ ଉପସ୍ଥାପନା । ସଂକ୍ଷେପରେ କହିବାକୁ ଗଲେ, ଦେହ ଭିତରେ ଗୁରୁପ୍ରସାଦ ଖୋଜନ୍ତି ଜହ୍ନ ଆଉ ତାରା, ପାଆନ୍ତି କିନ୍ତୁ ବାଲି ଆଉ ବାଲି । ଗୋଟିଏ ଦିଗରେ ଜହ୍ନ ଓ ତାରା, ଏବଂ ଅନ୍ୟ ଦିଗରେ ବାଲି ଏହା ହିଁ ଯେପରି ତାଙ୍କର ନିୟତି । ଆଶାର ନୁହେଁ, ଗୁରୁପ୍ରସାଦଙ୍କ ଜୀବନ ଜିଜ୍ଞାସା କେବଳ ନୈରାଶ୍ୟର କଥା କହୁଥାଏ । ରାଧାନାଥଙ୍କ ପରେ ନୈରାଶ୍ୟବାଦର ସ୍ୱର ଅନ୍ୟ କ୍ୱାପି ଏମତି ଗମ୍ଭୀର ଭାବରେ ଶୁଣା ଯାଇ ନଥିଲା । ଆଜିର ମଣିଷର ନୈରାଶ୍ୟପୂର୍ଣ୍ଣ ଭବିଷ୍ୟତ ସମ୍ପର୍କରେ ଗୁରୁପ୍ରସାଦଙ୍କର ଗୋଟିଏ କାବ୍ୟାଂଶ ଉଦ୍ଧାର କରି ଏ ଆଲୋଚନା ଶେଷ କରାଯାଇପାରେ ।

ଅପରାଜିତାର ଗାଢ଼ ବାଇଗଣି ବଉଦ ଉପରେ
ସୂର୍ଯ୍ୟ ଯେବେ ଉଡ଼ିଯାଏ ମୂନ୍ଦୁଳିକ ଦଳନ୍ଧିଆ ପ୍ରଜାପତି ପରି
ମଣିଷର କେତେ ସ୍ୱପ୍ନ ଆଶା ଓ ନିରାଶା କେତେ ଯୋଜନା ଓ
କମିଟି ଭିତରେ
ସୂର୍ଯ୍ୟ ଯେବେ ନଇଁଯାଏ ଆସ୍ତେ ଆସ୍ତେ ସ୍ଲେଟ ହୋଇ
ବ୍ୟାଟେରୀ ନ ଥିବା ସାନ ଟର୍ଚ୍ଚ ଲାଇଟ୍ ପରି । ୩୦ ।

(ହରେକୃଷ୍ଣ ଦାସ-୨)

Digitized by srujanika@gmail.com

ଗୁରୁପ୍ରସାଦଙ୍କ କାବ୍ୟଶୈଳୀ

ଗୋବିନ୍ଦଚନ୍ଦ୍ର ନାୟକ

ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଗୁରୁପ୍ରସାଦ ମହାନ୍ତି ଏକ ପରିଚିତ ନାମ । ଦୁଇଟି କବିତାକୁ ଛାଡ଼ିଦେଲେ ତାଙ୍କର ଅନ୍ୟାନ୍ୟ କବିତା ପ୍ରଥମ 'ସମୁଦ୍ରସ୍ନାନ' କବିତା ଗ୍ରନ୍ଥରେ ସନ୍ନିବେଶିତ ହୋଇଅଛି । କବିତାମାନଙ୍କର ସମୁଦାୟ ସଂଖ୍ୟା ଅଠାଇଶି । ଏତେ କମ୍ ସଂଖ୍ୟକ କବିତା ରଚନା କରି କୌଣସି ଓଡ଼ିଆ କବି ପକ୍ଷରେ ଏତେ ସାର୍ଥକ ଶିଳ୍ପୀ ହେବାର ସୁଯୋଗ ଓ ସୌଭାଗ୍ୟ ମିଳିନାହିଁ । କବିତା ଗ୍ରନ୍ଥର ପ୍ରାରମ୍ଭରୁ ହିଁ ଦେଖାଯାଏ ଯେ ସେ ସିଦ୍ଧିର ଶୀର୍ଷ ଦେଶରେ । ବାର୍ଣ୍ଣାଡ୍ ଶ' କୌଣସି ଏକ ପ୍ରସଙ୍ଗରେ କହିଥିଲେ ଯେ କୌଣସି ବ୍ୟକ୍ତି ପର୍ବତ ଆରୋହଣ କରିବାରେ ଅନେକ ସମୟ ବିତାଇ ଦେଇପାରନ୍ତି; କିନ୍ତୁ ତାର ଶୀର୍ଷରେ ଅଧିକ କାଳ ଅବସ୍ଥାନ କରିବା ତାଙ୍କ ପକ୍ଷେ ସଂଭବ ନୁହେଁ । ବୋଧହୁଏ ସେଇଥିପାଇଁ ଆମେ ଗୁରୁପ୍ରସାଦଙ୍କର ମାତ୍ର ଅଠେଇଶିଟି କବିତା ଦେଖିବାକୁ ପାଉଁ । ଉଭୟ ଦେହ ଏବଂ ଆତ୍ମାରେ କବିତାମାନଙ୍କର ଐକତାନ ଏପରି ସୁସଂହତ ଯେ ପରିମାଣ ଦୃଷ୍ଟିରୁ ଆହୁରି ଅଧିକ କବିତା ରଚନା କରିବା ସମ୍ଭବ ହୋଇପାରିନାହିଁ । ଗୁରୁପ୍ରସାଦ କୌଣସି ନୂତନ ଶୈଳୀ (ଛନ୍ଦ ଯୋଜନାଗତ)ର ସୂତ୍ରପାତ କରିନାହାନ୍ତି । ତାଙ୍କର ପୂର୍ବରୁ ଏବଂ ପରେ ବହୁ କବି ସେହି ଛନ୍ଦକୁ ନେଇ ପରୀକ୍ଷା କରିଛନ୍ତି । କିନ୍ତୁ ଏପରି ସୁଚିନ୍ତିତ ଏବଂ ନିର୍ଭୁଲ ଆନୁପାତିକତା କ୍ୱଚିତ୍ ଦୃଷ୍ଟିଗୋଚର ହୋଇଥାଏ । କବି ସାର୍ଥକତାର ଶୀର୍ଷବିନ୍ଦୁରେ ପହଂଚି ସାରିବା ପରେ ଏତେ ପରିମାଣରେ ବିମୁଗ୍ଧ ହୋଇଛନ୍ତି ଯେ ଆଉ କୌଣସି ପରୀକ୍ଷା ନିରୀକ୍ଷାରୁ

Digitized by srujanika@gmail.com

ଅନୁଭବ ଲଭିଛନ୍ତି । ଏଣୁ ପ୍ରତ୍ୟେକ କବିତା ଏକପ୍ରକାର ନୂତନ ଶୈଳୀରେ ଗ୍ରନ୍ଥିତ ହେବାପରି ମନେହୁଏ । ଗୁରୁପ୍ରସାଦଙ୍କର କାବ୍ୟଶିଳ୍ପର ମହାର୍ଘତା ରହିଛି, ଔଚିତ୍ୟ ପ୍ରତିଷ୍ଠା ପାଇଛି, କିନ୍ତୁ ସେମାନଙ୍କର ଉଚ୍ଚାରଣ ନମୁନା ନାହିଁ । କବିତାମାନଙ୍କରୁ କବିଙ୍କର ଛନ୍ଦଜନିତ ଶିଳ୍ପଯୋଜନା ଲକ୍ଷ୍ୟ କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ।

'ସମୁଦ୍ରସ୍ନାନ'ର କବିତାଗୁଡ଼ିକୁ ଅଧ୍ୟୟନ କରିବା ସମୟରେ ଯାହା ପ୍ରଥମେ ଆଖିରେ ପଡ଼େ ତାହା ହେଲା କବିଙ୍କର ପୁନରାବୃତ୍ତି ଶୈଳୀ । କେତେବେଳେ ଚରଣବାକ୍ୟ, କେତେବେଳେ ବା ନିର୍ଦ୍ଦିଷ୍ଟ କେତୋଟି ଶବ୍ଦର ପୁନରାବୃତ୍ତି କରି କବି ଯମକର ଭ୍ରମ ସୃଷ୍ଟି କରିଅଛନ୍ତି । କିନ୍ତୁ ତାହା ଯମକ ନୁହେଁ । କବିତାର ଭାବ ତଥା ଧ୍ୱନିର ପୁନରାବୃତ୍ତି କରିଅଛନ୍ତି, କିନ୍ତୁ ତାହା ଦ୍ୱିରୁକ୍ତି ନୁହେଁ । ଏହି ନିର୍ଦ୍ଦିଷ୍ଟ ତଥା ସୁନିର୍ବାଚିତ ପଦଖଣ୍ଡଗୁଡ଼ିକ କାବ୍ୟଶ୍ରୀ ବୃଦ୍ଧି କରିବାରେ ସହାୟକ ହୋଇଅଛନ୍ତି । କାବ୍ୟରଚନାରେ ଯମକ, ଅନୁପ୍ରାସ ଯୋଗକରି ନିରେଖ ଧ୍ୱନି ଅନୁରଣନର ବ୍ୟବସ୍ଥା ମଧ୍ୟଯୁଗୀୟ କାବ୍ୟ ପରଂପରାରେ ବହୁପରିମାଣରେ ଦେଖିବାକୁ ମିଳିଥାଏ । କିନ୍ତୁ ଭାବର ଅନୁରଣନ ଓଡ଼ିଆ କାବ୍ୟ ପରଂପରାରେ ଏକ ନୂଆ କଥା । ଏହା ନିଶ୍ଚିତ ରୂପେ ଆଧୁନିକ ଇଂରାଜୀ କାବ୍ୟପରଂପରାର ଏକ ବିଶିଷ୍ଟ ଢଗ । ସମସାମୟିକ କବିଗଣ, ବିଶେଷ କରି ଇଲିଅଟ୍ କାବ୍ୟଧୀଷଣାର ଏହା ମଧୁମୟ ଫଳ । ଜୀବନାନନ୍ଦ ଦାସ ବଙ୍ଗଳା କବିତା କ୍ଷେତ୍ରରେ ଯେପରି ଏହାର ପରୀକ୍ଷା ନିରୀକ୍ଷା କରିଅଛନ୍ତି, ସେହିପରି ଗୁରୁପ୍ରସାଦ ଓଡ଼ିଆ କବିତା କ୍ଷେତ୍ରରେ ଏହାର ପ୍ରୟୋଗ କରିଅଛନ୍ତି । T.S. Eliotଙ୍କର 'The Waste Land' କିମ୍ବା 'Four Quartets' ରେ ଏହାର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ ।

Digitized by srujanika@gmail.com

My nerves are bad to night. yes bad .
Stay with me, speak to me .
Why do you never speak . speak .
What are you thinking of ? What ?
I never know what you are thinking Think .
[The Waste Land]

ଉପରୋକ୍ତ ଉଦାହରଣଟିରେ ଭାବ ଏବଂ ଶବ୍ଦର ସାର୍ଥକ ଅନୁରଣନ ଦେଖାଯାଏ । 'କାଳପୁରୁଷ'ଠାରୁ ଆରମ୍ଭ କରି ଅନ୍ୟାନ୍ୟ କବିତା-ମାନଙ୍କ ପର୍ଯ୍ୟନ୍ତ ଏହା ସର୍ବତ୍ର ବ୍ୟାପ୍ତ ହୋଇଅଛି । କବି କେଉଁଠି ପୁନରାବୃତ୍ତିକୁ କେବଳ ଧ୍ୱନି ଦୃଷ୍ଟିରୁ ଗ୍ରହଣ କରିଅଛନ୍ତି ଏବଂ ଗୋଟିଏ ଶବ୍ଦକୁ ବାରମ୍ବାର ବ୍ୟବହାର କରି (ଗୋଟିଏ ଶବ୍ଦକୁ ଦୁଇ ବା ତତୋଧିକବାର ପ୍ରୟୋଗ କରି) କବିତାକୁ ଶ୍ରୁତିମଧୁର କରିଅଛନ୍ତି । ଯଥା --

୧-ଅସମାପିକା କ୍ରିୟାପଦ ଯୋଗେ :—

ଆଜ ଯେବେ ସନ୍ଧ୍ୟାବେଳେ ପଥସବୁ ଝିଙ୍ଗିଝିଙ୍ଗି ପଡ଼େ
ନିଗୁଟିଆ ଏଗଳିରୁ ସନ୍ଧ୍ୟାଯାଏ ଲୁନିଲୁନି ଛପି ଛପି
ପ୍ରେମିକର ପରି (ରୋବର ଗର୍ଜ୍ଜଣ)

୨ ବିଶେଷଣ ପଦର ଦ୍ୱିରୁକ୍ତ ଯୋଗେ .—

ଓ'ଡ୍ରିକ ଓ'ାକର ଝଟ ଜାଲନାର ବେତନାଳ ଖଳୁଖ ନିକୋଳିର
ପଥସବୁ ଝିଉଯାଏ ଗୋଟିଗୋଟି ଦିନ ଯେତେ ଯାଏ
(ସନେଟ୍-୩)

୩. ଅବ୍ୟୟ ପଦର ଦ୍ୱିରୁକ୍ତିଯୋଗେ :—

ମୁଁ ତୁମକୁ ଖୋଜିଥିବି ଆଜପରି ତଥାପି ତଥାପି (ସନେଟ୍-୩)

Digitized by srujanika@gmail.com

ତଥାପି ତଥାପି କହୁ ଆଜଯାଏ ହୋଇନ ସମ୍ଭବ
(ଗୋବର ଗଣେଶ)
ସିଗାରେଟ୍ ଡିଆପିଲ ଯଥେଷ୍ଟ ଯଥେଷ୍ଟ (ଗୋବର ଗଣେଶ)

୪ ଧ୍ୱନ୍ୟାତ୍ମକ ଶବ୍ଦର ବ୍ୟବହାର ଯୋଗେ :—

ଗୁଲଯାଏ ଆକାଶରେ କାଚ ଆଉ ଝକ୍‌ଝକ୍ ନଗର କାଗଜ
ତା କାଳର ଦୁଲ୍‌ପଣ ଝିଲମିଲ ଧୂସର ଆଲୁଅ
ତା ଉପର ଆଡୁ ଆସେ ଝିଲମିଲ ଶବ୍ଦ ଦାଗ
(ଗୋବର ଗଣେଶ)

୫ ବଶେଷ୍ୟ ପଦର ଦ୍ୱିତ୍ୱ :—

ରଜାଝିଅ ବେଣୀଫୁଲ ଖସିଗଲା ଧୂଏଁ ଧୂଏଁ ଭାସି (ଚମ୍ପାଫୁଲ)

୬ ନିରର୍ଥକ ଶବ୍ଦଯୋଗେ :—

ଏ ଅନ୍ଧାର ଶୋଇପଡ଼େ ଜାକଯୁକ ନିର୍ବିବାଦେ
ଲଶବଦ ଦୋଡ଼ଧାଡ଼ ହୋଇ (କପୋତ କପୋତୀ[1])

ଗୁରୁପ୍ରସାଦ ମହାନ୍ତିଙ୍କର କବିତାରେ ଉଲ୍ଲେଖ ଯୋଗ୍ୟ ଘଟଣା ଏହି ଯେ ଅସମାପିକା କ୍ରିୟାପଦ ଗୁଡ଼ିକୁ ସେ ଅନେକ ସ୍ଥଳରେ ଦ୍ୱିତ କରିଅଛନ୍ତି । କେବଳ 'ଗୋବର ଗଣେଶ' କବିତାରେ ଆଠଥର ଏହି ପ୍ରକ୍ରିୟାକୁ ବ୍ୟବହାର କରାଯାଇଅଛି । ଉପରୋକ୍ତ ଉଦାହରଣରୁ ଏହା ସୂଚିତ ହୁଏ ଯେ କେବଳ ମାତ୍ର ଅନୁପ୍ରାସର ଲକ୍ଷ୍ୟ ଉଦ୍ଦେଶ୍ୟରେ ଗୋଟିଏ କମ୍ବା ଦୁଇଟି ଶବ୍ଦକୁ ପାଖାପାଖି ଦ୍ୱିତ କରାଯାଇଅଛି । ଏଣୁ କବିତାର ଛନ୍ଦ ଅବାରିତ ଭାବେ ଗତି କରିଅଛି । କୌଣସି କୌଣସି ସ୍ଥାନରେ ଏହି ପ୍ରକ୍ରିୟାରେ ରଚିତ କବିତାର ଭାବ ଅନ୍ତିମାଂଶରେ ଚପଳ ତଥା ଚଞ୍ଚଳ ହୋଇ ଉଠିଛି । କୌଣସି ସ୍ଥାନରେ ମଧ୍ୟ ଏହା ଭାବକୁ ଆତୁର ଓ ତୀକ୍ଷ୍ଣ

Digitized by srujanika@gmail.com

କରିବା ଫଳରେ ପାଠକ ନିକଟରେ କାବ୍ୟ ସ୍ରଷ୍ଟାର ସ୍ୱରମୂର୍ତ୍ତିକୁ ଚିହ୍ନିବାରେ କଷ୍ଟ ହୁଏ ନାହିଁ । କିନ୍ତୁ ଅନେକ ସ୍ଥଳରେ ଏହି ଉଦ୍ଦେଶ୍ୟକୁ ଅଧିକ ଫଳପ୍ରଦ କରିବା ପାଇଁ ଶବ୍ଦକୁ ଦ୍ୱିତ ନ କରି ଗୋଟିଏ ଗୋଟିଏ ପଦକୁ ବାରମ୍ବାର ବ୍ୟବହାର କରାଯାଉଅଛି; କେତେବେଳେ ଏପରି ହୋଇଛି ଯେ ଗୋଟିଏ ପାଦରେ କୌଣସି ଗୋଟିଏ ଶବ୍ଦକୁ ବାରମ୍ବାର ବ୍ୟବହାର କରାଯାଇଅଛି । ପୁଣି ବା ପାଖାପାଖି ପଦମାନଙ୍କରେ ଏପରି କରାଯାଇଅଛି ।

ଯେଉଁଠି କବି ଗୋଟିଏ ଶବ୍ଦକୁ ଏକାଠାର କୌଣସି ପାଦରେ ବାରମ୍ବାର ବ୍ୟବହାର କରିଛନ୍ତି । ସେଠାରେ ସେହି ପାଦଟିରେ ଅନେକ ବାକ୍ୟ ବା ଖଣ୍ଡ ବାକ୍ୟ ସୃଷ୍ଟି କରିବା ପାଇଁ ପଡ଼ୁଛି । ଫଳରେ ତାହା ଶ୍ରୁତିକଟୁ ନହୋଇ ବରଂ ମନମୁଗ୍ଧକର ହୋଇଅଛି । ଯଥା

ଯଦି କେବଳ ତୁମେ ଭୁଲ୍‌ସବୁ, ଗଧତୁମେ
ବୋକାତୁମେ, ଓଲୁ ତୁମେ
ବୁଝଣାର ଭେଳକି ତୁମର (ଗୋବର ଗଣେଶ)

ଏହି ପ୍ରସଙ୍ଗରେ Eliotଙ୍କର ଶୈଳୀ ଆଖିରେ ପଡ଼େ ।

I keep my countenance .
I remain self-Possessed 'portrait of alady'

କିମ୍ବା

I shall wear white flannel trousers, and
walk upon the beach .
I have heard the mermaids singing each
to each .
I do not think that they will sing to me .
(The love song of J. Alfred Prufrock .)

Digitized by srujanika@gmail.com

ଗୁରୁପ୍ରସାଦ ମହାନ୍ତି ଉକ୍ତ ଦ୍ୟୋତ୍ୟରେ ଲେଖିଛନ୍ତି :—

ଯେଉଁମାନେ ଗଢ଼ିଥିଲେ ସ୍କୁଲ କଲେଜ, ଦେଇଥିଲେ ଗ୍ରନ୍ଥ ଲାଇବ୍ରେରୀ
ଯେଉଁମାନେ ଖଞ୍ଜିଥିଲେ ମିଳିଗୁଡ଼ିକ ସେତୁ ଓ ଡେଙ୍ଗୁଥିଲେ ସମ୍ବରେ
ଚକ୍ ନୀ
ଯେଉଁମାନେ ଖୋଜୁଥିଲେ ମୁକ୍ତି ପୃଷ୍ଠି ଦେଇ ଆଉ ମନର ବସ୍ତୁ
ଯେଉଁମାନେ ଠିକ୍‌ଥିଲେ ଭୂମିପର ଛାଁଇ କାଁଇ ସିଧା ଓ ସଳଖ
('କାଳପୁରୁଷ')

କନ୍ୟା

ଯେଉଁଠି ଜୁଆର ଆସେ ପୋତାଶ୍ରେୟର ମୁହାଣର ଘାସ ଖଣ୍ଡଣ
ଯେଉଁଠି ପାଣିରେ ଆସେ ଅକସ୍ମାତ ଫେଣବାସି ଓଲଟାଇ ନଗରର
ସ୍ମିତି
ଯେଉଁଠି ପବନ ଯାଏ ଖୋଜ ଖୋଜ ସାଗରର ଗୁଡ଼ିକଙ୍କ
ଘ ଷଟଳେ
ଯେଉଁଠି ଧୂସର ସବୁ ବାଲି ଓ ଚଲର ରଙ୍ଗ କଙ୍କଡ଼ା ଓ
କୋକସିଆଳ (ପ୍ରିକ୍‌ନିକ୍)

ଅନ୍ୟ ସମୟରେ ଭାବର ଏକ ମୁଖ୍ୟ ଅଂଶକୁ ପାଦମାନଙ୍କରେ ବ୍ୟବହାର କରଯାଇଅଛି । ଗୁରୁପ୍ରସାଦ Neo-romantic ଧାରାକୁ ଓଡ଼ିଆ କବିତା ରାଜ୍ୟରେ ପ୍ରତିଷ୍ଠା କରିଛନ୍ତି । ଏଣୁ ଭାବର ଦୃଢ଼ତାଭିଣାଳତାକୁ ଆଖି ଆଗରେ ରଖି ସେ ତାଙ୍କର କାବ୍ୟ ସୌନ୍ଦର୍ଯ୍ୟକୁ ବଳିଷ୍ଠ କରିବା ନିମିତ୍ତ ଭାବର ପୁନରାବୃତ୍ତି ଦ୍ୱାରା ଅସ୍ପଷ୍ଟତାର ବାତାବରଣ ସୃଷ୍ଟି କରିଛନ୍ତି କନ୍ୟା ନିର୍ଦ୍ଦିଷ୍ଟ ଭାବଟିକୁ ବଳିଷ୍ଠ କରି ଥିଲନ୍ତି । ଏହି ଶୈଳୀଟି ମଧ୍ୟ T. S. Eliotଙ୍କର ରଚଣତ କୌଶଳ । ଗୁରୁପ୍ରସାଦଙ୍କର ନିମ୍ନୋଦ୍ଧୃତ ପଂକ୍ତି ଗୁଡ଼ିକରୁ ତାହାର ସଂକେତ ମିଳେ ।

Digitized by srujanika@gmail.com

ଚଂପାଫୁଲ ମହକରେ ଏଡ଼େ ସେ ଯେ ଦାରୁଣ କୁହୁକ
ଉଙ୍କିଯାଏ ନିଆଁ ଲାଗି; ଲୁଚି ଆଜି ନିଶ୍ୱାସରେ
ଲୁଚି ଆଜି ନିଶ୍ୱାସରେ ନିଆଁ ସେ ଯେ ଦେହେ ବିଜୁଳି ଚମକ
ବିଜୁଳି ଚମକ ସେ ଯେ ବଣନିଆଁ ସବୁଯାଏ ଛୁଇଁ ଭିଜା ହୋଇ

('ଚମ୍ପାଫୁଲ')

ଉପରୋକ୍ତ ପଂକ୍ତିଗୁଡ଼ିକୁ ଭାବାନୁପ୍ରାସ କୁହାଯାଇ ପାରେ । ଏହା ବ୍ୟତୀତ ଗୁରୁପ୍ରସାଦ ମହାନ୍ତି କୌଣସି କୌଣସି କବିତାରେ କୌଣସି ଏକ ଶବ୍ଦ ବା ପଦପୁଞ୍ଜକୁ ଅନେକ ଥର ପ୍ରୟୋଗ କରିଅଛନ୍ତି । ଉଦାହରଣ ସ୍ୱରୂପ, 'ଗୋବର ଗଣେଶ' କବିତାରେ ନଅଥର 'ପଥଭୁଲିବା', 'କାଳପୁରୁଷ'ରେ ପାଞ୍ଚଥର 'ହେ ଉଦ୍ଧବ ସଖା ମୋର ପ୍ରାଣର ସୋଦର', 'ପ୍ରିୟ ବାନ୍ଧବୀ' କବିତାରେ ଦୁଇଥର 'ଶୀତଋତୁ ବୁଢ଼ା ହୋଇଯିବା', 'ଅଳକା ସାନ୍ୟାଲରେ' ତିନଥର 'କାଉ ଓ ବାଦୁଡ଼ି'ର ବ୍ୟବହାର ହୋଇଅଛି । ନଗ୍ନ ଟିଆ ଶବ୍ଦଟି କବିଙ୍କର ଅତି ପ୍ରିୟତମ ଶବ୍ଦ । ଅନ୍ୟାନ୍ୟ ଶବ୍ଦମାନଙ୍କ ମଧ୍ୟରେ 'ଜହ୍ନ', 'ତାରା', 'ଦେହ', 'ମନ', 'ସମୟ' ଇତ୍ୟାଦି ପ୍ରିୟତର ଅଟନ୍ତି ।

ଗୁରୁପ୍ରସାଦଙ୍କ କବିତା ପାଠକକୁ ଆବୋରି ରଖିବାର ଗୋଟିଏ ମୁଖ୍ୟ କାରଣ ଏହା ଯେ ସେ ପ୍ରାୟ ନିର୍ଭୁଲ ଭାବେ ଛନ୍ଦ ସଂଯୋଜନା କରିଅଛନ୍ତି । କବିତାଗୁଡ଼ିକ ପୟାର ଛନ୍ଦରେ ରଚିତ । କେବଳ ସନେଟ୍ ତିନି ଏବଂ ଛଅକୁ ଛାଡ଼ିଲେ ଅନ୍ୟାନ୍ୟ କବିତାମାନଙ୍କର ପାଦମାନଙ୍କର ଅକ୍ଷର ସଂଖ୍ୟା ସମାନ ନୁହେଁ । ପାଦଗୁଡ଼ିକ ପ୍ରାୟ ଯୋଡ଼ ସଂଖ୍ୟକ ଅକ୍ଷରକୁ ନେଇ ଗଠିତ । କ୍ୱଚିତ୍ ପାଦ ବିଯୋଡ଼ ସଂଖ୍ୟକ ଅକ୍ଷର ବିଶିଷ୍ଟ ।

Digitized by srujanika@gmail.com

ସଚ୍ଚିଦାନନ୍ଦ ରାଉତରାୟ 'ପାଣ୍ଡୁଲିପି'ର ନାଂଦୀ ମୁଖରେ ପ୍ରକାଶ କରିଅଛନ୍ତି ଯେ 'ପାଣ୍ଡୁଲିପି'ର କେତେକ ପର୍ଯ୍ୟାୟର କବିତା ଗୁଡ଼ିକ ପୟାର ଜାତୀୟ ଛନ୍ଦରେ ରଚିତ । ତତ୍ପୂର୍ବରୁ ସେ ଏହି ଛନ୍ଦର (ପୟାର ଛନ୍ଦ) ସ୍ଥିତି ସ୍ଥାପକତା ସଂପର୍କରେ ନିଜର ମତାମତ ପ୍ରକାଶ କରି କହିଛନ୍ତି ଯେ ସବୁପ୍ରକାର ଭାବକୁ ପାଖାପାଖି ରଖି ପରିବେଷଣ କରିବାରେ ପୟାରଛନ୍ଦ ପରି ଆଉ ଛନ୍ଦ ନାହିଁ । ପୟାର ଛନ୍ଦ ଚଉଦ ଅକ୍ଷର ବିଶିଷ୍ଟ ଦୁଇପଦକୁ ନେଇ ଗଠିତ । କିନ୍ତୁ ପୟାର ଜାତୀୟ ଛନ୍ଦର ସ୍ୱରୂପ କ'ଣ ସେ ସଂପର୍କରେ କିଛି ହେଲେ ସୂଚନା ଦେଇ ନାହାନ୍ତି । ତାଙ୍କର କେତେକ ପର୍ଯ୍ୟାୟର କବିତାମାନଙ୍କର ଛନ୍ଦ ଯୋଜନାକୁ ଲକ୍ଷ୍ୟକଲେ ଜଣାଯାଏ ଯେ ଯେ ତାହାର ପାଦ ଗୁଡ଼ିକରେ ଚଉଦରୁ ଅଧିକ ବା କମ୍ ଅକ୍ଷର ମଧ୍ୟ ରହିଅଛି । ଚଉଦ ଅକ୍ଷର ବିଶିଷ୍ଟ ପାଦମାନଙ୍କର ବିଭାଜନ ଏହିପରି — ୪।୪।୬। ଯେଉଁଠି ଏହା ଅଠର କିମ୍ବା ବାଇଶି ଅକ୍ଷର-ବିଶିଷ୍ଟ ହୋଇଅଛି ତାହାର ବିଭାଜନ ଯଥାକ୍ରମେ ୪।୪।୪।୬ । ସଚ୍ଚିଦାନନ୍ଦ ରାଉତରାୟ ପାଦମାନଙ୍କର ଅକ୍ଷର ସଂଖ୍ୟା ମୁଖ୍ୟତଃ ଅଠର ଅକ୍ଷର ମଧ୍ୟରେ ସୀମିତ କରିଅଛନ୍ତି । ଯଥା :

ଲୌହସେତୁ । ମଂଥିବେଗେ । ଉଠ'ଇ ସେ । ଧୂଆଁର ନିଶାଣ
ଛୁଟିଗଲେ । ମାଲଗାଡ଼ି । ଖଡ଼୍ଗପଥା । ହାଣଂତ କୃପାଣ

କେତେକ ସମାନ ସଂଖ୍ୟକ ଅକ୍ଷର ବିଶିଷ୍ଟ ଧାଡ଼ିପରେ ଛନ୍ଦର ମନଟୋନକୁ ଭାଙ୍ଗିବା ପାଇଁ ସେ ମଝିରେ ମଝିରେ ପାଦର ଅକ୍ଷର ସଂଖ୍ୟା କମେଇ ଦେଇଅଛନ୍ତି । ପାଦମାନଙ୍କର ଅକ୍ଷର ସଂଖ୍ୟା ଦଶ କିମ୍ବା ଛଅ । ଗୁରୁପ୍ରସାଦ ତାଙ୍କର କବିତାଗୁଡ଼ିକୁ ପୟାର ଜାତୀୟ ଛନ୍ଦରେ ରଚନା କରିଥିଲେ ମଧ୍ୟ ରାଉତରାୟଙ୍କର ଛନ୍ଦ ଯୋଜନାଠାରୁ କେତେକ ବ୍ୟତିକ୍ରମ ତାଙ୍କର କବିତାମାନଙ୍କରେ ଦେଖାଯାଏ ।

Digitized by srujanika@gmail.com

ରାଉତରାୟ ସମାନ ସଂଖ୍ୟକ (ପ୍ରାୟତଃ ପ୍ରାନ୍ତ ଅକ୍ଷରର ମେଳଥାଇ) ଅକ୍ଷର ବିଶିଷ୍ଟ ପାଦମାନ ଯୋଗକରି ଦେଖିଛନ୍ତି ଯେ ଛନ୍ଦ ବନ୍ଧ କ୍ଲାନ୍ତିକର (ମନଟୋନସ୍) ହୋଇଯାଉଛି । ଏଣୁ ବାଧ୍ୟହୋଇ ମଝିରେ ମଝିରେ ପଦମାନଙ୍କର ଅକ୍ଷର ସଂଖ୍ୟା କମାଇ ଦେଇଅଛନ୍ତି । ଯଥା :—

ଦୂରେ ଚୋର । ପଥଗୃହେଁ । ଚମତ୍କାର । ଜଗତ୍ୟାପାରେ ।
ଅଯୋନି । ସଂଭୂତାପ୍ରିୟା । ଦେଖ ଦେଖ । ନକ୍ଷତ୍ର ମିନାରେ
ଜଳୁଅଛି । ବଧିର ସ୍ୱାକ୍ଷର
ଆଡ଼େ ପଳା । ଚକ ହେତୁ । ଫେଣବାଟେ । ପଥକାନ୍ତିଁ ଚୋର୍
(ଗ୍ରାମନାମ ସତ୍ୟହିଁ)

ପ୍ରକାରର ଏହିଧାରା ଅବ୍ୟାହତ ରହିଅଛି । ଯେଉଁଠି କବି ପାଦମାନଙ୍କର ଅକ୍ଷର ସଂଖ୍ୟା ସମାନ ରଖିନାହାନ୍ତି ସେଠାରେ ମଧ୍ୟ ପାଦମାନଙ୍କର ପ୍ରାନ୍ତ ଅକ୍ଷରର ମିଳନ ପ୍ରତି ଗୁରୁତ୍ୱ ଦିଆଯାଇଅଛି । ଗୁରୁପ୍ରସାଦ ମହାନ୍ତଙ୍କର ଦୁଇଟି ସିନେଟ୍‌କୁ ବାଦଦେଲେ ଅନ୍ୟ କବିତାମାନଙ୍କରେ ପାଦର ଅକ୍ଷର ସଂଖ୍ୟା-ମାନଙ୍କରେ ସ୍ଥିରତା ନାହିଁ । ଯେଉଁଠି ପାଖାପାଖି କେତୋଟି ପାଦର ଅକ୍ଷର ସଂଖ୍ୟା ସମାନ ହୋଇଅଛି ତାହା ଆକସ୍ମିକ । ଏଣୁ ମନଟୋନର ପ୍ରଶ୍ନ ଉଠେନାହିଁ । ସଚ୍ଚିଦାନନ୍ଦ ରାଉତରାୟ ଅନ୍ୟକେତେକ କବିତା ରଚନା କରିଅଛନ୍ତି ଯେଉଁ ଗୁଡ଼ିକର ପାଦ ସଂଖ୍ୟା ଆଦୌ ସ୍ଥିରନୁହେଁ । କିନ୍ତୁ ପାଦମାନଙ୍କର ଅନ୍ତ୍ୟକ୍ଷର ମେଳର ବିଶେଷ ଗୁରୁତ୍ୱ ରହିଛି ।

ମୋଟଉପରେ, ଗୁରୁପ୍ରସାଦ ମହାନ୍ତି ଛନ୍ଦ ଯୋଜନାରେ କେତେକ ବିଶେଷତ୍ୱ ରଖିଛନ୍ତି ତାହାହେଲା ସେ ପ୍ରାନ୍ତ ଅକ୍ଷର ମେଳ ପ୍ରତି ଗୁରୁତ୍ୱ ଆରୋପ କରିନାହାନ୍ତି । ତାହା ହୁଏତ ଆକସ୍ମିକ

Digitized by srujanika@gmail.com

ଭାବେ ମିଳିଯାଇଛି । କବିତାର ପାଦମାନ ଗନ୍ଧତରଙ୍ଗଙ୍କ କବିତାର ପାଦମାନଙ୍କ ପରି କ୍ଷୁଦ୍ରନୁହେଁ । 'ତୁଟିର ଖଗ' କବିତାରେ ଅଠତିରିଶ ଅକ୍ଷର ବିଶିଷ୍ଟ ପାଦର ବ୍ୟବହାର କରାଯାଇଅଛି । ସେହିପରି 'ସିତୁଆ'ରେ ଚଉତିରିଶ ଅକ୍ଷର ବିଶିଷ୍ଟ ପାଦର ବ୍ୟବହାର କରାଯାଇଅଛି । ବାକ୍ୟଗଠନରେ ସେ ସରଳ ବାକ୍ୟ ଅପେକ୍ଷା ଯୌଗିକ କିମ୍ବା ଜଟିଳ ବାକ୍ୟଗୁଡ଼ିକୁ ବହୁପରିମାଣରେ ବ୍ୟବହାର କରିଅଛନ୍ତି ।

ଆଧୁନିକ କବିତାର ଭାଷା ଗଦ୍ୟଧର୍ମୀ ହୋଇଥିବାରୁ ଏବଂ ଏଥିରେ ପଦ୍ୟର ନିର୍ଦ୍ଦିଷ୍ଟ ନିୟମମାନ ଦେଖାଯାଉ ନ ଥିବାରୁ, ସର୍ବୋପରି ଗଦ୍ୟ ସଂପର୍କରେ ଆମର ଏକ ନ୍ୟୂନଧାରଣା ଥିବାରୁ ଆମେ ହଠାତ୍ ଧାରଣା କରିବସୁ ଯେ ଆଧୁନିକ କବିତା ଛନ୍ଦହୀନ ତଥା ଲାଳିତ୍ୟହୀନ । ଏହି ଧାରଣାର ବଶବର୍ତ୍ତୀ ହୋଇ ଅନେକ କବି ହେବାର ଆଶା ପୋଷଣ କରିବସନ୍ତି । ଗୁରୁପ୍ରସାଦ ମହାନ୍ତିଙ୍କ ଛନ୍ଦର ନିୟମ, କବିତାରେ ଅନୁପ୍ରାସର ବହୁଳ ପ୍ରୟୋଗ (ଯାହା ଫଳରେ 'କ ପ୍ରାନ୍ତ ଅକ୍ଷରର ମିଳନକୁ ଗୌଣ ବୋଲି ପାଠକ ଧରିବାକୁ ବାଧ୍ୟ ହୁଏ) ସର୍ବୋପରି ଭାବ ତଥା ଶବ୍ଦର ପୁନରାବୃତ୍ତି ଇତ୍ୟାଦି ପ୍ରାଚ୍ୟ ପାଶ୍ଚାତ୍ୟ ଶୈଳୀର ଶିଳ୍ପ କଳାର ମିଶ୍ରଣଦ୍ୱାରା କବିତାର ଯେଉଁ ଅଭିନବ ରୂପଟିଏ ଫୁଟି ଉଠିଛି, ତାହାର ପ୍ରଭାବରେ ପାଠକ ନଈଶୁଅ ପରି ତଡ଼ି ହୋଇଯାଏ । ତାଙ୍କର କବିତାରେ ତଥା ପରିମାଣରେ ପ୍ରଚୁରତା ନ ଥିଲେ ମଧ୍ୟ ସେ ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ ଶିଳ୍ପୀ ।

Digitized by srujanika@gmail.com

॥ ଗୁରୁପ୍ରସାଦଙ୍କ କବିତା ଓ ମୁଁ ॥

ମୋ ଭଳି ଯେଉଁମାନେ ଆଧୁନିକ ରୀତିରେ ପ୍ରଥମ କରି କବିତା ଲେଖା ଶିଖୁଥିଲେ, ସେମାନଙ୍କର ଦ୍ରୋଣଗୁରୁ ଥିଲେ ସଚ୍ଚି ରାଉତରାୟ । ସଚ୍ଚି ରାଉତରାୟଙ୍କୁ ଛାଡ଼ି ଦେଲେ ଆଉ ଜଣେ ଯିଏ ହଠାତ୍ ତରୁଣ କବିର ମନକୁ ଆଚ୍ଛନ୍ନ କରି ବସୁଥିଲେ, ସେ ଥିଲେ ଗୁରୁପ୍ରସାଦ ମହାନ୍ତି । ନୂଆ କରି କଲେଜ ପଢ଼ିଲା ବେଳେ (୧୯୬୪) ଗୁରୁପ୍ରସାଦଙ୍କ କବିତା ସହ ମୋର ପରିଚୟ । ସେତେବେଳେ 'ଓଏଷ୍ଟ-ଲ୍ୟାଣ୍ଡ' ପଢ଼ି ନ ଥିବା କବି ଆଧୁନିକ କବି ସମାଜରେ ଥିଲେ ଅପାଂକ୍ତେୟ । 'ଓଏଷ୍ଟଲ୍ୟାଣ୍ଡ' ପଢ଼ିଦେଲେ କବିର ଦୀକ୍ଷାରେ ପାସ୍ ହୋଇଯିବ, ଏ ବିଶ୍ୱାସ ନେଇ ପ୍ରଥମେ ପଢ଼ିଲି ଜ୍ଞାନୀନ୍ଦ୍ର ବର୍ମାଙ୍କ 'ପୋଡ଼ାଭୂଇଁ' । କାରଣ ଏଲିଅଟଙ୍କ ଇଂରେଜୀ କବିତା ପଢ଼ି ବୁଝିବାର ଶକ୍ତି ନ ଥିଲା ମୋର । 'ପୋଡ଼ା ଭୂଇଁ'ରୁ କିଛିଟା ଆଭାସ ପାଇଲି, କିନ୍ତୁ ଅନୁପ୍ରାଣିତ ହୋଇ ନାହିଁ । କାରଣ ମୋର ବୁଦ୍ଧି କାବ୍ୟିକ ବିଶ୍ୱ ଭିତରେ 'ଓଏଷ୍ଟ-ଲାଣ୍ଡ୍'ର ବସ୍ତୁତତ୍ତ୍ୱକୁ ଧରି ରଖିବା ସହଜ ନ ଥିଲା । ମଫସଲର ନାଡ଼ୀ ନକ୍ଷତ୍ର ସହିତ ପରିଚିତ ଜଣେ ବାଳକ ପକ୍ଷରେ ଏ ଥିଲା ଏକ ଅଭୂତ-ପୂର୍ବ ଅନୁଭବ । 'ଓଏଷ୍ଟଲ୍ୟାଣ୍ଡ୍'ର ଅନୁବାଦ ପଢ଼ି କଣ ମୁଁ ପାଇଲି ହୁଏତ କହି ପାରିବିନି । କିନ୍ତୁ ମନରେ ବଡ଼ ଅଶାନ୍ତି ହେଲା ।

ସେତେବେଳେ ଯେଉଁମାନଙ୍କର କବିତା ପତ୍ର ପତ୍ରିକା ପୃଷ୍ଠାରେ ଦେଖିବାକୁ ମିଳୁଥିଲା, ସେମାନଙ୍କ ଭିତରୁ ଅଳ୍ପେ ବହୁତେ ଥିଲେ ଗୁରୁ-

Digitized by srujanika@gmail.com

ପ୍ରସାଦଙ୍କ ଗୀତିକାବ୍ୟିକତା ପ୍ରତି ଅନୁରକ୍ତ, କେତେକ ପୂର୍ବାପୁରି ଭକ୍ତ। ତେଣୁ ଅନେକ କବିଙ୍କ କବିତାର ସାଧାରଣ ଆଲୋଚନା ବେଳେ ଗୁରୁପ୍ରସାଦଙ୍କ କାବ୍ୟମଧ୍ୟ ଅବୃତ୍ତିଧର୍ମୀ ଛନ୍ଦର ପ୍ରଭାବ କଥା ଶୁଣା ଯାଉଥିଲା। ସୌଭାଗ୍ୟକୁ ମୋ ହାତରେ ଦିନେ ପଡ଼ିଗଲା 'ନୂତନ କବିତା'। ଗୁରୁପ୍ରସାଦଙ୍କ କବିତାଗୁଡ଼ିକ ବାରଂବାର ପଢ଼ିଲି। ମୁଗ୍ଧ ହେଲି। ଗୋଟାଏ ଗଭୀର ଭାବାବେଶରେ ମୁଁ ପୁଣି ବୁଲିଲି ଏକ ଅନନୁଭୂତ ଜଗତରେ। କବିତାଗୁଡ଼ିକ ମୋର ପରିଚିତ ପରିବେଶ ଭିତର ଦେଇ କେତେବେଳେ କେଉଁ ଏକ ଅଜାଣତ ରାଜ୍ୟକୁ ମୋତେ ଟାଣି ନେଲା; ମୁଁ ଜାଣି ପାରିଲି ନାହିଁ। ଆଜି ବୁଝୁଛି, ସେ ଥିଲା ଗଭୀର କାବ୍ୟ ରସାନୁଭବ, କବି ସହ ଏକାତ୍ମବୋଧ। ମୁଁ କିନ୍ତୁ ବୁଝି ପାରିଲି ନାହିଁ ଯେ ମୁଁ ପଢ଼ୁଛି ଏଲିଅଟ୍‌ଙ୍କ କବିତାର ଓଡ଼ିଶୀ ସଂସ୍କରଣ। ପରିବେଶ ତ ପୂରାପୁରି ଓଡ଼ିଆର, ଉପରକୁ ଦିଶିଲେ ଘରଘର। ମନେ ହେଉଥିଲା ଯେମିତି କାବ୍ୟବସ୍ତୁ, ଚରିତ୍ର, ରୂପକଳ୍ପ, ପ୍ରତୀକ, କେଉଁଥିରେ ବିଦେଶୀ ଗନ୍ଧ ନାହିଁ। ସଂପୂର୍ଣ୍ଣ ଏକ ଏକ ମୌଳିକ କବିତା। ସବୁଠାରୁ ମନକୁ ବେଶୀ ଛୁଉଁଥିଲା, କବିତାର ଛନ୍ଦ, ଯାହାଥିଲା ଓଡ଼ିଶୀ ଗନ୍ଧରେ ଭରା। ସେଥିପାଇଁ ବୋଧହୁଏ କେତେକ ପ୍ରସିଦ୍ଧ କବିତାର ବହୁ ଲାଇନ ମନେ ରହି ଯାଉଥିଲା ଆପଣା ଛୁଏଁ। ଆମର ପରିଚିତ ପରିବେଶର ରୂପ, ରସ, ଗନ୍ଧ ଭିତର ଦେଇ ପାଶ୍ଚାତ୍ୟ ଜଗତର ନିଃସଙ୍ଗ ଅସହାୟତା, ଗ୍ଲାନିବୋଧ ନିକଟରେ ପହଂଚ ଯିବା ଏଡ଼େ ସହଜ, ଅନୁଭବ କରି ପାରି ନ ଥିଲି କେବେ। ହୁଏତ ମୋ ପରି ଆଉ କେତେକ ନୂତନ କବି ଗୁରୁପ୍ରସାଦ ମହାନ୍ତିଙ୍କ କବିତା ମାଧ୍ୟମରେ ଏଲିଅଟ୍‌ଙ୍କ କାବ୍ୟ ଜଗତ ସହ ପରିଚିତ ହୋଇଥିବେ।

କମ୍ କବିତା ଲେଖି ବେଶି ପ୍ରତିଷ୍ଠାର ଅଧିକାରୀ ହୋଇଛନ୍ତି କବି ଗୁରୁପ୍ରସାଦ। ତାଙ୍କର ପ୍ରତ୍ୟେକ କବିତା ଇନ୍ଦ୍ରଜାଲ ପରି ପାଠକ ମନକୁ ଗଭୀର ଭାବେ ଛୁଇଁ ପାରେ, ଆଲୋଡ଼ିତ କରି ପାରେ। ସେ କବିତା ଭିତରୁ କେତେକ ମନେ ହୁଅନ୍ତି ଦେଶୀ, କେତେକ ପୁଣି ବିଦେଶୀ। ଅବଶ୍ୟ

Digitized by srujanika@gmail.com

ଉପାଦାନ ଦୃଷ୍ଟିରୁ । କିନ୍ତୁ ଉପସ୍ଥାପନ ଶୈଳୀ ସଂପୂର୍ଣ୍ଣ ସ୍ୱତନ୍ତ୍ର । ଏହି ସ୍ୱତନ୍ତ୍ର ଶୈଳୀ ହିଁ ତାଙ୍କୁ କାବ୍ୟ ଜଗତରେ ପ୍ରତିଷ୍ଠିତ କରି ପାରିଛି । ପ୍ରତ୍ୟେକ ତରୁଣ କବିର ହୃଦୟକୁ ଅଧିକାର କରିବାର ସୁଯୋଗ ସୃଷ୍ଟି କରିଛି । ତାଙ୍କର ଶ୍ରେଷ୍ଠ କବିତା 'କାଳ ପୁରୁଷ' ବସ୍ତୁ ସ୍ତରରେ ଏଲିଅଟ୍ ପ୍ରଭାବାନ୍ୱିତ ହେଲେ ବି ବାହ୍ୟତଃ ଏକ ମୌଳିକ କବିତାର ଗୌରବ ଲାଭ କରିପାରେ । ଏପର୍ଯ୍ୟନ୍ତ ପ୍ରତ୍ୟେକ କବି, ପାଠକ ମୁକ୍ତ କଣ୍ଠରେ ସ୍ୱୀକାର କରି ଆସିଛନ୍ତି ଯେ ଏଲିଅଟ୍ଙ୍କ କାବ୍ୟ ଭାବନାକୁ ସଂପୂର୍ଣ୍ଣ ନିଜସ୍ୱ କରିବାରେ ସଫଳକାମ ହୋଇ ପାରିଥିଲେ କେବଳ ଗୁରୁ ପ୍ରସାଦ ମହାନ୍ତି । କବିତା ଗୁଡ଼ିକରେ ମୌଳିକତାର ପ୍ରତିଫଳନ ଏତେ ବେଶି ଯେ ଆହରଣ କେଉଁଠି ଆଡ଼େ ଲୁଚି ରହିଯାଏ । ପାଠକ କବିତାର ରସ ସ୍ରୋତରେ ଭାସିଗଲା ବେଳେ ଆହରଣର ସନ୍ଧାନ ପାଏ ନାହିଁ । 'ପ୍ରଜ୍ଞା'ର ସଂପାଦକ ଗୁରୁ ବାବୁଙ୍କ କବିତାକୁ ଖାଣ୍ଟି ଓଡ଼ିଆ କବିତା ବୋଲି ଘୋଷଣା କରିଥିଲେ । ଆଜି ପର୍ଯ୍ୟନ୍ତ ବି କେହି ଏହି ମତକୁ ଦୃଢ଼ତାର ସହିତ ଖଣ୍ଡନ କରି ପାରି ନାହାନ୍ତି । 'ଗୋବର ଗଣେଶ', 'ହରେକୃଷ୍ଣ ଦାସ' ଆଦି ଏଲିଅଟ୍ ପ୍ରଭାବପୁଷ୍ଟ କବିତା ଚରିତ୍ର ଗୁଡ଼ିକର ଦେହରୁ ବିଦେଶୀ ଗନ୍ଧ ସହଜରେ ବାରି ହୁଏ ନାହିଁ ।

ଆଧୁନିକ ଯୁଗରେ ରୋମାଣ୍ଟିକ୍ ପରଂପରାକୁ ଧ୍ୱଂସ କରିବାର ସଚେତନ ପ୍ରୟାସ ଚଳି ଆସୁଥିଲେ ବି ତାହା ସବୁ ସମୟରେ ସଂଭବପର ହୋଇ ପାରୁନାହିଁ । କବିମାନଙ୍କ ଅଜାଣତରେ ବହୁ କବିତାର ଗଠନ ଶୈଳୀରେ ରୋମାଣ୍ଟିକ୍ ପ୍ରଭାବ ଆସନ ଜମାଇ ବସୁଛି । ସଚ୍ଚି ରାଉତରାୟଙ୍କ କେତେକ ବାସ୍ତବବାଦୀ କବିତାରେ ରୋମାଣ୍ଟିକ୍ ସ୍ୱର ପ୍ରଚ୍ଛନ୍ନ । ସେହିପରି ଗୁରୁବାବୁ ରୋମାଣ୍ଟିକ୍ ଶୈଳୀରେ ରିଅଲିଷ୍ଟିକ୍ କବିତା ଲେଖିବାର ସଚେତନ ପ୍ରୟାସ କରିଛନ୍ତି । ତାଙ୍କର କବିତା ଗୁଡ଼ିକ ବାହ୍ୟତଃ ଏକ ଏକ ରୋମାଣ୍ଟିକ୍ କବିତା ପରି ଜଣା ପଡ଼ୁଥିଲେ ମଧ୍ୟ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀରେ ତୀବ୍ର ବାସ୍ତବଧର୍ମିତା ପରିଲକ୍ଷିତ । 'ଖାଣ୍ଟି ରୋମାଣ୍ଟିକ୍ ପରି ଜଣା

Digitized by srujanika@gmail.com

ପଢ଼ିଥିବା 'ଚଂପା ଫୁଲ', 'ଶଠି', 'ଶରତ ଋତୁରେ ଜହ୍ନ', ନେପାତ ଧପୋଗ' ଆଦି କେତେକ କବିତାରେ ଗୁରୁପ୍ରସାଦ ମହାନ୍ତିଙ୍କ ପ୍ରକୃତ କବି ସତ୍ତାକୁ ଦେଖିହୁଏ । ଏଇ କବିତା ଗୁଡ଼ିକ ମନହିଂ—ଏଉନ୍‌ସନ୍ଙ୍କ ରୋମାଣ୍ଟିକ୍ କବିତାଠାରୁ ସଂପୂର୍ଣ୍ଣ ଭିନ୍ନ । ଏଗୁଡ଼ିକର ସ୍ୱତନ୍ତ୍ର ଗୌରବ ତଥା ଚିତ୍ରଧର୍ମିତା ପାଠକକୁ ଏକ ନୂତନ ସୌନ୍ଦର୍ଯ୍ୟର ଜଗତ ସହିତ ପରିଚିତ କରାଏ । 'ପ୍ରିୟ ବାଂଧବୀ', 'ଅଳକା ସାନ୍ୟାଲ', ପରି କବିତାର ବ୍ୟଂଗାତ୍ମକ ଦୃଷ୍ଟି ତଳେ ମଧ୍ୟ କବିର ଆନ୍ତରିକତା ପ୍ରକଟ । ଆଧୁନିକ କବିତାର ଏକ ପ୍ରଧାନ ଉପାଦାନ ବ୍ୟଂଗ ଗୁରୁବାବୁଙ୍କ ରୋମାଣ୍ଟିକ୍ କାବ୍ୟ ପ୍ରବାହ ତଳେ ତଳେ ଅନ୍ତଃସ୍ରୋତ ପରି ପାଠକ ଚିତ୍ତକୁ ଆକ୍ରାନ୍ତ କରି ବସେ । ଜୀବନକୁ ନୂତନ ଦିଗ୍‌ଦର୍ଶନ ଦିଏ । ସେଇଥି ପାଇଁ ତ ସେ ନୂତନ କବିର ସଫଳ ପ୍ରତିଭା ଆକର୍ଷଣ କରି ପାରିଛନ୍ତି ।

ଆଜି ସତୁରୀ ଦଶକର ଶେଷ ପର୍ଯ୍ୟାୟରେ ଆଧୁନିକ କବିତା କ୍ଷେତ୍ରରେ ବହୁ ନୂତନ ପରୀକ୍ଷା ଦେଖା ଦେଇଛି । ଫଳରେ କବିତା ପଦ୍ୟ ଧର୍ମିତା ଗୁଡ଼ି କ୍ରମେ ନୀରସ ରୁକ୍ଷ ଗଦ୍ୟରେ ପରିଣତ ହେବାକୁ ବସିଲାଣି । ଗୁରୁପ୍ରସାଦ ମହାନ୍ତିଙ୍କ କବିତା ଏକସମୟରେ ପାଠକମାନଙ୍କୁ ଗଭୀରଭାବେ ଆକୃଷ୍ଟ କରିଥିଲା, ତାର ପଦ୍ୟଧର୍ମିତା ପାଇଁ । ଅନେକ ପାଠକ କବିତାର ସମସ୍ତ ପ୍ରତୀକ, ରୂପକଳ୍ପ ବା ପରିବେଶ ସୃଷ୍ଟିକୁ ବୁଝି ନ ପାରିଲେ ବି ସାବଲୀଳ ଭାଷା ଯୋଜନା ଓ ଛନ୍ଦୋମୟତାରେ ମୁଗ୍ଧ ହୋଇ ପଡ଼ୁଥିଲେ । ନୂତନ ଛନ୍ଦମୟ କବିତା ପ୍ରଥମେ ପାଠକକୁ ଏପରି ଆକୃଷ୍ଟ କରୁଥିଲା ଯେ ସେ ବାରଂବାର କବିତାକୁ ପଢ଼ିବାକୁ ଆଗ୍ରହୀହେଉଥିଲା । ଫଳରେ କବିତାର୍ଥ ତା ନିକଟରେ କ୍ରମଶଃ ସ୍ପଷ୍ଟ ହୋଇ ଉଠୁଥିଲା । ଅଂଧକାର ଭିତରେ ଚାହୁଁ ସମସ୍ତ ଖୋଲିଗଲେ ରାସ୍ତା ଠିକଏ ପରିଷ୍କାର ଦିଶେ । କିନ୍ତୁ ଅଂଧକାରରେ ଖୋଲିବାର ଅଭ୍ୟାସ ମୂଳରୁ ସୃଷ୍ଟି ନ ହେଲେ ପଥିକଠାରୁ ରାସ୍ତା ରହିଯାଏ ଦୂରରେ । ଆଜିର କବିତା କ୍ଷେତ୍ରରେ ପାଠକମାନଙ୍କର ଅବସ୍ଥା ପ୍ରାୟତଃ ସେଇଆ । ସେମାନେ ଏବେବି କବିତାର ଚେଷ୍ଟିତ ଅତି ଦୁର୍ବୋଧ ରୁକ୍ଷ

Digitized by srujanika@gmail.com

ଗଦ୍ୟର ଧାଡ଼ିକୁ ନ ପଢ଼ି କିଂବା ପଢ଼ିବାର ଚେଷ୍ଟା କରି ବିରକ୍ତିରେ ଛାଡ଼ି ଦେଇଛନ୍ତି । କାରଣ କବିତାର ପ୍ରାଥମିକ ଆବେଦନ ସେମାନଙ୍କ ନିକଟରେ କିଛି ରହୁନାହିଁ । ଏହି ଅବସ୍ଥାକୁ ଅବଶ୍ୟ ଆଜି ବହୁ କବି ହୃଦୟଙ୍ଗମ କଲେଣି । ଫଳରେ ବହୁ ଦିନ ଧରି ଛାଡ଼ି ଆସିଥିବା ମୁକ୍ତଛନ୍ଦ ଓ ଗଦ୍ୟଛନ୍ଦକୁ ସେମାନେ ଫେରାଇ ଆଣିଲେଣି । ଫେରାଇ ଆଣିଲେଣି ପୁଣି ଅଧିକ ସଫଳତାର ସହିତ । ସାଂପ୍ରତିକ କବିତାର ଛନ୍ଦ ଯୋଜନା ଦିଗରେ ସେମାନଙ୍କର ଏ ପ୍ରଚେଷ୍ଟା ଅଭିନନ୍ଦନୀୟ । ଏଠିକି ବେଳେ ସେମାନେ ନିଶ୍ଚୟ ସ୍ମରଣ କରୁଥିବେ ଗୁରୁବାବୁଙ୍କ କବିତାର ମାଧୁର୍ଯ୍ୟକୁ । ବ୍ୟକ୍ତିଗତ ଭାବରେ ମୁଁ ମୋର କବିତାକୁ ଗଦ୍ୟରାଜ୍ୟରୁ ଫେରାଇ ଆଣି ନୂତନ ଛନ୍ଦରେ ସରଳ କରାଇବାର ଚେଷ୍ଟା କରିଛି । ଏଇଟା ବୋଧହୁଏ ଗୁରୁ ବାବୁଙ୍କ କବିତାର ପରୋକ୍ଷ ପ୍ରଭାବ । ଅନ୍ୟ କେତେକଙ୍କଠାରେ ମଧ୍ୟ ଏ ପ୍ରଭାବ ମୁଁ ଅନୁଭବ କରୁଛି । ସହିତ ଗୁରୁବାବୁଙ୍କ ସମୟର କାବ୍ୟିକ ଉପାଦାନ ଆଜିର କବିତାରେ ପ୍ରାପ୍ତ ଅଟଳ ।

କବି ଗୁରୁପ୍ରସାଦ ଖଣ୍ଡିଏ କବିତା ବହି ଲେଖି ଅଟକିଗଲେ ଅଧବାଟରେ । ଅଟକିଗଲେ ବୋଲି ସମସ୍ତେ ଦୁଃଖ ପ୍ରକାଶ କରନ୍ତି— ରସଜ୍ଞ ପାଠକଠାରୁ ଆରମ୍ଭ କରି ସାଂପ୍ରତିକ କବି ପର୍ଯ୍ୟନ୍ତ । ଆଜି ଅନେକ କବି ଗୁରୁପ୍ରସାଦ ମହାନ୍ତିଙ୍କୁ ଅତିକ୍ରମ କରି ବହୁଦୂର ଆଗେଇଆସିଲେଣି ; ତଥାପି ଏହି ବାଟେଇଟିକୁ କେହି ଭୁଲି ନାହାନ୍ତି । ଭୁଲି ପାରୁ ନାହାନ୍ତି । କାରଣ ସେ ଯେତିକି ବାଟ ଚାଲିଥିଲେ, ସେଥିରେ ଥିଲା ଚାଲିବାର ପୂର୍ଣ ଗୌରବ । ତାଂକ ଚାଲି ବାଟରେ ଅନୁଭବ କରିହୁଏ ମାଦକଭରା ଜ୍ୟୋତ୍ସ୍ନାର ସ୍ନିଗ୍ଧ ସୌନ୍ଦର୍ଯ୍ୟ, ତା ସହିତ ଚନ୍ଦ୍ରର କଳଙ୍କ । ଏକା-ବେଳକେ ଏ ଦୁଇଟିର ଅନୁଭବ ଚମତ୍କାର ନିଶ୍ଚୟ ।

—ନୀଳାଦ୍ରି ଭୂଷଣ ହରିଚନ୍ଦନ

Digitized by srujanika@gmail.com

ଗୁରୁପ୍ରସାଦଙ୍କ ପ୍ରଥମ କବିତା ବହି 'ନୂତନ କବିତା' ଯେତେବେଳେ ବାହାରି ଥିଲା, ସେଇ ପାଖାପାଖି ସମୟରେ ମୋର ଜନ୍ମ । ଅନ୍ୟମାନଙ୍କ ଭଳି ଆଧୁନିକ କାଳର ଯେଉଁ କବିମାନଙ୍କ ସହ ଆମର ପାଠ୍ୟକ୍ରମ-ଭିତ୍ତିକ ପରିଚୟ ଥିଲା, ସେମାନଙ୍କ ମଧ୍ୟରୁ ମାନସିଂହଙ୍କ 'ମହାନଦୀରେ ଜ୍ୟୋତ୍ସ୍ନା ବିହାର' ଓ 'ଗୋପ ପ୍ରୟାଣ' ଏବଂ ଗଡ଼-ନାୟକଙ୍କ 'କୈଶୋରିକା' କାବ୍ୟଗ୍ରନ୍ଥ ଆଦର ମୁଁ ଜଣେ ଅନୁରାଗୀ ପାଠକ ଥିଲି । ଏହା ମୋ ହାଇସ୍କୁଲ ପଢ଼ାବେଳର କଥା । ଆଧୁନିକ କବିତା ବୋଲି ଦଶମ ଶ୍ରେଣୀରୁ ମୁଁ ଯାହା ବୁଝୁଥିଲି ବା ଲେଖୁଥିଲି, ତାହା କୌଣସି ପୁରୁଣା କଲେଜ ମାଗାଜିନ୍ ବା ରବିବାସରୀୟ ପତ୍ରିକାଗୁଚ୍ଛର କିଛି ପଦ ଅମେଳଥିବା ବେଢ଼ଙ୍ଗି ଅନ୍ତ-ମିଳର କବିତା । ସେଠି ଥିବ କିଛି ରୋମାଂଚ, କିଛି ସ୍ମୃତି ବା କିଛି ଉଚ୍ଚତର ଆଦର୍ଶ--ମୋଟ ମୋଟି କବିତା କଳ୍ପନାର ଏକ ଗାଦ୍ୟିକ ରୂପକଥା ହୋଇଥିବ ! କବିତା ଲେଖୁଥିଲି ଲୁଚାଇ ଲୁଚାଇ । କଲେଜ ଗ୍ରନ୍ଥାଗାରର ମୁଖପତ୍ର 'ସାରଣିକା'ରେ ମୋର ପ୍ରଥମ ପ୍ରକାଶିତ କବିତା 'ସ୍ୱପ୍ନ' (୧୯୭୩), ଆଉ ୩।୪ଟି କବିତା ସେଇ-ଥିରେ ବାହାରିଥିଲା ଅନ୍ୟବନ୍ଧୁଙ୍କ ନାଁରେ । ସେତେବେଳକୁ ମୋର ପ୍ରୟୋଗବାଦୀ କାବ୍ୟଧାରାର କୌଣସି କବି ବା କବିତା ପୁସ୍ତକ ସହ ପରିଚୟ ନ ଥିଲା ପତ୍ର ପତ୍ରିକା ବ୍ୟତୀତ । ତା'ଛଡ଼ା ଇଣ୍ଟର-ମିଡିଏଟ୍ ବିଜ୍ଞାନର ଛାତ୍ର ହିସାବରେ କବିତା ଲେଖା ପାଇଁ ସମୟ ବା କାହିଁ ? ହଁ ! ସେଇ ଚଉସ୍ତରୀ ମସିହା ହେବ, ଏକ ଉପର ଶ୍ରେଣୀ ବନ୍ଧୁଙ୍କଠୁଁ ମାଗି ଆଣିଥିବା କବିତା ବହିଟି ଥିଲା 'ସମୁଦ୍ର ସ୍ନାନ' ।

'ସମୁଦ୍ର ସ୍ନାନ'ରୁ ଗୁରୁ ପ୍ରସାଦଙ୍କ ସହ ପ୍ରଥମ ପରିଚୟ । ଗୁରୁପ୍ରସାଦ ନାମଧାରୀ ମଣିଷଟିକୁ ଏ ଯାଏ ବି ଦେଖିନି । ତେବେ

Digitized by srujanika@gmail.com

ସେ ସମୟର ମନ ପତ୍ରିକା ପୃଷ୍ଠାରେ ଗୁରୁପ୍ରସାଦଙ୍କ ନାଁ ତ ମିଳୁ ନଥିଲା । ପରେ ଜାଣିଲି ସେ ଆଜ୍ ଲେଖାଲେଖି କରୁନାହାନ୍ତି । ହଁ ! ସେଇ ମାଖାମାଖି ସମୟରେ ଗୁରୁପ୍ରସାଦ ବୋଧେ 'ସମୁଦ୍ର ସ୍ନାନ' ଲାଗି କେନ୍ଦ୍ର ଏକାଡ଼େମୀ ସାହିତ୍ୟ ପୁରସ୍କାରପାଇଲେ । ମୋପାଇଁ ତାହା ଥିଲା ନିଶ୍ଚୟ ଭାବେ ଏକ କୌତୁକପ୍ରଦ ଚଞ୍ଚଳ ଘଟଣା ଏବଂ ଅଭି-ଜ୍ଞତା । ସେ ସମୟରେ 'ରମ୍ଭା ଫୁଲ', 'କାଳ ପୁରୁଷ', 'ଅଙ୍କୁର-ଉବାଚ' ଆଦି କବିତା ବର୍ତ୍ତମାନ ପଢ଼ିକା ମୋତେ ଭାରି ଛୁଇଁଥିଲା । ମୋ ସାଙ୍ଗରେ ନୂଆ ନୂଆ କବିତା ଓ ଗପ ଲେଖୁଥିବା ଓ ଚର୍ଚ୍ଚା କରୁଥିବା ବନ୍ଧୁମାନଙ୍କ ମେଳରେ ମୁଁ 'ସମୁଦ୍ର ସ୍ନାନ'ର ପ୍ରାୟ ସବୁ କବିତା ଆବୃତ୍ତି କରୁଥିଲି ଏବଂ କେବେ କେବେ ଏକା ଏକା ପ୍ରକୋଷ୍ଠ ଭିତରେ ବନ୍ଦ କରି ମଧ୍ୟ । ସେବେ ଯେଉଁ କେଇଧାଡ଼ି ମୋତେ ବେଶୀ ଚଞ୍ଚଳ କରିଥିଲା ତାର ସେଇ 'ନିର୍ଭୁଲ ଅନୁଭବ ଦେଇ ଉଦ୍ଧବ, ପରି-ଚ୍ଛେଦଟି । କରିବା ବାହୁଲ୍ୟ, ଅନର୍ଥ ଶେଷ ବର୍ଷ ସୂକ୍ଷ୍ମ ପ୍ରୟୋଗ-ବାଦୀ ଧାରାର କବିତାଗୁଡ଼ିକ ସହ ମୋର ଏକ ପ୍ରାଥମିକ ପରିଚୟ ସ୍ଥାପିତ ହୋଇ ସାରିଲାଣି ।

କବିତା ଲେଖା ହେଉଥାଏ । କିନ୍ତୁ କବିତାର ଥିଓରି ସମ୍ପର୍କରେ ସେବେ ବି ଜାଣିବାର ସୁଯୋଗ ନ ଥିଲା ଏତେ ବେଶୀ । ତଥାପି ପତ୍ର ପତ୍ରିକାକୁ ମୁଁ କବିତା ପଠାଉଥିଲି । ବାହାରୁ ଥିଲା ବି କେତୁ କେତୁ । ତେବେ ପ୍ରାରମ୍ଭରୁ ଏକ କୈଶୋରସୁଲଭ ଚପଳ ମନସ୍ଥିତି ମୋତେ ତାଙ୍କ କବିତାର ପ୍ରେମରେ ପକାଇ ଥିଲା । ନ ହେଲେ ମୁଁ କେମିତି ଲେଖିଥାନ୍ତି—"କିନ୍ତୁ 'ସମୁଦ୍ର ସ୍ନାନ'ର ନାୟକ ପରି/'ଆଖିର କପୋତ ମୋର'/କାହିଁ ଆଜ ତୋ ଲାଗି ଲୁହର

Digitized by srujanika@gmail.com

ଫସଲ,/ଝିଅ' ପାଇଁ ମୋ କ୍ଷେତ ମାଟି ରଙ୍ଗଧାନ ଅନେକ ଧୂସର ।" (ଅରୁନ୍ଧତୀ ପାଇଁ ଛୋଟିଏ କବିତା'—ସ୍ୱର୍ଣ୍ଣ କିରଣ : ଫେବୃୟାରୀ ୧୯୭୫) ।

କେତେ ବାର "ଦ ଓ୍ୱେଷ୍ଟଲ୍ୟାଣ୍ଡ୍"କୁ 'କାଳ ପୁରୁଷ' ମଧ୍ୟ ମିଳେଇ ପଢ଼ିଛି । ମନେ ମନେ ଗୁରୁପ୍ରସାଦଙ୍କ ଶକ୍ତି କଳନା କରିଛି । ଏ ଭିତରେ ଅନ୍ୟ କବିଙ୍କୁ ବି ଅଧ୍ୟୟନ କରିଛି ଚିଢ଼ିର ଏବଂ ପରମ୍ପରଙ୍କ କାବ୍ୟ—ବୃତ୍ତ ଭିତରେ ସୂକ୍ଷ୍ମ ବ୍ୟବଧାନକୁ ଲକ୍ଷ୍ୟ କରିଛି ।

ଗୁରୁପ୍ରସାଦଙ୍କ କ୍ଲାସରୁମ୍ ସମାଲୋଚକ ହେଲା ପରେ, ସ୍ନାତକୋତ୍ତର ଶ୍ରେଣୀରେ ଓଡ଼ିଆ ସାହିତ୍ୟ ଅଧ୍ୟୟନ ସମୟରେ । ଓଡ଼ିଆ କବିତାର ଧାରା ଓ ନିଜ କବିତା ଲେଖା ପ୍ରତି ସଚେତନ ହେଲା ପରେ ପ୍ରୟୋଗବାଦୀ ପରମ୍ପରାର ଜଣେ ସାମାନ୍ୟତମ ସାଧକ ଭାବରେ ଗୁରୁପ୍ରସାଦଙ୍କର କୌଣସି ସ୍ପନ୍ଦନ ମୋ ଭିତରେ ଅନୁଭବ କରି ନାହିଁ । ଅଚେତନ ପ୍ରଭାବ କଥା ମୁଁ କହି ପାରୁନି । ଆଲୋଚନା ପ୍ରସଙ୍ଗରେ ଗୁରୁପ୍ରସାଦଙ୍କ କବିତାରୁ ଉଦାହରଣ ଦେଇଛି ଅନେକଥର, ଅବସରରେ ତାଙ୍କ କବିତାକୁ ଆବୃତ୍ତି କରିଛି କନ୍ କରିନ । ପତ୍ର ପତ୍ରିକାରେ ତାଙ୍କ ଉପରେ ନିନ୍ଦା ପ୍ରଶଂସା ମିଶ୍ରିତ, ଗୋଷ୍ଠୀମୁକ୍ତ ଓ ଗୋଷ୍ଠୀଯୁକ୍ତ ଆଲୋଚନା ପଢ଼ିବାଠୁଁ ଆରମ୍ଭ କରି ସ୍ପେଶାଲ ପେପର୍ ପାଇଁ ତାଙ୍କ କବିତାକୁ ବାରମ୍ବାର ଅଧ୍ୟୟନ କରିବାକୁ ପଡ଼ିଛି । ମୋର ସବୁଥର ମନେ ହୋଇଛି ଯେ ପ୍ରେମରେ ଯେଉଁ ଅକଥ୍ୟ କଥା ତାଙ୍କ କବିତାରେ ସୁଲଭ, ତାହା ବିଶେଷ କରି ବିଶ୍ୱଯୁଦ୍ଧ ପରବର୍ତ୍ତୀ ପ୍ରାଣ ସ୍ପନ୍ଦନରୁ ଉଦ୍‌ଭୂତ । ବସ୍ତୁଗତ (ମ୍ୟାଟେରିଆଲିଷ୍ଟିକ୍) ହତାଶା ବୋଧ ଯାହା ବିଶେଷ

Digitized by srujanika@gmail.com

କରି ଅର୍ଥନୈତିକ ଦୁରବସ୍ଥା ଓ ସାଂସ୍କୃତିକ ସଙ୍କଟ ଯୋଗୁଁ ଆମ ପ୍ରଦେଶରେ ଚରି ଯାଇଛି, ତାକୁ ସବୁ ବାଦ ଦିଆଯାଏ, କେତୋଟି କଥା ବା ଭାବ ଐଶ୍ୱର୍ଯ୍ୟ ବ୍ୟକ୍ତିଗତ ସାଂସ୍କୃତିକ ଏବଂ ଐତିହ୍ୟଗତ ଭାବସ୍ପନ୍ଦନ ଦୃଷ୍ଟିରୁ ଗୁରୁପ୍ରସାଦ ଅନେକାଂଶରେ ବିଦେଶୀ ବିଦେଶୀ ଲାଗିବେ । ତାଙ୍କ ଦେହ ଚେତନା ପ୍ରାୟ ସର୍ବସ୍ୱ ଏକ ଯୌନ ଅବବୋଧରେ ବସ୍ତୁତଃ ସୀମାୟିତ । କାବ୍ୟ ପୁରୁଷ ବାରମ୍ବାର ସ୍ମରୁଇଛି ଦେହର ବିକାର, ମନର ବିକାର କଥା । ମୋ ମନରେ ସ୍ୱତଃ ପ୍ରଶ୍ନ ଉଠୁଛି ଅନେକ ଥର, ତାଙ୍କର ବୈରାଗ୍ୟ ଓ ଅବକ୍ଷୟ-ଜନିତ ହାହାକାର ପ୍ରକୃତରେ କାହିଁକି ଏତେ ବେଶୀ ? ଏଥିଲାଗି ବୋଧେ ତାଙ୍କ କବିତାରେ ନାରୀ ଭିତରେ କୌଣସି ସୌନ୍ଦର୍ଯ୍ୟ ଚେତନାକୁ ଆବିଷ୍କାର କରିବାର ପିପାସା କ୍ଷୀଣ ହୋଇ ଯାଇଛି ଏବଂ ଜୀବନର ଅନ୍ୟ ସବୁ ଦିଗ ଅବହେଳିତ ହୋଇ ପଡ଼ିଛି ।

ମାନିବାକୁ ହେବ ଯେ, ଗୁରୁପ୍ରସାଦଙ୍କ ଶୈଳୀ ଏତେ ଚମତ୍କାର ଯେ ସମସାମୟିକମାନଙ୍କ ଭିତରେ ସେ ଏକ ନିଶ୍ଚିତ ବ୍ୟତିକ୍ରମ, ସଂଗୀତର ଏକ ମୃଦୁ ଲହରୀ ନିଶ୍ୱାସର ଛନ୍ଦ ପର୍ଯ୍ୟନ୍ତ ଲମ୍ବିଯାଏ । ବେଶି ବୋଧ, ଶବ୍ଦ ପ୍ରାଚୁର୍ଯ୍ୟ କାହିଁ ? ସେଇ ଅଳ୍ପ ଶବ୍ଦକୁ ମାପିଚୁପି ପ୍ରୟୋଗ କରିବାରେ ବିଶେଷତଃ ପ୍ରେମ-କବିତା ଲେଖିବାରେ ସେ ଏକ ଅଲବତ ଦକ୍ଷ ଶିଳ୍ପୀ । ଏବର ଜଣେ ଅଧେ କବିଙ୍କ ପରି ଯା'ଛାତା ଶବ୍ଦ ସଂଯୋଜନାରେ ଦେହ ଉଦ୍ଘାଟନକୁ ପୁନଃ ପୁନଃ ପ୍ରକାଶ କରି ଦୀର୍ଘ ପ୍ରେମ କବିତା ନାଁରେ ପାଠକଙ୍କୁ କିଛି ଚମକ ଦେଖାଇବା ବା ଅଯଥା କ୍ଳାନ୍ତ କରି ଦେବା ଭଳି କବି ସେ ନ ଥିଲେ । ତାଙ୍କ କବିତାରେ ଯୌନ ବିକୃତି ନାହିଁ, ବିକାର ସଂପର୍କରେ କୁହାଯାଇଛି । ମୁଁ ବି ପୂର୍ବରୁ

Digitized by srujanika@gmail.com

ଏ କଥା କହୁଛି । କେବେ କେବେ ବନ୍ଧୁ ମହଲରେ ଆଲୋଚନା କରିଛି ଯେ ପାଶ୍ଚାତ୍ୟ ସାହିତ୍ୟରୁ ଆହରଣ କରି ନିଜ ସାହିତ୍ୟରେ ସମୀକରଣ କରିବାର ଅନ୍ୟତମ ବଳିଷ୍ଠ ପ୍ରତିଭା 'କାଳପୁରୁଷ'ର କବି ଗୁରୁପ୍ରସାଦ । ଏଇଠି ମୁଁ ଅନେକ ସମାଲୋଚକ ବା କବିଙ୍କ ପରି 'କାଳପୁରୁଷ'କୁ 'ଓ୍ୱେଷ୍ଟଲ୍ୟାଣ୍ଡ'ର ଏକ ନକଲି ସଂସ୍କରଣ ବୋଲି କହୁନାହିଁ । କିନ୍ତୁ ଏତିକି କହିବି ଯେ ଆହରଣ ଏବଂ ସମୀକରଣ କଳାଶିଳ୍ପ ଦୃଷ୍ଟିରୁ ଏହା ସ୍ୱାଧୀନୋତ୍ତର ଓଡ଼ିଆ କବିତାରେ ଏକ ସଫଳ ଉଦାହରଣରୂପେ ସ୍ୱୀକୃତ ହେବ ।

ଉତ୍ତର ପର୍ଯ୍ୟାୟରେ ନୂଆସ୍ୱାଦ ଓ ଶିଳ୍ପ ପ୍ରକରଣ ଦୃଷ୍ଟିରୁ ଏକ ଅବିସଂବାଦିତ ପ୍ରତିଭା ଗୁରୁପ୍ରସାଦ । ତାଙ୍କ ସମସାମୟିକ ଅନ୍ୟତମ ସଚେତନ କବି ବେଣୁଧର ରାଉତ । ଭିନ୍ନ ଇଲାକା ଓ ଆଲୋକର କବି ସେ । ତେବେ ସବୁଜ ଯୁଗରୁ ପ୍ରତିଷ୍ଠା ଲାଭ କରିଥିବା ରମାକାନ୍ତ, ସୀତାକାନ୍ତ, ଦୀପକ ପ୍ରଭୃତି ବା ସବୁଜ ପରେ ପ୍ରତିଷ୍ଠିତ ସୌଭାଗ୍ୟ ପ୍ରମୁଖଙ୍କ କବିତାକୁ ବିଚାରକୁ ନେଲେ ସୀତାକାନ୍ତ, ସୌଭାଗ୍ୟ ଓ ଅନ୍ୟ ବହୁ କବିଙ୍କ ପ୍ରାଥମିକ କବିତା ଗୁଡ଼ିକରେ ଗୁରୁପ୍ରସାଦଙ୍କ ପ୍ରଭାବ ପରିଲକ୍ଷିତ ହେବ ଉଭୟ ଭାବଚେତନା ଓ ଶିଳ୍ପ ପ୍ରକରଣ ଦୃଷ୍ଟିରୁ । ନାମୋଲ୍ଲେଖ କରାଯାଇଥିବା ଅନୁଜ ମାନେ ତାଙ୍କୁ ସଂପ୍ରତି ଅତିକ୍ରମ କରିଗଲେଣି ବୋଲି କହିବାରେ ମୋର ଦ୍ୱିଧା ନାହିଁ । ଆହୁରି ମଧ୍ୟ ମୁଁ ଲକ୍ଷ୍ୟ କରିଛି ତାଙ୍କ କବିତା ଯେଉଁ ମାତ୍ରାରେ ପାଠକଙ୍କୁ ଆବେଗରେ ଜାବୁଡ଼ି ଧରି ରଖିପାରେ, ସେଇ ମାତ୍ରାରେ ମୁଁ ତାକୁ ସଂକ୍ରମିତ ହୋଇପାରେ ନାହିଁ । ଅନ୍ୟ କୌତୂହଳପ୍ରଦ କଥାଟି ହେଉଛି, ଆବେଗକୁ ମୁଖ୍ୟ ଉପଜୀବ୍ୟ କରି ପ୍ରେମ କବିତା ଲେଖୁଥିବା ତରୁଣମାନେ ଏବେ ବି ପ୍ରଥମେ ତାଙ୍କ କବିତା ପ୍ରେମରେ ପଡ଼ନ୍ତି—ଦୀର୍ଘ ବର୍ଷର ଅଧ୍ୟୟନ ଓ ବ୍ୟକ୍ତିଗତ ଅଭିଜ୍ଞତାରୁ କହୁଛି । ଏ କଥା ସତ ଯେ ସେ ତାଲିକାରେ କିଛି ଦିନ ବୁଲିଚାଲି କରି ଏମାନେ ଅଲଗା ବାଟ ବାଛନ୍ତି ।

ଆଧୁନିକ କାଳରେ ସବୁଠୁଁ କମ୍ କବିତା ଲେଖି ଗୌରବସ୍ୱ ପରଂପରାରେ ଠାଁ କରିଥିବା କବିଙ୍କ ତାଲିକାରେ ତାଙ୍କ ନାମ ପ୍ରଥମରେ ରହିବ । କିନ୍ତୁ ସେ ସ୍ୱତନ୍ତ୍ର କବିତା ଲେଖାରେ ମନୋନିବେଶ କରିଥିଲେ

Digitized by srujanika@gmail.com

ତାଙ୍କ ପରବର୍ତ୍ତୀ କୃତିଗୁଡ଼ିକର ରୂପ କପରି ହୋଇଥାଆନ୍ତା ତା' କହିବା କଷ୍ଟକର । ତାଙ୍କର ସେଇ କାବ୍ୟଗ୍ରନ୍ଥ 'ସମୁଦ୍ରସ୍ନାନ' ମୋ ର୍ୟାକରେ ଏବେ ମଳିନ ହୋଇ ରହିଛି ପ୍ରଥମ କଶୋରୀର ପ୍ରେମ ପତ୍ର ପରି । ତାଙ୍କର ବିକାଶ ଓ ଉତ୍ତରଣ କଥା ଭାବି ହୁଏ ନାହିଁ । ଏବେ ଓଡ଼ିଆ କବିତାର ସମୁଦ୍ର କୂଳରେ ସ୍ନାନ କରିବାକୁ ଅନେକଙ୍କ ଭିଡ଼, ଅନେକଙ୍କର ଲହଡ଼ି ଖାଂଗିବା । ସେଇଆଡ଼େ ମୁଁ ମୋ କାନ ପାରିଛି ।

●●

— ଶତ୍ରୁଘ୍ନ ପାଣ୍ଡବ

ଶୁଣାଯାଏ, ବସ୍‌ୱେଲ, ଡଃ ଜନସନଙ୍କ ସଂପର୍କରେ ଜାଣିବାପାଇଁ ବହୁ ବାଧାର ସମ୍ମୁଖୀନ ହୋଇଥିଲେ । ସବୁଠୁ ମଜାର କଥା—ଡଃ ଜନସନ୍ ନିଜେ ହିଁ ଥିଲେ ଏହାର ମୁଖ୍ୟ ହେତୁ । ତଥାପି ବସ୍‌ୱେଲ, ଜନସନ୍‌ଙ୍କ ସାକ୍ଷାତ କରିବାର ମୋହ ଏଡ଼ାଇ ପାରି ନ ଥିଲେ । ଏହା ଅଷ୍ଟାଦଶ ଶତାବ୍ଦୀର ଘଟଣାବିଶେଷ ହୋଇପାରେ; କିନ୍ତୁ ଆବେଗପ୍ରବଣ କବି ଲେଖକଙ୍କ ସାନ୍ନିଧ ସବୁବେଳେ ଆକର୍ଷଣୀୟ ହୋଇ ରହି ଆସିଛି । ସେହିପରି ଏକ ଆବେଗର ମୋହରେ ମୁଁ ପୁରୀ କଲେଜକୁ ପଢ଼ିବାକୁ ଗଲି । ଏହା ୧୯୫୮ ମସିହାର କଥା ।

ଗୁରୁବାବୁଙ୍କ ପରି ପ୍ରତିଭାଧର କବିଙ୍କ ନିକଟରେ ପାଇବା, ତାଙ୍କର ସ୍ୱର ଓ ତାଙ୍କର ଅନୁଭବ ସହିତ ଏକାତ୍ମ ହେବାର ମୋହ, ଯେ କୌଣସି ତରୁଣ କବି ନିକଟରେ ରହିବା ସ୍ୱାଭାବିକ । ସେତେବେଳେ‌ପ୍ରାୟ ସଚ୍ଚିରାଉତରାୟଙ୍କ 'ପଲ୍ଲୀଶ୍ରୀ' (୧୯୪୦), 'ବାଜିରାଉତ' (୧୯୩୯-୪୨), 'ପାଣ୍ଡୁଲିପି' (୧୯୪୭) ଓ 'ସ୍ୱାନୁମଣ୍ଡିତର ଦେଶ' (୧୯୪୮) ଆଦି କବିତା ପୁସ୍ତକ ମାଧ୍ୟମରେ ମୋର ଅନ୍ତତଃ ଆଧୁନିକ କବିତା ସହିତ କିଞ୍ଚିତ୍ ପରିଚୟ ହୋଇସାରିଥିଲା । ଗୁରୁବାବୁଙ୍କର ୧୯୫୫ରେ ପ୍ରକାଶିତ 'ନୂତନ କବିତା' ମଧ୍ୟ ପଢ଼ି ସାରିଥିଲି

Digitized by srujanika@gmail.com

ଏବଂ ବିଭିନ୍ନ ସମୟରେ 'ଝଙ୍କାର'ରେ ପ୍ରକାଶିତ ତାଙ୍କର କବିତାକୁ ମଧ୍ୟ ବହୁବାର ପଢ଼ିଥିବାର ମୋର ସ୍ପଷ୍ଟ ମନେ ଅଛି । ବିପ୍ଳବ-ସଂଖ୍ୟା 'ଝଙ୍କାର'ରେ ଗୁରୁବାବୁଙ୍କ କବିତା ସହିତ ପ୍ରକାଶିତ ଗ୍ରୁପ୍ ଫଟୋ ମାଧ୍ୟମରେ ତାଙ୍କ ସଂପର୍କରେ ମୋର କେମିତି ଏକ ରହସ୍ୟପୂର୍ଣ୍ଣ ଆବେଗମୟ ଧାରଣା ସୃଷ୍ଟି ହୋଇଥିଲା ।

୧୯୫୮ରୁ ୬୦, ଦୁଇବର୍ଷ କାଳ ମୁଁ ତାଙ୍କୁ ଦୂରରୁ ହିଁ ଦେଖିଛି । ସେତେବେଳକୁ ପ୍ରକାଶିତ ତାଙ୍କର 'ଦୃଷ୍ଟିର ଜଗନ୍', 'ହରେକୃଷ୍ଣ ଦାସ (ଦୁଇ)' ଓ ଅନ୍ୟ କେତେକ କବିତା ପଢ଼ିଛି । ୧୯୬୦ରେ ('ପ୍ରଜ୍ଞା'-୨) 'କାଳପୁରୁଷ' ପ୍ରକାଶିତ ହେଲା । ସେ କବିତା ପଢ଼ିଲାପରେ, ଆଉ କବିତା ଲେଖିବା ଉଚିତ ନୁହେଁ ବୋଲି ମୋର ଧାରଣା ହେଲା ଏବଂ କେତେଦିନ ପର୍ଯ୍ୟନ୍ତ ମୋର କବିତା ଲେଖିବା ମଧ୍ୟ ବନ୍ଦ ହୋଇଯାଇଥିଲା ।

ଏ ଭୂମିକାର ତାତ୍ପର୍ଯ୍ୟ ହେଲା—ଗୁରୁବାବୁଙ୍କ କବିତା କେବଳ ମୋତେ ନୁହେଁ, ସେ ସମୟର ଅନେକଙ୍କୁ ଆବୋରି ରଖିଥିଲା । ମାତ୍ର ୨୯ଟି କବିତା ଲେଖି ଏତେ ପ୍ରଭାବଶାଳୀ କବି ଭାବରେ ଓଡ଼ିଆରେ ସେ ହିଁ ପ୍ରଥମ ।

ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଅର୍ଥାତ୍ ପ୍ରାୟ ୯୦ ବର୍ଷ ତଳେ ରାଧାନାଥ ଓଡ଼ିଆ କବିତାକୁ ଭଂଜୀୟ ପ୍ରଭାବରୁ ମୁକ୍ତ କରି ନୂତନ ଦୃଷ୍ଟିଭଂଗୀର ପରିଚୟ ଦେଲେ । ଫଳରେ ଦୀର୍ଘଦିନ ଧରି ରାଧାନାଥଙ୍କ କାବ୍ୟ-ପ୍ରଣାଳୀ ଓଡ଼ିଆ କବିତାକୁ ପ୍ରଭାବିତ କରି ରଖିଥିଲା । ଓଡ଼ିଶାର ଜନଜୀବନରେ ବହୁ ପରିବର୍ତ୍ତନ ସହିତ ବିଶ୍ୱସାହିତ୍ୟର ଦ୍ରୁତ ପରିବର୍ତ୍ତନ ସଂପର୍କରେ ଓଡ଼ିଆ କବିମାନେ ସଚେତନ ଥିଲେ ହେଁ, ରାଧାନାଥଙ୍କ ପ୍ରଭାବକୁ ଏଡ଼ାଇ ଏହାର ପ୍ରକୃତିକୁ ବୁଝିପାରିଲେ ନାହିଁ । ରାଧାନାଥ-ପରଂପରା ଯେ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ମଧ୍ୟ ଅଚଳ, ଏହା ଓଡ଼ିଆ କବିତାରେ ଲକ୍ଷ୍ୟ କରାଯାଇପାରିଲା ନାହିଁ ।

ପରିବର୍ତ୍ତିତ ପରିସ୍ଥିତିରେ ନିର୍ଦ୍ଦିଷ୍ଟ ଓ ମୌଳିକ କାବ୍ୟ ବକ୍ତବ୍ୟ ଓ କାବ୍ୟ ଅନୁଭବ ନିମିତ୍ତ ନୂତନ କାବ୍ୟଭାଷା ଓ ନୂତନ କାବ୍ୟ ଆବେଗର

Digitized by srujanika@gmail.com

ଆବଶ୍ୟକତା ପ୍ରଥମେ ଗୁରୁବାବୁଂକ କବିତାରେ ଉପଲବ୍ଧ ହେଲା । ତାଂକର କବିତାସମୂହ, ଓଡ଼ିଆରେ ପ୍ରଥମ ଥର ପାଇଁ ରାଧାନାଥ-ପରଂପରାରୁ ମୁକ୍ତି ଲାଭ କରି 'ନୂତନ ଚେତନା'କୁ ସ୍ପଷ୍ଟ ଭାବରେ ପ୍ରକାଶ କଲା ଏବଂ ତରୁଣତର କବିମାନଙ୍କୁ ନୂତନ ଭାବରେ କବିତା ଲେଖିବାକୁ ପ୍ରେରଣା ଦେଲା । ('ସମୁଦ୍ର ସ୍ନାନ' ଆଲୋଚନା, ଯତୀନ୍ଦ୍ର ମୋହନ ମହାଂତି, ପ୍ରଜ୍ଞା-୩,୧୯୭୧,ପୃଷ୍ଠା-୩)

ଗୁରୁବାବୁଂକ କାବ୍ୟଭାଷା ସମୃଦ୍ଧ, ବୈଚିତ୍ର୍ୟମୟ, ଶକ୍ତିଶାଳୀ ଓ ସ୍ୱଚ୍ଛନ୍ଦ । ତାଂକ କବିତାରେ ଶବ୍ଦସମୂହର ଅଦ୍ଭୁତ ଓ ଆବେଗପୂର୍ଣ୍ଣ ସମିଶ୍ରଣ ପାଠକ ମନରେ ନୂତନ ଅନୁଭବର ଉଦ୍ରେକ କରିଥାଏ । ଉଦାହରଣ ସ୍ୱରୂପ ତାଂକର ଯେ କୌଣସି କବିତାର ଯେ କୌଣସି ୨/୩ ଧାଡ଼ିକୁ ନିଆଯାଇ ପାରେ । ନିମ୍ନରେ କେତୋଟି ମାତ୍ର ଉଦାହରଣ ଉଲ୍ଲେଖ କରାଯାଇ ପାରେ ।

(୧) "ତୁମକୁ ମୁଁ ଖୋଜିଥିଲି ଦୟା କ୍ଷମା ଆଶା ଓ ସ୍ୱପ୍ନରେ ।
ସ୍ୱପ୍ନ କାହିଁ ? କ୍ଷମା କାହିଁ ? ସମସ୍ତର ବିବର୍ଣ୍ଣ ବିସ୍ମୃତି "
(ସନେଟ୍-୬)

(୨) "ଆକାଶର ଶୂନ୍ୟତାରେ ପୃଥିବୀର ଦୁରନ୍ତ ଏ ଗତି
ତୁମର ବା ଶେଷ କେବେ ଶେଷ ମୋର ସମସ୍ତ ଓ ସ୍ଥିତି ?"
(ସନେଟ୍-୭)

(୩) "ଅକସ୍ମାତ୍ ଏ କି ଭୟ—
କେଉଁ ଘୋର ଦୁର୍ଦ୍ଦିନ ବା କେଉଁ ଘୋର ମହାପାତକର !"
(ହରେକୃଷ୍ଣ ଦାସ-୨)

(୪) "ମୁଁ କହିଲି ଭଲ ପାଅ, ଭଲ ପାଅ ସତେ ଭଲ ପାଅ
ମୁଁ ଶୁଣିଲି କାନରେ ମୋ ହାଡ ଆଉ ମାଂସର ସ୍ପନ୍ଦନ
ମୁଁ ଦେଖିଲି ବାମ ଅଂଗ ପଂଗୁ ମୋର ବର୍ଣ୍ଣ ମୋର ଇଷତ୍
ପିଂଗଳ ।"
(କାଳପୁରୁଷ-୫୭-୬୦)

ଉପରୋକ୍ତ ୪ଟି ଉଦ୍ଧୃତିରେ 'ପ୍ରଶ୍ନ', 'ବିସ୍ମୃତି' ଓ 'ପୁନରାବୃତ୍ତି' ('ସ୍ୱପ୍ନ', 'କ୍ଷମା', ଶେଷ', ଓ 'କେଉଁ ଘୋର') ନୂତନ କାବ୍ୟଆବେଗ ସୃଷ୍ଟି-କାରି କାବ୍ୟଗୁଣରେ ପରିଣତ ହୋଇଅଛି ।

Digitized by srujanika@gmail.com

ରୋମାଣ୍ଟିକ୍ ପରିବର୍ତ୍ତେ ଶ୍ଳେଷାତ୍ମକ ଦୃଷ୍ଟିଭଙ୍ଗୀ ଗୁରୁବାବୁଙ୍କ କବିତାର ଅନ୍ୟ ଏକ ବୈଶିଷ୍ଟ୍ୟ । 'ଗୋବର ଗଣେଶ' କବିତାରେ ପ୍ରକାଶିତ ଶ୍ଳେଷ ଓଡ଼ିଆ କବିତାରେ ପୂର୍ବରୁ ପରିଲକ୍ଷିତ ହୋଇ ନ ଥିଲା । ଏହି କବିତାର ନାୟକ ଶାରଙ୍ଗ ଓ ଗୌରବରହିତ ଗୋବର ଗଣେଶ ଏବଂ ପ୍ରକୃତ ଅର୍ଥରେ ସେ ନାୟକ ନୁହେଁ—ଏହାହିଁ ଏହି କବିତାରେ ସବୁଠୁ ବଳି ଶ୍ଳେଷ । ('ସମୁଦ୍ର ସ୍ନାନ' ଆଲୋଚନା, ଫଣୀନ୍ଦ୍ର ମୋହନ ମହାନ୍ତି 'ପ୍ରଜ୍ଞା'-୩, ୧୯୭୧, ପୃଷ୍ଠା-୯)

ତାଙ୍କ କବିତାରେ ପ୍ରକାଶିତ ଆଧୁନିକ ଜୀବନର (୧) ବିଫଳତା, (୨) ଅସଫଳତା, (୩) ସମସ୍ତ ବ୍ୟେତନାର ଶବ ଓ (୪) ମୃତ୍ୟୁର ଅନୁଭବ ଓଡ଼ିଆ କବିତାରେ ସମ୍ପୂର୍ଣ୍ଣ ନୂତନ ଏବଂ ସମ-ସାମୟିକ ସଭ୍ୟତାର ଜଟିଳତାଜନିତ ପ୍ରତିକ୍ରିୟା ସ୍ୱରୂପ ଧ୍ୱଂସ, ଅବକ୍ଷୟ, ଜରା, ମୃତ୍ୟୁ ଓ ବ୍ୟାଧିର ଅନୁଭୂତି ମାଧ୍ୟମରେ ସମୟର 'ଦୁରନ୍ତ ଗତି' ('ଶଠ') ପ୍ରତି ସଚେତନ ଦୃଷ୍ଟିଭଙ୍ଗୀ ତାଙ୍କ ପୂର୍ବରୁ ପ୍ରକାଶିତ ହୋଇ ନ ଥିଲା । ଏଠାରେ ନିମ୍ନୋକ୍ତ ଉଦାହରଣ ଗୁଡ଼ିକୁ ଲକ୍ଷ୍ୟ କରାଯାଇପାରେ ।

(୧) ମୁଁ ଦେଖେ ତୁମର ଦେହ ହଠାତ୍ ଯାଏ କାହୁଅ ପାଲଟି' କମ୍ବା 'ସିନେମାର ହାଣ୍ଡବିଲ ମୁଁ ଦେଖିଛି ତୁମର ଦେହରେ ।' (ଅଳକା ସାନ୍ୟାଲ) । (୨) 'ମଣିଷରେ କେତେ ସ୍ୱପ୍ନ ଆଶା ଓ ନିରାଶା କେତେ/ଯୋଜନା ଓ କମିଟି ଭିତରେ ।' (ହରେକୃଷ୍ଣ ଦାସ-୨) । (୩) 'ସ୍ତିମିତ ତାରାର ଲୁହ ଆକାଶରୁ ପୁଣି ଆକାଶକୁ/ଶୀତର କୁହୁଡ଼ିଯାଏ ପାରିହୋଇ ଆଜ ଯେବେ ଦିଗନ୍ତରୁ କେତେ ଦିଗନ୍ତକୁ ।', (ନିହତ ଗୋଧୂଳି) କମ୍ବା 'ନିସ୍ତବଧ ରାଜପଥରେ ପତ୍ର ଝଡ଼ା ଶୁଭେ ନାହିଁ ଖରାର ନିଶ୍ୱାସ' (ଆଖିର କପୋତ ମୋର) । (୪) 'ଜରା ମୃତ୍ୟୁ

Digitized by srujanika@gmail.com

ବ୍ୟାଧି ପୁଣି ଜୀବନର ଅର୍ଥ ବୁଝିବାକୁ ।' (ଆଖିର କଟୋଚ ମୋର) କିମ୍ବା 'ମୁଁ ଆଜ ପଠାଏ ମୋର ଏ ବିରକ୍ତ ଭସ୍ମ ପୁଣି ସ୍ତୂପ ସ୍ତୂପ/ ନିରର୍ଥକ ବାଲି/ମୁଁ ପଠାଏ ତୁମ ପାଇଁ ମୋର ବେଗ ଯନ୍ତ୍ରଣା ଓ କମା ଦେହର/ଖାଲି ଆଜ ଚାହିଁଲି ଖବର । ମୁଁ ପଠାଏ ତୁମଆଡେ ମୋର ଶତ ପ୍ରେତାତ୍ମାର ନଷ୍ଟ/ସେତେ ଆଶା ଆଜ ମୋର ପିତୃପୁରୁଷର ଜରା ମୃତ୍ୟୁ ବ୍ୟାଧିର ଖବର ।' (୬୦) ।

ଏପରିକି 'ପିକ୍‌ନିକ୍' ଓ 'ଛୁଟିର ଖବର' କବିତା ଦୁଇଟିର ଗ୍ରାମ୍ୟ ପ୍ରକୃତି ପରିବେଶରେ ମଧ୍ୟ କାବ୍ୟ ନାୟକର ମୁକ୍ତି ନାହିଁ । 'ଜହ୍ନ ଧୀରେ ଧୀରେ ଶେଷକୁ ନିସ୍ତେଜ ହୋଇଯାଏ 'ଏବଂ ଆମେ ସବୁ ବୁଝି ଦେଖୁ ବାରବାଟି ବୃଣପାଖେ ନିଗ୍ରୁଟିଆ ଗଡ଼ର ପରିଖା' (ପିକ୍‌ନିକ୍) । ପୁନଶ୍ଚ 'ନିଗ୍ରୁଟିଆ ଜୋର ପାଣି, ନିଗ୍ରୁଟିଆ ନେଳି ଶିଉଳିରେ, ହିପ୍ରହର ହଳଦିଆ' ପାଲଟିଯାଏ ଏବଂ 'ତୁମ ଗାଆଁ ଓ ଆମ ଗାଆଁ, ଶ୍ରୀହୀନ ଖବରେ ବିବର୍ଣ୍ଣ' ହୋଇଯାଏ । (ଛୁଟିର ଖବର') ।

ଉପରୋକ୍ତ କାବ୍ୟଗୁଣ ସହିତ ସଂସାରର ନିଷ୍ଠୁରତା, ମୋହ, ଅସାରତା, କାବ୍ୟ ନାୟକର ନିର୍ଲିପ୍ତ ମନୋଭାବ ଓ ଅସହାୟତା ମଧ୍ୟ ଗୁରୁବାବୁଙ୍କ କବିତା ସମ୍ଭାରର ଅନ୍ୟତମ ବୈଶିଷ୍ଟ୍ୟ ଏବଂ ଏ ସବୁର ଶୀର୍ଷତମ ପରିପ୍ରକାଶ ହୋଇଛି 'କାଳପୁରୁଷ' ।

ବର୍ଷା ବା ଜୀବନର ସୂଚନାରେ 'କାଳପୁରୁଷ'ର ଆରମ୍ଭ ହୋଇଥିଲେ ହେଁ ଏହା 'ନିଷ୍ଠୁର' ଓ 'ନିର୍ମମ' ଏବଂ ଏହି ଅନୁଭୂତି ସମଗ୍ର କବିତାରେ ସଂପ୍ରସାରିତ । କବିତାର ଶେଷ ପର୍ଯ୍ୟାୟ ନର୍କଚିତ୍ର ବର୍ଣ୍ଣନା ପ୍ରସଙ୍ଗରେ ସାମ୍ପ୍ରତିକ ମଣିଷର ଅସହାୟତା ସୂଚିତ । ଏହି ଉପଲବ୍ଧି,

Digitized by srujanika@gmail.com

(୧) "ଏକ ଦେହେ ଜନ୍ମ ନେଲି ପୁରୁଷ ମୁଁ ସେହି ଦେହେ
ନାରୀର ଶୃଙ୍ଗାର"
×× ×× (୩୩୩)
"×× ରାଜାଙ୍କର ଇଳା ନାମେ
ଏକମାତ୍ର ପୁତ୍ର ଓ ଦୁହିତା..."(୩୩୪–୩୩୬)
ଏବଂ (୨) "କାଲି ମୋର ସମ୍ମୁଖରେ ଏ ଦୀର୍ଘ ଏକପାଦ ଜର୍ଜରିତ
ବୃଷଭ
ପୁଣି ଏହି ଭଦ୍ରଲୋକ ଧଳାଧୋତି ପଞ୍ଜାବୀ ଓ
ଧଳାଟୋପି ଧଳାକାର ବର୍ଣ୍ଣ ପୁଣି ଈଷତ୍ ପିଙ୍ଗଳ
ଯଷ୍ଟିର ଆଘାତ ଆଉ ବୃଷଭର ଆର୍ତ୍ତନାଦ..."
(୩୩୯–୩୪୨) ଇତ୍ୟାଦି ବର୍ଣ୍ଣନାରେ
ସୁସ୍ପଷ୍ଟ ଓ ଗମ୍ଭୀର ।

'ଭାଗବତ' (୯ମ ସ୍କନ୍ଧ–୧ମ ଅଧ୍ୟାୟ) ବର୍ଣ୍ଣିତ 'ଇଳା' କନ୍ୟା ବଶିଷ୍ଠଙ୍କ ଦ୍ୱାରା ପୁତ୍ର 'ସୁଦ୍ୟୁମ୍ନ'ରେ ପରିଣତ ଏବଂ ଯୁବକ ଅବସ୍ଥାରେ ମୃଗୟା ଉଦ୍ଦେଶ୍ୟରେ'ସୁକୁମାର' ବନରେ ପ୍ରବେଶ କରି ମହାଦେବଙ୍କ ପୂର୍ବ ଅଭିଶାପରୁ ସ୍ତ୍ରୀତ୍ୱ ପ୍ରାପ୍ତି । ପୁନଶ୍ଚ ସେଇ ସଦାଶିବଙ୍କ ଦୟାରୁ ଆଜୀବନ ଏକମାସ ପୁରୁଷ ଓ ଏକମାସ ସ୍ତ୍ରୀ ହେବା ପ୍ରସଙ୍ଗ ପ୍ରଥମ ଉଦାହରଣରେ ସୂଚିତ ।

ଦ୍ୱିତୀୟ ଉଦାହରଣରେ ମଧ୍ୟ 'ଭାଗବତ' (୧ମ ସ୍କନ୍ଧ–୧୭ଶ ଅଧ୍ୟାୟ) ବର୍ଣ୍ଣିତ ଉପାଖ୍ୟାନର ସୂଚନା ଦିଆଯାଇଅଛି । 'ବୃଷଭ' ହେଉଛି ଧର୍ମ । ଏହାର ଚାରିପାଦ—ତପ, ଶୌଚ, ଦୟା ଓ ସତ୍ୟ । ତପ, ଶୌଚ, ଓ ଦୟାରୂପକ ତିନିପାଦ ଯଥାକ୍ରମେ ସତ୍ୟ, ତ୍ରେତୟା ଓ ଦ୍ୱାପର ଯୁଗରେ ନଷ୍ଟ ହୋଇ, କଳିଯୁଗରେ କେବଳ ଗୋଟିଏ

Digitized by srujanika@gmail.com

ପାଦ 'ସତ୍ୟ' ହିଁ ରହିଛି । ସେହି ଏକମାତ୍ର ପାଦଟିକୁ କଳି ଯଷ୍ଟିରେ ଅଘାତ କରୁଛି ।

ସୁଦ୍ୟୁମ୍ନର ଏକମାସ ଅନ୍ତରରେ ଯଥାକ୍ରମେ ପୁଂସ୍ତ୍ୱ ଓ ସ୍ତ୍ରୀତ୍ୱ ପ୍ରାପ୍ତି ଏବଂ ଏକପାଦ ବିଶିଷ୍ଟ ବୃଷଭକୁ ଯଷ୍ଟି ପ୍ରହାର—ଉଭୟ ବର୍ଣ୍ଣନା ପ୍ରସଂଗରେ କାବ୍ୟନାୟକର ଅସହାୟତା ଗମ୍ଭୀର ଓ ସୁସ୍ପଷ୍ଟ । 'ଭାଗବତ' ବର୍ଣ୍ଣିତ ଉପାଖ୍ୟାନ ସହିତ ସାଂପ୍ରତିକ ମଣିଷର ଅସହାୟତା ସମପର୍ଯ୍ୟାୟର ହୋଇଥିବାରୁ କାବ୍ୟୋପଲବ୍ଧି ତାତ୍ପର୍ଯ୍ୟପୂର୍ଣ୍ଣ ହେବା ସଂଗେ ସଂଗେ ଐତିହ୍ୟ ସହିତ ସଂଯୋଗ ସ୍ଥାପିତ ହୋଇ ପାରିଛି । ସେହିପରି ପରୀକ୍ଷିତ, ଅକ୍ରୁର, ଉଦ୍ଧବ, ଅଜଗର ପ୍ରଭୃତି ପୌରାଣିକ କାବ୍ୟବସ୍ତୁ ଉତ୍‌ଥାପନ ବା ମିଥ୍ ପ୍ରୟୋଗରେ କାବ୍ୟବକ୍ତବ୍ୟ ବଳିଷ୍ଠ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଜୀବନର ନୂତନ ମୂଲ୍ୟ ନିରୂପଣରେ ସହାୟତା କରିଛି । ଫଳରେ ରାଧାନାଥ-ପରଂପରା ପ୍ରଭାବିତ ଓଡ଼ିଆ କବିତାର ଧାରା ପରିବର୍ତ୍ତିତ ହୋଇ ପରବର୍ତ୍ତୀ କାଳରେ ବୈଚିତ୍ର୍ୟମୟ ଓ ସମୃଦ୍ଧିଶାଳୀ ହୋଇପାରିଛି ।

ଏହି ପରିପ୍ରେକ୍ଷୀରେ ଅନ୍ତତଃ ଏତିକି ନିଶ୍ଚିତ ଭାବରେ କୁହାଯାଇ ପାରେ ଯେ, କାବ୍ୟବକ୍ତବ୍ୟ ନିମିତ୍ତ କାବ୍ୟୋପଯୋଗୀ ସଂପ୍ରସାରଣଶୀଳ ସଂଯତ ଭାଷା, ସମସ୍ୟସଚେତନ ନୂତନ ଅନୁଭବ ଏବଂ ପରଂପରା ସହିତ ସଂପର୍କ ସ୍ଥାପନରେ ନୂତନ ଦୃଷ୍ଟିଭଂଗୀ ଇତ୍ୟାଦି କ୍ଷେତ୍ରରେ, ଗୁରୁବାବୁଙ୍କ କବିତା ନିକଟରେ ଆମେମାନେ ଋଣୀ ।

– ବଂଶୀଧର ଷଡ଼ଙ୍ଗୀ

●●

ମୁଁ କଲେଜ ଛାତ୍ର ଥିଲାବେଳେ ଗୁରୁପ୍ରସାଦଙ୍କ କବିତା ପ୍ରଥମେ ପଢ଼ିବାକୁ ପାଇଥିଲି । 'ନୂତନ କବିତା' ଓ 'ସମୁଦ୍ରସ୍ନାନ' ବହି ରୂପରେ ମିଳିବା ପୂର୍ବରୁ, ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ କବିତାଗୁଡ଼ିକୁ ପଢ଼ିବାରୁ

Digitized by srujanika@gmail.com

ଅଲଗା କରି ଏକ 'ବ୍ୟକ୍ତିଗତ ସଂକଳନ' କରିଥିଲି । ସେଇ ସଂକଳନରେ ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ, ବେଣୁଧର ରାଉତ, ବିନୋଦ ଚନ୍ଦ୍ର ନାୟକ ଓ ଅନ୍ୟମାନଙ୍କର କବିତା ସହିତ ଗୁରୁପ୍ରସାଦଙ୍କ କେତେଗୋଟି କବିତା ମଧ୍ୟ ଥିଲା ।

'କାଳପୁରୁଷ'ର ଏକ ହାତଲେଖା 'କପି' ହିଁ ମୁଁ ପ୍ରଥମେ ପଢ଼ିବାକୁ ପାଇଥିଲି । ମୋର ଜଣେ ସହାଧ୍ୟାୟୀ ବନ୍ଧୁ କବିତାଟି ପଢ଼ି ଏତେ ବେଶୀ ମୁଗ୍ଧ ହୋଇ ଯାଇଥିଲେ ଯେ, ସେ ସଂପୂର୍ଣ୍ଣ କବିତାଟିକୁ 'ପ୍ରଜ୍ଞା' ପୃଷ୍ଠାରୁ ଉତାରି ନେଇଥିଲେ । କେବଳ ସେତିକି ନୁହେଁ, ବିଶେଷ କୌଣସି କାର୍ଯ୍ୟ ନ ଥିଲାବେଳେ ଶ୍ରେଣୀ କକ୍ଷରେ, କଲେଜ ଭିତର ଓ ବାହାର ପଡ଼ିଆରେ ଏକ ଅତି ଦ୍ରୁତ ଢଂଗରେ 'କାଳପୁରୁଷ'ର ବିଭିନ୍ନ ଅଂଶ ଆବୃତ୍ତି କରିଥିଲେ । ସେ ପ୍ରାୟ ନୀରବ ଥାଆନ୍ତି । ମଝିରେ ମଝିରେ କୌଣସି ଉପକ୍ରମଣିକା, ଭୂମିକା ବା ଗୌରଚନ୍ଦ୍ରିକା ପୂର୍ବରୁ ହଠାତ୍ କହି ଉଠନ୍ତି :

> ସେଦିନ ଆସିଲା ବର୍ଷା...
> ସ୍ମାର୍ଟ ଦାସ ଇଂଜିନିଅର...
> ଗୋଡ଼ ଯିବ ଖସିଗଲା ପଡ଼ିବା ସ୍ଲୋପରେ
> ତାର ବା ଦୋଷ କଣ ? —ଇତ୍ୟାଦି ।

ଏହି ସହାଧ୍ୟାୟୀ ବନ୍ଧୁ—ସଂସର୍ଗରୁ ହିଁ ଗୁରୁପ୍ରସାଦଂକ କବିତା ସହିତ ମୁଁ ସଂପୃକ୍ତ ।

ତାଙ୍କ ପ୍ରଥମ ଥର ପଢ଼ିଲା ବେଳେ ତାଙ୍କ କବିତାର ଗୀତିମୟତା ମୋତେ ମୁଗ୍ଧ କରିଥିଲା । ଦ୍ଵିତୀୟ ଥର ଦେଖିଲା ବେଳକୁ ଅନେକ ଶବ୍ଦ, ଚିତ୍ର ମୁହଁ ଓ ଦୃଶ୍ୟ ମୋତେ ମୁଗ୍ଧ ଓ କଳ୍ପନାର ଏକ ଜଗତରେ ବିଭୋର କରି ରଖିଥିଲେ । ତୃତୀୟ ଥର ଜାଣିଲା ବେଳକୁ ଗୁରୁପ୍ରସାଦଂକ କେବଳ ଗୋଟିଏ କବିତା ହିଁ ପଢ଼ି, ଦେଖି, ଶୁଣି ଚାଲିଛି ମୁଁ । ଏବେ ବୁଝୁଛି ଯେ, ସେ କେବଳ ଗୋଟିଏ କବିତା ହିଁ ଲେଖି ଚାଲିଛନ୍ତି ଏ ପର୍ଯ୍ୟନ୍ତ ।

Digitized by srujanika@gmail.com

ତାଙ୍କର ଏ Continuity ହିଁ ତାଙ୍କୁ ବାରଂବାର ବଳ ଯୋଗାଉଛି । ତେଣୁ ମୋର ମନେ ହୁଏ ତାଙ୍କ କବିତାକୁ ବିଭିନ୍ନ ନାମ ଦେଇ ଭାଗ ଭାଗ କରି, ଖଂଡ ଖଂଡ କରି ଆଦୌ ଉପଭୋଗ କରିହେବ ନାହିଁ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାରେ ମଧ୍ୟବିତ୍ତମାନଙ୍କର ଏକ ସୁପରିଚିତ ଜୀବନ-ପ୍ରବାହକୁ ଗୁରୁପ୍ରସାଦ ନିଜ କବିତାରେ ଲିପିବଦ୍ଧ କରିଥିବାରୁ କବିତାଗୁଡ଼ିକ ଏ ମାଟିର ନିକଟତର ହୋଇ ପାରିଛଂତି । 'କାଳପୁରୁଷ'ର ଅନେକ ଅଂଶ ସରଳତା, ସ୍ୱଚ୍ଛତା ଓ ବୋଧତାର ଉଦାହରଣ ରୂପେ ବ୍ୟବହୃତ ହୋଇ ପାରିବ । ଏ ଭାଷାର କବିତାକୁ ଚିନ୍ତାଶୀଳ ଲୋକଙ୍କ ମଧ୍ୟକୁ ଫେରାଇ ଆଣିବାରେ ଗୁରୁପ୍ରସାଦ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଛଂତି । କୌଣସି ଏକ ଆବେଗ ବା ପ୍ରେରଣାରେ ପ୍ରବଳ ଚାପ ନ ପଡ଼ିବା ଯାଏଁ ସେ କବିତା ଲେଖି ପାରଂତି ନାହିଁ ।

ସେଇଥି ଯୋଗୁ ହିଁ ବୋଧହୁଏ ତାଙ୍କ ନିକଟରୁ ଖୁବ୍ ଅଳ୍ପ କବିତା ପଦାକୁ ଆସି ପାରଂତି ।

ଗୁରୁପ୍ରସାଦ ଖୁବ୍ ଅଳ୍ପ ଲେଖନ୍ତି ।

ଏହା ହିଁ ମୋର ଅଭିଯୋଗ ।

× × ×

କେତେକ ସମାଲୋଚକଙ୍କ ମତରେ ଗୁରୁପ୍ରସାଦ ହେଉଛଂତି ଓଡ଼ିଆ ଭାଷାରେ ଇଂରାଜୀ କାବ୍ୟଧାରାର ଜଣେ ପ୍ରଧାନ ସାଧକ । ମାତ୍ର ତାଙ୍କ କବିତାରେ ଯଥେଷ୍ଟ ଶୈଳୀଗତ ଇଂରେଜୀଆ ଗୁଣ ଥିଲେ ହେଁ, ତାଙ୍କ କବିତାର ଭୂଦୃଶ୍ୟ, ଚରିତ୍ର, ଘଟଣା, ପରିବେଶ ଓ ସଂଳାପରେ ଯେଉଁ ଓଡ଼ିଆତ୍ୱ ରହିଛି, ସେଥିଯୋଗୁଁ କବିତାର ପ୍ରଶଂସାରେ ଅଟକି ନ ଯାଇ ମୁଁ ବାରଂବାର କବିତାର ନିକଟତର ହୁଏ । ତେଣୁ ଗୁରୁପ୍ରସାଦଙ୍କୁ ମୁଁ ଇଂରେଜୀ ଶୈଳୀ ଓ ଓଡ଼ିଆ ଜୀବନର କବି ଭାବରେ ଗ୍ରହଣ କରି ଆସିଛି ।

Digitized by srujanika@gmail.com

ଆଜି କେତେକ ସମାଲୋଚକ କହନ୍ତି ଯେ ଗୁରୁପ୍ରସାଦଙ୍କ କବିତାରେ କୌଣସି ପ୍ରକାର ସାମାଜିକ ପ୍ରତିବଦ୍ଧତା ନାହିଁ । ମାତ୍ର ଯଦି କବିତା ବା କଳାକୃତିରେ ପ୍ରତିବଦ୍ଧତାର ସନ୍ଧାନ ହୁଏତ ଏକ ନିର୍ଦ୍ଦିଷ୍ଟ କାଳୀନ କବିତାର ଗୋଷ୍ଠୀକରଣ ସକାଶେ ସହାୟକ ହୋଇପାରେ । ସାମାଜିକ ପ୍ରତିବଦ୍ଧତା ଜନ୍ମି ନଥାଲେ ଭଲ କବିତାର ଏକ ଅତି ଆବଶ୍ୟକୀୟ ଉପାଦାନ ହୋଇ ନ ପାରେ । ଗୁରୁପ୍ରସାଦଙ୍କ କବିତାରେ ଏହି ଉପାଦାନର ଅଭାବ ଯୋଗୁଁ, ଏହା ଜନ-କବିତା, ଲୋକ-କବିତା ହୋଇ ନ ପାରେ । ତାଙ୍କ ଭାଷାର ସାଂଭ୍ରାନ୍ତ୍ୟ ଯୋଗୁଁ ହିଁ ସେ ପଲ୍ଲୀବାସୀ ନିରକ୍ଷର ଲୋକଙ୍କ ସକାଶେ ଦୁର୍ବୋଧ ମନେ ହେବେ । ମାତ୍ର ଆମେ କଣ ଚିରଦିନ ପାଇଁ ଆଶା କରିବା ଯେ, ଲୋକେ ପଲ୍ଲୀବାସୀ ଓ ନିରକ୍ଷର ହୋଇ ରହିଥାନ୍ତୁ ?

ନିଜର ସମାଜ ଓ ପରିବେଶକୁ ସେ ଯେଉଁ ଚମତ୍କାର ଢଙ୍ଗରେ ନିଜର କବିତାରେ ଜୀବନ୍ତ କରି ପାରିଛନ୍ତି, ତାହା ଯେତେ ପରିଚିତ ମନେ ହେଲେ ହେଁ, ସର୍ବଦା ଅନନୁକରଣୀୟ । ଏହି କାରଣରୁ ଓଡ଼ିଆ କବିତା ଆଲୋଚନାରେ ସେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ।

—ପ୍ରଫୁଲ୍ଲ କୁମାର ତ୍ରିପାଠୀ

Digitized by srujanika@gmail.com

ଗୁରୁ ପ୍ରସାଦ ଓ ମୁଁ

୧।। ଗୁରୁପ୍ରସାଦ ୧୯୬୦ ଅଗଷ୍ଟରେ 'ଓ୍ୱେଷ୍ଟଲାଣ୍ଡ'ର କଟକ ସଂସ୍କରଣ 'କାଳ-ପୁରୁଷ' ପ୍ରକାଶ କଲେ ।

୨।। ଗୁରୁପ୍ରସାଦଙ୍କ କାବ୍ୟ ଭାଷାର ଚମତ୍କାରିତା ଓ ରୂପକଳ୍ପ ତତ୍କାଳୀନ ତରୁଣ ସ୍ରଷ୍ଟାଙ୍କୁ ପ୍ରଭାବିତ କଲା । ପଦ୍ୟାର ଛନ୍ଦର ସାଫଲ୍ୟ ମଧ୍ୟ ଅନେକ କବିଙ୍କୁ ଅନୁରୂପ ଛନ୍ଦ ମାଧ୍ୟମରେ ପରୀକ୍ଷା ନିରୀକ୍ଷା କରିବାକୁ ଆକୃଷ୍ଟ କଲା ।

୩।। ଆନ୍ତର୍ଜାତିକ କାବ୍ୟ-ଧାରାସହିତ ଓଡ଼ିଆକବିତାକୁ ସଂଯୁକ୍ତ କରିବାପାଇଁ ରବି ବାବୁ ଓ (ପ୍ରାୟ ୧୯୭୦ ପର୍ଯ୍ୟନ୍ତ) ରମାକାନ୍ତ ବାବୁ ଉଦ୍ୟମ କରିଥିଲେ । 'କାଳପୁରୁଷ' ଓଡ଼ିଆ କବିତା ବିଶ୍ୱର କ୍ଷେତ୍ରରେ ଏକ ସ୍ୱୀକୃତିମାନ (standard) ପ୍ରତିଷ୍ଠା କଲା । ଆଧୁନିକ କାବ୍ୟ ଚେତନାର ଯଶସ୍ୱୀ ସମା-

୧।। ୧୯୬୦ରେ ବିଧିବଦ୍ଧଭାବେ ମୁଁ କବିତା ଲେଖା ଆରମ୍ଭ କଲି ଏବଂ ମନଯୋଗପୂର୍ବକ 'କାଳପୁରୁଷ' ଅଧ୍ୟୟନକଲି ।

୨।। ଆମେ(ସୌଭାଗ୍ୟବାବୁ,ଦେବଦାସ,ରାଜେନ୍ଦ୍ର, ପ୍ରଭାତ,ମୁଁ ଇତ୍ୟାଦି) କବିତା ଲେଖିବା ଆରମ୍ଭ କରିଲା ବେଳକୁ ରବି ସଚ୍ଚିରାଉତରାୟ, ରମାକାନ୍ତ ରଥ ଓ ଗୁରୁପ୍ରସାଦ ମହାନ୍ତି ଯଶସ୍ୱୀସ୍ରଷ୍ଟାଭାବେ ସ୍ୱୀକୃତ ହୋଇଥିଲେ । ତେଣୁଆମ କାବ୍ୟବିଷୟକୁ ଶକ୍ତିମନ୍ତ କରିବା ପାଇଁ ଆମେ ସେମାନଙ୍କ କାବ୍ୟ ପୃଷ୍ଠଭୂମି ସଂପର୍କରେ ଅବହିତରହି ପରୀକ୍ଷା ନିରୀକ୍ଷା କରୁଥିଲୁ ।

୩।। ସାହିତ୍ୟ ସୃଷ୍ଟି ମୁଖ୍ୟତଃ ସ୍ୱୀକୃତ ଲେଖା ବିରୁଦ୍ଧରେ ପ୍ରତିକ୍ରିୟା ବା ଗୌଣ ସ୍ରଷ୍ଟାଙ୍କ ପାଇଁ ସ୍ୱୀକୃତିର ପକ୍ଷ ସମର୍ଥନ ହୋଇଥିବାରୁ ସମକାଳୀନ ସ୍ରଷ୍ଟାମାନେ କବିତା ସୃଷ୍ଟି କ୍ଷେତ୍ରରେ ସ୍ୱକୀୟ ମୁଦ୍ରାଙ୍କନ ନିମନ୍ତେ ପ୍ରୟାସୀ ହେଲେ ଏବଂ ଗୁରୁପ୍ରସାଦ ରବି ରାଉତରାୟ ଓ ରମାକାନ୍ତଙ୍କ କାବ୍ୟ ସିଦ୍ଧିକୁ ସ୍ୱୀକାର କରି ତଥା ଆମର ପାରମ୍ପରିକ ପୃଷ୍ଠ-ଭୂମି, ଗୀତମୟ ଐତିହ୍ୟ (Lyrical tradition) ଆଧ୍ୟାତ୍ମିକ ସମ୍ବେଦନଶୀଳତାକୁ ମୂଳଧନ ରଖି ଉତ୍ତର "କାଳପୁରୁଷ" ଯୁଗର କବିରୂପେ ମୁଁ କବିତା ସୃଷ୍ଟି କରିଛି ।

୪।। ନିଜ କବିତାର ସମୀକ୍ଷାକରିବା ଅନାବଶ୍ୟକ ହେଲେ ମଧ୍ୟ ପ୍ରତ୍ୟେକ କବିକୁ ନିଜ କବିତା

Digitized by srujanika@gmail.com

ଲେଖକ ରୂପେ ଶ୍ରୀଯତୀନ୍ଦ୍ର ମୋହନ ମହାନ୍ତିଙ୍କୁ ପ୍ରତିଷ୍ଠିତ କଲା ।

୪।। ଗୁରୁପ୍ରସାଦକେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାପରେ ଓ ତାଙ୍କ କବିତାର ବିବିଧ ବିଭାବ ବିଶେଷଭାବେ ବର୍ଣ୍ଣିତ ହେବାପରେ ତାଙ୍କ ଠାରୁ ଓଡ଼ିଆ କବିତାଅଧିକ କିଛି ଲାଭ କରି ପାରିଲା ନାହିଁ । ସମୁଦ୍ରର ନୁହଁନ୍ତି, ସେ ସେମିତିଗୋଟିଏଉତ୍ତୁରର କବି ହୋଇ ରହିଗଲେ । କୋଡ଼ିଏଟି କବିତା ଓ ଦଶଟି ସନେଟ୍ ମଧ୍ୟରେ ତାଙ୍କକାବ୍ୟ ପ୍ରତିଭା ସୀମିତ ରହିଲା ।

ଅଲଗିଭାବରେ ସମୀକ୍ଷା କରିବାକୁ ହୋଇଥାଏ । ସମୀକ୍ଷକମାନଙ୍କର ମନ୍ତବ୍ୟ କେବେ କେବେ ସତ୍ୟର କଷ୍ଟି ଦର୍ପଣରେ ନିଜକୁ ଦେଖିବା ପାଇଁ ସୁଯୋଗ ଦିଏ । ଏଯାବତ୍ ରଚିତ ମୋର କବିତା ସଂପର୍କରେ ମୁଁ ପ୍ରାୟତଃ ବିଜ୍ଞ ସମାଲୋଚକ ମାନଙ୍କଠାରୁ ଅନୁକୂଳ ମନ୍ତବ୍ୟ ପାଇଛି । ଜଣେ ଦୁଇଜଣ ଅସହିଷ୍ଣୁ ସମାଲୋଚକ ଯେଉଁମାନେ ଓଡ଼ିଆ କବିତାକୁ ନ୍ୟୂନ ଦୃଷ୍ଟିରେ ଦେଖୁଛନ୍ତି ସେମାନେ ଅବଶ୍ୟ ନିନ୍ଦା କରିଛନ୍ତି । ସେମାନେ ତ ଯୁଗେ ଯୁଗେ ଥାଆନ୍ତି ଏବଂ ରହିବେ ଇ ! ତେବେ ମୋ କବିତାକୁ ଗୁରୁପ୍ରସାଦଙ୍କ ସହିତ ତୁଳନା କରିବାକୁ ଯଦି କୁହାଯାଏ,ମୁଁ କହିବି ସେ ଆମର କାବ୍ୟଗୁରୁ ଏବଂ ଆମ୍ଭେମାନେ ତାଙ୍କର ଦାୟାଦ । ●

ପ୍ରହରାଜ ସତ୍ୟନାରାୟଣ ନନ୍ଦ

ଖଣ୍ଡିତ ଅନୁଭୂତିର ପର୍ଯ୍ୟାୟ ସତେ ଯେମିତି ଆସିଗଲା କବି ଗୁରୁପ୍ରସାଦଙ୍କର'ସମୁଦ୍ରସ୍ନାନ'ପରେ । ଅନୁଭୂତିର ବହୁବିଧ ପର୍ଯ୍ୟାୟ ଭିତରେ ଯେଉଁ ନମ୍ର ମଣିଷଟି ଅଙ୍ଗୀକାର କରିନେଇଥିଲା ଦୁନିଆକୁ ଓ ଦୁନିଆର ଦାଉକୁ ବିନା ସାଲିସ୍‌ରେ, ସେ କାବ୍ୟ ପୁରୁଷଟି ଯେମିତି ସମୁଦ୍ର ସ୍ନାନପରେ କଠୋର ମାଡ଼ି ଭଳି ଏକ ପଦଯାତ୍ରାରୁ ବିରତ ହୋଇଗଲା ଆମ ସାମ୍ନାରେ । ତଥାପି, ସେ ପଦଯାତ୍ରାର ପାଦଚିହ୍ନ

Digitized by srujanika@gmail.com

ଦେଖିବାକୁ କେତେକ ଶିଳ୍ପୀ ଓ ପାଠକଙ୍କର ଉନ୍ନିଦ୍ର ଅପେକ୍ଷା ।

କବି ଗୁରୁପ୍ରସାଦଙ୍କର କାବ୍ୟମାନସ ଅତୀତକୁ ବର୍ତ୍ତମାନ ସହ ଯୋଡ଼ି ବର୍ତ୍ତମାନକୁ ଶିଳାଲେଖ କରି ଭବିଷ୍ୟତକୁ କେଉଁ ଉଦ୍ଧତ ନିର୍ଲିପ୍ତ ହାତ ବଢ଼ାଇଥିଲେ କି ଅତୀତ ଓ ବର୍ତ୍ତମାନର ଭଙ୍ଗାଗଢ଼ା ଭିତରେ ଠିଆହୋଇ ନିଷ୍ଠୁରଣ ସମାଜକୁ ଭାଗ୍ୟବାଦୀ ଭଳି ସମୁଗ୍ଧ ଦୃଷ୍ଟିରେ ଚାହିଁଥିଲେ ସେକଥା ସମାଲୋଚକମାନେ କହିବେ । କିନ୍ତୁ 'ମୁକ୍ତସ୍ୱନ'ର ସମ୍ପାଦକଙ୍କର ଅନୁରୋଧରେ କବି ଗୁରୁପ୍ରସାଦଙ୍କ କାବ୍ୟମାନସକୁ ମୁଁ ଯେମିତି ଜାଣିଛି ତାର ସାମାନ୍ୟ ସୂଚନା ମାତ୍ର ଏ ଆଲୋଚନା ।

କବି ଗୁରୁପ୍ରସାଦଙ୍କ କବିତା ଭିତରେ ଅଛି ଏକ ଭଙ୍ଗା ମଣିଷର ଛବି । ଆଶା ଓ ପ୍ରାପ୍ତିର ଲମ୍ବା ରାସ୍ତାକୁ ମାପିମାପି ସ୍ୱେଦସିକ୍ତ ମୁହୂର୍ତ୍ତରେ ଅବକ୍ଷୟୀ ଆଶାସ୍ନାତ ସୁଶ୍ରୀସଜଳ ସାଲିସ୍ । ଦୈହିକ ଓ ମାନସିକ ଯନ୍ତ୍ରଣା ଜର୍ଜରିତ ଚକ୍ରବ୍ୟୂହ ପରିବେଷ୍ଟନୀ ଭିତରୁ ମୁକ୍ତିପାଇବାର ଉଦ୍ଦାମ ଚଞ୍ଚଳ ଭାବ । ସମାଜର ସ୍ତରକାନ୍ଥ ଭିତରେ ସର୍ବଗ୍ରାସୀ ଦେହଜ କାମନାର ଅଗ୍ନିକଣାପ୍ରସୂତ ଅସଂଖ୍ୟ ବ୍ୟର୍ଥତାର ଶୂନ୍ୟ ଇଲାକାରେ ଓ ସମୟର ନିଠୁର ଯାନ୍ତ୍ରବାଣୀ ନିର୍ଦ୍ଦେଶନା ଭିତରେ କାବ୍ୟପୁରୁଷର ସଂଯତ ଓ ସୁସଂଯୋଜିତ ଦେହକେନ୍ଦ୍ରିକ ଆକାଶଛୁଆଁ ଚେତନା । ଏ ଚେତନା ଭିତରେ ସୁସ୍ଥ ପ୍ରବୃତ୍ତିର ଅଭାବ ହିଁ କାବ୍ୟ-ନାୟକୁ ମୁହାଁଇ ନେଇଛି ଅବକ୍ଷୟର ଠାଇର ଭୂଇଁକୁ ଯାହା ଅନତିକ୍ରମଣୀୟ ଓ ପରିଚିତା ଅନୁଭୂତିମୟ ।

Digitized by srujanika@gmail.com

ସମୁଦ୍ର କୂଳରେ ପଡ଼ି ଉଠିଥିବା ଝାଉଁବଣର ମର୍ମର ଯେମିତ ତାର ସାରାଜୀବନ ପାଇଁ ଏକାନ୍ତ ବିଶ୍ୱଚେତନା । ତାଶଭିତରେ ଅସହାୟ ମଣିଷର ହଇଲଗା ବ୍ୟକ୍ତିତ୍ୱ । ଆଗକୁ ଯେତେ ମାଡ଼ି ଯିବାର ଜିଜ୍ଞାସା ଥିଲେବି ଗୋଡ଼ ତଳୁ ରେତ୍ସବାଲି ଖସିଯିବାର ସନ୍ଦେହାଛନ୍ନ ଭାବରୁ ସେ ମୁକ୍ତ ନୁହେଁ, ତ୍ରିଶଂକୁଧର୍ମୀ କିନ୍ତୁ ଆକାଶଶ୍ଳେଷୀ । ସେହି ତ୍ରିଶଂକୁ ଗ୍ରସ୍ତ ସ୍ୱପ୍ନ ପ୍ରବଣତା ଭିତରେ ଅନ୍ୱେଷଣ, ଆନ୍ଦୋଳନ ଓ ଶୃଙ୍ଖଳ ଶୃଙ୍ଖଳ ଭାବ ।

କବି ଗୁରୁପ୍ରସାଦଙ୍କ କାବ୍ୟମାନସ ସନ୍ଦେହାଛନ୍ନ ନୁହେଁ ବରଂ କେତେକ କ୍ଷେତ୍ରରେ ଶଂକାକୁଳ । ଶ୍ୱେତବର୍ଣ୍ଣୀ ପୃଥିବୀ, ସେଠି ସ୍ୱପ୍ନ ଅଛି କିନ୍ତୁ ରଂଗ ନାହିଁ, ଗନ୍ଧ ଅଛି, ଛାଇ ନାହିଁ । ସବୁ ଥାଇ ମଧ୍ୟ ପାଇବାଟା ଦୁର୍ମୂଲ୍ୟ । ନାୟିକା ତା ସାମ୍ନାରେ ସମ୍ଭୋଗର ବସ୍ତୁଟିଏ । ପ୍ରେମର ଅନ୍ୟନାମ କାମ, ମମତାର ନାମ ମିଳନ, ବିଯୋଗର ଶେଷଫଳ କେବେ ଶୂନ୍ୟ ନୁହେଁ । ଏସମସ୍ତ ଚେତନା ପ୍ରତି ସତର୍କ ଥାଇ ମଧ୍ୟ ନିରୁପାୟ ନାୟକ ଖୋଜେ ଗୋଟିଏ ମୁହୂର୍ତ୍ତର ଦୈହିକ ଶାନ୍ତି, କାରଣ ଗୋଟିଏ ମୁହୂର୍ତ୍ତ ତାପାଇଁ ମୂଲ୍ୟବାନ ଅଭିଜ୍ଞତା । ପୌରୁଷ, ମ୍ରିୟମାଣ ହେଲେ ମଧ୍ୟ କ୍ଲୀବତ୍ୱରେ ଆଶ୍ଳେଷର ଆକାଂକ୍ଷା, ପରାଜୟରେ ତାର ସ୍ପଷ୍ଟ ସ୍ୱୀକାରୋକ୍ତି । ସେଠାରେ ତ୍ୟାଗପୂତ ପ୍ରଣୟ ନିଷ୍ଠା ଓ ମମତାବନ୍ଧ ସାମଗ୍ରିକ ପ୍ରଣୟାନୁଭୂତ ସ୍ୱପ୍ନ । ଜୀବନ ସଂଗ୍ରାମରେ କ୍ଷତ ବିକ୍ଷତ କାବ୍ୟମାନସ, ନିଜର ଦୟନୀୟ ସ୍ଥିତିର ଛକବନ୍ଧାରେ ବାଟ ଖୋଜୁଥିବା କାବ୍ୟ ପୁରୁଷ ଭିତରେ ଅଭିମାନ ନାହିଁ । ବରଂ ଯାହାହେଉ ବର୍ତ୍ତମାନର ଗ୍ଳାନିବୋଧରୁ ମୁକ୍ତି ପାଇଁ ଉଦଗ୍ର କାମନାର ପରିସମାପ୍ତିରେ ସେ ବେଶୀ ଆଗ୍ରହୀ । ସେଠାରେ ମାନସିକ ସ୍ତରରେ ଉପେକ୍ଷିତ ବା ଶୂନ୍ୟତାବୋଧରେ ଜର୍ଜରିତ ଭାବ, ବରଂ ସ୍ପୃହଣୀୟ, କିନ୍ତୁ ଦୈହିକ କାମନାର ଫୁଲ୍ଲଫୁଟା ମୁହୂର୍ତ୍ତକୁ ଆଦେଇ ଦେବା ସଂକ୍ରମଣାମୟ ।

ହୁଏତ ସବୁ ଅବସ୍ଥା ଭିତରେ କାବ୍ୟପୁରୁଷ ବର୍ତ୍ତମାନକୁ ଆକଣ୍ଠ ପାନ କରିବା ପାଇଁ ଚିରନ୍ତନ ପ୍ରତ୍ୟାଶୀ । ସର୍ବଗ୍ରାସୀ ସମୟ ଭିତରେ

(ଅବଶିଷ୍ଟାଂଶ ୧୪୬ ପୃଷ୍ଠାରେ)

Digitized by srujanika@gmail.com

ଆଖିର କପୋତ ମୋର

ଆଖିର କପୋତ ମୋର ଆକାଶର ଇସ୍ପାତ ଦେହରେ
ବାଧାପାଇ ପ୍ରତିହତ ଫେରିଆସେ ଏହି ପୃଥିବୀକୁ
ଯେଉଁଠାରେ ତୁମେ କର ପ୍ରତିଦିନ ବହନ ଯନ୍ତ୍ରଣା
ଜରା ମୃତ୍ୟୁ ବ୍ୟାଧି ପୁଣି ଜୀବନର ଅର୍ଥ ବୁଝିବାକୁ ।
ସମୁଦ୍ରର ଢେଉ ସବୁ ଛୋଟ ଛୋଟ ହାତ ପାପୁଲିରେ
ସ୍ଫଟିକ ବାଲିର ଦେହ ଯେବେ ଦିଏ ଆଉଁଷି ଆଉଁଷି
ମୁଁ ଯାଏ ବିବ୍ରତ ହୋଇ ଭେଦି ଖଣ୍ଡ ଦର୍ପଣର ସ୍ୱପ୍ନ ଧୂସରତା
ମୋର ପିତୃପୁରୁଷର ସ୍ମୃତି ଖୋଜି ତୁମର ଏ ବିବର୍ଣ୍ଣ ଦେହରେ-
ତୁମେ କୁହ କଥା କୁହ ଘାସ ଆଉ ପଥରର ଗୋପନୀୟ କଥା
ଘାଟିବଣ ଜଙ୍ଗଲର କଥା ଯେତେ ଶିଉଳି ଶାମୁକା
ଆଉ ସମୁଦ୍ରର କଥା ।

ବିଦୀର୍ଣ୍ଣ ଗ୍ରନ୍ଥରେ ଛିନ୍ନ ବଉଦରେ ବିବର୍ଣ୍ଣ ଜହ୍ନର
ଏ ପାରରୁ ଭାସିଯାଇ ସେ ପାରରେ ମରିଯିବା କଥା—
ଟଇସର ଜୀର୍ଣ୍ଣ ଦେହ ଏ ବାଳିର ଛୋଟ ଛୋଟ ଭଉଁରୀ ଭିତରେ
ଏପାଖ ସେପାଖ ଯାଏ ଉଡ଼ି ଉଡ଼ି ତୁମେ ନିଅ ସାଉଁଟି ସଉଁଟି
ତୁମେ ପୁଣି ଭଲପାଅ ତୁମେ ପୁଣି ହାତ ଧରି ଡାକ
ତୁମର ଆତ୍ମା ବା କାହିଁ ? ମୋ ଦେହ ବା ଜୀବନ୍ତ କେଉଁଟି ?
ମେଘର ଇସ୍ପାତ ଦେହ ସ୍ଥିର ପୁଣି ବାଧାପାଏ ସେଠି ତୁମ
ମନର କପୋତ ।

ଆଖିର କପୋତ ମୋର ଫେରିଆସେ ଯେତେବେଳେ
ଆକାଶର ଭ୍ରାନ୍ତ ପାରି ହୋଇ
ତୁମର ଦେହରେ ଏହି କ୍ଲାନ୍ତ ଆଉ ରୋଗଶୋକ ଉତ୍ତେଜନା
ଖେଦ ଆଉ କୋହର ଭିତରେ

Digitized by srujanika@gmail.com

ମୋ ଦେହର ସ୍ୱପ୍ନ ଧରି ବୋହିଯାଏ ସମସ୍ତ ନଦୀ ।
ନିସ୍ତବ୍ଧ ବନପଥରେ ପତଝଡ଼ା ଶୁଭେନାହିଁ ଖଗର ନିଶ୍ୱାସ,
ଝାଉଁବଣ ମିଶିଯାଏ ଧୂଆଁ ବାଲି ଆକାଶ ଭିତରେ
ମନେ ମୋର ପଡ଼େନାହିଁ କେବେ ମୋର ଆଖିର କପୋତ
ତୁମର ସନ୍ଧାନ ଦିନେ ପାଇଥିଲା କଟକ ବା ଜଗନ୍ନାଥ ସଡ଼କର
ପ୍ରାନ୍ତରେ ।

ଦେହ ମନ ଆତ୍ମା ହେଉଛି 'ସମୁଦ୍ର ସ୍ନାନ'ର ମୁଖ୍ୟ କାବ୍ୟ ସ୍ୱର । ଦେହର ଯନ୍ତ୍ରଣାରେ ଅସ୍ଥିର କାତର ଗୁରୁପ୍ରସାଦଙ୍କ ମନର ସଂଶୟର କୁହେଳି ଭିତରୁ ଜନ୍ମ ନେଇଛି ଏଇ ରୋମାଣ୍ଟିକ ବାସ୍ତବ ଚେତନାଶୀଳ କବିତା 'ଆଖିର କପୋତ ମୋର' । କବିତାର ସ୍ୱର ଓ ସ୍ପନ୍ଦନ କଳ୍ପନା ଆଉ ବାସ୍ତବର ବିମିଶ୍ର ସମନ୍ୱୟ । 'କପୋତ'କୁ କବିଦୃଷ୍ଟିର କଳ୍ପନା ରୂପେ ଗ୍ରହଣ କରାଯାଇପାରେ । ମୁକ୍ତିର ପ୍ରତୀକ ଭାବରେ ମଧ୍ୟ ନିଆଯାଇପାରେ । କାରଣ କବିଙ୍କର କଳ୍ପନାଶ୍ରୟୀ ମୌଳିକତାର ଯଥାର୍ଥ ବିଚାର ବିଶ୍ଳେଷଣ ସହଜ କଥା ନୁହେଁ । ଅନେକ ସ୍ଥଳରେ ଆନୁମାନିକତା ଉପରେ ନିର୍ଭର କରିବାକୁ ହେବ ।

ବାସ୍ତବବାଦୀ ଭାବୁକ କବି ତାଙ୍କର ଦୃଷ୍ଟିର ବିହଙ୍ଗକୁ ମୁକ୍ତ ଦେଇଛନ୍ତି ଆକାଶର ସୀମାହୀନ ଅନନ୍ତ ପଥରେ । ମୁକ୍ତ ଆକାଶ ହେଉଛି ମୁକ୍ତିର ସାଗର, ଯାହା କବି ଆତ୍ମାର ଅନ୍ୱେଷା । ପୃଥିବୀର ନାଗପାଶର ବନ୍ଧନରେ ପୀଡ଼ିତ, ଆସକ୍ତିର ଜ୍ୱାଳାରେ ଜର୍ଜରିତ ଆତ୍ମାକୁ କବି ଉତ୍ତରଣର, ଅନାସକ୍ତିର, ମୁକ୍ତିର ମହାନ ସଂଗୀତ ଶୁଣାଇବାକୁ ଯେତେବେଳେ ଆକାଶୀ ପଥର ସନ୍ଧାନ ଦେଇଛନ୍ତି, ଦେଖିଛନ୍ତି ଆକାଶ ଅସୀମ ଅନନ୍ତର ଅମୃତ ସ୍ୱାଦରେ ରୁଚିକର ଜୀବନର ମୁକ୍ତି-ମନ୍ତ୍ର ନୁହେଁ; ଏହା ବାସ୍ତବର ସୀମିତ ଧୂସର ସ୍ପର୍ଶରେ

Digitized by srujanika@gmail.com

କଠିନ । ଅବାଧ ମୁକ୍ତ ପରିବର୍ତ୍ତେ ସେଠି ଅଛି ବାସ୍ତବର କଠିନ ଗତିରୋଧକ ସ୍ତମ୍ଭ । ମଣିଷ, ଏଇ ପୃଥିବୀର ମଣିଷ, ଦେହଧାରୀ ମଣିଷ ପୃଥିବୀର, ଦେହର ଅସ୍ତିତ୍ୱକୁ ଅସ୍ୱୀକାର କରି ନ ପାରେ । ଫଳରେ ଆକାଶର 'ଇସ୍ପାତ ଦେହ'ରେ ବାଧା ପାଇ ଫେରି ଆସୁଛି ତାର ସେଇ ଦୁଃଖ ଶୋକ ଜରାଜର୍ଜର ରୋଗ ବ୍ୟାଧିଗ୍ରସ୍ତ ପରିଚିତ ପୃଥିବୀକୁ । ଏଇ ପୃଥିବୀର ଧୂସର ଦେହ ସହିତ ଜଡ଼ିତ ଆତ୍ମାର ନିତ୍ୟ ପରିଚୟ । ସେଠି ନଥାଏ ବିଶ୍ୱାସର ସବୁଜ ପ୍ରଶ୍ରୟ, ନ ଥାଏ ବଞ୍ଚିବାର ସହଜ ପ୍ରତ୍ୟୟ । ତଥାପି ସେଇ ଅବକ୍ଷୟିତା ଆଉ ଦୁର୍ଭାଗ୍ୟରେ ଆକ୍ରାନ୍ତ ପୃଥିବୀକୁ ଜାଣିବାକୁ, ଦୁଃଖ ଜରାଗ୍ରସ୍ତ ଜୀବନର ପରିଚୟ ପାଇବାକୁ ମଣିଷର ନିରବଚ୍ଛିନ୍ନ ସଂଗ୍ରାମ । ପୃଥିବୀ ମଣିଷ ପାଇଁ ଏକ ରହସ୍ୟର ଉପତ୍ୟକା । କଳ୍ପନା ପ୍ରାଣ କବିଆତ୍ମା ବାସ୍ତବର କଠିନ ସ୍ପର୍ଶରେ ପ୍ରତିହତ ହୋଇ ଫେରି ଆସୁଛି ସେଇଠିକୁ, ଯେଉଁଠି କାବ୍ୟ ନାୟିକା ଏକାକୀ ଜୀବନକ୍ଳାନ୍ତ ପରିବେଶର ଗୋପନ ଦ୍ୱାର ଉଦ୍‌ଘାଟନ କରିବାକୁ ସଂଗ୍ରାମରତ । ଶୂନ୍ୟତା ଆକାଶରେ ନାହିଁ; ମୁଠା ମୁଠା ଶୂନ୍ୟତା ଭରି ରହିଛି ମଣିଷର ନିଃସଙ୍ଗ ଏକାକୀତାରେ । ନିତ୍ୟ ନୀଡ଼ ଖୋଜୁଛି ଏଇ କଠିନ ବାଧାର ଉପରର ବକ୍ଷକୁ ଅତିକ୍ରମ କରିବା ପାଇଁ, ମାତ୍ର ଅସହାୟ ଏକ ଯନ୍ତ୍ରଣା ନେଇ ଫେରିଆସୁଛି ତାର ବାସ୍ତବ ପରିବେଶକୁ । ଜରା ମୃତ୍ୟୁ ବ୍ୟାଧି ଜୀବନର ଷଡ଼ୟନ୍ତ୍ର ରୂପ—ଆଉ ତାରି ଭିତରେ ସଂଗୋପିତ ରହିଛି ଜୀବନର ପ୍ରକୃତ ଅର୍ଥ । ଜୀବନକୁ ବୁଝିବାର ବାଟ ପଡ଼ିଛି ଦୁଃଖ ବ୍ୟଥା ଆଶଙ୍କା ଆଉ ବିଫଳତାର ପରିଧି ଭିତରେ । ଗୁରୁପ୍ରସାଦଙ୍କ କବିତାର ପରିବେଶ ହେଉଛି ଜରା, ବ୍ୟାଧି, ମୃତ୍ୟୁ, ବିଷଣ୍ଣତା, ଜୀର୍ଣ୍ଣତା, ବିବର୍ଣ୍ଣତା ଆଉ ସ୍ଥବିରତାର ପରିବେଶ । ଏ ସବୁ ଅବକ୍ଷୟିତାର ପ୍ରତୀକ ।

Digitized by srujanika@gmail.com

ସମୁଦ୍ର ଆଉ ବାଲୁକାରାଶି ପ୍ରେମିକ ଓ ପ୍ରେମିକାର ଭୂମିକାରେ ଅବତୀର୍ଣ୍ଣ । ସମୁଦ୍ରର ଉଚ୍ଛ୍ୱାସ ନେଇ କବି ଆତ୍ମା ଆତ୍ମପ୍ରକାଶ କରିଛି । ତାଳର ସ୍ତବକ ଦେହ ତଳ ନାୟିକାର ଦେହ ବିବର୍ଣ୍ଣ । ଗ୍ଲେଟ ଗ୍ଲେଟ ହାତ ମାପୁଲ କୈଶୋରର ବା ଅତୀତର ସ୍ମୃତି ସନ୍ଧକ । ସମୁଦ୍ର ମନ୍ଥତାନ୍ତ୍ରିକ ତୁରଙ୍ଗରେ, ଅତୀତର ସ୍ମୃତି ଧ୍ୱନିରେ ସ୍ତବକ ବାଳି ଦେହରେ ଭରି ଦେଉଛି ଜୀବନର ଉଷ୍ଣତା । ଏଇ ରୋମାଣ୍ଟିକ୍ ପରିବେଶରେ ନାୟକ ଖାଲି ବିପଦର ତପ୍ତ ଧୂସରତା ଭେଦ ଅର୍ଥାତ୍ ସକଳ ସାମାଜିକ ଗଣ୍ଡିର ପ୍ରତିବନ୍ଧକକୁ ନେଇ ନାୟିକାର ବିବର୍ଣ୍ଣ ଦେହରେ ଖୋଜୁଛି ଅତୀତର ସ୍ମୃତି—ଜୈବିକ କାମନାର ଉତ୍ତପ୍ତ ପ୍ରବାହ । ନାୟିକା ହେଉଛି ବାଉଳ, ଜୀବନ-ପ୍ରେମୀ । ଘାସ, ପଥର, ଘାଟିବଣ, ଜଙ୍ଗଲ, ଶିଉଳି, ଶାମୁକା ଆଉ ସମୁଦ୍ର—ମଣିଷ ମନର ଅଭୁତ ସୀମାହୀନ ପୁଣି ଖଣ୍ଡ ଖଣ୍ଡ ଚିତ୍ରର ଶୋଭାଗାର । ଏ ସବୁ ଅତୀତର ସ୍ମୃତି ହେଉଛି ପୁଣି ଯୌନ ଚମକଲୁର ଆଭାସ, କବିଙ୍କର କାବ୍ୟିକ ଚେତନାକୁ ସ୍ପଷ୍ଟତର କରିବାରେ ସହାୟକ ।

ତେବେ ଜୀବନର ପ୍ରେମମର୍ମରିତ ଉଚ୍ଛ୍ୱଳତା ହଠାତରେ ଧସେଇ ପଡିଯାଏ ରାତିର ବିଷର୍ଣ୍ଣତା । ଅଖଣ୍ଡ ପରିପୂର୍ଣ୍ଣ ଜୀବନ ସମାରୋହ ଛିନ୍ନବିଚ୍ଛିନ୍ନ ହୋଇ ଖଣ୍ଡ ବିଖଣ୍ଡ ହୋଇପଡେ । ଜୀବନର ଅପୂର୍ଣ୍ଣତା, ବିଚ୍ଛିନ୍ନତା ସହଜରେ ବାରି ହୋଇପଡେ । ବିଷର୍ଣ୍ଣ ରାତି, ବିବର୍ଣ୍ଣ ଜହ୍ନ, ଛିନ୍ନ ବଉଦ—ଏସବୁ କବି ଅନୁଭୂତିର ଏକ ନଇଞ୍ଜି, ଅନ୍ଧକାର ଓ ଅସହାୟତା ତଥା ନୈରାଶ୍ୟର ସଙ୍କେତ । କିନ୍ତୁ 'ଏ ପାଚିରୁ ଖସିଯାଇ ସେପାଖରେ ମିଶିଯିବା କଥା'—ଏଇ ଅପ୍ରମିତ ଜନ୍ମ ମୃତ୍ୟୁ ଚେତନାର ସୂଚକ ନୁହେଁ । ଏହା ଜନ୍ମରୁ ଜନ୍ମାନ୍ତର ବା ଭବରୁ ଭବାନ୍ତର ସଂକ୍ରମଣର କଥା କହେ ।

Digitized by srujanika@gmail.com

କବିଙ୍କର ଏଭଳି କବିତାରେ ଚୈତ୍ରରୁ ନେଇ ଅନେକ ଉଚ୍ଛ୍ୱାସ । ନିଃଶବ୍ଦ ଚଇତ ଯେ ଏ ଗନ୍ଧ ଗନ୍ଧ ସ୍ୱପ୍ନା ସ୍ୱପ୍ନା, ଚୈତ୍ରର ସପନ, ଚଇତର ଗୋପନ ନୂପୁର,—ଏଭଳି ଅର୍ଥରେ ସଂପାଦିତ । ଏଠାରେ ଚୈତ୍ର ନିଃସଙ୍ଗ ବା ଶୂନ୍ୟତାର ପ୍ରତୀକ । ଚୈତ୍ରର ଧମାକରେ ଯେମିତି ବାଲୁକା ବକ୍ଷରେ ଭଉଁରି ସୃଷ୍ଟି ହୁଏ, ସେମିତି ଦେହର ବାଲିଚର ଉପରେ ପ୍ରେମ ଅନେକ ସ୍ମୃତିର ଆବର୍ତ୍ତ ରଚନା କରେ । ଅଶାନ୍ତର ସେଇ ବିଚିତ୍ର ସ୍ମୃତିକୁ, ଜୀବନର ମାଧୁର୍ଯ୍ୟ ଜଣାଇ, ନାସ୍ତିକା ଚୋଳିକଏ—ବିଫଳ ପ୍ରେମକୁ ସଫଳ ସୌନ୍ଦର୍ଯ୍ୟରେ ପୁଣି ଭରିଦେବାପାଇଁ, "ତୁମେ ପୁଣି ଭଲପାଅ ତୁମେ ପୁଣି ହାତ ଧରି ଡାକ"—ସେ ଏକ ପ୍ରୀତିର ଆହ୍ୱାନ । ଏଇ ଡାକ କାବ୍ୟପୁରୁଷ ଅନ୍ତରକୁ ଆଲୋଡ଼ିତ କରିବାର ମାତ୍ରେ କ୍ଷଣରେ ମନରେ ଉଠେ ସଂଶୟର ଝଡ଼ । ଜୀବନର ଏକ ଶୀର୍ଷ ମୁହୂର୍ତ୍ତରେ, ଆବେଗମୁଖର ସୁଖକର କ୍ଷଣଟିରେ ଭର ମନର ଜିଜ୍ଞାସା—'ତୁମର ଆତ୍ମା ବା କାହିଁ ? ମୋ ଦେହ ବା ଜୀବନ୍ତ କେଉଁଠି ?'—ଏଇ କାବ୍ୟ ଜିଜ୍ଞାସାହିଁ ଆଧୁନିକ ମାନବର ସଂଶୟ ସଂତ୍ରସ୍ତ ମନର ନିରୋଳ ପ୍ରକାଶ । ସଂଶୟପୂର୍ଣ୍ଣ ପ୍ରେମର ବିଫଳ ପରିଣତି ପାଇଁ ଦାୟୀ । ପରିପାର୍ଶ୍ୱକୁ ଅସ୍ୱୀକାର କରି ସେଇ ଅଧମମାନବର ଜୀବନ ଉପଭୋଗର ଯେଉଁ ଅନାବିଳ ଅନାହତ ଆକାଂକ୍ଷା ଆଜିର ମଣିଷ ହରାଇ ବସିଛି । ଏଠାରେ ଇଲିୟଟ୍‌ଙ୍କର ଚିନ୍ତାଧାରା କବିଙ୍କୁ ଯେତେ ପ୍ରଭାବିତ କରି ଥାଉନା କାହିଁକି କବିଙ୍କର ବ୍ୟକ୍ତିଗତ ଅନୁଭୂତିର ତୀକ୍ଷ୍ଣତା ସହଜରେ ଉପଲବ୍ଧି କରିହୁଏ । କବିଙ୍କର ଜିଜ୍ଞାସା ଓ ଅନ୍ୱେଷା ଭିତରୁ ଜଣାଯାଏ କବିପ୍ରାଣ ଏଠି ଆତ୍ମ ଅନୁସନ୍ଧାନରେ ବ୍ୟସ୍ତ । ଦେହ ଓ ଆତ୍ମାର ମିଳନର ସୁବର୍ଣ୍ଣ କ୍ଷଣଟି କେବେ କେବେ ମଣିଷକୁ ଫାଙ୍କି ଦେଇ ତାକୁ ଢାଙ୍କି ଦେଉଛି ସଂଶୟର ମେଘରେ ।

Digitized by srujanika@gmail.com

ଜୀବନର ଅସମ୍ପୂର୍ଣ୍ଣତା ଓ ଅସଫଳତାର ଚିତ୍ର ଏଇ କବିତାଟି ଭିତରେ ଉଚ୍ଚାରିତ । ଦେହ ଓ ଆତ୍ମାର ମିଳନରେ ଜୀବନର ପୂର୍ଣ୍ଣତା, ସଂଶୟରେ ପୂର୍ଣ୍ଣତା ଖଣ୍ଡିତ ହୁଏ । ଏଇ ସଂଶୟ ପୁଣି ସଞ୍ଚାରିତ ହୋଇଛି ନାୟିକାର ମନରେ । ପ୍ରେମର ସ୍ୱପ୍ନ ନେଇ ଭସି ଯାଉଥିବା ଲଘୁପକ୍ଷ ମେଘ ଉତ୍ତାପର ଅର୍ଥାତ୍ ବାସ୍ତବର କାଠିନ୍ୟ ନେଇ ପାଉଛି ନାୟିକାର ପ୍ରୀତି ଉଚ୍ଛ୍ୱସିତ ଜୀବପ୍ରବଣ ମନ । ନାୟିକାର ଆଶା ଆଉ ନାୟକର ସ୍ୱପ୍ନ ଭିତରେ ଜୀବନ ଯୌବନର ମହାର୍ଘ ମୁହୂର୍ତ୍ତ ବିତିଯାଏ ସଂଶୟ ଆଉ ଆତ୍ମ ଅନ୍ୱେଷଣର ଅଜସ୍ର ଭ୍ରାନ୍ତି ଭିତରେ । ଦୁଃଖ, ଖେଦ, ଜୈବିକ କ୍ଷୁଧା ଆଉ କ୍ଲାନ୍ତିର ଅଶେଷ ଯନ୍ତ୍ରଣା ନାୟିକାର ଦେହ ମନକୁ କରେ ଜୀର୍ଣ୍ଣ ବିବର୍ଣ୍ଣ । 'ମୋ ଦେହର ସ୍ୱପ୍ନ ଧରି ବୋହିଯାଏ ସନ୍ଦେହର ନଈ ।' ମନରେ ବ୍ୟାକୁଳତା, ବଢେ କାଙ୍କ୍ଷା ନିଃଶ୍ୱାସରେ ପ୍ରଖରତା ସମୟର ସର୍ବଗ୍ରାସିତା ଭିତରେ ଜୀବନର ସ୍ୱପ୍ନ ଝରିପଡ଼େ । ଝାଉଁବଣ ମିଶିଯାଏ ଧୂଆଁ ହୋଇ ଆକାଶ ଭିତରେ । କବିର ପ୍ରେମିକା ହଜିଯାଏ ଅତୀତର କେଉଁ ଏକ ବିସ୍ମୃତ ସନ୍ଧ୍ୟାରେ । ନାୟକର ମନେ ନ ପଡ଼େନା କେବେ କେଉଁଠି ନାୟିକା ସହିତ ତାର ସାକ୍ଷାତ ଘଟିଥିଲା— ବର୍ତ୍ତମାନ/କଟକ ବା ଅତୀତ/ଜନ୍ମଭୂମିରେ ସେ ପାଇଥିଲା କାବ୍ୟ ନାୟିକାର ସନ୍ଧାନ । ଏଇ ବସ୍ତୁନିଷ୍ଠ କାବ୍ୟ ପୁରୁଷର ଦେହ ଆତ୍ମାର ସଫଳ ସଂଯୋଜନ ପାଇଁ ଏକ ବିରାଟ ପ୍ରଶ୍ନବାଚୀ ।

ମଣିଷ ପାଇଁ ଆଜି ଯାହା ସତ୍ୟ, କାଲି ତାହା ମିଥ୍ୟା । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ — ଏଇ ତ୍ରିକାଳର ପରିଧି ଭିତରେ ଗତିଶୀଳ ମଣିଷର ମନ ପାଇଁ କିଛି ବି ନିଶ୍ଚିତ ନୁହେଁ, ସତ୍ୟ ନୁହେଁ, ସ୍ଥିର ନୁହେଁ । ତା' ଜୀବନର ସର୍ବଶ୍ରେଷ୍ଠ ବିବେକ ପ୍ରେମ ଚିରନ୍ତନ ପ୍ରତିଶ୍ରୁତି ଦେଇପାରେନା କି ପାଇ ପାରେନା । କାଳର

Digitized by srujanika@gmail.com

ଉଦଗ୍ର ପ୍ରେମ ଧୂଆଁ ହୋଇମିଶିଯାଏ ଅନନ୍ତ ଶୂନ୍ୟରେ । ସେତେବେଳେ ନାଚୁଥିବା ହଳଦୀଆ ଅଗ୍ନିର ଲେଲିହାନ ଶିଖାରେ ସେତେବେଳେ ନିଃସୀମ ଶୂନ୍ୟତା ଭିତରେ ନାୟକ ଏକ ଯନ୍ତ୍ରଣା ଜର୍ଜରିତ ପୃଥିବୀ ବକ୍ଷରେ ସାଜେ ଜୀବନ ଶିଳ୍ପୀ ।

ଏକ ପକ୍ଷରେ କବି ହେଉଛନ୍ତି ଭାବପ୍ରବଣ, ରୋମାଣ୍ଟିକ ପ୍ରେମଧର୍ମୀ, ଅନ୍ୟପକ୍ଷରେ ଏକ ଅସଫଳ ଶଙ୍କିତ ଶୀତଳ ପ୍ରେମର ଶିକାର । ଚମ୍ପାଫୁଲର ମହକରେ କୁହୁକର ମାୟାଜାଲ ଯୋଗୀକୁ ମଧ୍ୟ ସଂସାର ଜାଲରେ ଛନ୍ଦିଦିଏ । ମାଂସ ଫୁଲହୋଇ ଫୁଟେ, ମନ ରୋମାଞ୍ଚରେ ଷୋଳପଣ୍ଡେ ପୁଣି ଗୋଟିଏ ଗଣେଶ ନାମ୍ବରର ଏକ ସ୍ତବ୍ଧ ଅସହାୟ ଅନ୍ଧବୋଧ ଭିତରେ ପ୍ରେମର ସମ୍ଭାବ୍ୟ ଜୀବ ରୂପରେ ସମଧିକ ପରିବ୍ୟାପ୍ତ । 'ଦେହାଶ୍ରିତ ପ୍ରେମ ପରିବର୍ତ୍ତେ ଦେହଜ କାମନାର ଵିକୃତିରେ ପ୍ରେମକୁ କରନ୍ତି ସଂକୋଚିତ ।

ଦେହର କ୍ଳାନ୍ତି, ମନର ଉତ୍ତେଜନା, ଦୈହିକ କ୍ଷୁଧା, ନ ପାଇବାର ଦୁଃଖ ଓ କୋହର ପ୍ରଶମନ ପାଇଁ ଏଥିରେ କୌଣସି ନିର୍ଦ୍ଦିଷ୍ଟ ବିକଳ୍ପ ଇଙ୍ଗିତ ନାହିଁ । ସ୍ୱପ୍ନକୁ କ୍ରିୟାଶୀଳ କରିବା କଥା ଭାବୁ ଭାବୁ ସମସ୍ତ ତାକୁ ଠକି ଦେଉଛନ୍ତି । କବି କାଳ ସଚେତନ, ଜୀବନ ସଚେତନ ନୁହନ୍ତି ।

ଯେଉଁ ନାରୀକୁ କବି 'ତୁମେ' ବୋଲି ସମ୍ବୋଧନ କରିଛନ୍ତି ସେ କୌଣସି ନିର୍ଦ୍ଦିଷ୍ଟ ନାରୀ ହୋଇପାରେ, ପୁଣି ତାର କୌଣସି ସତ୍ତା ନଥାଇ ବି ପାରେ । ଗୁରୁପ୍ରସାଦଙ୍କ ଆଧୁନିକ ମାନସର ଅନ୍ୟତମ ପ୍ରକାଶ ତାଙ୍କର ଶବ୍ଦ ପ୍ରୟୋଗ ରୀତିରେ ପରିଲକ୍ଷିତ । ଆକାଶର ଉତ୍ତପ୍ତ ଦେହ, ଆମର ପୂର୍ବ ରଚିତ ଚନ୍ଦ୍ରାଧାର ମୂଳରେ ଐରାବତ ଆଘାତ ହାଣି ମନକୁ ଦୋହଲାଇ ଦିଏ । ସୃଷ୍ଟି କରେ ନୂତନ ଜୀବନାନୁଭୂତି । କେତେକ ଶବ୍ଦର ବାରମ୍ବାର ଉଚ୍ଚାରଣ

Digitized by srujanika@gmail.com

ତାଙ୍କ ବ୍ୟକ୍ତିତ୍ୱ ଓ ରଚନାଶିଳ୍ପର ସମ୍ଭାବ୍ୟ ଭାବରେ ଗୃହୀତ । ଯଦି ଗଭୀରତର ଓ ଅନେକ ନାୟକଙ୍କୁ ସେ ଅସ୍ୱୀକାର କରି ପାରିନାହାନ୍ତି ସତ, କିନ୍ତୁ ଆଧୁନିକ କବିତା ରଚନା କ୍ଷେତ୍ରରେ ଏକ ନୂତନ ଶୈଳୀ ଓ ଧାରାର ପ୍ରବର୍ତ୍ତକ ।

ଗୁରୁପ୍ରସାଦଙ୍କ କବିତାର ବିଶେଷ ଆକର୍ଷଣ ଅନୁଭୂତିର ଚିତ୍ରକଳ୍ପକୁ ଶବ୍ଦସ୍ତରରେ ଦକ୍ଷତାର ପ୍ରସାରିତ କରିବା ପାଇଁ ତାଙ୍କର ଆନ୍ତରିକ ଉଦ୍ୟମ ।

— ରେଖା ମହାନ୍ତି

ସୁନାର ଝରଣା

ହସି ହସି ଝରୁଥିଲା ସିମେଣ୍ଟର ଚଟାଣ ଉପରେ
ସୁନାର ଝରଣା;
ସେତେବେଳେ ଏ ଗଳିରେ ଖେଳୁଥିଲା ପୁଣି ଥିଲେ ଲୋକେ
ପୁଣି ଥିଲା ମୋ ଦେହରେ ପଞ୍ଜରର ପାଳିତ ମୂର୍ଚ୍ଛନା ।
ପଞ୍ଜରର କୁହୁଡ଼ିପର ଚାରି ଦିଗେ ଜହ୍ନ ଜଳିଯାଏ
ଝିଙ୍କାପଣ ଠେଲି ଠେଲି ଧୂଳି ଯାଏ ସମସ୍ତ ବି ଯାଏ
ଜୀବନକୁ ବର୍ତ୍ତିକାଏ ଖସିଯାଏ ଆସ୍ତେ ଖସିଯାଏ ।
ନଦରେ ମୁଁ ଶୋଇଥିଲି କ୍ଳାନ୍ତ ଦେହ କ୍ଳାନ୍ତ ଥିଲା ମନ
ଆଖିରେ ମୋ ସୁପ୍ତି ଥିଲା କାମିଜର ଉପୁରେ ଉପୁରେ
ଏ ଦେହରେ ସ୍ୱପ୍ନ ଥିଲା, ଥିଲା ମୋର ଜୀବନର ଗାନ ।
ଏତେବେଳେ ଅକସ୍ମାତ୍ ଜହ୍ନ ଯେବେ ଉଠେ
ଏତେବେଳେ କୁହୁଡ଼ିରେ ଝିଙ୍କାପଣ୍ଡ ଥୋପି ଥୋପି ଚାନ୍ଦ

Digitized by srujanika@gmail.com

ଏତେବେଳେ ହଠାତ୍ ମୁଁ ଜାଣିପାରେ ସବୁ
ଦେହରେ ମୋ ଝୁଲିଗଲା ଛପି ଛପି ଗୋପନ ଦକ୍ଷିଣା ।
ପଞ୍ଜରର କୁହୁଡ଼ିରେ ଜହ୍ନ ହଳେ ତାରା ହଜିଯାଏ
ହସି ହସି ଝରିଯାଏ ସିମେଣ୍ଟର ଚଟାଣ ଉପରେ
ସୁନାର ଝରଣା,
ତା ଅଖିର ଡୋଳା ତଳେ ଡେଇଁଉଠେ ମୋ ମୁହଁର ଛାଇ ।

ମୁଁ ଚାହିଁଛି ତା' ଆଖିକୁ ଅପଲକ ପୁଣି ହତାଶାନ
ତା ଓଠରେ ଯେତେ ଫୁଲ ଫଳ ହୋଇ ରଙ୍ଗ ଗୋଳାପଏ
ମୁଁ ଖୋଜୁଛି ଖୋଜମିଳ ସେଠି ମୋର ପ୍ରାଣର ସଂଧାନ ।
ତା ପାଦରେ ଛନ୍ଦ ଅଛି, ତା ଆଖିରେ ଝିକମିକ ତାରା

ତା ଦେହରେ ଯେତେ ତେଜ ଜହ୍ନ ଆଉ ତାରା ଆଲୁଅର
ତା ବେଣୀରେ ଲୁଚାଯିବ ସ୍ୱପ୍ନ ଯେତେ ଉଆଁସ ରାତର
ତା ହାତରେ ଆଶା ମୋର ରହେ ଅବା ଗୋପ୍ୟ ନମସ୍କାର ।

ଝରଣାର ବେଣୀ ଝୁଲେ ଝରଣାର ଶାଢ଼ୀ ତେଜ ଖେଳେ
ପଞ୍ଜରର କୁହୁଡ଼ିରେ ଆଖିରର ମୋ' ଜ୍ୟୋତି ଯେବେ ନଭେ
ଝରଣାର କୂଳେ କୂଳେ ଆପ୍ଲୁତ ମୁଁ ଏକ ପଥିକ
ପାଣି ଖୋଜେ ସ୍ୱପ୍ନ ଖୋଜେ, ଖୋଜେ ମୋର ଧାପର ଆଲୋକ ।

ସୁନାର ଝରଣା ଯାଏ ଝରି ଝରି ସିମେଣ୍ଟର ଚଟାଣ ଉପରେ
ପଞ୍ଜରର କୁହୁଡ଼ିରେ ଝରେ ଝରେ ଦୁର୍ନିବାର
ଆପ୍ଲୁ ମୋଙ୍କ ପଥ ଝଡ଼ପଡେ଼
ମୁଁ ତାକୁ ପାଇବ ଭଲ ବ୍ୟର୍ଥତା ମୋ ପୁଂଜୀଭୂତ କର
ଜୀର୍ଣ୍ଣ ମୋର ଅବଶେଷ ଜାଳ ପୋଡ଼ ପଞ୍ଜରର ମ୍ଳାନ ଗୋଧୂଳିରେ ।

Digitized by srujanika@gmail.com

କବିତାଟିର ନାଁ ପଢ଼ିବା ମାତ୍ରେ ପାଠକର ମନରେ ପ୍ରଶ୍ନ ଉଠେ, "ଝରଣା ସୁନାର ହବ କେମିତି ?" ପ୍ରଥମ ଦୁ'ଧାଡ଼ି ପଢ଼ିବା ପରେ ଏଥିରେ ଯେ ଝରଣା ବିଷୟରେ କୁହାଯାଉନି, ତା' ସ୍ପଷ୍ଟ ହୋଇଯାଏ । କାରଣ ଝରଣା ନିର୍ଜୀବ । ହସିବାର ଶକ୍ତି ତାର ନାହିଁ । ପୁଣି ଝରଣା ଝରେ ପ୍ରକୃତି-କୋଳରେ, ବଣ-ପାହାଡ଼ରେ । ମାତ୍ର ଏ କବିତାରେ ଝରଣା 'ସିମେଣ୍ଟର ଚଟାଣ ଉପରେ' ଝରିଯିବା କଥା କୁହାଯାଇଛି । 'ସିମେଣ୍ଟର ଚଟାଣ' ଏକ କୃତ୍ରିମ ପରିବେଶର ସୂଚନା ଦିଏ ।

ଏତିକରୁ 'ସୁନାର ଝରଣା'ର ପ୍ରକୃତ ଅର୍ଥ କଣ, ପାଠକ ଠିକ୍‌ଭାବେ ବୁଝି ପାରେନି । ସେ ଯେତେବେଳେ ୨୬ତମ ଧାଡ଼ି "ଝରଣାର ବେଣୀ ଝୁଲେ ଝରଣାର ଶାଢ଼ୀ ଡେଉଁ ଖେଳେ" ପାଖରେ ପହଞ୍ଚେ, ସେତେବେଳେ 'ସୁନାର ଝରଣା' ଯେ ଜଣେ ସୁନ୍ଦରୀ ତଥା ରୂପସୀ ଯୁବତୀର ପ୍ରତୀକ, ଏକଥା ଆଉ ଅଛପା ରହେନି । କାରଣ ବେଣୀ ଓ ଶାଢ଼ୀରୁ ଝରଣାର ଅର୍ଥ ନାରୀ ବୋଲି ସୂଚନା ମିଳେ । ତା'ପରେ 'ଝରଣା'ର ବିଶେଷଣ 'ସୁନାର' । ସୁନା ଦେଖିବାକୁ ସୁନ୍ଦର ଓ ସମସ୍ତଙ୍କର ପ୍ରିୟ। ସମସ୍ତେ ତାକୁ ପାଇବାକୁ ଇଚ୍ଛା କରନ୍ତି । ସେମିତି ନାରୀ ଯୌବନରେ ଖୁବ୍ ସୁନ୍ଦରୀ ଦିଶେ ଓ ସମସ୍ତଙ୍କର ପ୍ରିୟ ହୋଇ ଉଠେ । ତେଣୁ କବିତାର କାବ୍ୟ-ନାୟିକା ଜଣେ ରୂପସୀ ଯୁବତୀ । କାବ୍ୟ-ପୁରୁଷ ତାକୁ ଲାଭ କରିବାକୁ ଚେଷ୍ଟା କରିବା ସ୍ୱାଭାବିକ । କିନ୍ତୁ ସୁନା ଲାଭ କରିବାଭଳି ଭାଗ୍ୟ ସମସ୍ତଙ୍କର ନଥାଏ । କାବ୍ୟ-ପୁରୁଷ ବି ତା'ର ପ୍ରେୟସୀକୁ ପାଇନି । ପ୍ରେମରେ ସେ ବିଫଳ ହୋଇଛି । କବିତାର ଶେଷ ବାକ୍ୟ ବା ୩୩-୩୪ତମ ଧାଡ଼ି 'ମୁଁ ତାକୁ ପାଇଛି ଭଲ ବାଁଧିଛି ମୋ' ପୁଞ୍ଜିଭୂତ କରି × × "ରେ ଏହା ସ୍ପଷ୍ଟ ପରିସ୍ଫୁଟ ।

Digitized by srujanika@gmail.com

କବିତାର ପ୍ରଥମ ସ୍ତବକରେ ବ୍ୟବହୃତ ସମସ୍ତ କ୍ରିୟା ଅତୀତ କାଳର । ଯଥା – ଝରିଗଲା, ଥିଲା ଓ ଥିଲେ । ଏହା ସତ୍ତ୍ୱେ ତୃତୀୟ ଧାଡ଼ିର "ସେତେବେଳେ ଏଗଳିରେ ଖରାଥିଲା × × ×" ରେ 'ସେତେବେଳେ' ସୂଚେଇ ଦିଏ ଯେ 'ସୁନାର ଝରଣା'ର ଝରିବା କାମଟି ଅତୀତର ଏକ ଘଟଣା ଓ ସ୍ମୃତିର ସାମଗ୍ରୀ । ଏଇ ଘଟଣାର ବାରମ୍ବାର ପୁନରାବୃତ୍ତି (୧ମ-୨ୟ, ୧୭-୧୮ତମ ଓ ୩୦ତମ ଧାଡ଼ି ଦେଖନ୍ତୁ) କାବ୍ୟ-ପୁରୁଷ ମାନସରେ ସେଇ ସ୍ମୃତିର ନିବିଡ଼ତା କେତେ, ତା'ର ପରିଚୟ ଦିଏ । କାବ୍ୟ ପୁରୁଷର ସେଇ ପ୍ରିୟ ସ୍ମୃତିର ରୋମନ୍ଥନ ହିଁ ଏଇ କବିତାର ବିଷୟବସ୍ତୁ ।

ଝରଣା କୁଳୁକୁଳୁ ନାଦ କରି ଅଙ୍କେଇ ବଙ୍କେଇ ବହିଯାଏ । ଯେମିତି ନାରୀମାନଙ୍କ ଗତି ଦୋଳାୟିତ ଓ ସେମାନେ ଚାଲିଲାବେଳେ ପାଦର ଅଳଙ୍କାର ରୁଣୁଝୁଣୁ ଶବ୍ଦ କରେ । ତେଣୁ ଏଠି 'ସୁନାର ଝରଣା ଝରିଯିବା'ର ଅର୍ଥ ରୂପସୀ ଜଣକ ଲୀଳାୟିତ ଗତିରେ ରୁଣୁଝୁଣୁ ଧ୍ୱନି କରି ଚାଲିଯିବା । ସେ ଖାଲି ସେମିତି ଚାଲିଯାଇନି; 'ହସି ହସି' ଯାଇଛି । ଏଇ 'ହସିବା' ଭିତରେ କାବ୍ୟ-ପୁରୁଷ ପ୍ରତି ନାୟିକାର ପ୍ରେମର ଇସାରା ନିହିତ । ତା'ପରେ

"ସେତେବେଳେ ଏ ଗଳିରେ ଖରାଥିଲା ପୁଣି ଥିଲେ ଲୋକେ
ପୁଣି ଥିଲା ମୋ ଦେହରେ ପଉଷର ପହିଲି ମହକ'ନା"

ଖରା ସୂର୍ଯ୍ୟଙ୍କର ଉପସ୍ଥିତି ଓ ଦିନ ଓଳକ ସୂଚିତ କରେ । ସୂର୍ଯ୍ୟ ସ୍ଫୂର୍ତ୍ତି, ଶକ୍ତି ଓ ଉଦ୍ଦାମତାର ପ୍ରତୀକ । ଦିନ ମଧ୍ୟ ତାହା ହିଁ ସୂଚାଏ । ତେଣୁ 'ଖରା'ର ଅର୍ଥ ସ୍ଫୂର୍ତ୍ତି, ଉଦ୍ଦାମତା ବା ଜୀବନ (Liveliness) ଓ 'ଲୋକେ'ର ଅର୍ଥ 'ପ୍ରାଣବନ୍ତ ମଣିଷ' । ଅର୍ଥାତ୍ ସେଇ ରୂପସୀ

Digitized by srujanika@gmail.com

ସୁବର୍ଣ୍ଣର ଛନ୍ଦାପ୍ଲୁତ ଗନ୍ଧରେ କାବ୍ୟ-ପୁରୁଷର ଆଖପାଖରେ ରହୁଥିବା ଲୋକଙ୍କ ମନରେ ଆଲୋଡ଼ନ ସୃଷ୍ଟି ହୋଇଥିଲା । ସ୍ୱୟଂ କାବ୍ୟ-ପୁରୁଷ ମନରେ ବି ସେଇ ଛନ୍ଦର ପ୍ରତିଧ୍ୱନି ଶୁଭୁଥିଲା । ତା'ମନରେ ମୂର୍ଚ୍ଛନା ସୃଷ୍ଟି ହୋଇଥିଲା । କିନ୍ତୁ ସେ ମୂର୍ଚ୍ଛନା ଫଗୁଣର ଉଦ୍ଦାମ ମୂର୍ଚ୍ଛନା ନୁହେଁ, 'ପଉଷର ପଳିତ ମୂର୍ଚ୍ଛନା' । ପଉଷ ମାସରେ ପୃଥିବୀ ପାଣ୍ଡୁର ବର୍ଣ୍ଣ ଧାରଣ କରେ । 'ପଉଷ' ସହିତ 'ପଳିତ' ଓ 'ମୂର୍ଚ୍ଛନା'ର ପ୍ରୟୋଗରୁ ଧରିନିଆଯାଇ ପାରେ ଯେ 'ସୁନାର ଝରଣା'ର 'ଝରିଯିବା' ଘଟଣାଟି ଘଟିଲା ବେଳେ କାବ୍ୟ ନାୟକ ଯୌବନ ଓ ପ୍ରୌଢ଼ତ୍ୱର ସୀମାରେଖାରେ ଅବତୀର୍ଣ୍ଣ ହୋଇସାରିଥିଲା ।

'ପଉଷର କୁହୁଡ଼ିରେ'ରୁ କବିତାର ଦ୍ୱିତୀୟ ସ୍ତବକର ଆରମ୍ଭ । ପଉଷ ଶୀତଋତୁର ଅନ୍ତର୍ଗତ । ଋତୁ ଚକ୍ରରେ ଶୀତପରେ ଆସେ ବସନ୍ତ । କିନ୍ତୁ ଆମର କାବ୍ୟ ପୁରୁଷ ଭାଗ୍ୟରେ ତା' କଠିନ । ଅନ୍ୟ ଭାବରେ କହିଲେ, ନିଜର ଈପ୍ସିତ ବସ୍ତୁକୁ ସେ ପାଇନି । ତା'ର ସାରା ଜୀବନ ପଉଷର ପାଣ୍ଡୁର କୁହୁଡ଼ି ଭିତରେ କଟିଛି । ଆଗେ 'ଏ ଗାଲରେ ଖର' ଥିଲାବେଳେ ସେ 'ସୁନାର ଝରଣା'କୁ ଦେଖିପାରୁଥିଲା । କିନ୍ତୁ 'ପଉଷର କୁହୁଡ଼ି' 'ତାରା' ଓ 'ଜହ୍ନ'କୁ ତା' ଆଖିରୁ ଅନ୍ତର କରିଦେଲା । ଏଠି 'ତାରା' ଓ 'ଜହ୍ନ' ବି 'ସୁନାର ଝରଣା' ପରି କାବ୍ୟ-ନାୟିକା ପାଇଁ ବ୍ୟବହୃତ । ୨୨-୨୩ତମ ଧାଡ଼ି × × × × ତା' ଅକ୍ଷିରେ ଝିକିମିକି ତାରା ତା ଦେହରେ ଯେତେ ଡେଇଁ "ଜହ୍ନ ଆଜି ତାରା ଆଲୁଅ"ରୁ ଏକଥା ସ୍ପଷ୍ଟ ବୁଝାପଡ଼େ । କୁହୁଡ଼ି ସାଧାରଣତଃ ଦୁନିଆର ସବୁକିଛି ଉପରେ ଏକ ପର୍ଦ୍ଦା ପକାଇ ଆଖିର ଅନ୍ତରାଳକୁ ଟାଣିନିଏ । "ପଉଷର କୁହୁଡ଼ି" ଏକ ବାଧାର ପ୍ରତୀକ

Digitized by srujanika@gmail.com

ଯାହାକି କାବ୍ୟ-ନାୟକକୁ କାବ୍ୟ-ପୁରୁଷଠାରୁ ଦୂରେଇ ନେଇ ମିଳନରେ ଅନ୍ତରାୟ ସୃଷ୍ଟି କରିଛି । କବିତାର ଚତୁର୍ଥ ଅଂଶରେ 'ପଉଷ' ଓ 'କୁହୁଡ଼ି' ଶବ୍ଦଦ୍ୱୟର ବାରମ୍ବାର ('ପଉଷ' ଓ 'କୁହୁଡ଼ି' ଏକଥର, କେବଳ 'ପଉଷ' ଦୁ'ଥର ଓ କେବଳ 'କୁହୁଡ଼ି' ଥରେ) ପ୍ରୟୋଗ କରାଯାଇଛି । ଏଥିରୁ ଉକ୍ତ ବାଧା କାବ୍ୟ ପୁରୁଷ ହୃଦୟରେ କିପରି ଗଭୀର ରେଖାପାତ କରିଛି, ତା' ସହଜରେ ଅନୁମେୟ ।

ପ୍ରେୟସୀର ଦେହ ଦୂରେଇ ଗଲେ ବି ତା'ର ସ୍ମୃତି କାବ୍ୟ-ନାୟକର ହୃଦୟକୁ ଆବୋରି ବସିଛି । ସେଇ ସ୍ମୃତିକୁ ସମ୍ବଳ କରି ଜୀବନ କାଟିବାକୁ ସେ ସ୍ଥିର କରିଛି । ସମୟର ଗତି ସଙ୍ଗେ ତାକୁ ଦେଇ ପଡ଼ିଛି ଏ ଚୂଡ଼ାନ୍ତ ଝଡ଼ଗଲା ପରି ତା'ର ଆୟୁଷରୁ ଆସ୍ତେ କିନା ଖସି ପଡ଼ୁଛି ବର୍ଷଟିଏ । ଦେହ ଉପରେ ଜମି ଆସିଛି ପ୍ରୌଢ଼ତ୍ୱର ଧୂଳି ।

ବାସ୍ତବ ଜଗତରେ ସୁନାର ଝରଣା, ତାରା ଓ ଜହ୍ନ, ଏ ସବୁ ଦୁର୍ଲଭ । ତା ସତ୍ତ୍ୱେ ନାୟକ ସେସବୁ ହାସଲ କରିବାକୁ ଆପ୍ରାଣ ଚେଷ୍ଟା କରିଛି । ହେଲେ ସବୁ ଅକାରଣ । ନବମ ଧାଡ଼ିର 'କାମିନୀର ରଙ୍ଗରେ ରଙ୍ଗରେ' ଉକ୍ତିଟି ଭିତରେ ନାୟକର ଚେଷ୍ଟାର ନିଷ୍ଠା ତଥା ଐକାନ୍ତିକତା ସହିତ ସ୍ୱପ୍ନର ବିପର୍ଯ୍ୟୟ ସୂଚିତ । ବିଫଳ ମନୋରଥ ହୋଇ ସେ ଦେହ ଓ ମନରେ ଭଗ୍ନ କ୍ଲାନ୍ତ ହୋଇ ଶୋଇ ପଡ଼ିଛି । ବ୍ୟର୍ଥତା ଓ ବିଫଳତା ଜନିତ ଦୁଃଖ ସବୁକୁ ଭୁଲିବାର ଉଦ୍ୟମ କରିଛି । କିନ୍ତୁ "ସ୍ମୃତି ସବୁ କେବେ ନୁହେଁ ଫିଙ୍ଗିବାର" । ବିଫଳତା ଓ ଦୁଃଖଭରା ସ୍ମୃତିରେ ବି ଗୋଟିଏ ସ୍ୱତନ୍ତ୍ର ପ୍ରକାର ଆନନ୍ଦ ରହିଥାଏ । ଏଇଥିପାଇଁ ଇମର୍ସନ୍ 'Delicious torment'ର ବ୍ୟବହାର କରିଚନ୍ତି ।

Digitized by srujanika@gmail.com

ସମସ୍ତ ବ୍ୟର୍ଥତା ମଧ୍ୟରେ, ନୈରାଶ୍ୟ ମଧ୍ୟରେ ମଣିଷ ଟିକେ ଆଶାକୁ ନେଇ ବଂଚେ । ପ୍ରେମରେ ବିଫଳ ହେଲା ପରେ ବି କାବ୍ୟ-ପୁରୁଷର ମନ ଏକଦମ୍ ନିରାଶ ହୋଇଯାଇନି । ତା' ମନରେ ଏକ ସାମୟିକ ଆଶା ଉଙ୍କି ମାରିଛି, ସବୁ ବାଧା ବଂଧନକୁ ଅତିକ୍ରମ କରି ତା'ର ପ୍ରେମିକା ଅକସ୍ମାତ୍ ରୁପାଥାଳ-ଜହ୍ନ ଓ ଥୋପି ଥୋପି ତାରାଭରି ଆକାଶରେ ଆସି ଉଭା ହୋଇ ଯାଆନ୍ତା କି ! ସେ ହଠାତ୍ ଗୋପନ ଦକ୍ଷିଣାର ସ୍ପର୍ଶ ଅନୁଭବ କରନ୍ତା କି ! କିନ୍ତୁ

"ରଜନୀର କୁହୁଡ଼ିରେ ଜହ୍ନ ହଜେ ତାରା ହଜିଯାଏ
ହସି ହସି ଝରିଯାଏ ସିମେଣ୍ଟର ଚଟାଣ ଉପରେ
ସୁନାର ଝରଣା ।"

ଏ କାବ୍ୟାଂଶଟି ଆପାତତଃ ପରସ୍ପର ବିରୋଧୀ ପରି ଲାଗେ । କାରଣ ପ୍ରଥମେ ନାୟିକାର ଦୂରେଇ ଯିବା କଥା ('ଜହ୍ନ ହଜେ ତାରା ହଜି ଯାଏ') କହି ପୁଣି ସେଇ ଛନ୍ଦାୟିତ ଗତିରେ ବୁଲିଯାଏ ('ହସି ହସି ଝରିଯାଏ × × × ସୁନାର ଝରଣା') କହିବା ଅସଂଗତ ମନେ ହୁଏ । ପ୍ରକୃତରେ କଥା ହେଉଛି ଯେ ନାୟିକାର ଦେହ ନାୟକର ଆଖିର ପରିଧି ଭିତରୁ ଦୂରେଇ ଗଲେ ବି ତା'ର ସ୍ମୃତି ମନଭିତରୁ ହଜି ଯାଇନି । ଏଠି ସ୍ମରଣୀୟ ଯେ ୧୬-୧୭ତମ ଧାଡ଼ିର ଭାବ ୧ମ-୨ୟ ଧାଡ଼ିଠୁ ଅଲଗା । ୧ମ-୨ୟ ଧାଡ଼ିରେ ପ୍ରକୃତ ନାୟିକା ବିଷୟରେ କୁହାଯାଇଥିଲା ବେଳେ ୧୬-୧୭ତମ ଧାଡ଼ିରେ ତା'ର ସ୍ମୃତି ବିଷୟରେ କୁହାଯାଇଛି । ୩୦ତମ ଧାଡ଼ିଟି ବି ନାୟିକାର ସ୍ମୃତି ବିଷୟକ ଅର୍ଥ ପ୍ରକାଶ କରେ । ୧ମ ୨ୟ ଧାଡ଼ିରେ ଅତୀତ କାଳର କ୍ରିୟା (ଝରିଗଲା) ପ୍ରୟୋଗ କରାଯାଇ ୧୬ ୧୭ତମ ଓ ୩୦ତମ ଧାଡ଼ିରେ ବର୍ତ୍ତମାନ କାଳର

Digitized by srujanika@gmail.com

କିମ୍ବା (ଯଥା କ୍ରମେ 'ଝରିଯାଏ' ଓ 'ଯାଏ ଝରି ଝରି') ର ବ୍ୟବହାର ଆଉ ଯୁକ୍ତିକ ବଳିଷ୍ଠ କରେ ।

ତା'ପରେ କାବ୍ୟ ସ୍ରଷ୍ଟା କଳ୍ପନାରେ ଦେଖିଛି ଯେ ନାୟିକା ପାଦରେ ଛନ୍ଦ, ଆଖିରେ ଝକମିକ ତାରା, ଦେହରେ ଜହ୍ନ ଓ ତାରା ଆଲୁଅର ଢେଉ ଓ ବେଣୀରେ ଜହ୍ନ ରାତିର ଅନେକ ସ୍ୱପ୍ନ । ସେ ନବୀନ ହୋଇ ନାୟିକାର ଆଖିକୁ ଗୁଞ୍ଜିଛି । ସେଥିରେ ପ୍ରତିଫଳିତ ହୋଇଛି ତା'ର ପ୍ରତିଛବି । ଏଥିରୁ ନାୟିକାଠାରେ ନାୟକର ଆତ୍ମା ବା ହୃଦୟ ସମର୍ପଣ ସୂଚିତ, କିନ୍ତୁ ଏ ସମର୍ପଣ ଗୋପ୍ୟ; କାହାରିକୁ ଏକଥା ଜଣା ନାହିଁ । ଏ ସମର୍ପଣ ସମ୍ପୂର୍ଣ୍ଣ ନିସ୍ୱାର୍ଥପର ଓ ଉଦ୍ଦେଶ୍ୟବିହୀନ ମଧ୍ୟ । ତେଣୁ 'ତା' ଭିତରେ ଆତ୍ମା ମୋର' ନିରାକାର ବା ନିର୍ଗୁଣ ହୋଇ ରହିଛି ବୋଲି କୁହାଯାଇଛି ।

କାବ୍ୟ ନାୟକର ଆଖିରୁ ଜ୍ୟୋତି ହଜିଗଲା ସମୟରେ ବି ତା' ମନରେ ନାୟିକାର ସ୍ମୃତି ଆଗପରି ଜୀବନ୍ତ ଓ ଉଜ୍ଜ୍ୱଳ ହୋଇ ରହିଛି । ଏବେ ସେ ଜଣେ ଆପୁହତ ପଥିକ; କ୍ଳାନ୍ତ, ତୃଷାର୍ତ୍ତ ଓ ଦିଗ୍‌ଭ୍ରାନ୍ତ । ଝରଣାର କୂଳରେ ଅର୍ଥାତ୍ ନାୟିକାର ସ୍ମୃତିକୁ ଆବୋରି ବସି ସେ କ୍ଳାନ୍ତି ଓ ତୃଷା ନିବାରଣ ପାଇଁ ପାଣି ଖୋଜୁଛି; ଅନ୍ଧାରରୁ ମୁକ୍ତି ପାଇବାପାଇଁ ସ୍ୱପ୍ନ ଓ ଦୀପର ଆଲୋକ ଖୋଜୁଛି । ଏଠି ପାଣି, ସ୍ୱପ୍ନ ଓ ଦୀପର ଆଲୋକ ସବୁ ନାୟିକାର ପ୍ରତୀକଭାବେ ବ୍ୟବହୃତ ।

କବିତାର ଶେଷ ସ୍ତବକଟିରେ ରହିଛି କାବ୍ୟ-ପୁରୁଷର ହତାଶାଭରା ଦୀର୍ଘଶ୍ୱାସ । ଆଲୁଅ ତା'ର ପଦଝଡ଼ା ହେଲାଣି । କିନ୍ତୁ ପ୍ରେମିକାର ସ୍ମୃତି ତା'ର ହୃଦୟକୁ ଆପ୍ଲୁତ କରିଛି ।

Digitized by srujanika@gmail.com

ଶେଷ ବ' ଧାଡ଼ି (୩୩-୩୪ତମ ଧାଡ଼ି)ରେ ନାୟିକାପ୍ରତି ନାୟକର ଅନୁରାଗର ସୀକାନ୍ତିକତା ଓ ଏକନିଷ୍ଠତା ପରିସ୍ଫୁଟ । ପ୍ରେମରେ ଅସଫଳ ହେଲେ ବି ସେଇ ବ୍ୟର୍ଥତାକୁ ସ୍ୱୀକାର କରିବାରେ ତା'ର କୁଣ୍ଠା ନାହିଁ, ଦ୍ୱିଧା ନାହିଁ । ବରଂ ନିଜର ଜୀର୍ଣ୍ଣ ତନୁକୁ ପଳ ପଳ କରି ଜାଳି ଉତ୍ତର ବୟସରେ ସେ ପ୍ରେମର ଜୟଗାନ କରି ଚାଲିଛି —

"ମୁଁ ତାକୁ ପାଇଛି ଭଲ ବ୍ୟର୍ଥତା ମୋ ପୁଞ୍ଜିଭୂତ କରି
ଜୀର୍ଣ୍ଣ ମୋର ଅବଶେଷ ଜାଳିପୋଡ଼ି ପଞ୍ଜରର ମ୍ଳାନ ଗୋଧୂଳିରେ ।"

— ୩ —

ପ୍ରାୟ ସବୁ କବିତାରେ ଗୁରୁପ୍ରସାଦଙ୍କ କାବ୍ୟ-ପୁରୁଷମାନେ ପ୍ରେମରେ ଅସଫଳ ଓ ବ୍ୟର୍ଥ । କିନ୍ତୁ ଆଲୋଚ୍ୟ କବିତାରେ ପ୍ରେମିକା ଓ ପ୍ରେମପ୍ରତି କାବ୍ୟପୁରୁଷର ଯୋଉ ଏକନିଷ୍ଠତା ରହିଛି, ତା' ଅନ୍ୟତ୍ର ବିରଳ ।

ପଞ୍ଚାନନ ମହାନ୍ତି

●

ପ୍ରିୟ ବାନ୍ଧବୀ

ପଚ୍ଛିମ କୁହୁଡ଼ି ଆସେ ସ୍ୱପ୍ନ ପରି ସାରି ଧାନ କ୍ଷେତ
କଳନ ବାଲିର ତଟେ ଜହ୍ନ ଯେବେ କ୍ଳାନ୍ତ ହୋଇ ନଇଁ
ଗହନ ରାତିର ଆୟୁ କ୍ରମେ କ୍ରମେ କ୍ଷୟ ହୋଇ ଆସେ
ଯେତେବେଳେ ନଈ ପଠା ଶେଷଥର କରି ଲେଉଟାଏ ।

Digitized by srujanika@gmail.com

ସେତେବେଳେ କେତେଥର ତୁମର ମୁଁ ପାଇଛି ବା ଦେଖା
ଏକଷଣ୍ଡି ନଈର ତୁଠେ ଭର ବେଣୀ ଫିଟିଗଲାବେଳେ
ତୁମର ଅସ୍ପଷ୍ଟ ଛାଇ ତୁଠେ ତୁଠେ ଛପିଗଲାବେଳେ
ସେତେବେଳେ ତୁମର ମୁଁ ଦେଖିଛି ବା ସନ୍ଦେହର ରେଖା ।

ସେ ହେଲା ପୁରୁଣା କଥା ଯେତେବେଳେ ଅଳ୍ପ ଥିଲା ଦିନ
ଆଉ ଥିଲା ଆକାଶରେ ରକ୍ତସ୍ରାବ ପଞ୍ଚସ ସନ୍ଧ୍ୟାର
ତୁମେ ପୁଣି ଯାଉଥିଲ ବାଲିଚର ପାରି ହୋଇ ନଈ
ଆଜ ପରି ଅସମ୍ଭୃତ ଅସଂଯତ ଭ୍ରାନ୍ତ ସନ୍ଧାନ ।

ଧାନ କ୍ଷେତ ନଇଁପଡ଼େ ଶୀତଋତୁ ବୁଢ଼ା ହୋଇ ଆସେ
ନିଘୁଟିଆ ଆକାଶରେ ତାର ମାଙ୍କି ପକ୍ଷୀର କାକଳି
ତୁମେ ଆଜ ଆସିନାହଁ ଏ ବାଟରେ ଥରେ ହେଲେ ଭୁଲି
ନିଶବ୍ଦ ବାଲିଚରେ ଯେବେ ଯାଏ ପବନ ଗୁମରି ।

ତୁମେ ଆଜ ଥରେ ଆସ ଯଦିଓ ବା ସବୁ ମୂର୍ଚ୍ଛାହତ
ଏଣୁ ଗଛ କଣ ଲଟା ଆଉ ତେଜି ଆଜ ବାଲିଚର
ଆକାଶରେ ଜହ୍ନ ଯଦି କ୍ଳାନ୍ତ ପୁଣି ଆବଶ୍ୟକହୀନ
ମୁଁ ତୁମର ଅପେକ୍ଷାରେ ପ୍ରଶ୍ନମୟ ପୁଣି ସନ୍ଧାନ ।

ତୁମେ ଯଦି ମିଛ କଥା, ତୁମେ ଯଦି ବହି ଦୋକାନରେ
ଆଧୁନିକ ପ୍ରେମ ଗଳ୍ପ, ତୁମେ ଯଦି ରେଡ଼ିଓ ଖବର
ତୁମେ ଯଦି ଫିଲ୍ମ ଗୀତ ଥାର୍ଡକ୍ଲାସ ରେଲ ଟିକଟ ଘର
ତୁମେ ଯଦି ବଜାରରେ ଲୁଗା ଚିନି ବ୍ଲେଡ଼ କାରବାର···

ମୁଁ ପଢ଼େ ଖବର ସବୁ, ବୁଢ଼ା ହୋଇଯାଏ ଶୀତଋତୁ
ରଙ୍ଗ ସବୁ ଛାଡ଼ିଗଲାଣି ଜେଜେବୋଉଠାରୁ ଛିଣ୍ଡା ଲୁଗା ଭଙ୍ଗା କୋଠାଘର

Digitized by srujanika@gmail.com

ଧାନ କ୍ଷେତ କାହିଁ କେଉଁ ସ୍ତୁଭ ଟିକେ କେଉଁ ଅନ୍ଧାରର
ଏଠି ମୋର ସ୍ମରଣାଖେ ବାଲିଚର ଖାଲି ବାଲିଚର ।

ବାଲିରେ ମୁଁ ବୁଲଯାଏ ସନ୍ଧ୍ୟାବେଳେ ଆଜିକାଲି ବେଶି ସନ୍ଧ୍ୟାରେ
ଏଥି ବାଲି ତଳେ ତଳେ ମୁଁ ଦେଖେ ବହୁତ ନେଳ ନାଲି ନେଳ
ବହୁତ ରଙ୍ଗର
ନଈଟିଆ ବେଳେବେଳେ ଦୀର୍ଘଶ୍ୱାସ ଜମି ଆସେ ଆଉ ସବୁ ସ୍ମୃତି
ହୋଇ ଆସେ
ଏ ବାଲିରେ ସବୁ ସ୍ମୃତି ଦୁର୍ବି ହୋଇ ହୁଏ ଏକାକାର ।

ତୁମେ ଆସ ଆଜି ଆସ ମଲ୍ଲିକା ଡାଳିଟି କେଉଁଠୁ
ବନାରସି ସିଲ୍କ ସିନ୍ଧୁ ସେ ଦେହରେ ହଳଦୀ ଲଗାଇ
ଚମ୍ପାଫୁଲ ବେଣୀମୂଳେ, ଶଙ୍ଖ ଲେଖି ସ୍ମୃତି ଯୋଡ଼କରେ
ତୁମେ ଆସ ଆଜି ଆସ ମାଟିରୁ ବା ଆକାଶ ଉପରୁ ।

ଯେତେ ବାଲି କୂଢ ହୁଏ ଯେତେ ଦେହ ଜଳପୋଡ଼ି ଯାଏ
ତୁମେ ଆସ ତା ଭିତରୁ ଯେତେ ସାଦା ଅଭଦ୍ର ଅଶ୍ଳୀଳ
ତୁମର ଓଠରୁ ଢଳେ ଫୋପ ଫୋପା ଝରଇ ଝରଇ
ତୁମେ ଆସ ସଞ୍ଚରି ବା ପୁଞ୍ଜିଭୂତ ଯେତେ ବ୍ୟଭିଚାର,

ସତ ଧୀରେ ଗତ ହୁଏ ଦୂରର ଏ ଝାଉଁବଣ ଆଢ଼େ
ତେର ସବୁ ଶେ ଦିନଏ ପାଣିପଣେ ଏ ବାଲିର ସ୍ମୃତି ତନ୍ତୁ ବାଢ
ଏ ନଶ୍ୱର ବାଲିଚରର ଜନ୍ମ ନାହିଁ ତାର୍ ନାହିଁ ଯେବେ
ମୁଁ ଆଣୁଚି ତୁମ ପାଖେ ମାଟିର ମୋ ଜନ୍ମାନ୍ତର ବାଢ ।

ତୁମେ ଆଜି ଏଠି ଅବା ବାରାଣସୀ କାଶୀ ନଗରରେ
କନରେ ତୁମର ପାନ, କମ୍ପା ଖୋଲ ନଈଟିଆ ଆରପି ସାମ୍ନାରେ

Digitized by srujanika@gmail.com

ମୁଁ ହିଁରେ ତୁମର ସ୍ୱପ୍ନ, କମ୍ପା ଯେତେ ଚେତନାର ସୀମା ପାର ହୋଇ
ନଖରେ ପଡ଼ିଛ ଶେଷ ତନ୍ଦ୍ରାହତ କେଉଁ ଅସ୍ତ ବିଧ୍ୱସ୍ତ ଭିତରେ ।

ମୁଁ ତୁମକୁ ପାଏ ଦେଖି ଆଜଠାରୁ କେତେ ବର୍ଷ ପରେ
ଅପନ୍ତର ସମୟର ଗ୍ଲାନିତଳେ କୁଡ଼ କୁଡ଼ ଉଚ୍ଛିଷ୍ଟ ଉପରେ
ହାଡ଼ରୁ ତୁମର ପଚେ ମାଂସ ଖସି, ଖୋଲ ହୋଇ ଆଖି ଦୁଇ ଗାଡ଼
ତା ଭିତରେ ଲୁପ୍ତ ପାଏ ପ୍ରାଣ ମୋର ଆତ୍ମା ମୋର ଆଜି ମୋର
ମାଟିର ଆକାର ।

ଗମ୍ବୁର ଉପରେ ଯାଏ ଗ୍ଲାନି ନେଉଳି କଷ୍ଟାବଣି ବେଳଲତା ମୂଳେ ।
ଗ୍ଲାନିଯାଏ ଛପି ଛପି କାଠଯୋଡ଼ ବାଲିତଳେ, କମ୍ପା ଶୁଷ୍କ ସମୁଦ୍ର
କୂଳରେ
ଗନ୍ଧ ଯାଏ ଝୁରି ଝୁରି ଆମର ଏ ଦୋକାନ ବଜାରେ
ସ୍ୱପ୍ନଯାଏ ଉଙ୍କିମାରି ଗଳି ଗଳି କୋଠା ମଣ୍ଡପଳେ ।

ମୁଁ ତୁମକୁ ଭଲପାଏ ଚନ୍ଦ୍ରଭାନୁ ଭଲ ପାଉଥିଲା
ସିଂହଳ ଦ୍ୱୀପର ସ୍ୱପ୍ନ ମୁଁ ପାଉଛି କଣିବାକୁ ଯେବେ
ଲବଙ୍ଗବଣର କଥା, କମ୍ପା ବ୍ୟଥା କଦମ୍ବ କଢ଼ର
ମୋ ଆଖିରେ ଅବାସ୍ତବ ପାଲଟିଛି ଏ ସହର ଚେତେବେ ।

ଲାବଣ୍ୟବତୀରୁ ତୁମେ ଆସି ଅବା ରସକଲ୍ଲୋଳରୁ
କୋଣାର୍କ ଜାନୁରୁ ଅବା ଚିତ୍ରମାର ପରଦା ଭିତରୁ
ମୁଁ ତୁମକୁ ଭଲ ପାଏ ଚନ୍ଦ୍ରଭାନୁ ଭଲ ପାଉଥିଲା
ମୋ ପାଖେ ସିଂହଳ ଦ୍ୱୀପ ଯାତ୍ରା କିନ୍ତୁ ଅସମ୍ଭବ ହୁଏ ।

Digitized by srujanika@gmail.com

ତୁମେ ଯେବେ ଆସ ଆଜି ନଙ୍ଗୁଟିଆ ଏ ଜନସ୍ଥାନ
କାଳଚର ଖୋଳ ଖୋଳ ଚେର ଯେତେ ଗଣେ ଉତରକୁ
ଆଜି ଗତ କୋଢ଼ ହୋଇ ମିଶିଯାଏ ବରାଟ ଶୂନ୍ୟରେ
ତୁମେ ତେବେ ଅ ସ ଆଜି ବାସ୍ତବ ବା ସ୍ୱପ୍ନ ଆକାରରେ ।

ମୁଁ ତୁମକୁ ଭଲପାଏ ତୁମେ ଦେବ ଠିକ ଜବାବ
ତୁମେ ପୁଣି ଫେରିବ ବା ଏବ୍ବି ରେଲ ଲାଇନ କାଠରେ
ତୁମେ ପୁଣି ଦେଖାଦେବ ନଙ୍ଗୁଟିଆ କାଳି ଚରେ ଚରେ
କେଉଁ ଅସ୍ତ ଜନ୍ମତଳେ ଅବା କେଉଁ ନବର୍ଣ୍ଣ ସନ୍ଧ୍ୟାରେ ।

ତୁମରି ଭାନ୍ତରେ ମୋର ଡେଠ ଯିବ ଛିନ୍ନ ଭିନ୍ନ ହୋଇ
ତୁମର ଗୁମ୍ଫରେ ଯିବ ଦଗ୍ଧହୋଇ କାଳଚର ନଶନ ନଗଣ୍ଡ
ତୁମର ଦେହର ରକ୍ତ ପାଣି ଫାଟି ଥଣ୍ଡା ହୋଇଯିବ
ତୁମର ଉତରେ ମୋର ଆତ୍ମା ଯିବ ନଷ୍ଟି ହୋ ମିଳାଇ ।

ମୁଁ ତୁମକୁ ଭଲପାଏ ପ୍ରାଣେପାତ କରି ମୋର ଦେହ ମୋର ବିସର୍ଜନ
କରି
ଆଜି ଗତ ଅଣ୍ଡ୍ରାନ୍ତିଏ ଯାକ ହୋଇଆସେ ଦର୍‌ଶନପୁ
ଉତ୍ତିସ୍ଥାନ ତୁମେ ମୋର, ଆଜି ମୋର ଜୀର୍ଣ୍ଣ ସତ୍ତ୍ୱ ପୋତି
ଅନୁବର ଯୁକ୍ତସ୍ଥାନ ମାଡ଼ି ବସେ ଦୁର୍ନିବାର ସମସ୍ତ ସମସ୍ତ ।

Digitized by srujanika@gmail.com

କବି ଗୁରୁପ୍ରସାଦଙ୍କ 'ପ୍ରିୟ ବାନ୍ଧବୀ' କବିତା ପଢ଼ି ସାରିଲା ପରେ ଯେଉଁ ଧାରଣା ଆସେ ସେଗୁଡ଼ିକୁ ନିମ୍ନୋକ୍ତ ପାଞ୍ଚଟି ପର୍ଯ୍ୟାୟରେ ଆଲୋଚନା କରାଯାଇପାରେ :

(କ) 'ପ୍ରିୟ ବାନ୍ଧବୀ' କବିତା ସହିତ ଗୁରୁବାବୁଙ୍କ 'ସମୁଦ୍ରସ୍ନାନ' ବହିର ଅଧିକାଂଶ କବିତା ସମ୍ପର୍କିତ । ଏ କବିତାକୁ ପୃଥକ୍ କରି ବିଚାର କରିବା ପ୍ରାୟ ଅସମ୍ଭବ ।

(ଖ) 'ପ୍ରିୟ ବାନ୍ଧବୀ'ରୁ ମିଳୁଥିବା ବ୍ୟଞ୍ଜନା, ପରୋକ୍ଷତା ଓ ରୂପକ ପ୍ରଭୃତି ମାଧ୍ୟମରେ ଯେଉଁ ପ୍ରେମିକତା ପ୍ରକାଶ ପାଉଛି ତାହା ତାଙ୍କର ପୂର୍ବସୂରି ମାନସିଂହ, ଗଡ଼ନାୟକ, ବିନୋଦ ନାୟକ ଓ ସଚ୍ଚି ରାଉତରାୟଙ୍କ ପ୍ରେମିକତାଠାରୁ ସ୍ୱତନ୍ତ୍ର । ନବୀନ ଦେହଧର୍ମୀତା ଏଦ୍ୱାରା ସେତିକି ଦେଖେଇଛି, ପ୍ରକୃତି ସହିତ ଏକାତ୍ମୀୟତା, ଆଧୁନିକ ବୁଦ୍ଧିଜୀବୀର ବହୁମୁଖୀ ମାନସିକ ଅସମାନତା ଅଥଚ ବହୁ ବ୍ୟାପକ ବୌଦ୍ଧିକ ଆୟତନ ପ୍ରଭୃତି ମଧ୍ୟ ଏଦ୍ୱାରା ସେତିକି ଉତ୍କର୍ଷ ।

(ଗ) 'ପ୍ରିୟ ବାନ୍ଧବୀ'ରେ କବିଙ୍କର କାବ୍ୟତତ୍ତ୍ୱ ମୁଖ୍ୟତଃ ଇଲିୟଟ୍‌ଙ୍କ ପୋଏଟିକ୍‌ସ ଦ୍ୱାରା ପ୍ରଭାବିତ ।

(ଘ) ଗୁରୁବାବୁଙ୍କ କବିତାରେ ପ୍ରକୃତି ବର୍ଣ୍ଣନା, ଏଦ୍ୱାରା କାବ୍ୟ ପୁରୁଷର ବ୍ୟକ୍ତିତ୍ୱ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ, ଅର୍ଥାତ୍, ପ୍ରକୃତି ବର୍ଣ୍ଣନାକୁ କବିତାର ମୂଳ ଚେତନାଠାରୁ ବିଚ୍ଛିନ୍ନ କରାଯାଇ ପାରିବ ନାହିଁ ।

(ଙ) କବିତାରେ ଆଙ୍ଗିକ ଦୃଷ୍ଟିରୁ ମାନସିଂହ, ଗଡ଼ନାୟକ ଓ ସଚ୍ଚି ରାଉତରାୟଙ୍କ କାବ୍ୟଶୈଳୀର ପରମ୍ପରା ଭାଙ୍ଗି ଗୁରୁବାବୁ

Digitized by srujanika@gmail.com

ଯେଉଁ ନୂଆ ବାଗ୍‌ଧାରା ଓ ଆଙ୍ଗିକ ପ୍ରଚଳନ କରିଛନ୍ତି, ସେ ସବୁ ତାଙ୍କର ପରବର୍ତ୍ତୀ ବହୁ କବିଙ୍କଦ୍ୱାରା ଏ ପର୍ଯ୍ୟନ୍ତ ମଧ୍ୟ ଅନୁସୃତ ହେଉଛି ।

ଏହି କବିତାର ଆରମ୍ଭ ପ୍ରକୃତି ବର୍ଣ୍ଣନାରୁ । ପ୍ରଥମ ପାଞ୍ଚଟି ପାରାଗ୍ରାଫ୍‌ର ଗଢ଼ଣ ମୁଖ୍ୟତଃ ରୋମାଣ୍ଟିକ୍ ଗଢ଼ଣ ବୋଲି ପ୍ରଥମ ପଠନରେ ମନେହୁଏ । କିନ୍ତୁ ଏହି ଆପାତ ରୋମାଣ୍ଟିକ୍ ଭଙ୍ଗୀ ଅନ୍ତ-ରାଳରେ ବୁଦ୍ଧିଜୀବୀ ପ୍ରେମିକ-ମାନସର ଅସ୍ଥିର-ମନା ବିଶ୍ଳେଷଣ ପ୍ରବଣତା, ସନ୍ଦେହ, ସିନିସିଜିମ୍, ଅତୀତ ସ୍ମୃତିର ରୋମନ୍ଥନ ଓ ଅନୁ-ପସ୍ଥିତା ବାନ୍ଧବୀକୁ ପୁଣିଥରେ ନିବିଡ଼ ଭାବେ ପାଇବାର ଆବେଗ ଲକ୍ଷ୍ୟ କରାଯାଇପାରେ । କିନ୍ତୁ ସମାନ ଭାବରେ ଏହି ଆବେଗ ମଧ୍ୟ ତାଙ୍କର 'ଶରତ ଋତୁରେ ଜହ୍ନ', 'ଚିଠି', 'ନିହତ ଗୋଧୂଳି', 'ସନେଟ-ଏକ' 'ଦୁଇ' 'ତିନି' 'ଚାରି' 'ପାଞ୍ଚ' ଓ 'ନଅ'ରେ ପ୍ରତିଫଳିତ ।

ଏକାବେଳକେ ରୋମାଣ୍ଟିକ୍ ହୃଦୟାବେଗ ସଞ୍ଜାତ ତୀକ୍ଷ୍ଣ ଓ ସ୍ପଷ୍ଟ ଆଧୁନିକ ଚେତନାର ସମନ୍ୱୟ, ପୁଣି ତାତ୍ପର୍ଯ୍ୟପୂର୍ଣ୍ଣ ବ୍ୟଞ୍ଜନା, ପ୍ରଥମ ପୁରୁଷର ସଂଳାପ ଆଉ ସୂକ୍ଷ୍ମ ପରୋକ୍ଷତା (ଆଲ୍ୟୁଜନ), ରୂପକ (ଆଲିଗୋରି) ଏବଂ ସର୍ବୋପରି ଏକ ନୂଆ ଦୃଷ୍ଟିକୋଣ ଫଳରେ ଗୁରୁପ୍ରସାଦଙ୍କ ପ୍ରେମିକତା ଅନ୍ୟାନ୍ୟ ପୂର୍ବସୂରୀମାନଙ୍କର ପ୍ରେମିକତାଠାରୁ ସ୍ୱତନ୍ତ୍ର ବୋଲି ସ୍ୱତଃ ଜଣାପଡ଼ୁଛି । 'ତୁମର ଅସ୍ପଷ୍ଟ ଛାଇ ତୁଠେ ତୁଠେ ଛପି ଗଲାବେଳେ/ସେତେବେଳେ ମୁଁ ଦେଖିଚି ବା ସନ୍ଦେହର ଦେଖା' ଧାଡ଼ି ଦୁଇଟିର ଅର୍ଥ—ତୁମେ ଅନ୍ୟମାନଙ୍କ ମେଳରେ ଥିଲାବେଳେ ତୁମକୁ ଦେଖି ତୁମେ ନା ଆଉ କିଏ ଏ ସନ୍ଦେ-ହରେ ମୁଁ ପଡ଼ୁଛି । 'ସନ୍ଦେହର ଦେଖା'—ଏହି ଖଣ୍ଡ ବାକ୍ୟଟିର

Digitized by srujanika@gmail.com

ସ୍ମୃତିପ୍ରବଣତା ଏଥିପାଇଁ ସ୍ୱତଃସ୍ଫୂର୍ତ୍ତ । ସବୁ ପ୍ରେମିକତା ପରି କବିଙ୍କର ପ୍ରେମିକତା ଅନ୍ତର୍ମୁଖୀ, ନିବିଡ଼ ଅଥଚ ଅନୁଭବ-ଗଭୀର । କିନ୍ତୁ ଦୂର ଓ ନିକଟ, ଅତୀତ ଓ ବର୍ତ୍ତମାନ, ଦୃଶ୍ୟ ଓ ଅଦୃଶ୍ୟର ବସ୍ତୁ ଜଗତ ଓ ପରସ୍ପରର ବିରୋଧୀ ଅନୁଭୂତି ତଥା ପରସ୍ପର ରୂପକରେ କବିଙ୍କର ଦୁରବଗାହ୍ୟ ମନ ବନ୍ଦୀ ହୋଇଛି :

ତୁମେ ପରା ମିଛକଥା, ତୁମେ ପରା କଫି ଦୋକାନରେ
ଆଧୁନିକ ପ୍ରେମ ଗଳ୍ପ, ତୁମେ ପରା ରେଡ଼ିଓ ଖବର
ତୁମେ ପରା ଫିଲ୍ମୀ ଗୀତ ଥାର୍ଡ୍କ୍ଲାସ୍ ରେଲ୍ଟିକଟ ଘର
ତୁମେ ପରା ବଜାରରେ ଲୁଗା ଶନ୍ତ ଶେୟର କାରବାର

ଏ ଧାଡ଼ି ଗୁଡ଼ିକରେ ପ୍ରେମିକାର ଚେତନା ବାଂକ୍ତି-ନିରପେକ୍ଷତା ଲାଭ କରିଛି । ବସ୍ତୁ ବର୍ଣ୍ଣର ସମନ୍ୱିତ ସୌଷ୍ଠବରେ ଭାବବୋଧ ତଥା ଅଭିଜ୍ଞତାର ପୃଥକ୍ ପୃଥକ୍ ଅନୁଷଙ୍ଗ ଗୁଡ଼ିକ ତାଙ୍କ ଲେଖାରେ ପର୍ଯ୍ୟାପ୍ତ । ଏଠାରେ ପ୍ରେମିକା ବା ତତ୍ସମ୍ପର୍କୀୟ ଭାବନାମାନଙ୍କୁ, ସବୁ କାରଣ ଓ ଅକାରଣର ମୂଳ ଉତ୍ସ ଭାବରେ କେବଳ ଯେ ଚିହ୍ନିତ କରାଯାଇଛି ତା ନୁହେଁ, କବି ମନର ବସ୍ତୁନିଷ୍ଠ ଅଭିଜ୍ଞତା ମଧ୍ୟରେ ପରସ୍ପର ଖାପଛଡ଼ା ଘଟଣାବହୁଳତା, କାନ୍ତିଦ୍ୱୀ ସମ୍ବନ୍ଧୀ ଆଳାପ ଆଲୋଚନା, ରେଡ଼ିଓରେ ସିନେମାଗୀତଠାରୁ ଆରମ୍ଭକରି, ବଜାରରେ ଶନ୍ତ ଓ ଲୁଗାର ଶେୟର କାରବାର ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣା, ଚିନ୍ତା ଓ ଚେତନା ନେପଥ୍ୟରେ ଜଣେ ନା ଜଣେ ନାୟିକା ପ୍ରଚ୍ଛନ୍ନ— ଯେ ସବୁର ଆଭାସ ଓ ଇଙ୍ଗିତ ଏଠାରେ ସ୍ପଷ୍ଟ ।

ସବୁ ପ୍ରେମିକ କବିଙ୍କ ଭଳି ସେ ମଧ୍ୟ ନିଜ ପ୍ରେମିକା ସହିତ ପ୍ରତ୍ୟକ୍ଷ ନିବିଡ଼ ସଂଯୋଗ ପ୍ରବଳଭାବେ ଆଶା କରିଛନ୍ତି । ତେଣୁ ତାଙ୍କ ଭାଷାରେ :

Digitized by srujanika@gmail.com

'ତୁମେ ଆସ ଆଜ ଆସ ମିଲ ଲୁଗା·········
·········ପୁଞ୍ଜ ଭୂତ ଯେତେ ବ୍ୟଭିଚାର ।'

ମାନସିଂହ, ଗଡ଼ନାୟକ ପ୍ରଭୃତିଙ୍କ ପ୍ରେମିକତାଠାରୁ ଏହା ଅନେକାଂଶରେ ଭିନ୍ନ; ନିମ୍ନ ଦୃଷ୍ଟାନ୍ତଗୁଡ଼ିକ ଏହି ଦୃଷ୍ଟିରୁ ଉଲ୍ଲେଖଯୋଗ୍ୟ ।

ବନ୍ଧୁକେ ତୃଷ୍ଣ ଅଭିସାର କର ଏଠାବେ
ବାସକସଜ୍ଜା ରହିବ ମୁଁ ସାରା ଯାମିନୀ
ଆସ ବେ ଆସିବ କବେଶ କୁସୁମ-ଗନ୍ଧରେ
ଉଦ୍‌ବେଳ କରି ହୃଦୟ ଏ, ବର-କାମିନୀ
('ପ୍ରଣୟୀ'—ମାୟାଧର ମାନସିଂହ)

"ଚନ୍ଦନ କରିଦିଅ ପ୍ରତି ତରୁ ତୁମେ ତୋ
ନନ୍ଦନ କରିଦିଅ ତୃଣ ମରୁଭୂମେ ଗୋ
ଦିଅ ତବ ଆଶ୍ଳେଷ ଦିଅ ତବ ପରଶ
କରି-ଜୀବନ ଏ ମମ ହେଉ ନବ ସରସ ।
(—'ବସନ୍ତ ସଖୀ', ରାଧାମୋହନ ଗଡ଼ନାୟକ)

ହେ ସଖି । ତୁମର ପ୍ରୀତି
ପଥେ ପଥେ ଫୁଲ ହୋଇ ଆହ୍ୱାନ ଜଣାଏ
ଦେହାଣି ନାରୀର ଚକ୍ଷେ ଯାଏ ମୂର୍ଚ୍ଛି
ତୁମରି କଟାକ୍ଷ
ତୁମରି ଷୋଡ଼ଶୀ-ଦେହ-ଗନ୍ଧ ମିଳେ
ନୂତନ ଶସ୍ୟରେ ।
('ହୀରକ ସ୍ୱପ୍ନ'—ବିନୋଦ ଚନ୍ଦ୍ର ନାୟକ)

Digitized by srujanika@gmail.com

ସହସ୍ର ଫାଲ୍‌ଗୁନ ଥିଲା ତୁମର ଆଖିରେ
ସହସ୍ର କହ୍ଲାର ଦଳ ଥିଲା ତୁମ ଓଠରେ ।
ତଥାପି ମୁଁ ଭାବୁଥିଲି ପିଇପାରିବି ସବୁ ରସ
ପଡ଼ି ରହିଛି ଶୂନ୍ୟ କଳସ ।
ତୃପ୍ତିକର ଶୁଷ୍କ ମରୁଭୂମି—
ଭାବେ ଯେପରି ପିଇ ପାରିବ ଦକ୍ଷିଣ ସାଗରର
ସବୁ ମୌସୁମୀ
ଅତନ୍ଦ୍ରଭଜନ ନଶାରେ
ଆଜି କହେ ମୁଁ ନିଜକୁ ନିଜେ ଡାକି
ସବୁ ଶରତ ଫାଙ୍କି
ଦୀର୍ଘ ଯୁଗର ବିଚ୍ଛେଦ, ଅବସାଦ
କ'ଣ ତୁମର ପ୍ରେମର ଅନୁବାଦ ?

('ସ୍ମରଣୀୟାସୁ' : ସଚ୍ଚି ରାଉତରାୟ)

ଉପରୋକ୍ତ ସମସ୍ତ କବିତା ନିଚ୍ଛକ ଭାବେ ରୋମାଣ୍ଟିକ୍ କବିତା । କବିର ବ୍ୟକ୍ତିତ୍ୱ, ବ୍ୟକ୍ତିଗତ ପ୍ରେମିକା-କେନ୍ଦ୍ରିକ ଭାବନା ଏଠାରେ ମୁଖ୍ୟ । ଅନୁଭୂତିରେ ବହୁମୁଖୀତାର ଅଭାବ, ବିଦଗ୍ଧତା, ବୌଦ୍ଧିକତା ଓ ଭାବବୋଧର ଗଭୀର ସମନ୍ୱୟତାର ଅଭାବ, ସର୍ବୋପରି ଆକାଶ-ପାତାଳ, ଅତୀତ-ବର୍ତ୍ତମାନ, ସସୀମ ଓ ଅସୀମର ଦୁରନ୍ତ ବ୍ୟବଧାନକୁ ଯୋଡ଼ି ପ୍ରକୃତିର ସାଯୁଜ୍ୟ, ରୂପକଳ୍ପ ଭିତରେ ଏହି କବିମାନେ ସେମାନଙ୍କର ପ୍ରେମିକତାକୁ ଆଧୁନିକ ପ୍ରେମିକତାରେ ପର୍ଯ୍ୟବସିତ କରି ପାରି ନାହାନ୍ତି । ସୁତରାଂ ଗୁରୁବାବୁ ଏହିକାରଣରୁ ପୂର୍ବବର୍ତ୍ତୀ କବିମାନଙ୍କଠାରୁ ପୃଥକ । ତାଙ୍କର ବାନ୍ଧବୀ ତାଙ୍କର

Digitized by srujanika@gmail.com

ଦୈନନ୍ଦିନ ଚିନ୍ତନ, ପ୍ରେମ, ଜ୍ଞାନ, କର୍ମ, ଅଭିଜ୍ଞତା, ବର୍ଣ୍ଣନ ତଥା ସୌନ୍ଦର୍ଯ୍ୟବୋଧ ଭିତରେ, ପ୍ରବଳ ଭାବରେ ବଞ୍ଚି ରହିଛି । ବଞ୍ଚି ରହିଛି ପୁଣି ରୋମାଣ୍ଟିକ କବିମାନଙ୍କ ଭଳି ଗୁରୁପ୍ରସାଦଙ୍କ ପ୍ରାଣାବେଗ ମଧ୍ୟରେ । କବି ଜୀବନ ବିଷୟ ଅଭିବ୍ୟକ୍ତି, ଐଶ୍ୱର୍ଯ୍ୟ, ନଷ୍ଟିନା ଷପ୍ରିସ୍ପୃହତା, କ୍ଷତି, ସ୍ୱପ୍ନଭଙ୍ଗ, ଅନ୍ତର୍ଦ୍ୱନ୍ଦ୍ୱ ସର୍ବୋପରି ସମସ୍ତ ଚେତନା ଭିତରେ ଅନ୍ତର୍ବାହିତ । କବି ସମସ୍ତର ମନୁଷ୍ୟଟି ହୋଇଛି ତା ନିଜର Style । ତା'ର ପ୍ରେମିକତା, ତାର ଆତ୍ମିକ ଗମ୍ଭୀରତା ସବୁ ବସ୍ତୁନିଷ୍ଠ ।

ଏହା ପରେ କବିତାର ଦେହଧର୍ମୀ ଦିଗ ସମ୍ବନ୍ଧରେ ଆଲୋଚନା କରାଯାଉ । ଡଃ ମାୟାଧର ମାନସିଂହ ତାଙ୍କର 'History of Oriya Literature'ରେ ଗୁରୁବାବୁଙ୍କୁ ଏହି ପାଇଁ ତୀବ୍ର ସମାଲୋଚନାରେ ମୁମୂର୍ଷୁ କରିଛନ୍ତି । (ପୃ-୨୫୮-୨୬୧, ପ୍ରକାଶକ : ସାହିତ୍ୟ ଏକାଡେମୀ, ନୂଆ ଦିଲ୍ଲୀ) କିନ୍ତୁ ଖୋଦ୍ ମାନସିଂହଙ୍କର ମଧ୍ୟ ଦେହଧର୍ମୀ କବିତା ଅଛି : "ଲିଭିଅ ଯେ ଦୀପଶିଖା ଜଳୁଛି ତୀହାରେ/ତବ ରୂପଶିଖାଜଳୁ ଘନ ଅନ୍ଧକାରେ । ଲୋଟି ପଡ଼ୁ ଉର୍ମ୍ମିସମ ଅଙ୍ଗବାସ ତବ/ମେଘମୁକ୍ତ ଊଷାସମ ହୁଅ ଦିଗମ୍ବରୀ," କିମ୍ବା ଗଡ଼ନାୟକଙ୍କର 'ସ୍ତନ ଜଉଘ ଖୋଲି ଦିଅ ପ୍ରିୟା' ପ୍ରଭୃତି କବିତା ଏହାଠାରୁ ବେଶୀ ଦୂରବର୍ତ୍ତୀ ନୁହଁନ୍ତି । ଆପାତତଃ ମାନସିଂହଙ୍କୁ ନୂତନ କବିତା ବିମୁଖ, ଅଯଥା ଚରିତ୍ର ଓ ଏପରିକି ପଶ୍ଚାଦ୍‌ମୁଖୀ (ରିଗ୍ରେସିଭ) ବୋଲି ଧରାଗଲେ ବି ଏହି କବିତାରେ—"ଚମ୍ପାଫୁଲ ବେଣୀ ମୂଳେ ଖଞ୍ଜିଲେଣି ସ୍ଫୁଟ ଯୋଡ଼-କରେ/ତୁମେ ଆସ ତା' ଭିତରୁ ନେଉଛ ଯାହା ଅଭଦ୍ର ଅଶ୍ଳୀଳ/ଭ୍ରମର

Digitized by srujanika@gmail.com

ଓଠରୁ ତଳେ ଥୋପା ଥୋପା ଝରାଇ/ତୁମ ଆତ୍ମ ସତ୍ତାରୁ ବା ପୁଞ୍ଜି-ଭୂତ ଯେତେ ବ୍ୟଭିଚାର! × + × ତୁମର ଦାନ୍ତରେ ମୋର ଓଠ ପିଇ ଛିନ୍ନ ଭିନ୍ନ ହୋଇ । ତୁମର ଗୁଣ୍ଡରେ ପିବ ଦଳି ହୋଇ ଯାନ୍ତ-ଚର ନନ୍ଦନ୍ ନଗଙ୍ଗ/ତୁମର ଦେହର ରକ୍ତ ପାଣି ଫାଟି ଥଣ୍ଡା ହୋଇ ପିବ / ତୁମର ଭିତରେ ମୋର ଆତ୍ମା ପିବ ନିଶ୍ଚିହ୍ନ ମିଳାଇ” ଇତ୍ୟାଦି ଧାଡ଼ିଗୁଡ଼ିକ ପ୍ରକୃତରେ ଦେହଧର୍ମୀ ଆବେଗକୁ ବହନ କରନ୍ତି । ମଣିଷକୁ ‘ଭଲ ପାଇବା’ ଭିତରେ ଦୈହିକ ମିଳନ ଏକ ପର୍ଯ୍ୟାପ୍ତ । ଏହି କବିତାରେ ଏକାବେଳକେ ଦେହଜତା ସହିତ ଆଧୁନିକ ଚେତନାର ପରିପକ୍ୱ ସମନ୍ୱୟ ଗୁରୁବାବୁ ଯେପରି କରି ପାରିଛନ୍ତି ସେଭଳି ସମନ୍ୱୟ କରିବାରେ ଏହାଙ୍କ ପରବର୍ତ୍ତୀ କବି ରମାକାନ୍ତ ରଥଙ୍କୁ ଛାଡ଼ିଦେଲେ ଅନ୍ୟ କେହି ସଫଳ ହୋଇଛନ୍ତି ବୋଲି ମନେ ହୁଏ ନାହିଁ । ନିଜ ପ୍ରେମିକା ସହ ସିଧା ସଳଖ ପ୍ରାପ୍ତି ମିଳନ ଏହି କବିତାର କ୍ରମଗତିଶୀଳ ତାର ଚୂଡ଼ାନ୍ତ ବିନ୍ଦୁରେ କବି ଇଙ୍ଗିତ କରିଛନ୍ତି । ସେ ନିଜେ ମିଳନର ସକଳ ଉପକରଣରୁ ବଞ୍ଚିତ, ବ୍ୟାକୁଳପ୍ରାଣ ଓ ସଂଶୟାକୁଳ । ସେ ଅଧିକ ଯନ୍ତ୍ରଣା ଓ ନୈରାଶ୍ୟ ନିଜ ମସ୍ତିଷ୍କରେ ବହନ କରିବାକୁ ଶିକ୍ଷିତ ହୋଇଥିଲେ ବି ପ୍ରେମିକାର ଶରୀର-ସମ୍ବନ୍ଧ ହେବାର ପରିଣତ ପାଇଁ ପିପାସିତ । ସେହି ସମସ୍ତ ଅଳଙ୍କରଣହୀନ ସ୍ପଷ୍ଟୋକ୍ତିକୁ କେବଳ ‘ଦେହ ଧର୍ମୀ’ ଦୋଷରେ ତେଣୁ ଅଭିଯୁକ୍ତ କରିବା ପକ୍ଷପାତିତାପୂର୍ଣ୍ଣ ହେବ ।

ଦେହ ବାଦୀ କବି ମାନଙ୍କର ଯୁକ୍ତି ହେଲା ଯଦି ମଣିଷକୁ ‘ଭଲ ପାଇବା’ କୌଣସି ପ୍ରକାର ‘ପାପ’ ହୁଏ, ତେବେ ତାହା ମଣିଷ ସହିତ ଗ୍ରଥିତ ଏକ ପ୍ରକାର ‘ମୌଳିକ ପାପ’ (ଅରିଜିନାଲ୍ ସିନ୍)

Digitized by srujanika@gmail.com

ବହୁ ଅତୀତ କାଳରୁ ତ କୁହାଯାଉଛି 'ଶୃଙ୍ଗାର ଚେତ୍ କବିଃ' । ଦେହ ପ୍ରତି ଆସକ୍ତି ଜୀବନଠାରୁ ସଂପୂର୍ଣ୍ଣ ଅବିଚ୍ଛେଦ୍ୟ, ଅବର୍ଜ୍ୟ । ପୁଣି ଦେହବାଦୀ କବିତା ଯେ ଆଧୁନିକ କବିତା ହୋଇ ପାରିବନାହିଁ ଏପରି କଥା କୌଣସି ଶାସ୍ତ୍ର ବା ବ୍ୟାକରଣରେ ନାହିଁ । କିନ୍ତୁ ନିଛକ ଦେହଧର୍ମୀ କବିତାକୁ ଆଧୁନିକ କବିତାର ବିପୁଳ ଭାବାତ୍ମକ କମ୍ପୋ- ଜିସନ୍ ତୁଳନାରେ ନ୍ୟୂନ ବୋଲି ମନେ କରାଯିବା ସ୍ୱାଭାବିକ୍ । 'ପ୍ରିୟ ବାନ୍ଧବୀ' କବିତାରେ ଦୈହିକ ଆବେଗ ଯେ ନିହିତ ଏହା ସ୍ପଷ୍ଟ । କିନ୍ତୁ ନାରୀ ଓ ଶୃଙ୍ଗାର ଭାବାପନ୍ନ ହୋଇଥିବାର ଇଙ୍ଗିତ, କାମ୍ୟ ବସ୍ତେଲ୍ଲି ଓ ତରଳ ମାନସିକତା, ଏବଂ ଟିକିନ ବେଗର ଉଚ୍ଛୃଙ୍ଖଳ ଆବେଗ ଏହାର ଶେଷ କଥା ନୁହେଁ । ଏଥିରେ ଆହୁରି ଅନେକ ବୈଷମ୍ୟ ଅଛି, 'ଗ୍ୟାରେଣ୍ଟି ଯୁକ୍ତ ପ୍ରେମ' ନମିଳିବାହିଁ ସବୁଠାରୁ ମୁସ୍କିଲ୍ ବ୍ୟାପାର । ସେଇ ମନୋବେଦନାହିଁ ଆଧୁନିକ ମଣିଷର ଡିପ୍ରେସିସ୍ ପାଇଁ ଦାୟୀ ।

ଏ କବିତା ସମେତ ଗୁରୁବାବୁଙ୍କ ଅଧିକାଂଶ କବିତାର କାବ୍ୟତତ୍ତ୍ୱ ଇଲିଅଟ୍‌ଙ୍କ କାବ୍ୟତତ୍ତ୍ୱ ଅନୁରୂପ । ଇଲିଅଟ୍‌ଙ୍କର 'ଅବ୍‌ଜେକ୍‌ଟିଭ୍ କରିଲେଟିଭ୍, ଇଉନିଫିକେସ୍ ଅଫ୍ ସେନ୍‌ସିବିଲିଟି ତ୍ରୁଟିର ପ୍ରୟୋଗ ଓ ପରୀକ୍ଷା ଗୁରୁବାବୁଙ୍କ କବିତାରେ ସହଜଲଭ୍ୟ । 'ତୁମେ ଯଦି ଚିଠି କଥା··· ଲୁଚାଇନ ରେସ୍କାରିବାର' ଧାଡ଼ି ଗୁଡ଼ିକ ହିଁ ଇଉନିଫିକେସନ୍ ଅଫ୍ ସେନ୍‌ସିବିଲିଟି'ର ଦୃଷ୍ଟାନ୍ତ । ଇଲିଅଟ୍‌ଙ୍କ ମତରେ ଜଣେ ସାଧାରଣ ପାଠକ ଯାହା ନିକଟରେ ବିଶୃଙ୍ଖଳ, ରୁକ୍ଷ, ଅସଂଲଗ୍ନ, ଅଡୁଆ ତଡ଼ୁଆ; ଖଣ୍ଡିତ ଓ ଏପରିକି କମ୍ପୁତ କମ୍ପାକାର ହୋଇପାରେ । ମାତ୍ର ଜଣେ କେହି ଏକାବେଳେକେ ତା'ର ନାରୀ ବନ୍ଧୁକୁ ପ୍ରେମକରିପାରେ,

Digitized by srujanika@gmail.com

ସ୍ପିନୋଜା ଓ ଚର୍ଚ୍ଚିଲ୍ ପଢ଼ି ପାରେ, ପୁଣି କଫିହାଉସ ର ବାସ୍ନା କିମ୍ବା ଟାଇପ୍‌ରାଇଟରର ଗର୍ଜ୍ଜାନୁଭୂତିକ ଦେହସଂଘର୍ଷଣ ଶୁଣି ପାରେ । ଜଣେ ସାଧାରଣ ବ୍ୟକ୍ତି ପାଇଁ ଏ ପରସ୍ପର ପୃଥକ୍ କାର୍ଯ୍ୟଗୁଡ଼ିକ ଭିତରେ ଆଦୌ କୌଣସି ସଂପର୍କ ନାହିଁ । କିନ୍ତୁ କବି ମନରେ ତାହା ସବୁ ନୂଆ ରୂପକଳ୍ପ ସୃଷ୍ଟି କରି ତାର ରଚନାରେ ସୁସମନ୍ୱିତ ଓ ସୁନିର୍ବାଚିତ ହୋଇ ପ୍ରକାଶ ପାଆନ୍ତି । ଗୁରୁବାବୁ ଏହି ଥିମ୍‌ସକୁ କାର୍ଯ୍ୟରେ ଲଗାଇ ମିଲ୍‌ଲୁଗା ପାଲଟାଇଦେଇ,ବନାରସୀ ସିଲ୍କ ପିନ୍ଧା ହଳଦୀ ଲଗାଇଦେଇ, ବେଣୀ ମୂଳେ ଚମ୍ପାଫୁଲ ଖୋସିଥିବା ଓ ଗ୍ଲାଭ ପୋଡ଼ଜରେ ଶବ ଲେଖିଥିବା,ମାଟି ଉପରୁ ବା ଆକାଶ ଭିତରୁ ଛିପୁ ବାଛିବାକୁ ସଂଧାନ କରିଛନ୍ତି । ଏସବୁ ଗୋଟିଏ ନାରୀ ବିଷୟରେ କୁହାଯାଉଥିଲେ ବି ଏକାବେଳେକେ ବଧୂ,ପ୍ରେମିକା,ବାରନାରୀ,ସ୍ୱାଧୀନ ଭର୍ତ୍ତୃକା,ଭଞ୍ଜୀୟ କାବ୍ୟନାୟିକା,ବାସକସଜ୍ଜା, ଓ ବୈଷ୍ଣବୀୟ 'ସମର୍ଥା' ପର୍ଯ୍ୟନ୍ତ ଏବଂ ସେଥି ସହିତ ମିଲ୍‌ଲୁଗା ପିନ୍ଧିଥିବା ସମସାମୟିକା-ମାନଙ୍କୁ ବି ଏକାଠି ଗ୍ରଥିତ କରିଛନ୍ତି । ଏ ଗ୍ରନ୍ଥନ ପ୍ରଣାଳୀ ଓଡ଼ିଆ ସାହିତ୍ୟରେ ଏହାପୂର୍ବରୁ ଏତେ ସ୍ପଷ୍ଟଭାବେ ପ୍ରକାଶିତ ହୋଇ ନଥିଲା । ସେହିପରି: 'ମୁଁ ତୁମକୁ ଭଲପାଏ ଚନ୍ଦ୍ରଭାନୁ ଭଳି ପାଇଥିଲି/ସିଂହଳ ଦ୍ୱୀପର ସ୍ୱପ୍ନ ମୁଁ ଯାଇଛି ଜାଣିବାକୁ ଯେବେ/ଲବଙ୍ଗ ବଣର କଥା କିମ୍ବା ବ୍ୟଥା କଦମ୍ବକେଶର/ମୋ ଆଖିରେ ଅବାସ୍ତବ ଏସବୁର ପାଲଟିଛି ତେବେ ।' ପୁଣି,'ଲାବଣ୍ୟବତୀରୁ ତୁମେ ଆସ ଅବା ରସକଲ୍ଲୋଳରୁ/କୋଣାର୍କ କାନ୍ଥରୁ ଅବା ସିନେମାର ପରଦା ଭିତରୁ / ମୁଁ ତୁମକୁ ଭଲ ପାଏ ଚନ୍ଦ୍ରଭାନୁ ଭଳି ପାଇଥିଲା/ମୋ ପାଖେ ସିଂହଳ ଯାତ୍ରା କିନ୍ତୁ ଅସମ୍ଭବ ହେବ ।' ପ୍ରଭୃତି ଅନ୍ୟ କେତେକ ଦୃଷ୍ଟାନ୍ତ ।

ପ୍ରେମିକ ଚନ୍ଦ୍ରଭାନୁ ଠାରୁ ଏଯୁଗର ପ୍ରେମିକ କିପରି ଭିନ୍ନ ତାହା

Digitized by srujanika@gmail.com

ସେ ନିଜେ ସ୍ପଷ୍ଟ କରି ଦେଇଛନ୍ତି । ଏଠାରେ ପ୍ରେମିକା, ଦେଶ, କାଳ ଓ ପାତ୍ରର ସସୀମତାରେ ଆବଦ୍ଧ ନୁହେଁ । ପ୍ରେମିକଟିର ଚେତନା କେନ୍ଦ୍ରାଭିମୁଖୀ ହୋଇ ମଧ୍ୟ କେନ୍ଦ୍ରାପସାରୀ । ଏହାର ମଧ୍ୟରେ କବିଙ୍କ ବ୍ୟାଜସ୍ତୁତି ମଧ୍ୟ ଲକ୍ଷଣୀୟ । ଠିକ୍ ଏହା ପ୍ରକାର ବକ୍ରୋକ୍ତି ମଧ୍ୟ ରହିଛି । ତାଙ୍କର 'ଗୋବର ଗଣେଶ' କବିତାରେ: 'ମୁଁ ନୁହେଁ ଧିରେ ଯିବେ / ଗାଲ୍‌ସ୍କୁଲ୍, ଚୁମ୍ବନ ବା ରମ୍ପୁର ନାସ୍ତି/ ରକ୍ତର ଅଭାବ ମୋ ଠାରେ ।' (ମାନସିଂହଙ୍କ ପ୍ରେମ କବିତା ସଂକଳନ 'ଧୂପ' । 'ଗାଲ୍‌ସ୍କୁଲ୍' 'ଚୁମ୍ବନ' କବେନ୍ଦ୍ର କାଳିଚରଣଙ୍କ ଦୁଇଟି ନାଟକ)। ଏ ପ୍ରକାର ରୋମାଣ୍ଟିକ୍ ସ୍ୱପ୍ନବିଳାସୀ-ବାନ୍ଧବୀ-ଆଶାପ୍ରୀ ନାଗରିକ ହେବା ଏ 'ଲୁଗା-ଚିନି-ତେଲ୍‌ର କାରବାର' ଯୁଗରେ ଯେ ଉପହାସ୍ୟ, ଅଥଚ ପ୍ରେମର ନିରଙ୍କୁଶତା-ସ୍ୱପ୍ନରେ ଯେ କାବ୍ୟ-ପୁରୁଷକୁ ମଗ୍ନ କରି ପାରେ ତାହାହିଁ ଏହାର ଉପଜୀବ୍ୟ । ଏସବୁ ସତ୍ତ୍ୱେ ପ୍ରେମିକାକୁ ନିବିଡ଼ କରି ପାଇବାର ଇଚ୍ଛା ବହୁ ବିଭକ୍ତ ଅସଂପୃକ୍ତ; କଣ୍ଟକିତ ଚିନ୍ତାଧାରାଭିତରେ ମଧ୍ୟ ବଳବତ୍ତର ରହିଛି । ଉପରୋକ୍ତ ଭାବଧାରା ସହିତ ସାମଞ୍ଜସ୍ୟ ରକ୍ଷା କରୁଥିବା ଇଂରେଜକବି ଅଡେନ୍‌ଙ୍କ **Spain 1917** ନାମକ ଗୋଟିଏ କବିତା ଦ୍ରଷ୍ଟବ୍ୟ । ସେହି କବିତାରେ ନିଜକୁ କବି ଅଡେନ୍ ଜୀବନ-ବାନ୍ଧବୀର ଏକାବେଳକେ, 'Yes man bar companion, easily duped, your vow to be good, humorous story, business voice ଇତ୍ୟାଦି ବୋଲି ଚିହ୍ନଣ କରିଛନ୍ତି । ଏହା ଭିତରେ ଉଭୟଙ୍କର ଚରିତ୍ର ବିରୋଧୀ ବହୁ ଧାରଣା ଓ ପ୍ରତ୍ୟୟର ସମନ୍ୱୟ ଘଟିଛି । ଠିକ୍ ସେମିତି ଗୁରୁବାବୁ ନିଜର ବାନ୍ଧବୀକୁ 'ବସ୍ତ୍ର ଦୋକାନ, ରେ ଆଧୁନିକ ପ୍ରେମ ଗଳ୍ପ' 'ଫିଲ୍ମଗୀତ' ଇତ୍ୟାଦି ଇତ୍ୟାଦି ବୋଲି ଉଲ୍ଲେଖ କରିଛନ୍ତି । ଏଗୁଡ଼ିକର ତାତ୍ପର୍ଯ୍ୟ କବି ଅଡେନ୍‌ଙ୍କ ଉକ୍ତିରୁ

Digitized by srujanika@gmail.com

ମିଳୁଥିବା ତାତ୍ପର୍ଯ୍ୟ ତୁଳନାରେ କୌଣସି ଗୁଣରେ ନ୍ୟୂନ ନୁହେଁ । ନଜର ନାୟିକାକୁ ଲବଣ୍ୟବତୀଠୁ, କୋଣାର୍କ କାନ୍ଥରୁ, ସିନେମାର ପରଦା ଭିତରୁ ଅନ୍ୱେଷଣ ଭିତରେ ପରମ୍ପରା ସମ୍ବଳିତ ବର୍ତ୍ତମାନର ଅଭିଜ୍ଞତାର ସମନ୍ୱୟ କରି ସେ ଏହା ପରେ ପରେ ବକ୍ରୋକ୍ତି ('ମୋ ସିଂହଳ ଦ୍ୱୀପ ଯାତ୍ରା କେବଳ ଅସମ୍ଭବ ହୁଏ') ଦେବା କବିଙ୍କର ବୈଦଗ୍ଧ୍ୟ ସମ୍ବଳିତ ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣର ଆଧୁନିକତା ହିଁ ସୂଚାଇ ଅଛି ।

ଗୁରୁବାବୁଙ୍କ କବିତାରେ ପ୍ରକୃତି ବର୍ଣ୍ଣନା ଏହାର କାବ୍ୟ-ପୁରୁଷର ବ୍ୟକ୍ତିତ୍ୱ ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ । କବିଙ୍କ ଚେତନ ଓ ଅବଚେତନ ମନର 'କାଥାର୍ସିସ୍' ଉପଯୋଗୀ ପ୍ରକୃତିକୁ ସେଥିରେ ନିଆଯାଇଛି । ସେ ପ୍ରକୃତି ହେଲା : ଊଷର ନିର୍ଜନ ବାଲୁଚର ଯେଉଁଠି କ୍ଲାନ୍ତ ଜହ୍ନ ନଇଁ, ଚନ୍ଦନ ରାତିର ଅଶ୍ରୁ କ୍ରମେ କ୍ଷୟ ହୋଇ ଆସେ, ନକ୍ଷ ତଠା ଶେଷଥର ପାଇଁ କଣ ଲଜଠାଏ, (ଝଡ଼ାପ୍ତୀ କଲ୍ଲର ଆଲୁଅରେ ଆଉ ଗୋଟିଏ ପ୍ରଶ୍ନ ଦେଖାଯିବା ?), ଶୀତଋତୁ ବୁଢ଼ା ହୋଇ ଆସେ, ନିଶବ୍ଦ ବାଲିଚରରେ ପବନ ଗୁମୁରିଯାଏ, ଜୋହ୍ନ କାଳରେ ଆଜକାଲି ଝଡବର୍ଷା ସନ୍ଧ୍ୟାରେ କବି ବୁଲି ଯାଆନ୍ତି, ଯେଉଁଠି ଦୀର୍ଘ ଶ୍ୱାସ ଜମିଆସେ ଓ ରାତି ଗୁପ୍ତ ହୋଇ ଆସେ—ସବୁ ଛାତି ଦୁହିଁ ହୋଇ ଏକାକାର ହୁଏ । ଦୂରର ଝାଉଁବଣ ଆଡ଼ୁଇ ରାତି ଧୀରେ ଧୀରେ ଗାଢ଼ ହୁଏ । ସେତେବେଳେ କବି ତାଙ୍କ ବାନ୍ଧବୀ ପାଖରେ ଜନ୍ମଜନ୍ମାନ୍ତରର ଦାବୀ ବାଢ଼ି ବସନ୍ତି । କେତେ ଚେତନାର ସୀମା ପାରିହୋଇ ତନ୍ଦ୍ରାହତ କେଉଁ ଅଗ୍ନାଗ୍ନି ବନସ୍ତଭିତରେ ନିଦରେ ଶୋଇ ପଡ଼ିବା ଅବସ୍ଥାରେ (psycheର ରୂପକଳ୍ପ, ପ୍ରାଚୀନ ପକ୍ଷୀ-କାହାଣୀର ରାଜାର୍ଥିଅ ରୂପକଳ୍ପ ମଧ୍ୟ) କବି ତାଙ୍କର ବାନ୍ଧବୀକୁ ଆବିଷ୍କାର କରନ୍ତି । କେବେ ପୁଣି ରାତି କୋହ ହୋଇ ମିଶିଯାଏ

Digitized by srujanika@gmail.com

ବିସ୍ତୃତ ଶୂନ୍ୟରେ । କବି ଆଶା କରନ୍ତି ତାଙ୍କ ବାନ୍ଧବୀ ପରିଚିତ ପୁରୁଣା ରେଲ ଲଣ୍ଡନ୍ ବାଟରେ ପୁଣି ଫେରିବ, ପୁଣି ଦେଖାଦେବ ନିସ୍ସଙ୍ଗିଆ ବାଲିଚରରେ, କେଉଁ ଅସ୍ତକଳ୍ପ ଛଳେ ଅବା କେଉଁ ବିବର୍ଣ୍ଣ ସନ୍ଧ୍ୟାରେ । କବିତାର ଶେଷାଂଶରେ ରୂଢ଼ ବାସ୍ତବତା ଓ ପ୍ରେମର ଅପମୃତ୍ୟୁଚେତନା 'ଆଙ୍କସ୍ତ ଥଣ୍ଡାହୁଏ, ଜାକି ହୋଇ ଆସେ ହରିବଲପୁ'ର୍ ପ୍ରକୃତି ବର୍ଣ୍ଣନା ଭିତରେ ଅଭିବ୍ୟକ୍ତ ।

ବିଜନ ବାଲିଚରର ଉପର ଅନୁଭବିତା, କବି-ଜୀବନର ସାମ୍ପ୍ରତିକ ନିଃସଙ୍ଗତାର, ଅବକ୍ଷୟଚେତନାର ଓ ମୂଲ୍ୟବୋଧର ବିପର୍ଯ୍ୟୟ-ବୋଧର ସର୍ବୋପରି ଆତ୍ମଦହନର ପ୍ରତୀକ । 'ନିର୍ଜନ', 'ନିଃସଙ୍ଗ', 'ନିଶବ୍ଦ' 'ଜନହୀନ' 'ବିଜନ' 'ବିବର୍ଣ୍ଣ' 'ନିର୍ବେଦ ବିସ୍ତୃତ ଶୂନ୍ୟ' 'ବିବର୍ଣ୍ଣ' ଓ 'ନିସ୍ସଙ୍ଗିଆ' ଶବ୍ଦର ବାରମ୍ବାର ବ୍ୟବହାର କବିଙ୍କର ମାନସିକ ଏକାକୀତ୍ୱ ଓ ନିର୍ଜ୍ଜନତାକୁ ହିଁ ପ୍ରକାଶ କରୁଛି । ପ୍ରକୃତି ବର୍ଣ୍ଣନା ତେଣୁ ନିଓରୋଟିକ୍ କବିବ୍ୟକ୍ତିତ୍ୱ ସହିତ ଅବିଚ୍ଛିନ୍ନ ଓ ଅନ୍ତରଙ୍ଗ ସାଯୁଜ୍ୟ ଲାଭକରିଛି । ଫ୍ରଏଡ୍‌ଙ୍କମତରେ ଏ ଯୁଗରେ ପ୍ରତି ମଣିଷ ନିଉରୋଟିକ୍ ହେବାକୁ ବାଧ୍ୟ । କବି ନିଜେ ଯାହା, ପ୍ରକୃତିକୁ ସେ ସେହିପରି ଦେଖନ୍ତି । ମନୋଜ ଦାସଙ୍କ ଗଳ୍ପ ଗୁଚ୍ଛକରେ ଥିବା ଜହ୍ନ ଓ ରାତିର ବର୍ଣ୍ଣନାପରି ଏକାବେଳକେ କାବ୍ୟ ପୁରୁଷର ଆତ୍ମା-ସ୍ୱରୂପର ପରିପୂରକ ଓ ପ୍ରତୀକ ହୋଇଛି ପ୍ରକୃତି । ଅନ୍ୟ ଭାଷାରେ କହିଲେ କାବ୍ୟ ପୁରୁଷ ଏଠାରେ ପ୍ରକୃତିକୁ ମନୋ-ନୟନ କରିଛି ନିଜ ଜୀବନ-ସଂପର୍କିତ କରିବା ପାଇଁ । ମୃତ୍ୟୁ ଓ କ୍ଷୟିଷ୍ଣୁତା ସଚେତନ କବି ନିଜ ସମୟର ନାୟକ । ନିଜ ପ୍ରେମିକାକୁ ସଂପୂର୍ଣ୍ଣ ଏକନିଷ୍ଠ ଓ ଲବ୍ଧ ହୋଇ ପାଇବା ପାଇଁ ତାଙ୍କର ଏକ ପ୍ରକାର ଆବେଶନ (ଅବସେସନ୍) ଅଛି । 'ତୁମରି ହାତରେ ମୋର

Digitized by srujanika@gmail.com

ଓଠ ଶିବ ଛିନ୍ନଭିନ୍ନ ହୋଇ' ଯେଉଁଭଳି ତୀବ୍ର ଇନ୍ଦ୍ରିୟପରାୟଣତା (ସେନ୍‌ସୁଅଲିଟି) ମୂର୍ତ୍ତାଏ, ଠିକ୍ ସେହିଭଳି ଏକ 'ଆତ୍ମ-ପିଡ଼ନ ରତି' (ମାସୋକିଜମ୍)କୁ ମଧ୍ୟ ସୂଚାଇଥାଏ । ସମଗ୍ର କବିତାରେ କବିର ବ୍ୟକ୍ତିତ୍ୱ ଖୁବ୍ ବେଶୀ ପୌରୁଷବ୍ୟଂଜକ ନୁହେଁ, ବରଂ ବାନ୍ଧବୀର ସାନ୍ନିଧ୍ୟାଭିଳାଷୀ । କବିର ଅବଚେତନରେ ନିହିତ ଯୌନ କ୍ଷୁଧା ଓ ବିଳୟ-ପ୍ରବୃତ୍ତି (ଡେଥ୍ ଇନ୍‌ସିଂକ୍ଟ୍) ଯେତେବେଳେ କୌଣସି ବାହ୍ୟ ଧ୍ୱଂସାତ୍ମକ କ୍ରିୟାରେ ପ୍ରକାଶିତ ନ ହୋଇ ବ୍ୟକ୍ତିଠାରେ ସଞ୍ଚିତ ହୋଇ ରହିଯାଇଥାଏ ତାହାହିଁ କାମ-ସ୍ଥାନ (erogenous) ଜନିତ ଆତ୍ମ-ପୀଡ଼ନ-ରତି-ମନୋବୃତ୍ତି ବ୍ୟକ୍ତିଠାରେ ସୃଷ୍ଟି କରିଥାଏ (ଫ୍ରଏଡ୍) । ପ୍ରେମିକ-ବ୍ୟକ୍ତିତ୍ୱର ଏ ସକଳ ଚେତନା ଓ ଅଭିଜ୍ଞତାରେ 'ପ୍ରିୟବାନ୍ଧବୀ' କବିତା ଗଭୀର ।

ଏହି କବିତାର ଆଙ୍ଗିକ ବା ଗଠନ ସୌଷ୍ଠବ ହେଉଛି ତାଙ୍କର 'କାଳପୁରୁଷ' ଓ ଅନ୍ୟାନ୍ୟ ସମସ୍ତ କବିତାର ଆଙ୍ଗିକ (ଫର୍ମ) । ଏ ଦୃଷ୍ଟିରୁ ଇଲିଅଟ୍‌ଙ୍କୁ ହଜମ କରିବାରେ ସେ ପଥିକୃତ୍ । ଆଧୁନିକ କବି ଏପରି ଏକ ଆଙ୍ଗିକ ବ୍ୟବହାର କରେ ଯାହା ତା'ର ନିଜସ୍ୱତାରେ ଗଚ୍ଛିତ ଦିବ୍ୟ ପ୍ରକାର ଛନ୍ଦଉପସ୍ତ୍ରୁ-ନିୟନ୍ତ୍ରଣ କରିପାରେ, ଅଥଚ ଆଙ୍ଗିକର ବ୍ୟବହାରରେ ସେ ନିଜର କଥିତଭାଷା, ଉପଭାଷା (ଡାଏଲେକ୍ଟ) ପ୍ରଭୃତିର ସ୍ୱାଧୀନତା ଅକ୍ଷୁର୍ଣ୍ଣ ରଖିପାରେ । ଏକଦା ସବୁଜ କବିତାର ଓ ତତ୍ପରବର୍ତ୍ତୀ ମାନସିଂହ, ରାଧାନାଥଙ୍କ ଓ ସଚ୍ଚି ରାଉତରାୟଙ୍କର ପୁରୁଣା ଆଙ୍ଗିକର ମନୋଟୋନି ଓ ମନ୍ଥରତାକୁ ପରିତ୍ୟକ୍ତକରି, ପୁରୁଣା ଓ ନୂଆ—ଉଭୟ ପ୍ରକାର ରୂପକଳ୍ପର ସୁସଂଯତ ପ୍ରୟୋଗ କରିବାରେ ସେ ସଫଳ । ଏହା ସହିତ କବିତାରେ ଗତିଶୀଳତା ଅକ୍ଷୁର୍ଣ୍ଣରଖି ବସ୍ତୁତଃ ନିଜର ଭାବ ଅନୁଯାୟୀ ଉପମା, ଉପମେୟ, ପ୍ରତୀକ ଓ ଖଣ୍ଡବାକ୍ୟ ଗୁଡ଼ିକର ଅନୁପାତିକ ସ୍ୱରସାମ୍ୟ ସୁରକ୍ଷା କରିବାରେ 'ପ୍ରିୟବାନ୍ଧବୀ' ସମେତ ସମସ୍ତ କବିତାରେ ସେ ସିଦ୍ଧହସ୍ତ ।

ପଚାଶ ଓ ଷାଠିଏ ଦଶକ ରେ ଗୁରୁବାବୁଙ୍କ ରଚନାମାନ ପ୍ରକାଶ ପାଇବା ଆରମ୍ଭ କରେ । ବିଶେଷକରି 'ନୂତନ କବିତା'ର ପ୍ରକାଶ ପରେ ପରେ ସମସାମୟିକ ବହୁ ବୟସ୍କ କନିଷ୍ଠ କବି ତାଙ୍କ ଆଙ୍ଗିକ-ପ୍ରୟୋଗରେ ଅନୁସରଣ କରିଛନ୍ତି । ପ୍ରବନ୍ଧର

Digitized by srujanika@gmail.com

କଳେବରବୃଦ୍ଧି ଆଶଙ୍କାରେ ଏଠାରେ ସଂକ୍ଷେପରେ ପ୍ରବାସୀ ସତ୍ୟନାରାୟଣ ନନ୍ଦଙ୍କୁ ଦୃଷ୍ଟାନ୍ତ ସ୍ୱରୂପରେ ଉଲ୍ଲେଖ କରାଯାଉଛି ।

ସଂକୀର୍ଣ୍ଣ ଗୋହିରୀ ବାଟ ଅବା ଶୂନ୍ୟ ଝରଣା ମଝିରେ
ଆମେ ଦୁହେଁ ଏକା ଏକା ହାତଧରି ନିବିଡ଼ ମୁଠାରେ
ପରସ୍ପରେ ଅନାଇଲୁ ପରସ୍ପରେ ଅବା ଦେଖିଥିଲୁ
ସିଂହଳ ନାଟୋର ପୁଷ୍ପ ଭେରେନାର ଫଳ ବଗିଚାରେ ।
କିଛି ବାଟ ଯିବା ପରେ କହୁଥିଲ
ଆଉ ଚାଲି ହେବ ନାହିଁ ନାଲି ଗୋଡ଼ ଶରତ ଧୂଳିରେ
ଏଠିଠ ବସିବା ଚାଲ ଆକାଶର ନୀଳ ଛାଇ ତଳେ
ଦେଖିବା ରାତ୍ରିର ଦୃଶ୍ୟ ବସି ବସି ଏ କାଠ ପୋଲରେ ।

('ଶବସଙ୍ଗମ'- ମହାନଦୀ ପବ୍ଲିକେଶନସ୍, କଟକ ୧୯୭୯)

'ପ୍ରିୟବାନ୍ଧବୀ'କବିତାର ମୁଖ୍ୟଭାବ ହେଉଛି ପ୍ରେମିକମଣିଷ ପାଇଁ ପ୍ରିୟ ମଣିଷର ଏକ ଚିରନ୍ତନ ଅଭାବବୋଧ, ବ୍ୟର୍ଥତାବୋଧ ଓ ତଜ୍ଜନିତ ଆତ୍ମ-ଦହନ । ନଗର ପ୍ରେମନିକଟରେ କାବ୍ୟ-ପୁରୁଷର ସକଳ ବିଶ୍ୱସ୍ତତା ଓ ଆନ୍ତରିକତା ସତ୍ତ୍ୱେ ପ୍ରେମିକା ଚିରନ୍ତନ ଅନୁପସ୍ଥିତା ଓ 'ଭକ୍ତିହୀନ' । ଏକଦା ତା'ସହିତ ଘଟିଥିବା ଘନ-ସନ୍ନିବଦ୍ଧ ଅଭିଜ୍ଞତା ଅନୁଭବର ସମସ୍ତ ହାତରେ ଭ୍ରଷ୍ଟ, ଖଣ୍ଡିତ ଓ ଛିନ୍ନବିଛିନ୍ନ । ତାହାହିଁ ସଚେତନ କାବ୍ୟ-ପୁରୁଷର ମାନସିକ ସଙ୍କଟ । ସମୟ ହାତରେ ସବୁପ୍ରେମ ଓ ପ୍ରେମିକା ଅପହୃତ । କେବଳ 'ପ୍ରିୟବାନ୍ଧବୀ' କବିତାନୁହେଁ । କାରଣ କେଶ, ଶାଢ଼ୀ, ସୌନ୍ଦର୍ଯ୍ୟ ଓ ବର୍ଣ୍ଣସଥିବା ପ୍ରେମିକାଆକୃତିର 'ନାୟିକା' କେବଳ ମଣିଷରପ୍ରିୟବାନ୍ଧବୀ ହୋଇପାରନ୍ତିନାହିଁ—ଭଲ ସମସ୍ତ-ନିରପେକ୍ଷ କବିତାମଧ୍ୟ ରସଗ୍ରାହୀ ବୁଦ୍ଧିଜୀବୀଙ୍କର ପଠନ ଲିପ୍ସାର ପ୍ରିୟବାନ୍ଧବୀ ହୋଇପାରେ ।

●

ପ୍ରମୋଦ କୁମାର ମହାନ୍ତି

Digitized by srujanika@gmail.com

ସିଉଳିଆ ।

—ଏକ—

ଧାନଦିଢ଼ି ନଈ ସିନା ଏଠି ନାହିଁ, ଏଠି ଶୀର୍ଣ୍ଣ ସିଉଳିଆ ନଈରେ
ରାତ ଭୋର ଅନ୍ଧାରରେ ତାରା ଖସେ ସ୍ୱବର୍ଣ୍ଣ ଶ୍ରୀହୀନ
ଏଠି ବାଲି ଅପନ୍ତରା ଡେଇଁ ଘାସ ଲୁଚୁଚିଆ ବଣ
ରାତିରେ ପବନ ଆସେ ଖୋଜି ଖୋଜି ଝରକାରେ ଅଁଖିପତା
ଜିବାର ଅଲୁଅ ।

ଏଠି ମୁଗ କୋଳଥର କଅଁସରେ ଜହ୍ନ ଆସେ ନଚ୍ଛୁଟିଆ ଅତଡ଼ା ଉପରେ
ଏଠିବି ଅନ୍ଧାର ଆସେ ଘାଉ ହୋଇ ଲୁହଝଡ଼ରେ
ଏଠିବି ବାଦୁଡ଼ି ଡେଣା କାକରି ଝଡ଼ାଇ ଯାଏ ତୋଟାରେ ନିଶୂନ
ସନ୍ଧ ଚମ୍ପ୍ ଲୁଚ ହେଲେ
ଏଠିବି ଏ ମାଟି କେତେ ଭଲ ପାଏ ମଣିଷକୁ ଅଗଣିତ କାମନାର
କେତେ ଆଶା ନିରାଶା ଭିତରେ ।

ମୋ ଦେହର କାମ୍ୟ କେତେ ତ୍ରେସ୍ତ ମୋର ଏ ମନର ମୋ
ଆତ୍ମାର କେତେ ଯେ ପିପାସା
ଏହି ଘାସ କାକର ଓ ଏହି ଧାନ ମହକରେ, ଡାହୁକର
ଏ ଡାକରେ ଲୁଏଡ ବା ରହୁଚ ନିହତ
ତେଣୁ ଯେବେ ସନ୍ଧ୍ୟା ବେଳେ ଆଲୁଅ ନରମି ହୁଏ ଗ୍ଲାଇ
ଜନ୍ମ ଶୁଖିଲା ଛଣରେ
ମୋର କ୍ଳାନ୍ତ ହତା ଘେର ସମସ୍ତ ହଠାତ ଆସେ ଅଜ୍ଞାତ
ଏ ଅନ୍ଧାରର ପ୍ରଶ୍ନ ଅଉ ବହୁତ ସନ୍ଦେହ ।

Digitized by srujanika@gmail.com

—ଦୁଇ—

ଧାନସିଢ଼ି ନଈ ଯିନା ଏଠି ନାହିଁ ଏହି ସିଡ଼ଆଳ ଧାର
ଭାବି କେତେ ଭଟପ ଆଉ ମେଘ ଭଟପ ମୋ ଆଖିର ଦିଗ୍‌ବଳୟ ଘେରି
ମୋର କ୍ଷୁଦ୍ର ଚେତନାର ଦିଗନ୍ତ ସେପାଖେ ଏହି
ପୃଥିବୀର ଋତୁଚକ୍ର ଝର
ଧାନର ମନ୍ଥକ ଯେବେ ଫେରିବ ବା କୁହୁଡ଼ିରେ ଠକ୍ ଆଜ୍ଞା ପରି—

ସେଦିନ ଯଦି ମୁଁ ଫେରେ ଛୁଇଁ ଛୁଇଁ ଆମ୍ବଗଛ ବଉଳର କଷି ଆଉ କଢ଼ !
ସେଦିନ ମୁଁ ଫେରିବାର ସାର୍ଥକତା କେଉଁଠି ବା,
ନଗ୍ନଛିଆ ଏ ନଈକୂଳରେ
ନଗ୍ନଛିଆ ବାଲିଚର ବେଣା ଘାସ ଝୋଙ୍କରେ ବା ନିରର୍ଥକ
ମୋର ଏହି ଆତ୍ମାର ଅତୀତ
ସେଦିନ ମୁଁ ଯଦି ଫେରେ - ସାର୍ଥକତା କେଉଁଠି ବା
ଶାନ୍ତି କାହିଁ ମୋର ଏହି ଭଲ ପାଇବାରେ ?

ମୋର ଭଲ ପାଇବାରେ ଏ ବାଟର ବିସ୍ମୃତି ଆଉ ଏହି ପାଦଚିହ୍ନ ସବୁ
ଖାଲି ପାଦ ଚିହ୍ନ କେତେ ଯୋତା ଓ ଖଡ଼ମ୍ ଦାଗ
ସାଇକେଲ ଚକ ଦାଗ କେତେ
ଶ୍ରେଷ୍ଠ, ଜୁଅ, ଗୋଲ ଗାଲ୍ ମୋଟ ସୋଟ ଯେତେ ସବୁ
ଏ ବାଟରେ ଗଲେ ଖଣ୍ଡ ନଷ୍ଟ ମୋଡ଼ି କାନ୍‌ଭସ୍ ଯୋତା ଦାଗ ରଖି
ଟାଟା ଆଉ କଲିକତା ଗଡ଼ଜାତ ଗୁଡ଼ିକରେ—ତା ପରେ......
ସ୍ମୃତି ତରକାରୁଣ୍ୟ ଭରି ଏ ବାଟର ବ୍ୟର୍ଥତା ଓ ନିରର୍ଥକ ନିଶବ୍ଦ ବେଦନା !

ଆଜି ଯେବେ ଗ୍ରାଇ ଜମେ ସେ ପାଶର ଅନ୍ଧାରେ - ଏପାଶର
ଧାନଗଛ କଇଁ ପାଙ୍କୁଡ଼ାରେ

Digitized by srujanika@gmail.com

ଅଲୁଅ ନରମ ହୁଏ ହଳଦୀ ପାଣିରେ ଗୋଳା ଚଗର
                    କଂଟା ଓ. ଘାସ ଶଙ୍ଖଚିଲ ଡେଣା
ଏଇ ଗୁଇ ଅନ୍ଧାରରୁ ସମସ୍ତର ସେପାଖରୁ ସେମାନେ
                    ଆସିବେ କଣ ଫେରି ଏଇ ଧାନ ମହକରେ
ପରିତ୍ୟକ୍ତ ସେତେ ଆଶା କାମନାର ପଛେ ପଛେ
ଏଇ ଭଲ ପାଇବା ଓ ଏ ଗାଁର ନିଶବ୍ଦ ଦେହକୁ ?

ନିଶବ୍ଦ ଏ ବେଦନାର ସ୍ତିମିତ ଏ ଅଚ୍ଛନ୍ନତା...ସମସ୍ତର ସ୍ଥଗିତ ମୁହୂର୍ତ୍ତ
ଅତୀତର ମୃତ ସବୁ ସେମାନେ ଏ ଦିନାନ୍ତର ସୀମାର ସେପାଖେ
ଆଜି କଣ ଛୁଡ଼ାହୋଇ ଏ ପାଖର ଏଇ ବାଲି,
                    - ସିଙ୍ଗୁଆର ଶୀର୍ଣ୍ଣ ଏଇ ଦେହର ସୀମାରେ
ସେମାନେ ଶୁଣନ୍ତି କଣ ଜୀବନର ପ୍ରତିଧ୍ୱନି ?
ଏଠି ସେତେ ହାରଜିତ୍ କଟକଣା ଓ ଟାଉଟର, ହସ ଲୁହ ଈର୍ଷା ଭୟ
ଏଇ ଭଲ ପାଇବାର କମିକ ଏ ଛନ୍ଦ ଆଉ
                    ମୃତ୍ୟୁର ଏ ନିଶବ୍ଦ ସଞ୍ଚାର ?

ଗତକାଲ କଲବଲ ଟାଟା ଆଉ ସରକାରୀ ଗୃକସ୍...ତାପରେ...
ଜୀବନର କ୍ଲାନ୍ତ ବାଟ ମାଇଲ ମାଇଲ କେତେ ଚଢ଼ାଣି ଓହ୍ଲାଣି
କୋଣ କୋଣ କେତେ ସ୍ନେହ କେତେ ଦ୍ୱେଷ ଅହଙ୍କାର
                    କେତେ ଭଗ୍ନ ଆଶା ଓ ବ୍ୟର୍ଥତା

ପାରିହୋଇ ସନ୍ଧ୍ୟାବେଳେ ସେମାନେ ଫେରିଲେ ଦିନ
ମଶାଣିର ଏଇ ନାଲି ପଲାଶ ଫୁଲରେ
ସେମାନେ ହଠାତ୍ କଣ ଦେଖି ନାଲି ପ୍ରଜାପତି ଅକସ୍ମାତ
                    ଛୁଟିହୋଇ କେଉଁଠି ମୁହୂର୍ତ୍ତ
ଭାବିଥିଲେ ଫେରିବାକୁ ଏଇ ଧାନ ମହକରେ ହଳଦୀ ବସନ୍ତ
                    ଆଉ ସିଙ୍ଗୁଆର କୁହୁଡ଼ି ସନ୍ଧ୍ୟା ?

Digitized by srujanika@gmail.com

ଏହି ଭଲ ପାଇବାର ନିଃସଙ୍ଗ ବେଦନା ନିଁ ଏ ପଉଷର ଧୂସର ଦେହରେ
ଆଜି ଆମ୍ବ ବଉଳରେ ପବନ ଯଦିବା କୁହୁଏଁ ଦୂର ନଈ ଅତଡ଼ା ଉପରେ
ଝିଂଟିକା ଯଦିବା ଡାକେ ଆଉ ଅଚିହ୍ନା ପକ୍ଷୀର
ନିଃସଙ୍ଗ ଡାକରେ ମିଶେ ପାଟି ଶୋକ ନ୍ୟାସ୍ତ ନିଶାପର
ଆଜି ଯେବେ ପଉଷର ନିସ୍ତବ୍ଧ ଦେହରେ ଯାଏ ଷସ୍ତ ହୋଇ
ଏ ଗାଆଁର ଦେହ

ମୁଁ ଫେରେ ପଛକୁ ସ୍ବପ୍ନେଁ
କେତେ ଝର କାକର ଭିତରେ
ଷସ୍ତ ହୋଇ ଯାଇଥିବା କେତେଭଲ ପାଇବାର ହିସାବ
ନିକାଶ କେତେ ସଞ୍ଜା କେତେ ନିଶବ୍ଦ ସମସ୍ତ ।

— ତିନି —

ଧାନସିଡ଼ି ନଈ ସିନା ଏଠି ନାହିଁ ଏଠି ସିଡ଼ୁଥିର ସୁଅ
ଏଠି ଶୀତର ପବନରେ ଝଡ଼ିଯାଏ ଜୀର୍ଣ୍ଣପତ୍ର କେତେ
ଧାନସିଡ଼ି ନଈ ପ୍ରାନ୍ତେ କେଉଁ ସ୍ଥିର ଗଛ ଆଡୁଆଳେ
ବିଦେଶୀ କବିର ଆତ୍ମା ଆଜି ପୁଣି ଫେରିବ ହୁଏତ
ଏ ଧାନ ମନ୍ଦକରେ
ପରିତ୍ୟକ୍ତ ନୀମନାର ଦେହ ଖୋଜି...ଏହି ଭଲ ପାଇବାର ଦେହ ।

ଏହି ଭଲ ପାଇବାର ଦେହ ଧରି ଏ ପୃଥିବୀ ହୁଏତ ବା
ଏତେ ରୂପବତୀ
ହଳଦୀ ଓ ଅଳତାର ଦାଗ ଗୋଳି ଆକାଶରେ ଫାଲ୍‌ଗୁନର
ଦିନ ଯେବେ ଫେରେ
ପଉଷର କୁହୁଡ଼ିରେ ଘୋଡ଼ି ହୋଇ ଅମ୍ବତୋଟା ଚୂପ୍‌ଚୁପ
ନଗ୍ନଟିଆ ଜାମୁକୋଳି ବଣ

Digitized by srujanika@gmail.com

ଦୁପହର ଝରାପୁଣି ଜାଳିଦିଏ କୋଷ୍ଟମାସ ବଳ, ବାଟ, କହ୍ନୁଟିଆ ଚଗ
ସେତେବେଳେ ମଣିଷର ରକ୍ତରେ ଜୀବନ୍ତ ହୁଏ ହଠାତ୍ ଅମୃତ ତାର
ପଞ୍ଚଭୂତ କାମନାର ମୃତ ମୃଗ ସ୍ମୃତି କେତେ ଏଠାଁ ଆର
ପୁଞ୍ଜ ପୁଞ୍ଜ

ମୁଁ ତେଣୁ ପତ୍ରକୁ ଯେବେ ଫେରେ ଗୁନ୍ଧେଁ ମୋ ସନ୍ଧ୍ୟାର
ବ୍ୟଥା ଓ କ୍ଳାନ୍ତିରେ
ମୋର ସବୁ କାମନାର ନୀରବର ପ୍ରେତାତ୍ମା ଯେବେ ପାଲଟେ
ଏ ଧୂସର ପଲ୍ଲବ
ହୁଏତ ଏ ପୃଥିବୀକୁ ଭଲପାଏ ଦେହ ମୋର ସ୍ମୃତିର
ଏ ବେଦନା ଭିତରେ
ତଥାପି ମୋ ଶୃଣପାଖେ ସମସ୍ତର ହାହାକାର ମୃତ୍ୟୁର
ଏ ଚରମ ଶୂନ୍ୟତା
ଶୂନ୍ୟ ଏହି ବେଦନାର ବିଷଣ୍ଣ ଏ ଗୋଧୂଳିରେ, ଏ ପୃଥିବୀ
ଏ ମ୍ଳାନ ଆକାଶ
ଏହି ବେଦନା ବିଷଣ୍ଣ ଏ ଗୋଧୂଳି, ଏ ପୃଥିବୀ ଏମ୍ଳାନ ଆକାଶ
ଆଉ ମୋର ସାମ୍ନାରେ ଏହି ବାଟ ଦୁପାଖର ଏହି ଧଳା
କ୍ଷୀରକୋଳି ଫୁଲ
ସ୍ମୃତିର ବେଦନା ଅବା ଅଜ୍ଞାତର ଅସ୍ଥାରେ ବା ସତ
ଆଉ ଆସନ୍ନ ମୃତ୍ୟୁରେ
ପାଏ ପୁଣି ଅର୍ଥନ୍ୟାସ ଆକାଶ ଓ ଏ ପୃଥିବୀ
ଏହି ମୋର ଦେହ ତଳେ ଏହି ଝଡ଼ାପତ୍ର ଆଉ
ଏହିବାଟ ଦୁପାଖର କଂଟା ଆଉ କ୍ଷୀର କୋଳିଫୁଲ ।

Digitized by srujanika@gmail.com

ଗୁରୁ ପ୍ରସାଦଙ୍କ 'ସିଡ଼ୁଆ' ଏକ ସୁନ୍ଦର ଲିରିକ୍ । କବିଙ୍କ ଆଗରେ ଏହା ଦୁଇଟି ପୃଥିବୀ ଉନ୍ମୋଚନ କରେ । ଗୋଟିଏ ବାସ୍ତବର, ଅନ୍ୟଟି ସ୍ୱପ୍ନର । ଏ ସ୍ୱପ୍ନର ପୃଥିବୀର ପୁଣି ଦୁଇଟି ଦିଗ । ଗୋଟିଏ ସୁନ୍ଦର, ଅନ୍ୟଟି ଭବିଷ୍ୟତ କାମନାର । ଏ ସବୁ ଚେତନା ମଧ୍ୟରେ ଆଉ ଗୋଟିଏ ଚେତନା ଛନ୍ଦାଛନ୍ଦ । ସେ ଚେତନାଟି ହେଉଛି ସମସ୍ତ ଚେତନା । ତେଣୁ 'ସିଡ଼ୁଆ' ଏଇ କାଳ, ଏଇ ସୁନ୍ଦର ପ୍ରକାଶ । ବର୍ତ୍ତମାନର ଗୋଟିଏ ମୁହୂର୍ତ୍ତରେ ଅତୀତ ଆଉ ଭବିଷ୍ୟତ ଜରିଆରେ ଏ ଜୀବନର ଏକ ଆବେଗମୟୀ ପ୍ରକାଶ । ତେଣୁ ଏ କବିତାଟିରେ ଗୁରୁପ୍ରସାଦୀୟ ଚେତନା ପୂର୍ଣ୍ଣ ବିକାଶ ଲାଭ କରିଛି । ଏ ପ୍ରବନ୍ଧର ଉଦ୍ଦେଶ୍ୟ ଏହି କବିତାକୁ ବିଶ୍ଳେଷଣ କରି ଏହି ଚେତନାକୁ ଅନୁଭବ କରିବା ।

୧

କବିତାର ଆରମ୍ଭ ହୁଏ 'ଧାନସିଡ଼ି' ନଈର ବର୍ଣ୍ଣନାରୁ । ଧାନସିଡ଼ି ନଈର ଉଲ୍ଲେଖ ସଚି ରାଉତଙ୍କୁ ମନେ ପକାଏ । ତାଙ୍କ କବିତାର ଏ ନଈ ସ୍ୱପ୍ନ, ଗ୍ରାମ୍ୟ ଶୋଭାର ଏକ ସ୍ୱପ୍ନିଳ ପରିବେଶ ସୃଷ୍ଟି କରେ । ଏହା ଯେମିତି ଏକ କୁଟିର 'ପୃଥିବୀ' । ପ୍ରକୃତିର ଶୋଭାରେ ଭରପୂର । ସୁଖ ଆନନ୍ଦର ଶିଖରେ ଝଲମଲ । ମାତ୍ର 'ସିଡ଼ୁଆ' ଏମିତି ନଈଟିଏ ନୁହେଁ । ଏହା କବିଙ୍କ ଗାଁର ଅତି ସାଧାରଣ ଶୀର୍ଣ୍ଣ ଧାରଟିଏ । ଏହାର ପାଣିରେ ସ୍ୱପ୍ନର ଇନ୍ଦ୍ରଧନୁ ଫୁଟେ ନାହିଁ । ସଚି ବାବୁଙ୍କ ନଈ ସହ ତୁଳନାର ସୂଚନା ଦ୍ୱାରା କବିଙ୍କର ବାସ୍ତବ ଚେତନା ସ୍ପଷ୍ଟ । ଅର୍ଥାତ ଏକ ବାସ୍ତବ ଦୃଷ୍ଟିକୋଣ ନେଇ ସେ 'ସିଡ଼ୁଆ'କୁ ଦେଖିଛନ୍ତି । ତାଙ୍କ ମନର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏ ନଈର ପାଣି 'ବିବର୍ଣ୍ଣ', 'ଶ୍ରୀହୀନ' । ଏହାର 'ଗୁଗୁଚିଆ ବଣ' ପାରି ହୋଇ ପବନ ଆସେ 'ଖୋଜି ଖୋଜି 'ଆଖିପତା' ଭିତର ଆଲୁଅ' । ଏଠାରେ ସାଧାରଣ ଜୀବନ, ସାଧାରଣ ପ୍ରକୃତି, ମୁଗ, କୋଳଥ କଅଁଳ । 'ନଗ୍ରୁଟିଆ ପଡ଼ିଆ' ଉପରେ ଜହ୍ନ ଉଠିବା ପୁଣି ବାଦୁଡ଼, କୁହୁଡ଼ି କାକର ସବୁ ବାସ୍ତବ ପରିବେଶ ସୃଷ୍ଟି କରନ୍ତି । ଏହାର ଭିତରେ ମଣିଷର 'ଆଶା ଆଉ ନିରାଶା'।

Digitized by srujanika@gmail.com

ଏ ସବୁ ଭିତରେ ମାଟି ଓ ମଣିଷର ସଂପର୍କ । ଅାଦିମ, ନିବିଡ଼ । ଆଉ ଏ ସମ୍ପର୍କର ପ୍ରତୀକ ଏ ସିଡ଼ୁଆ ନଈ ।

ଏଇ ପରିବେଶ, ଏଇ ସମ୍ପର୍କ ସହ ଏକ ହୋଇଛି କବିଙ୍କର 'କାମ୍ୟ ଆଉ ପ୍ରେସ୍ଥ' । ଏହାରି ଭିତରେ ଏକ ହୋଇଛି "ମୋ ଆତ୍ମାର କେତେ ସେ ପିପାସା" । ଏଇ ଗ୍ରାମ୍ୟ ପରିବେଶ ଭିତରେ କବିଙ୍କ ସତ୍ତା ଏକ ହୋଇଛି । 'ଘାସ, କାକର ଓ ଧାନର ମହକ ଭିତରେ । ଏହି ସମ୍ପର୍କରେ ହିଁ କବି ଚେତନା ଉର୍କିମାରେ । ଏ ଚେତନା ହେଉଛି ସମୟର ଚେତନା । ଏ ଚେତନା ପରିବର୍ତ୍ତନର ଚେତନା । ବସ୍ତୁର ବଳି-ସିବାର ଚେତନା । ଏହି ଚେତନା ତାଙ୍କ ସତ୍ତାକୁ 'କ୍ଲାନ୍ତ' କରେ । ମନରେ ଅନେକ ତୃଷ୍ଣା ଜଗାଏ ; ଅନେକ 'ସନ୍ଦେହ, ଘୃଣେ । ଏହାହିଁ କବିତାର ପ୍ରଥମ ସ୍ତରର ଚେତନା । ତେଣୁ 'ସିଡ଼ୁଆ' ଏକ ସାଧାରଣ ନଈ ହେଲେ ହେଁ କବିଙ୍କ ପାଖରେ ଏହା ଏକ ଅସ୍ତିତ୍ୱ । ଯା'ର ସ୍ମୃତି କବିଙ୍କୁ ନିଜ 'ସତ୍ତା', 'ଆତ୍ମା' ବିଷୟରେ ସଚେତନ କରାଏ । ସିଡ଼ୁଆ ଏଇ କାଳ, ଚେତନାର ପ୍ରତୀକ, ଏଇ ସ୍ମୃତିର ପ୍ରତୀକ ।

ସମୟ ସ୍ରୋତରେ କବି ଏ ସିଡ଼ୁଆ ପାଖରୁ ବିଚ୍ଛିନ୍ନ । ଆଉ ଘୂରି ଫେରି ସେ ପୁଣି ସେ ଏ ନଈର କୋଳକୁ କେବେ ଫେରନ୍ତି । ଏ ଫେରିବାର 'ସାର୍ଥକତା' କେଉଁଠିବା ରହିବ । କାରଣ ସେ କ'ଣ କେବେ ସେଇ ପୁରୁଣା ଲୋକ ହୋଇ ସେ ପୁରୁଣା ପୃଥିବୀକୁ ଫେରି ପାରିବେ ? ତାଙ୍କ 'ଆତ୍ମାର ଅତୀତ' କୁ ଫେରି ପାଇବେନି । ତାଙ୍କ ପରିଚିତ ପୃଥିବୀ ବଦଳି ଯାଇଥିବ । ତାଙ୍କ ଆଗରେ ଖାଲି ପଡି ରହିଥିବ ଅସଂଖ୍ୟ ପାଦଚିହ୍ନ, ସାଇକ୍ଲ ଚକ ଦାଗ । ଏ ବର୍ଣ୍ଣନା ଅତି ମର୍ମସ୍ପର୍ଶୀ । ଏହା ଏକାଧାରରେ ସମୟର ପରିବର୍ତ୍ତନ ସୂଚାଉ ଥିବାବେଳେ ଅନ୍ୟ ଦିଗରେ ଗ୍ରାମ୍ୟ ଜୀବନର ଏକ ମର୍ମସ୍ପର୍ଶୀ ବର୍ଣ୍ଣନା ଦିଏ । ଆମ ଗାଁ ଭିତରକୁ ପଶିଆସେ ଟାଟା, କଲିକତା ଓ ଗଡ଼ଜାତର ଗୃହକଣ୍ଠ । 'ସିଡ଼ୁଆ' କୋଳରେ, ତାର

Digitized by srujanika@gmail.com

ଅପରବର୍ତ୍ତନ ଭିତରେ ବସ୍ତୁଟ ନାଟକ ଘଟିଯାଏ । ଆଉ କବିଙ୍କ ପାଇଁ ଖାଲି ଛୁଟି ଯାଇଛୁ "ସ୍ମୃତିର କାରୁଣ୍ୟ ଭରା ଏ ବାଟର ବ୍ୟର୍ଥତା ଓ ନିରର୍ଥକ ନିଶବ୍ଦ ବେଦନା ।" କବିଙ୍କ ମନରେ ପ୍ରଶ୍ନ ଉଠିଛି—

"ଏହି ଛାଇ ଅନ୍ଧାରରୁ ସମୁଦ୍ରର ସେ ପାଖରୁ ଯେମାନେ ଆସିବେ
ଜଣ ଫେରି ଏହି ଧାନ ମସ୍ତକରେ
ପରତ୍ୟକ୍ତ ଯେତେ ଆଶା କାମନାରୁ ପରେ ପଛେ
ଏହି ଭଲ ପାଇବା ଓ ଏ ଗାଁ ର ନିଶବ୍ଦ ଦେହକୁ ?"

ଏହି ପ୍ରଶ୍ନର ଉତ୍ତର ନିଶ୍ଚିତ ହେବେ ନା । କାରଣ ଅତୀତ କେବେ ଫେରେନା । ଗାଁକୁ ଅତୀତ ଆଉ ଫେରିବନି । କବି ତାଙ୍କର ଅତୀତ ସେ ଦିନକୁ ଆଉ ପାଇବେନି ।

ତେଣୁ କବିତାର ଶେଷ ଭାଗ ନିଶ୍ଚିତ ହେବେ ସ୍ମୃତିର ଯନ୍ତ୍ରଣା । କବିଙ୍କ ପ୍ରାଣରେ କିଛୁ ହଜେଇ ଦେଇଥିବାର ଅବଶୋଷ । ଏ ଯନ୍ତ୍ରଣା ଭଲ ପାଇବାର । ଯା'କୁ ଭଲ ପାଇଥିଲେ, ଯା' ସାଥିରେ ଖେଳିଥିଲେ ସେ ହଜିଯାଇଛି । ଆଉ ଆସିବେନି । ସେମାନେ ଆଜି ସବୁ ସ୍ମୃତି । କବି ମାନସରେ କାରୁଣ୍ୟର ହିଲ୍ଲୋଳ ସୃଷ୍ଟି କରୁଛନ୍ତି । ସେମାନେ ଆଜି ଆଉ ବର୍ତ୍ତମାନ ନୁହନ୍ତି- 'ଜୀବନର ପ୍ରତିଧ୍ୱନି' ଶୁଣାନ୍ତିନି । ସେମାନେ ଆଜି ଅତୀତ । କବିଙ୍କ ପ୍ରାଣରେ ବେଦନାର ପ୍ରତିଧ୍ୱନି ତୋଳନ୍ତି । ଏମାନେ ବର୍ତ୍ତମାନକୁ ହାହାକାରମୟ କରନ୍ତି ।

"ନିଶବ୍ଦ ଏ ବେଦନାର ସ୍ତିମିତ ..ଏ ଅଚ୍ଛନ୍ନତା ସମୁଦ୍ରର ସ୍ତିମିତ ମୂର୍ଚ୍ଛା
'ଅତୀତର ସ୍ମୃତି ସବୁ ସେମାନେ ଏ ଦିନାନ୍ତର ସୀମାର ସେପାଖେ
ଆଜି କିଣ ଛୁଡ଼ା ହୋଇ ଏ ପାଖର ଏହି ବାଲି, ସିଢ଼ି ଆଉ ଶୀର୍ଣ୍ଣ ଏହି
ଦେହର ସୀମାରେ
ସେମାନେ ଶୁଣନ୍ତି କିଣ ଜୀବନର ପ୍ରତିଧ୍ୱନି ?'

Digitized by srujanika@gmail.com

ଅତୀତର ସ୍ମୃତି ମନକୁ ବେଦନା ବିଧୁର କରେ । ଅତୀତର ଅମ୍ଳାନ ସ୍ମାରକୀ ମନକୁ ଆଲୋଡ଼ନ କରେ । ମାତ୍ର ଏଇଠାରେ ଏ ଚେତନା ସୀମିତ ନୁହେଁ । ଏହା କେବଳ ଆବେଗପ୍ରବଣତା ନୁହେଁ । ଯା, ଆମେ ଗୋଲ୍ଡସ୍ମିଥ୍ଙ୍କ 'ଡେଜାର୍ଟେଡ୍ ଭିଲେଜ୍' କବିତାର ଅନେକ ଅଂଶରେ ପାଉ । ଏଠାରେ ଗ୍ରେ'ଙ୍କ ଭାବଗମ୍ଭୀର ଆବେଗର ସୂଚନା ମିଳେ । ମାତ୍ର ସବୁଠାରୁ ବଡ଼ କଥା ହେଉଛି ଏହି ଆବେଗପ୍ରବଣତାରେ ଉଣ୍ଟି ନ ହୋଇ ଆମକୁ ସମସ୍ତଙ୍କର ଚିରନ୍ତନତା ବିଷୟରେ ସୂଚନା ଦିଏ ।

ତେଣୁ ଅତୀତର ସ୍ମୃତି, ଗାଁର ସ୍ମୃତି ବୃଦ୍ଧମନର ପ୍ରଶ୍ନ ତୋଳେ । ଜୀବନର ପାର୍ଥିବ ରୂପ କବିଙ୍କ ଆଗରେ ଦେଖାଦିଏ । ଜୀବନର ହାରଜିତ, ଆଶା, ବ୍ୟର୍ଥତା ପରେ ଯେତେବେଳେ ଦେଇ ଅନ୍ତିମ ପ୍ରହର ଘୋଟି ଆସେ ସେତେବେଳେ ଏଇ ଗାଁର ପରିଚିତ ମାଟି, ତାର ସ୍ନେହ, ସୌନ୍ଦର୍ଯ୍ୟ କୋଳରେ ଶେଷ ନିଶ୍ୱାସ ଛାଡ଼ିବା ବେଳେ, ଏ ନଶ୍ୱର ଭଲପାଇବା, ଏ କୁହୁଡ଼ି, ଓ ହଳଦି ବସନ୍ତର ରୂପ ଚହଟି ଉଠେ । ମଣିଷ ତା ଗାଁ ସହ ଏକ ହୁଏ । ଦୂର ବିଦେଶ ହୁଏତ ପ୍ରତିପତ୍ତି ଦିଏ, ଅର୍ଥଦିଏ ମାତ୍ର ଏ ମମତାକୁ ଛଡ଼ାଇ ପାରେନା । ମନ ଘୁମୁରି ଘୁମୁରି ତା'ରି କୋଳକୁ ଫେରିଯିବାକୁ ଚାହେଁ । ଯେମିତି ସୁରେନ୍ଦ୍ର ମହାନ୍ତିଙ୍କ 'ନିଃରଙ୍ଗ ଆକାଶ'ର ନାୟକ ତା ଗାଁକୁ ଫେରି ଯାଇଥିଲା । 'ସିଡ଼ୁଆ' ଏହି ମମତାର ଛବି । ଆଉ ବହୁଦିନ ପରେ ସମସ୍ତଙ୍କର ଏତେ ପରିବର୍ତ୍ତନ ପରେ ବି ଏଇ ମାଟିର ଡାକ, ଝିଙ୍କାରିର ଡାକ ହୋଇ ଶୁଭେ । କୁହୁଡି ହୋଇ ଆଖିକୁ ଧୂଆଁ କଳା କରିଦିଏ । କଳଙ୍କି ପରି କାଳ ଗାଁକୁ, ମନକୁ ଖାଇଗଲେବି ପଛକୁ ଚାହିଁବାକୁ ପଡ଼େ । ଭଲ ପାଇବାର ଅଭାବ ନିକାଶ କରିବାକୁ, ପୁଣି ତାର ଉଷ୍ମତାକୁ ଉପଲବ୍ଧି କରିବାପାଇଁ — ଯେମିତି --

"ମୁଁ ଫେରି ପଛକୁ ଚାହେଁ
କେତେ ଖରା କାକର ଭିତରେ

Digitized by srujanika@gmail.com

ଷଷ୍ଟ ହୋଇ ଯାଇଥିବା କେତେ ଭଲ ପାଇବାର ହିସାବ
ଜାଣେ କେତେ ସତୀ କେତେ ଜଣିକ ସମସ୍ତ ।"

ଏଠାରେ ସ୍ମୃତି, ପ୍ରକୃତି ଆଉ ସମସ୍ତ ସବୁ ଏକାକାର ହୋଇ କବିଙ୍କ ମନକୁ ଛୁଇଁ ଯାଇଛନ୍ତି । ଏହି ମିଶ୍ର ଚେତନା ଯାହା ଜୀବନର ଅନ୍ୟ ଏକ ଛବି ତାହା ପ୍ରତୀକ ଏଇ ସିଡ଼ୁଆ ।

କବିଙ୍କ ମନ 'ବିଦେଶୀ କବିର ଆତ୍ମା' । ଧ୍ୟାନ ମନ୍ଦିରରେ ସେ ଫେରୁଥିବ ଖୋଜି ଖୋଜି 'କାମନାର ଦେହ', ଭଲ ପାଇବାର ଦେହ' । ଆଉ ଏଇ ଭଲପାଇବା ହିଁ ଜୀବନର ମୂଳ । ସୃଷ୍ଟିର ମୂଳ । ଏହାରି ପାଇଁ ଏ ପୃଥିବୀ 'ଏତେ ରୂପବତୀ' । ପଉଷର କୁହୁଡ଼ି ବା ଜ୍ୟେଷ୍ଠର ଦ୍ୱିପ୍ରହର ଭିତରେ ହିଁ ସ୍ମୃତି ହୋଇ ଏ ଭଲ ପାଇବା ଜଳୁଛିଠେ "ପୁଞ୍ଜିଭୂତ କାମନାର ଯୁଗ ଯୁଗ ସ୍ମୃତି କେତେ ଏ ଗାଆଁର ପୁରୁଷ ପୁରୁଷ" ।

କବିଙ୍କ ଆଗରେ ତେଣୁ ଦୁଇଟି ପୃଥିବୀ । ଗୋଟିଏ ସ୍ମୃତିର, ଗୋଟିଏ ବାହ୍ୟ ପ୍ରକୃତିର । ସ୍ମୃତିର ପୃଥିବୀ ଭଲପାଇବାର ଚରନ୍ତ । ଏହା ଏକ ସମ୍ଭିତର, କାମନାର ପୃଥିବୀ । ମାତ୍ର ଏହାକୁ ଘେରି ରହିଛି ବାସ୍ତବ ପୃଥିବୀଟିଏ । ଏହା ସମୟର କ୍ରୂର କୋଳରେ ଛିନ୍ନ ଭିନ୍ନ । ଏହା ମୃତ୍ୟୁ ଶୀତଳ । ଏହି ସମୟର ଶିକାର ସମସ୍ତେ; କବି ନିଜେ ମଧ୍ୟ । ତଥାପି ଏ ଷଷ୍ଟ ଭିତରେ ତାଙ୍କୁ ବଞ୍ଚାଇ ରଖିଛି ତାଙ୍କ ଭଲପାଇବା । ତାଙ୍କ 'ସ୍ମୃତିର ବେଦନା' ମାତ୍ର ତାଙ୍କୁ ଘେରି ନାଚୁଛି "ସମୟର ହାହାକାର ମୃତ୍ୟୁର ଏ ଚରମ ଶୂନ୍ୟତା ।"

ଏହି ଦୁଇ ପୃଥିବୀର ସଂଘର୍ଷ ହେଉଛି ଏ ସିଡ଼ୁଆ । ଏକଦିଗରେ ସେ ପ୍ରକୃତିର ସବୁ ସୌନ୍ଦର୍ଯ୍ୟର ଧାତ୍ରୀଟିଏ, ଅନ୍ୟଦିଗରେ ସେ କାଳର ପ୍ରତୀକ । ଉପରୋକ୍ତ ଦୁଇ ପୃଥିବୀ ପୁଣି ମନ ଆଉ ବାହ୍ୟତାର ଚତବ

Digitized by srujanika@gmail.com

ଯୋଗସୂତ୍ରଟିଏ । ମାତ୍ର ଏହା ଚରମ ପରିଣତି ନୁହେଁ । ଏହା ଅଭିଜ୍ଞତା । ମାତ୍ର ପରିଣତ ପକ୍ୱତା ନୁହେଁ । ଏ ଅଭିଜ୍ଞତା ହୁଏ ତ କବିଙ୍କ ପ୍ରାଣରେ ହତାଶା ଭରିଛି । ଭରିଛି ଶୂନ୍ୟତା, ବିଷର୍ଣ୍ଣତା, ତାଙ୍କ ଆଖିରେ ଆକାଶ ବିଷର୍ଣ୍ଣ ହୋଇଛି, ମାତ୍ର ଏହି ଶୂନ୍ୟତା ଭିତରେ ଯେମିତି ଆଉ ଗୋଟିଏ ପୃଥିବୀର ଉଦୟ ହେଉଛି । ମୃତ୍ୟୁଦଗ୍ଧ, ମୃତ୍ୟୁ-ଷଦ୍ମ, କ୍ଳାନ୍ତ ଶ୍ରାନ୍ତ ମନ ଏକ ନୂଆ ସତ୍ୟର ସନ୍ଧାନ ପାଏ । ଏ ସମସ୍ତ ଅପରିବର୍ତ୍ତନୀୟ ପରିବର୍ତ୍ତନତା 'ଅର୍ଥନ୍ୟାସ' ପାଏ । ସୁତ୍ରା 'ସେ ପାଖର ଧଳା ଷୀର କୋଳ ଫୁଲ' ନୂଆ ସଙ୍ଗୀତର ସୂଚନା ଦିଏ ଏହା ଯେମିତି ଏହି ପୃଥିବୀ ଭିତରେ ହିଁ ପୃଥିବୀକୁ ଉତ୍ତର ଦିବାର ଚେତନା ।

"ଶୂନ୍ୟ ଏହି ବେଦନାର ବିଷର୍ଣ୍ଣ ଏ ଗୋଧୂଳିରେ, ଏ ପୃଥିବୀ ଏ ମ୍ଳାନ ଆକାଶ
ଆଉ ମୋର ସାମ୍ନାରେ ଏହିବାଟ ସେପାଖର ଏହି ଧଳା ଷୀରକୋଳ ଫୁଲ
ସ୍ମୃତିର ବେଦନା ଅବା ଅତୀତର ଅନ୍ଧାରେ ବା ସେଠ ଅଉ ଆସନ୍ନ ମୃତ୍ୟୁରେ
ପାଏ ପୁଣି ଅର୍ଥନ୍ୟାସ ଆକାଶ ଓ ଏ ପୃଥିବୀ
ଏହି ମୋର ଦେହ ତଳେ ଏହି ଝଡ଼ା ପତ୍ର ଆଉ
ଏହି ବାଟ ସେପାଖର କଂଟା ଆଉ ଷୀର କୋଳ ଫୁଲ ।"

ତାଙ୍କ ଦେହ ତଳେ 'ଝଡ଼ା ପତ୍ର' ପୁଣି 'ଷୀର କୋଳ ଫୁଲ ଜୀବନ୍ୟାସ ପାଏ । ଅତୀତ, ମୃତ୍ୟୁ କାଳ ଭିତରେ କାଳୋତ୍ତୀର୍ଣ୍ଣ ହୁଏ । ଏହାହିଁ ତୃତୀୟ ପର୍ଯ୍ୟାୟର ଚନ୍ତାଧାରା । ଏଥିରେ ସମସ୍ତ ସ୍ୱୀକୃତ ପରେ ସବୁକୁ ଟପିଯିବାର ସୂଚନା । ଏକ ମହାସତ୍ୟର ସମ୍ଭାବନା ।

ଏହାହିଁ ମୋଟାମୋଟି କବିତାର ଚନ୍ତାଧାରା ଏହା ତିନୋଟି ପର୍ଯ୍ୟାୟରେ ପ୍ରକାଶିତ । ଏବଂ ସମସ୍ତ 'ସିଡ଼ୁଆ'କୁ କେନ୍ଦ୍ର କରି । ପ୍ରଥମ ପର୍ଯ୍ୟାୟରେ ଏହା ଏକ ସ୍ଥିତି । ବୈଚିତ୍ର୍ୟହୀନ ସାଧାରଣ ନଈଟିଏ ମାତ୍ର କବିଙ୍କ ସହ ଏକାନ୍ତ । ୨ୟ ସ୍ତରରେ ଏହା ଅତୀତ ଓ ମୃତ୍ୟୁ, ଏବଂ ୩ୟରେ ଏହା

Digitized by srujanika@gmail.com

ଜୀବନାନୁଭୂତିର ନିର୍ଯ୍ୟାସ । ତେଣୁ ଅନୁଭୂତି ଆଉ ଆବେଗର ସେଉଁ ବିଭିନ୍ନ ସ୍ତର ଏଥିରେ ଉନ୍ମୋଚିତ ହୁଏ ତାହାହିଁ ଏ କବିତାର ବିଶେଷତ୍ୱ । ପିତୃଆ କେବଳ ଅତୀତର ସ୍ମୃତି ନୁହେଁ, ଚଞ୍ଚଳ ପ୍ରକୃତି ନୁହେଁ, ପଳାଇଯିବାର ମାଧ୍ୟମଟିଏ ନୁହେଁ । ଏହା ହୋଇଥିଲେ ଏହା ସାଧାରଣ ସେଂଟିମେଂଟାଲ୍ ରୋମାଂଟିକ କବିତାଟିଏ ହୋଇଥା'ନ୍ତା । ମାତ୍ର ଏ ଅନୁଭୂତି ସହ କାଳ/ମୃତ୍ୟୁ ଚେତନା ଜଡ଼ିତ ହୋଇ-ଗୋଟିଏ ଚିରନ୍ତନତା ଆଡ଼କୁ ବିକାଶିତ ହେଉଥିବାରୁ ଜୀବନର ଏକ ଗଭୀର ଅର୍ଥ ଭରେ । ଏହା ଜୀବନର ଯନ୍ତ୍ରଣା ଓ ରହସ୍ୟକୁ ପ୍ରକାଶ କରେ ନାହିଁ, ତାର ସାମଗ୍ରୀକତାକୁ ଗ୍ରହଣ କରିଥାଏ । 'ଧାନର ମହକ', 'କୁହୁଡ଼ି, ଅନ୍ଧାର' ଏହି ସବୁର ସୂଚକ । ଏହା ଯେମିତି ମାଟି ଓ ମଣିଷର ସମ୍ବନ୍ଧ । କାଳର କୋଳରେ ଚିର ଛନ୍ଦିଷ୍ଟ ପୃଥ୍ୱୀତା ।

ଏ କବିତା ତେଣୁ ଆବେଗର ବିଭିନ୍ନ ସ୍ତରକୁ ଛୁଇଁଯାଏ । ଏହାର ପ୍ରକୃତି ବର୍ଣ୍ଣନା ଖାଲି ପରିବେଶ ସୃଷ୍ଟି କରେନା । ଏହା କବିତାର ଚେତନା ସହ ଅଙ୍ଗାଙ୍ଗୀ ହୋଇ ପ୍ରତୀକଧର୍ମୀ ହୋଇଯାଏ । ତିନୋଟି ଭାଗରେ ବିଭକ୍ତ ଏ କବିତା ସ୍ଥିତି, ସ୍ମୃତି ଓ ଶେଷରେ ମୃତ୍ୟୁ / ଓ ଜୀବନର ଏକ ମାର୍ମିକ ସମ୍ପର୍କ ତୋଳେ । ଏହାର ଭିତରେ ଫୁଟି ଉଠେ ନୈରାଶ୍ୟ, ଶୂନ୍ୟତା ଓ ନିଃସଙ୍ଗତାବୋଧ । ଏବଂ ଶେଷରେ ଏ ସବୁର ମିଶ୍ରଣ ଜୀବନର ଗ୍ରହଣ ।

ଏହା ଗୁରୁପ୍ରସାଦଙ୍କ ଏକ ସଫଳ ସୃଷ୍ଟି । କୌଣସି ପଦାଙ୍କ ଅନୁକରଣ ନ କରି ଏହା ତାଙ୍କ ଆବେଗର ବିଶୁଦ୍ଧ ଉଦ୍‌ଗିରଣ । ଏହାର ଭାଷା, ଛନ୍ଦ ନିଜସ୍ୱଭାବେ ଗୁରୁପ୍ରସାଦୀୟ, ଏକ ପ୍ରକାରସ୍ୱାଚ୍ଛନ୍ଦ୍ୟ, ଏଇ ପିତୃଆର ଧାରି ପରି-ଭାଷାରେ ଅନୁରଣିତ । ଆଧୁନିକ ଜୀବନର ବିଚ୍ଛିନ୍ନତାବୋଧ ଅତି ସୁନ୍ଦର ଭାବେ ଏଥିରେ ପ୍ରତିଧ୍ୱନିତ ହେବା ସଙ୍ଗେ ସଙ୍ଗେ ଏହା ଯେମିତି ଏକ ନିଃସଙ୍ଗ ଅହଂର ଛନ୍ଦିଷ୍ଟ ପୃଥ୍ୱୀକୁ ଗ୍ରହଣ କରିବା । ଯନ୍ତ୍ରଣା, ନିଃସଙ୍ଗତା ଭିତରେ ତିଳ ତିଳ ଜଳି ଶେଷରେ ଏହି ଜ୍ୱଳନକୁ ଜୀବନ ଭାବେ ଗ୍ରହଣ କରି ସତ୍ୟକୁ ଅନୁଭବ ଯିବା । ● ସୌମ୍ୟେନ୍ଦ୍ର ବାରିକ

Digitized by srujanika@gmail.com

ପରପୂର୍ଣ୍ଣ 'ଚୈତ୍ର' ହାତ ପାଆନ୍ତାରୁ ଖସିଯାଏ, ରୋମାଂଟିକ୍ ଚେତନାଟି ପାଣି ଓ ମାଟି ଖୋଜି ଖୋଜି "ବାଲିର ଅନ୍ଧାର ଭିତରେ" ହଜିଯାଏ । ବିବର୍ଜିତ ଅପନ୍ତ୍ର ବାଲୁସ୍ତୂପ ଭିତରେ "ମାଳମା" ବକ୍ଷବଂଧନୀ ଖୋଲି ଯେମିତି ନାଚଉଠେ । ସମସ୍ତ ପ୍ରତି ସଚେତନ ହୋଇ କବି ଭାବନ୍ତି ବୋଧହୁଏ "ମାଳମା" ଏକ ସାମୟିକ ସମ୍ମୋହନ, ଗର୍ଜନ ବୈଶାଖୀ ସନ୍ଧ୍ୟାର ଖଣ୍ଡେ ଧଳା ମେଘ ଯାହା ଭିତରେ ଆଶା, ପ୍ରାପ୍ତି ଓ ଶୂନ୍ୟତାର ଭେଲକିବାଜି, ସଭ୍ୟତା, ରାଜନୀତି ଅର୍ଥନୀତି ଓ ଜାଗରଣର ଆୟୋଜନ । ଏ ସମସ୍ତ ଭେଲକି ସାମ୍ନାରେ ମୁଖାପିନ୍ଧା ନାୟକର ପଦଯାତ୍ରା । ସେ ଦ୍ୱନ୍ଦ୍ୱମୟ ସ୍ଥିତିରେ ସ୍ଥବିର, ଗହଳରାସ୍ତାରେ ପାଦଥାଇ ମଧ୍ୟ ଅଥବା, ଶକ୍ତ ଥାଇ ମଧ୍ୟ ଉଦାସ ଅଂଧାର ବିଫଳତାର ମହୋତ୍ସବରେ ସେ ହତବାକ୍ । ସବୁ ସମ୍ଭାବନା ଯେମିତି କ୍ଷଣସ୍ଥାୟୀ ଗଜୂରା ସ୍ୱପ୍ନ । ସେ ସ୍ୱପ୍ନରେ ପତ୍ରଝଡ଼ା ମୁହୂର୍ତ୍ତ ମିଳେଇଯାଏ ମହାଶୂନ୍ୟରେ । ପତ୍ରଝଡ଼ାମୁହୂର୍ତ୍ତ ଭିତରେ ଦେହ ଖୋଜିଯାଏ ଦେହ, ପ୍ରାଣ ବି ଖୋଜିଯାଏ ଦେହ । ପ୍ରାଣ ଓ ଦେହର ଅନ୍ୱେଷା ଭିତରେ କ୍ରମଶଃ ଅବକ୍ଷୟ ଘାରିଯାଏ । ସେ ଯେମିତି ବି ଏକ ନାଟର ଦୂତ । ଏଂଟିରୋମାଂଟିକ୍ ଚେତନାରେ ଶରବ୍ୟ ହୋଇଲକ୍ଷ୍ୟକରେ ନାୟିକା ମନରେ ଫମ୍ପା ମେଘର ଭେଲକି । ସେଠି ଶାମୁକା ଭିତରେ ନାହିଁ ସ୍ୱପ୍ନ ବାଲୁଚର ପାଏ ନାହିଁ ଦୂର ନୀଳ ସାଗରର ସ୍ପର୍ଶ । ଯୌନ ବିକାରଗ୍ରସ୍ତ ସମ୍ଭୋଗ ସାମଗ୍ରୀ ସାମ୍ନାରେ ହତମନା ଓ ପରାସ୍ତ କ୍ଲୀବତ୍ୱର ମର୍ମଗତ ଦେହଜ ଯାତନା । ସେ ଗୋପନୀୟ ବ୍ୟକ୍ତିତ୍ୱର ଦ୍ରଷ୍ଟା,ଓ କାମନା ଜର୍ଜରିତ କ୍ଲୀବତ୍ୱର ଏଂଟିହିରୋ ।

ଜହ୍ନତ ଗୋଧୂଳିରେ କାବ୍ୟନାୟକ ପୁଂଜୀଭୂତ ଅପମାନ ଓ ପ୍ରାଣର ବେଦନାରେ ନଷ୍ଟ ସ୍ମୃତିକୁ ମର୍ମେ ମର୍ମେ ଅନୁଭବ କରନ୍ତି । ଜୀବନର ମୂଲ୍ୟ ତଳେଇ ଯାଉଛି । ସବୁ ଅସାରତା ଭିତରେ ନାୟିକା ପ୍ରତି ତାର ଉଦଗ୍ର ଅଭିଳାଷମୟ ପ୍ରତୀକ୍ଷା ।

ଗୁରୁପ୍ରସାଦଙ୍କ କାବ୍ୟ ପୁରୁଷଟି ବେଦନାଦଗ୍ଧ କାରୁଣ୍ୟର ଝଂକାର,

Digitized by srujanika@gmail.com

ଯନ୍ତ୍ରଣାଦଗ୍ଧ- ନିଷ୍ପ୍ରଭ-ଉଦାସ ଘେରା ଅବକ୍ଷୟୀ ଜୀବନର ନୀରବ ଦ୍ରଷ୍ଟା । କାବ୍ୟ ନାୟକଙ୍କି ଅନାବୃତ ହେବାଲଗି କରୁଣ କାମନାରେ ପାଠକର ଦୃଷ୍ଟି ଆକର୍ଷଣ କରେ । ନୂତନ ଭାବମୁକ୍ତ ଯୁଗ ଯନ୍ତ୍ରଣାର କ୍ଷୁଧା, ଅନ୍ୱେଷା, ଅସମର୍ଥତାର ଆହ୍ୱାନ ଭିତରେ ନାୟକ ଆମ ଗୃହ ପାଖରେ ଜଡ଼ତା ବୁଣିଦିଏ । ସ୍ଥିତାବସ୍ଥାର ମୂଲ୍ୟବୋଧ ବିରୁଦ୍ଧରେ କାବ୍ୟପୁରୁଷର ସ୍ୱର ମ୍ଳାନ ବରଂ ସ୍ଥିତାବସ୍ଥାର ନିଷ୍କରୁଣ ନିର୍ଯ୍ୟାତନା ନିକଟରେ ଦୟନୀୟ ଆତ୍ମସମର୍ପଣ । ସେଇଥି ପାଇଁ ନୈରାଶ୍ୟ ଓ ବେଦନା ବୋଧରେ ସେ ଚିରନ୍ତନ ଶରବ୍ୟ ଯନ୍ତ୍ର ଜୀବନ ସଂଗ୍ରାମରେ କ୍ଷତ ବିକ୍ଷତ କାବ୍ୟନାୟକ ଦୈହିକ କାମନାର ଉଦଗ୍ର ଅଭିଳାଷକୁ ବିଶୁଦ୍ଧ ଉତ୍ସର୍ଗୀକୃତ ପ୍ରଣୟାନୁଭୂତି ମଧ୍ୟରେ ପରିବ୍ୟାପ୍ତ କରି ପାରିଥାଆନ୍ତା ହୁଏତ ସ୍ଥିତାବସ୍ଥାର ଗଣ୍ଡି ଓ ତତ୍କାଳୀନ ମୂଲ୍ୟବୋଧ ନିକଟରେ ସାଲିସହୀନ ଜୟଯାତ୍ରାରେ ଦେହରୁ ଅଦେହୀ ହୋଇ ଅମ ପରମ୍ପରାର ଏକ ଭିନ୍ନ ଅବକ୍ଷୟୀ ରୂପ ଗଢ଼ି ତୋଳି ଥାଆନ୍ତା ।

କବି ଗୁରୁପ୍ରସାଦଙ୍କ ପ୍ରତିଭାରୁ ସଦ୍ୟ ପ୍ରସ୍ଫୁଟିତ ଫୁଲଟିଏ ଆଜି ଏବେ ଖୋଜିଲେ ମିଳେନା । ସେ ଡେଣାଭଂଗା ଚଢ଼େଇ ସ୍ୱରରୁ ଭିନ୍ନ ଉତୁରେ ଭିନ୍ନସ୍ୱରର ଗୀତଟିଏ ଏ ମାଟିରେ ଭାସିଯାଉ ।

ନିତ୍ୟାନନ୍ଦ ପତି

Digitized by srujanika@gmail.com

ଚଂପାଫୁଲ

ଚଂପାଫୁଲ ମନ୍ତ୍ରବଳରେ ବାଟ ଭୁଲେ ସମୁଦ୍ରର ଢେଉ
ଆସିଥିଲା କୂଳ ଡେଇଁ ଶୁଖିଥିଲା ଉପନଦୀ ଛଡ
ପଥର ତରଳିଥିଲା ମଶାଣିର ଭୂତ ପ୍ରେତ ଛଡ଼ି
ରଜବତୀ କନ୍ୟା ଲାଗି ଯୋଗୀଥିଲା ମଦନରେ ମାତି ।

ଚଂପାଫୁଲ ହାତେ ଧରି ମନାସିଲା ଯାଦୁକରୀ ଥରେ
ପଥର ପାଲଟି ହେଲା ରଜାପୁଅ, ହାଡ଼ ସବୁ ହେଲା ମୁକ୍ତାଫୁଲ
ରଜାଝିଅ ବେଣୀଫୁଲ ଖସିଗଲା ଧୂଏ ଧୂଏ ଭସି
ଗୋଟିଏ ଫୁଲରେ ପୁଣି ହେଲା କୋଟି ମନିଷର ମୂଲ ।

ଚଂପାଫୁଲ ମନ୍ତ୍ରବଳରେ ଏଡ଼େ ସେ ଯେ ଦାରୁଣ କୁହୁକ
ରକ୍ତେ ଯାଏ ନିଆଁ ଲାଗି ଛାତି ଅଉ ନିଶ୍ୱାସରେ ନିଆଁ
ଛାତି ଅଉ ନିଶ୍ୱାସରେ ନିଆଁ ସେ ଯେ ଦେହେ ଦେହେ ବିଜୁଳି ଚମକ
ବିଜୁଳି ଚମକ ସେ ଯେ ବଣ ନିଆଁ, ସବୁ ଯାଏ ଛିନ୍ନ ଭିନ୍ନ ହୋଇ,
ପୃଥିବୀ ଛାତିରେ ଲେଟି ପୋଡ଼ିଯାଏ ଜଳିଯାଏ ସବୁ
ମାଂସପୁଟେ ଫୁଲ ହୋଇ ମନ ସଙ୍ଗେ ରୋମାଞ୍ଚରେ ଶୋଇ ।

ସାଧାରଣ ଅର୍ଥରେ 'ଚଂପାଫୁଲ'କୁ ରୋମାଣ୍ଟିକ୍ ଚେତନା, ଯୌନ ଉତ୍ତେଜକ (ସେନସୁଆଲ) ଶକ୍ତି କିମ୍ବା ଦେହ ବା କାମନାର ପ୍ରତୀକ ରୂପେ ଗ୍ରହଣ କରାଯାଇପାରେ । ଯାହାହେଉ କି 'ଚଂପାଫୁଲ' ଦେହ,ମନ ଆଉ ନିଶ୍ୱାସରେ ନିଆଁ ଜାଳିଦିଏ,ବିଜୁଳିଚମକ ଖେଳାଇ ଦିଏ । ପ୍ରମାଣ ସ୍ୱରୂପ କବିତାଟିର ଶେଷଛଅଧାଡ଼ି ଗ୍ରହଣ କରାଯାଇ ପାରେ ।

କେବଳ ନଶ୍ୱର ମାନବ କାହିଁକି, ଚମ୍ପାଫୁଲ 'ମନ୍ତ୍ର'ରେ ସମୁଦ୍ର ଢେଉ ବାଟ ଭୁଲି ଆସେ, ପୂର୍ଣ୍ଣଗର୍ଭା ନଦୀ ଶୁଷ୍କ ହୋଇଯାଏ । ପଥର ତରଳି ଯାଏ, ଯୋଗୀ ନିଜର ମୌଳିକ କାର୍ଯ୍ୟ ପରିତ୍ୟାଗ

Digitized by srujanika@gmail.com

କଛି ରଜବଣ୍ଡୀ କନ୍ୟା ସଙ୍ଗ ରତିକ୍ରିୟାରେ ମଜ୍ଜିଛନ୍ତି । 'ପଥର'କୁ ଏଠାରେ ଶ୍ମଶାନବାସୀ ଯୋଗୀର ହୃଦୟ ବା ପ୍ରବୃତ୍ତି ସହିତ ତୁଳନା କରି ବିଚାର କଲେ ଅର୍ଥ ସ୍ପଷ୍ଟ ହୁଏ । ଅର୍ଥାତ୍ ଯେଉଁ ଯୋଗୀ-ପୁରୁଷର କାମନା ହେଉଛି ଭୂତପ୍ରେତକଣ୍ଟକିତ ସ୍ଥାନରେ ଯୋଗ ସାଧନା, ସେ 'ଚମ୍ପାଫୁଲ ମନ୍ଦିର'ରେ, କାମନାର ତୀବ୍ର ଜ୍ୱାଳାରେ ବା ଦେହ ବାସନାର ବଶବର୍ତ୍ତୀ ହୋଇ (ରଜବଣ୍ଡିକନ୍ୟା ପାଇଁ) ସବୁ କିଛି ପରିତ୍ୟାଗ କରି ରତିକ୍ରିୟାରେ ନିମଗ୍ନ ରହିବାକୁ କୁଣ୍ଠା ପ୍ରକାଶ କରିବନାହିଁ । ଏ ପ୍ରସଙ୍ଗରେ ଆମର ସ୍ମରଣ ହୁଅନ୍ତି ଜରତା ବେଶ୍ୟା ଓ ଋଷ୍ୟଶୃଙ୍ଗ ମୁନି ।

କବିତାର ବିଷୟ ପର୍ଯ୍ୟାୟରେ ଆମେ ଭେଟୁ ଅନ୍ୟ ଏକ ଲୋକକଥାକୁ, ତାହା ମଧ୍ୟ ଦେହଜ ପ୍ରେମକୁ ନେଇ ଉଦ୍ଭାସିତ । ଲୋକକଥାଟି ହେଲା— କାଉଁରୀ କାମାକ୍ଷା ଦେଶର ରୂପସୀମାନେ ସୁନ୍ଦର ଯୁବକମାନଙ୍କୁ ଯାଦୁବିଦ୍ୟା ବଳରେ ଦିବସରେ 'ମେଣ୍ଢା'ରେ ଏବଂ ରଜନୀରେ 'ଭେଣ୍ଡା'ରେ ରୂପାନ୍ତରିତ କରି ସେମାନଙ୍କ ଦେହଜ କ୍ଷୁଧାକୁ ତୃପ୍ତି କରାଇଥାଆନ୍ତି । ଏହି କଥାକୁ ଗୁରୁପ୍ରସାଦ ପରୋକ୍ଷ-ଭାବେ କହିଛନ୍ତି ଯେ, ଯାଦୁକରୀ ବା ନାରୀ ସେଇ ଉତ୍ତେଜନାମୟ ବା ମାନ୍ତ୍ରିକ ଶକ୍ତି ପ୍ରୟୋଗକଲେ 'ପଥର' ରାଜପୁତ୍ରରେ ଏବଂ ହାଡ଼ ମଧ୍ୟ ମୁକ୍ତାଫୁଲରେ ପରିଣତ ହୋଇଯାଏ । ଆଉ ଏକ ଅତି ପରିଚିତ ଲୋକକଥାନୁସାରେ, ରାଜଝିଅର ବେଣୀରୁ କେବଳ ଗୋଟିଏ ମାତ୍ର 'ଚମ୍ପାଫୁଲ' ଝରିପଡ଼ି ସ୍ରୋତରେ ଭାସିଗଲେ ତାହା କୋଟି କୋଟି ମଣିଷଙ୍କ ହୃଦୟରେ ଆଲୋଡ଼ନ ସୃଷ୍ଟି କରେ ।

ସୌମ୍ୟେନ୍ଦ୍ର ବାରିକ ଏ ପ୍ରସଙ୍ଗରେ ଆଲୋଚନା କରିବାକୁ ଯାଇ କହିଛନ୍ତି ଯେ, ଗୁରୁପ୍ରସାଦ 'ଦେହ ଓ ଅଦେହ'ର କବି, ଏବଂ

Digitized by srujanika@gmail.com

'ଚଂପାଫୁଲ' ଓ ତାଙ୍କର ଅନ୍ୟାନ୍ୟ କେତେକ କବିତାରେ ଏକ 'ବେଦନା ଓ ଅବେଦନ'ର କଥା କୁହା ଯାଇଛି । କିନ୍ତୁ କବିତାଟିକୁ ଆଉ ଏକ ଦୃଷ୍ଟିକୋଣରୁ ବିଚାର କରାଯାଇ ପାରେ । 'ଚଂପାଫୁଲ' କବି ମହାନ୍ତିଙ୍କ ଦୃଷ୍ଟିରେ ଏକ ଅଜ୍ଞାତ, ଅପହଞ୍ଚ ଓ ଆକର୍ଷଣୀୟ ପଦାର୍ଥ (Lure of the unknown, unreachable or the impossible) । କବିତାର କେତେକ 'ଶବ୍ଦ' ଏବଂ 'ପାଦ'ରୁ ଏହାର ଯଥାର୍ଥତା ଉପଲବ୍ଧି ହୋଇଥାଏ ।

'ଚଂପାଫୁଲ ମହକ' ଏତେ ତୀବ୍ର ଓ ଉତ୍କଟ ଯେ ସମୁଦ୍ରର ଢେଉ କୂଳ ଲଙ୍ଘନ କରି ଆସୁଛି । ସମୁଦ୍ରର ଢେଉ ଚାନ୍ଦିନୀ ଶକ୍ତିର ଉତ୍ତେଜନାରେ ଯଦି କୂଳ ଲଙ୍ଘନ କରି ଆସିଥାଏ ତେବେ ଏହାର ବ୍ୟାପ୍ତି ଖୁବ୍ ସୀମିତ ଓ ସଂକୁଚିତ । ସମୁଦ୍ର ସବୁଶକ୍ତିର ଆଧାର, ଅର୍ଥାତ୍ ସତ୍ୟ ଶିବ ସୁନ୍ଦରର ପ୍ରତୀକ । ଏଣୁ ଦେହଜ ପ୍ରେମର ଆକର୍ଷଣରେ ସେ କଦାପି ଉତ୍ତେଜିତ ହୋଇ ନପାରେ । ସେଇପରି 'ହାଡସବୁ ଦେଲା ମୁକ୍ତାଫୁଲ', 'ଦାରୁଣ କୁହୁକ', 'ବିଜୁଳି ଚମକ', 'ବଣ ନିଆଁ', 'ସବୁ ଯାଏ ଛିନ୍ନହୋଇ', 'ପୃଥିବୀର ଗୁଣ୍ଡିରେ ଲେଟି', 'ପୋଡ଼ି ଯାଏ ଜଳିଯାଏ ସବୁ', 'ମାଂସ ଫୁଟେ ଫୁଲ ହୋଇ, ମନପଡେ ପ୍ରେମା-ଙ୍ଗରେ ଶୋଇ'— ଶବ୍ଦଗୁଚ୍ଛମାନଙ୍କରୁ କେବଳ ଚାନ୍ଦିନୀ ଶକ୍ତିର ଉତ୍କଟତା ଯେ ଉପଲବ୍ଧି କରିହୁଏ, ଆଜିକାଲି ଅନୁଭୂତ ହୁଏ ନାହିଁ, ଏହା କହିଲେ ଅନ୍ୟାୟ ହେବ । ଯେଉଁ ଶବ୍ଦପୁଞ୍ଜ ପ୍ରଥମସ୍ତରର ଅର୍ଥାଗମରେ ସାହାଯ୍ୟ କରିଥାଅନ୍ତି, ସେଇ ସବୁ ଶବ୍ଦଗୁଡ଼ିକ ଅନେକ ସ୍ଥଳରେ ଅନ୍ୟ ଏକ ସ୍ତରର ଅର୍ଥାଗମର ଅପେକ୍ଷା ମଧ୍ୟ ରଖିପାରିଥାନ୍ତି । 'କୁହୁକ' କହିଲେ ଯାହା ବୁଝାଯାଏ

Digitized by srujanika@gmail.com

'ତାରୁଣ କୁତୁହଳ' କହିଲେ ଚନ୍ଦ୍ରର ଉଦ୍ଭାସିତ ସ୍ତରର କଥାହିଁ ସ୍ମରଣକୁ ଆସେ । 'ବକୁଳ' କହିଲେ ସାଧାରଣ ଅର୍ଥରେ ଏହା ନିଶ୍ଚୟ 'ଚମକ' ବା 'ଝଲକ' ସୃଷ୍ଟି କରିଥାଏ । କିନ୍ତୁ କବି ମହାନ୍ତି 'ବକୁଳ ଚମକ' କହିବାର ତାତ୍ପର୍ଯ୍ୟଟି କ'ଣ ? ସେଇପରି 'ନିଆଁ' କହିଲେ ଯାହା ବୁଝାଯାଏ 'ବଣ ନିଆଁ' କହିଲେ କଣ ଏକା ଅର୍ଥ ଜଣାପଡ଼େ ନା ? ଏଇଠାରେ ହିଁ ଜଣେ ସଚେତନ ପାଠକ ଦେହ ଓ ଅଦେହର କଥାଗ୍ରନ୍ଥ ଅନ୍ୟ ଏକ ଭିନ୍ନ ସ୍ତର କଥା ଚିନ୍ତାକରି ଥାଏ । ସେ ସ୍ତରଟି ଉପଲବ୍ଧି କରିହୁଏ ନାହିଁ କି, କଳ୍ପନା ବି କରି ହୁଏ ନାହିଁ । ସେ ଭିନ୍ନ ସ୍ତରଟି ହେଉଛି ଅଗମ୍ୟ (unreachable), ଅଜ୍ଞାତ (unknown) ପାଇଁ ଆକାଙ୍କ୍ଷା । ଯାହାକି ବୁଦ୍ଧି ବୁଝାଇ ହୁଏନାହିଁ । କବିତାଟିର ଅନ୍ତଃସ୍ୱରରେ ଏଇ କଥାଟି ଲୁକ୍କାୟିତ ହୋଇ ରହିଥିବା ଭଳି ଅନୁଭବ କରିହୁଏ ।

କବି ଏପରି ଏକ ଅବସ୍ଥା କଥା ଉପଲବ୍ଧି କରିଛନ୍ତି ଯେଉଁ ଅବସ୍ଥାରେ କି ପୃଥିବୀ ଗୃହରେ ସବୁ କିଛି ପୋଡ଼ି ଜଳି ଧ୍ୱଂସ ହୋଇ ଯାଇଛି । କିନ୍ତୁ ଠିକ୍ ସେଇ ଅବସ୍ଥାରେ ହିଁ ପୋଡ଼ି ଜଳି ଯାଇଥିବା ସବୁ ମଧ୍ୟରୁ ମାଂସ ଫୁଲ ହୋଇ ଫୁଟି ଉଠୁଛି ଏବଂ ମନ ରୋମାଞ୍ଚରେ ଶୋଇ ପଡ଼ୁଛି । ସେଇ ଅଜ୍ଞାତ ବନ୍ଧୁ/ପୁରୁଷର ସାନ୍ନିଧ ଆଶାରେ ଦେହରେ ଶୀତ୍କାର ସୃଷ୍ଟି ହେଉଛି ଏବଂ ଦେହ ମନ ପବିତ୍ରତା/ସାଧନାର ଶୀର୍ଷସ୍ତରରେ ପହଞ୍ଚିପାରୁନାହିଁ । ଆଲୋଚକ ଅଧ୍ୟାପକ ବାରିକଙ୍କ ମତରେ 'ଚମ୍ପାଫୁଲ' ଯଦି କେବଳ ଦାହିକା ଶକ୍ତିର କଥା କହୁଥାଏ, ତେବେ ରତିକ୍ଳାନ୍ତ ପୁରୁଷର ମନ ରତିନିଷ୍ଠା ପରେ ରୋମାଞ୍ଚରେ ଶୋଇ ପଡ଼ିବ କିପରି ? ଏବଂ ମାଂସ ପୁଣି ଫୁଲ ହୁଅନ୍ତା କିପରି ? ଏଠାରେ ଏତିକି ସ୍ମରଣ କରାଯାଇ-

Digitized by srujanika@gmail.com

ତାରେ କବି ମହାନ୍ତ 'ଚମ୍ପାଫୁଲ' କବିତାରେ କେବଳ 'ଦେହ' କିମ୍ବା ଅଦେହର ସ୍ପର୍ଶ ଦେଇ ନାହାନ୍ତି କି ଦାର୍ଶନିକ ତତ୍ତ୍ୱର ଜଟିଳତା କଥା କହିବାରେ ପଞ୍ଚମୁଖ ହୋଇ ନାହାନ୍ତି । ସେ 'ଚମ୍ପାଫୁଲ'ରେ ଯେଉଁ ଅଜ୍ଞେୟ ବସ୍ତୁ/ପୁରୁଷଙ୍କ ସ୍ପର୍ଶ ଅନୁଭବ କରିଛନ୍ତି ସେହି ସ୍ପର୍ଶକୁ ହୁଏତ ଯଥେଷ୍ଟ ସ୍ପଷ୍ଟ ଭାବରେ ପ୍ରକାଶ କରିପାରିବା ସମ୍ଭବ ନୁହେଁ । ତାଙ୍କ କବିତାର ପରିକଳ୍ପନା ଦେହ ଓ ଅଦେହର ସୀମାକୁ ଅତିକ୍ରମ କରି ଯାଇଛି । ସେଇଥିପାଇଁ କବି ଗୁରୁପ୍ରସାଦ 'ଚମ୍ପାଫୁଲ' କବିତାଟିକୁ 'ସମୁଦ୍ରସ୍ନାନ' କବିତା ସଂକଳନର ପ୍ରାରମ୍ଭରେ ସ୍ଥାନିତ କରିବା ପାଇଁ ଉପଯୁକ୍ତ ମନେ କରିଛନ୍ତି । 'ସମୁଦ୍ର ସ୍ନାନ' ପୁସ୍ତକରେ ଯେଉଁ କାବ୍ୟବୃତ୍ତ ସେ ସୃଜନ କରିଛନ୍ତି 'ଚମ୍ପାଫୁଲ' କବିତାରେ ହିଁ ତାହାର ପ୍ରଥମ ପଦଧ୍ୱନି ଶୁଣିବାକୁ ମିଳୁଛି । ତାଙ୍କର ପରବର୍ତ୍ତୀ କବିତା 'ସିନ୍ଧୁଆ'ରେ ମଧ୍ୟ ଏହି ସତ୍ତା ଉପଲବ୍ଧ କରିହୁଏ ।

'ଚମ୍ପାଫୁଲ' କବିତାର ଅନ୍ୟ ଏକ ବିଶେଷତ୍ୱ ହେଉଛି, ଯେଉଁଠାରେ କବିତା ଶେଷ ହୋଇଛି ବୋଲି ପାଠକେ ମନେକରନ୍ତି, ଠିକ୍ ସେଇଠାରୁ ହିଁ କବିତାଟି ଆରମ୍ଭ ହୋଇଛି କହିଲେ ଭୁଲ ହେବ ନାହିଁ । ଏହାକୁ ଏକ ପ୍ରତୀକଧର୍ମୀ କବିତା ରୂପେ ବିବେଚିତ କରିବା ଆବଶ୍ୟକ, ଯଦିଓ କେତେକ ଏହାକୁ ରୂପକଳ୍ପଧର୍ମୀ କବିତାଭାବେ ମଧ୍ୟ ଗ୍ରହଣ କରିଥାନ୍ତି । ●

ବିଜୟ କୁମାର ଚୌଧୁରୀ

Digitized by srujanika@gmail.com

ଗୁରୁପ୍ରସାଦଙ୍କ ସହ ସାକ୍ଷାତକାର

[ବହୁତ "Do you think it's worth it" ହେଉ, କେମିତେ କୋଉଠାଏ ଇଣ୍ଟରଭ୍ୟୁ କ'ଣ କରିବେ ? ସେଥିରେ କ'ଣ ଥା' ଏତେ ଦରକାର ?" ଇତ୍ୟାଦି କଥା ଆମକୁ ଦୁହରାଇ ଦେବାର ଅନେକ ଚେଷ୍ଟା ପରେ ଗୁରୁପ୍ରସାଦ ପରିଶେଷରେ ରାଜି ହୋଇଥିଲେ, 'ମୂଲ୍ୟାୟନ' ତରଫରୁ ଏଇ ସାକ୍ଷାତକାର ପାଇଁ କିଛି ସମୟ ଦେବାକୁ । ଏବଂ ଆମେ ତାଙ୍କୁ ସାକ୍ଷାତ କରିଥିଲୁଁ ବି. ଜେ. ବି. କଲେଜ, ଭୁବନେଶ୍ୱରରେ ତାଙ୍କର ଅଧ୍ୟକ୍ଷ-ପ୍ରକୋଷ୍ଠରେ ତା ୧୯।୯।୧୯୭୯ର 'ସ୍ୱର୍ଣ୍ଣ ସଂଧ୍ୟା' ଉତ୍ତୀର୍ଣ୍ଣ ହୋଇଗଲା ପରେ ପରେ । ପରିସ୍ଥିତି ଓ ସମୟ— (ସେ ସଂଧ୍ୟାରେ ସାଂଧ କଲେଜରେ ନିର୍ବାଚନ ଅନୁଷ୍ଠିତ ହେଉଥାଏ)—ଏଭଳି ଏକ କାର୍ଯ୍ୟକ୍ରମ ପାଇଁ ଆଦୌ ଅନୁକୂଳ ନ ଥିଲେ ସୁଦ୍ଧା ପ୍ରାୟ ଦୁଇ-ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସାକ୍ଷାତକାର ଚାଲିଥିଲା । ଉପର ମହଲାରେ ଶ୍ରେଷ୍ଠ ଗଣତି କରାଯାଉଥିବା ପ୍ରକୋଷ୍ଠର ଗୋଟିଏ ଦୁଇଟି ଝରକାର କାଚ କେତେକ ଅତି-ଉତ୍ସାହୀ ଯୁବକଙ୍କ ଦ୍ୱାରା ଭଙ୍ଗାଯିବା ଇତ୍ୟାଦି ଖବର ଉଦ୍‌ବିଗ୍ନ ଅଧ୍ୟାପକମାନେ ତାଙ୍କ ନିକଟରେ ପହଞ୍ଚାଉଥାନ୍ତି । ସବୁ ଖବର ଗୁରୁପ୍ରସାଦ ଗ୍ରହଣ କରୁଥାନ୍ତି ସ୍ଥିର, ଅବିଚଳିତ ଭାବରେ ଯେମିତିକି ଇସ୍ପେ ସବୁ ଯାହା ଘଟିଯାଉଛି ଏଥିରେ ବ୍ୟସ୍ତ ବା ଉଦ୍‌ବିଗ୍ନ ହେବାର କିଛି ନାହିଁ, ଏ ସବୁ ଅତି ସାଧାରଣ, ଗତାନୁଗତିକ ଘଟଣା । ବଡ଼ ନିର୍ବିକଳ୍ପ ଭାବ ତାଙ୍କର, ସ୍ମିତ ହାସ୍ୟ, ସ୍ଥିର କଥା, ଟେବୁଲ୍‌ର ଗୋଟିଏ କୋଣରେ ଗୋଡ଼ ରଖି ବେଶ୍ ଅବିଚଳିତ ଭାବରେ ବସିଥାନ୍ତି ସେ । ଘନ କଫି ରଙ୍ଗର ସାର୍ଟର ଉପର ବୋତାମ

Digitized by srujanika@gmail.com

ନେଖାଲ, ଚଉଡ଼ା କପାଳ ଉପରେ ବେଶ୍ ଉଜ୍ଜ୍ୱଳ ଆଖି, ମୁଣ୍ଡର ସଚଳା କେଶଗୁଚ୍ଛ ମଣ୍ଡିତ । ପୂର୍ବଦିନ ତାଙ୍କୁ ଆମର ପ୍ରଶ୍ନଗୁଡ଼ିକ ଦିଆଯିବାବେଳେ ସେତିକି ତତ୍‌ପରତା ପଢ଼ିନେଇ ଟିକିଏ ଗମ୍ଭୀର ହୋଇଯାଇ କହିଥିଲେ, ଯେଉଁ ପ୍ରଶ୍ନଗୁଡ଼ିକ ତାଙ୍କର ବ୍ୟକ୍ତିଗତ ଜୀବନର ସୀମାବଦ୍ଧତା ଭିତରକୁ ପଶିବାକୁ ଉଦ୍ୟତ, ସେଥିରୁ କେତେକର ଉତ୍ତର ସେ ନ ଦେଇ ପାରନ୍ତି । କିନ୍ତୁ ଆମେ ଲକ୍ଷ୍ୟକଲୁଁ, ସାକ୍ଷାତକାର ବେଳକୁ ଏ ପ୍ରକାର ସଙ୍କୋଚ ବା ଦ୍ୱିଧା ତାଙ୍କର ଆଦୌ ନଥିଲା; ଅତି ଖୋଲାଖୋଲି ଭାବରେ ଏକ ଖୋଲାଆଉର୍ ମନ ନେଇ ସେ ଆମର ସମସ୍ତ ପ୍ରଶ୍ନର ଉତ୍ତର ଦେଇ ଚାଲିଲେ । ସାଧିକଲେଜ ଅଫିସର ଜଣେ କର୍ମଚାରୀ କିଛି ଫାଇଲ୍ ଧରି ଆସିବାରୁ ତାଙ୍କୁ ଗୁରୁପ୍ରସାଦ କହିଲେ"—ବାବୁ, ଏବେନେ ଥାଉ, ଦେଖୁନାହାନ୍ତି — I am facing an interview ?" ସାକ୍ଷାତକାର ସମୟରେ ତାଙ୍କର ପରିହାସପ୍ରିୟତା, ସବୁ ଅନୁଭୂତିକୁ ଅବଚେତନ ଭିତ୍ତିରେ ଗଭୀର୍ଯ୍ୟ କରିନେବାର କ୍ଷମତା, ନିଜ କବିତା ସମ୍ପର୍କରେ ଏକ ଖୋଲାଆଉଟ୍ ସ୍ୱଭାବ (ଫ୍ରୋଙ୍କିଟ୍) ଚରିତ୍ରପ୍ରଭା ଆମକୁ ମୁଗ୍ଧକରିଥିଲା । ଏସବୁସତ୍ତ୍ୱେ ତାଙ୍କର ଗଭୀର ବେଦନା ଓ ଏକାକୀତ୍ୱ ଆମଠାରୁ ଲୁଚିପାରି ନଥିଲା, କାରଣ ଦୁଇ ଥର ସେ କହି ଉଠିଥିଲେ—"When I am alone, really alone with no one around me, I have a strange feeling. I don't know if one day I may pull a gun and shoot myself or hang myself from the fan-hook."

ଏଠାରେ ଏହା ବୋଧହୁଏ ପ୍ରାସଙ୍ଗିକ ଓ ଉଲ୍ଲେଖଯୋଗ୍ୟ ଯେ, 'ମଣିଷାପୁନ' ତରଫରୁ ଏ ସାକ୍ଷାତକାର ତାଙ୍କ କବି-ଜୀବନର ପ୍ରଥମ ଆନୁଷ୍ଠାନିକ ସାକ୍ଷାତକାର । ଗୁରୁପ୍ରସାଦ ଏପର୍ଯ୍ୟନ୍ତ କୋଣସି ପତ୍ର ପତ୍ରିକା, ବେତାର ବା ସେପରି କୌଣସି ସଂସ୍ଥା

Digitized by srujanika@gmail.com

ଚରଫରୁ ଅନୁଷ୍ଠିତ 'ସାକ୍ଷାତକାର'ରେ ଅଂଶ ଗ୍ରହଣ କରି ନଥିଲେ, ଯଦିଓ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା କବିତା ପାଇଁ ପୁରସ୍କୃତ ଓ ସ୍ୱାଧୀନତୋତ୍ତର ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରତିଭାବାନ, ଶକ୍ତିମାନ ଓ ପ୍ରଭାବଶାଳୀ କବିରୂପେ ସ୍ୱୀକୃତ।]

'ମୂଲ୍ୟାୟନ': ଆପଣଙ୍କ କବିତା ଇଲିଅଟ୍‌ଙ୍କ କବିତା ଦ୍ୱାରା ଅତି ମାତ୍ରାରେ ପ୍ରଭାବିତ ବୋଲି ସମାଲୋଚକମାନଙ୍କର ମତ। ଏହି ପ୍ରଭାବ ଭାବ, ଭାଷା, ପ୍ରକାଶଭଙ୍ଗୀ, ଏପରିକି ରୂପକଳ୍ପ ସ୍ତରରେ ମଧ୍ୟ ସୁସ୍ପଷ୍ଟ। ଇଲିଅଟ୍‌ଙ୍କ 'ପ୍ରୁଫ୍ରକ୍', 'ଦି ୱେଷ୍ଟଲ୍ୟାଣ୍ଡ' ଇତ୍ୟାଦି ଓଡ଼ିଆରେ (ଯଥାକ୍ରମେ) 'ଗୋବର ଗଣେଶ,' 'କାଳପୁରୁଷ' ପ୍ରାଳମ୍ବିତ ଭଳି ମନେହୁଏ। ଏ ସମ୍ବନ୍ଧରେ ଆପଣଙ୍କର ନିଜ ମତ କ'ଣ ?

ଗୁରୁପ୍ରସାଦ: ହଁ, ମୁଁ ଲେଖା ଆରମ୍ଭ କଲାବେଳେ ଇଲିଅଟ୍ ସମସ୍ତଙ୍କ ମୁହଁରେ। ତେଣୁ ମୁଁ ବି ତାଙ୍କଦ୍ୱାରା ନିଶ୍ଚୟ ଗଭୀରଭାବେ ପ୍ରଭାବିତ। ଏବଂ 'ଗୋବର ଗଣେଶ' ଉପରେ 'ପ୍ରୁଫ୍ରକ୍'ର ଛାୟା ନିଶ୍ଚିତଭାବେ ପଡ଼ିଛି। କିନ୍ତୁ ସେତିକି। ଅନ୍ୟ କୌଣସି କବିତା ଉପରେ ବୋଧହୁଏ ଇଲିଅଟ୍‌ଙ୍କ ପ୍ରଭାବ ତ ନାହିଁ ! ଆଉ, 'କାଳପୁରୁଷ'। 'କାଳପୁରୁଷ' ଲେଖା ହେବାର ଏକ ମଜା (ମାନେ 'ଇଣ୍ଟରେଷ୍ଟିଂ') ଇତିହାସ ଅଛି। ମୁଁ ସେତେବେଳେ ପୁରୀରେ ଥାଏ। ପୁରୀ ସମୁଦ୍ରକୂଳରେ ଦିନେ ସନ୍ଧ୍ୟାରେ ରାଧାମୋହନ ଗଡ଼ନାୟକ ଓ ମୁଁ ବୁଲୁଥିଲାବେଳେ କ'ଣ ଏମିତି 'ଦି ୱେଷ୍ଟଲ୍ୟାଣ୍ଡ' କଥା ପଡ଼ିଲା। ଗଡ଼ନାୟକ କହିଲେ, "କାହିଁ, ଓଡ଼ିଆରେ ସେଭଳି ଗୋଟେ କବିତା ଲେଖାଯାଇ ପାରୁଛି ?" ମୁଁ ମଜାରେ କହିଲି, "ହେବନାହିଁ କାହିଁକି ? ଚେଷ୍ଟାକଲେ,

Digitized by srujanika@gmail.com

ନିଶ୍ଚୟ ହେବ ।" ସେଦିନ ସମୁଦ୍ର କୂଳରୁ ଫେରି ଘରେ 'ଦି ଓ୍ୱେଷ୍ଟଲାଣ୍ଡ' ଖୋଲି 'କାଳପୁରୁଷ'ର ପ୍ରଥମ ଭାଗ ଲେଖିଲି ଓ ପରଦିନ ଗଡ଼ନାୟକଙ୍କୁ ଦେଖାଇଲି । ସେ ଭାରି ପସନ୍ଦ କଲେ । ତା'ପରେ ଅଳ୍ପ ଅଳ୍ପ ଲେଖି ବୋଧହୁଏ ବର୍ଷେ ବି ବର୍ଷରେ 'କାଳପୁରୁଷ' ସାରିଲି ।

'ମୂଲ୍ୟାୟନ' :—ଗଡ଼ନାୟକ ଆପଣଙ୍କୁ ଏକ ପ୍ରକାର 'ଚ୍ୟାଲେଞ୍ଜ' କରିବାରୁ ଆପଣ 'କାଳପୁରୁଷ' ଲେଖିଲେ, ନା ସେଭଳି ଏକ କବିତା ଲେଖିବା ପାଇଁ ଆପଣଙ୍କର 'ଯୋଜନା' ଥିଲା ?

ଗୁରୁପ୍ରସାଦ :—'ଦି ଓ୍ୱେଷ୍ଟଲାଣ୍ଡ' ଭଳି କବିତାଟିଏ ଓଡ଼ିଆ ଭାଷାରେ ଓଡ଼ିଆ ଜୀବନ ଓ ସଂସ୍କୃତି ପରିପ୍ରେକ୍ଷୀରେ ଲେଖିବା ପାଇଁ ମୁଁ ଅନେକ ଦିନ ଧରି ଚିନ୍ତା କରୁଥିଲି । ଗଡ଼ନାୟକ ଓ ମୋ' ଭିତରେ ସେଦିନର ସେ କଥାବାର୍ତ୍ତା ମୋ'ର ଏ ଚିନ୍ତାକୁ କାର୍ଯ୍ୟରେ ପରିଣତ କରିବାରେ ସାହାଯ୍ୟ କଲା ।

'ମୂଲ୍ୟାୟନ' :—ଓଡ଼ିଆ ଜୀବନ ଓ ସଂସ୍କୃତିର ପରିପ୍ରେକ୍ଷୀରେ 'ଦି ଓ୍ୱେଷ୍ଟଲାଣ୍ଡ' ଭଳି କବିତାଟିଏ ଓଡ଼ିଆରେ ଲେଖିବା ପାଇଁ ବହୁଦିନଧରି ଚିନ୍ତାକରୁଥିଲେ ବୋଲି ଆପଣ କହୁଛନ୍ତି । କିନ୍ତୁ, ପାଶ୍ଚାତ୍ୟ ସମାଜର ଯେଉଁ ପ୍ରକାର ଗଭୀର ନୈରାଶ୍ୟ, ବିଡ଼ମ୍ବନା, ମୂଲ୍ୟବୋଧଗତ ଅନିଶ୍ଚିତତା ଇତ୍ୟାଦି ଅନୁଭୂତି 'ଦି ଓ୍ୱେଷ୍ଟଲାଣ୍ଡ'ର ପୃଷ୍ଠଭୂମିରେ ରହିଛି, ଆପଣ କଣ କହିବାକୁ ଚାହୁଁଛନ୍ତି ଯେ 'କାଳପୁରୁଷ' ଲେଖାହେବା ସମୟର ସାଧାରଣ ଓଡ଼ିଆ ଜୀବନ ଓ ସଂସ୍କୃତିରେ ତଦନୁରୂପ ଅନୁଭୂତିମାନ ଥିଲା ?

ଗୁରୁପ୍ରସାଦ :—ମୁଁ ଭାବୁଛି, ହୁଏତ ଥିଲା—ଯଦିଓ ପାର୍ଥକ୍ୟ ତ କିଛି ନିଶ୍ଚୟ ରହିବ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରର ଓଡ଼ିଆ

Digitized by srujanika@gmail.com

ସାମାଜିକ ଜୀବନ ଓ 'ମିଲ୍ୟୁ'(Milieu) କୁ ତ ମୁଁ 'କାଳପୁରୁଷ'-ରେ ରୂପଦେବାକୁ ଚେଷ୍ଟା କରିଛି । 'ଦ ଓ୍ୱେଷ୍ଟଲ୍ୟାଣ୍ଡ'ର ଲଣ୍ଡନବ୍ରିଜ୍ ଉପରେ ସେ 'କ୍ରାଉଡ୍'(Crowd) ଓ 'କାଳପୁରୁଷ'ର ଗ୍ରାଣ୍ଡିହାଟ ପୋଲରେ 'କରନ୍ ଜନତା'ର ଯାତାୟତ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ଅଛି ବୋଲି ମୋର ମନେ ହେଉନାହିଁ । ଅନ୍ତତଃ ମୁଁ ଯେତେଥର ଲକ୍ଷ୍ୟ କରିଛି ସେମାନଙ୍କ ମୁହଁର ସେ 'କ୍ରାଉଡ୍' କଥା ମନେ ପକାଇଦେଇଛି । ଏବଂ 'ଦ ଓ୍ୱେଷ୍ଟଲ୍ୟାଣ୍ଡ'ର ସେ 'ଟାଇପିଷ୍ଟଗାର୍ଲ' ଘଟଣା ଭଳି ଆମ ଓଡ଼ିଆ ସମାଜରେ 'କାଳପୁରୁଷ'ର ବୋଷବାବୁ, ସହରର ବ୍ୟବସାୟୀ ଓ ତାର ଝିଅ (ସେ କହୁଛି 'ବାପା ଥିଲେ କଟକରେ ବୋଉ ଗଲା ଧାର ମାଗି') ମଧ୍ୟରେ ଥିବା ସମ୍ପର୍କ ମଧ୍ୟ ଖୁବ୍ ସମ୍ଭବ । ମୁଁ ତ ଭାବୁଛି ଏହା ବୋଧହୁଏ ଆମ ସମାଜର ଗୋଟିଏ ସାଧାରଣ ଘଟଣା ।

'ମୂଲ୍ୟାୟନ': —ଆପଣ ଅନେକ ଦିନ ଧରି କବିତା ଲେଖୁଥିଲେ ବି, ୧୯୬୫ରେ 'ନୂତନ କବିତା'ର ପ୍ରକାଶ ଓ ତା'ର 'ଭୂମିକା'ରେ ଇଲିୟଟ ଓ ଅନ୍ୟାନ୍ୟ ଇଂରାଜୀ ସମାଲୋଚକଙ୍କ କାବ୍ୟ-ତତ୍ତ୍ୱ ପରିପ୍ରେକ୍ଷୀରେ ଉକ୍ତ କବିତା-ସଂକଳନର ମୂଲ୍ୟାୟନ ଦିଗନ୍ତ ମୋହନ ମହାନ୍ତି କରିସାରିବା ପରେ ଆପଣଙ୍କ କବିତା ବେଶୀ ଆଲୋଚିତ ହେଲା । କେହି କେହି ମନେ କରନ୍ତି ଯେ 'ନୂତନ କବିତା'ର ସେ 'ଭୂମିକା' ଦ୍ୱାରା ହିଁ ଆପଣ କବିଭାବରେ ପ୍ରତିଷ୍ଠା ଲାଭକଲେ । ଏ ସଂପର୍କରେ ଆପଣଙ୍କ ମତାମତ ? ଆଉ, ଆପଣଙ୍କ କବିତା ଓ ଭନଜୀ ରାଓଙ୍କ କବିତା ମଧ୍ୟରେ ଏତେ ପାର୍ଥକ୍ୟ ସତ୍ତ୍ୱେ ଦୁହିଁଙ୍କି ଏକାଠି କରି ପ୍ରକାଶ କରିବାର ଲକ୍ଷ୍ୟ କ'ଣ ?

Digitized by srujanika@gmail.com

ଗୁରୁପ୍ରସାଦ : ସଚ୍ଚିନ୍ ବାବୁ କଲେଜରେ ମୋ'ଠାରୁ ବୋଧହୁଏ ପାଞ୍ଚ ବର୍ଷ ଜୁନିଅର୍ । ମୋର ପ୍ରକାଶିତ ହେଲେକ କବିତା ସେ ପଢ଼ିଥିଲେ । ତା'ପରେ ପୁଣାରେ ତାଙ୍କ ସହିତ ମୋର ଦେଖା ହେଲା ଓ ମୋର କବିତା ପ୍ରତି ତାଙ୍କର ଗଭୀର ଅନୁରାଗ ବ୍ୟକ୍ତ ସେ କଲେ । ସେହି ଦିନଠାରୁ ଆମର ସମ୍ପର୍କ ଅତି ଗଭୀର ବନ୍ଧୁତାରେ ପରିଣତ ହୋଇଛି । He has great love for me• ଶୁଣିଛି,'ନୂତନ କବିତା'ର ସେ 'ଭୂମିକା' ଛଡ଼ା ମୋର ଅନ୍ୟ କବିତା-ଗୁଡ଼ିକ ସମ୍ପର୍କରେ ମଧ୍ୟ ସେ ଲେଖିଛନ୍ତି । 'କାଳପୁରୁଷ' ଉପରେ ବି ତାଙ୍କର କୁଆଡ଼େ ଖୁବ୍ ବଡ଼ ପ୍ରବନ୍ଧଟିଏ ଗୋଟିଏ ପୂଜା ପତ୍ରିକାରେ ବାହାରି ଥିଲା ଏଇ ଦୁ' ତିନି ବର୍ଷ ତଳେ... । ସଚ୍ଚି ବାବୁଙ୍କ କବିତା ଓ ମୋ' କବିତା ଅନେକ ଫରକ୍, ତଥାପି, ସେଗୁଡ଼ିକ ବି 'ନୂତନ', ମାନେ new and refreshing.... .... ସେଥିପାଇଁ ବୋଧେ ସଚ୍ଚିନ୍ ବାବୁ ଆମ ଦୁହିଁଙ୍କ କବିତାକୁ ଏକାଠି କରିଥିଲେ ।

'ନୂଆସ୍ୱର' : ଆପଣଙ୍କ କବିତାକୁ ଡ଼ଃ ମାନସିଂହ ଅତି କଠୋର ଓ ଅନୁଦାର ଭାବରେ ସମାଲୋଚନା କରିଥିଲେ । ଆପଣଙ୍କ କବିତାକୁ ଯେତେ ନୁହେଁ, ସଚ୍ଚିଦ ମୋହନ ମହାନ୍ତିଙ୍କ 'ଭୂମିକା'କୁ ତା'ଠାରୁ ଅନେକ ବେଶୀ । କ'ଣ ତା'ର କାରଣ ହୋଇପାରେ ? ଅସହିଷ୍ଣୁତା ? ଉପଯୁକ୍ତ ରୁଚିର ଅଭାବ ? ନା, ଆଉ କିଛି ?

ଗୁରୁପ୍ରସାଦ : ଠିକ୍ କ'ଣ କହିପାରିବି ନାହିଁ । ଡ଼ଃ ମାନସିଂହଙ୍କ ପ୍ରତି ମୋର ସବୁବେଳେ ଗଭୀର ସମ୍ମାନ । ମୁଁ ଭାବୁଛି ତାଙ୍କର ମଧ୍ୟ ମୋ' ପ୍ରତି କିଛି ଶ୍ରଦ୍ଧା ନିଶ୍ଚୟ ଥିଲା, କାରଣ ଆମେ ଯେତେ ଥର ପରସ୍ପରକୁ ଭେଟିଛୁ, ଖୁବ୍ ଭଲ ଭାବରେ କଥାବାର୍ତ୍ତା

Digitized by srujanika@gmail.com

ହୋଇଛନ୍ତି । ମୋର ଯେତେଦୂର ମନେପଡ଼ୁଛି, ଥରେ ବୋଧହୁଏ ମୋର ଗୋଟିଏ କବିତାକୁ ମୋ' ମୁହଁରେ ପ୍ରଶଂସା ବି କରିଥିଲେ । ଗୋଟେ ଅତି ଇଣ୍ଟରେଷ୍ଟିଂ ଘଟଣା କହିବି । ମୁଁ ପ୍ରତିରକ୍ଷା ବିଭାଗରେ ଥିଲାବେଳେ ମୋର ଜଣେ ଉପରିସ୍ଥ ହାକିମ Col. Jog ଦିନେ ହଠାତ୍ ଦେଖିଲେ, "G. P., I'm told you write excellent poetry, I didn't know that." ମୁଁ କହିଲି, "But, Sir, who told you that I commit that kind of sin ?" ସେଇଠୁଁ ସେ ନିକଟରେ ଡଃ ମାନସିଂହଙ୍କ ସହିତ ଏକା କମ୍ପାର୍ଟମେଣ୍ଟରେ ଯାତ୍ରା କରିଥିବା କଥା କହି କହିଲେ : 'Dr. Mansingh spoke very highly of your poetry' ଆମ ଦୁହିଁଙ୍କ ମଧ୍ୟରେ ବ୍ୟକ୍ତିଗତ ସ୍ତରରେ କିଛି ଅଶ୍ରଦ୍ଧା ବା ଅସୂୟା ଆଦୌ ନ ଥିଲା ।

'ମୂଲ୍ୟାୟନ' : ଆମେ ଭାବୁଛୁଁ, ଆପଣ ଓ ତାଙ୍କ ଭିତରେ 'ସେନ୍‌ସିବିଲିଟି'ର ମୌଳିକ ପାର୍ଥକ୍ୟ ଯୋଗୁଁ ଏପରି ଘଟିଲା ।

ଗୁରୁପ୍ରସାଦ : ହଁ, ତା' ହୋଇପାରେ ।

'ମୂଲ୍ୟାୟନ' : ଇଲିୟଟଙ୍କ ଛଡ଼ା ଅନ୍ୟକେଉଁ କବି ଆପଣଙ୍କ ମନରେ ରେଖାପାତ କରିଛନ୍ତି, ବା ଅନ୍ୟ କୌଣସି କବିଙ୍କ ଲେଖା-ଦ୍ୱାରା ଆପଣ ପ୍ରଭାବିତ ହୋଇଛନ୍ତି ?

ଗୁରୁପ୍ରସାଦ : ଭଞ୍ଜଙ୍କ କାବ୍ୟରୁ କିଛି ପଢ଼ିଛି । ତା' ପରେ, ରାଧାନାଥ, ସଚ୍ଚିରାଉତରାୟ, ବିଶେଷ କରି ଜଗନ୍ନାଥ ଦାସଙ୍କ 'ଭାଗବତ'କୁ ବି ଅନେକ ଥର ପଢ଼ିଛି , 'ଭାଗବତ'ର ସେଇ ଯେଉଁ Cosmic Themes, and that timeless quality about its poetry ମୋତେ ଗଭୀର ଭାବେ ପ୍ରଭାବିତ କରିଛି ।

Digitized by srujanika@gmail.com

ମର୍ଡିଗ୍ଣଜରାୟଙ୍କ କବିତାକୁ ମନଦେଇ ପଢ଼ିଛୁ।...ଅନେକ ସେଥିରୁ ଭଲ ଲାଗିଛି। ମୁଁ ରିଆକ୍ଟ (React) କରୁଛି। ସେତେ-ବେଳେ ସଚ୍ଚିବାବୁଙ୍କ 'ଅଲକାସାନ୍ୟାଲ' କବିତାଟି ଖୁବ ନାଁ କରିଥାଏ। ଆଜିର ଯେଉଁ ବର୍ଦ୍ଧମାନ କୋର୍ଟ ସେତେବେଳେ ସେଠି 'ନ୍ୟୁଗଭର୍ଣ୍ଣମେଣ୍ଟ' ବୋଲି ଗୋଟିଏ ମେସ୍ ଥାଏ। ଜଣେ ,ଭଦ୍ରମହିଳା ନେଇଯାଉଥି ଚଲି ବେଳେ ଆମଭିତରୁ ଜଣେ କିଏ ତାଙ୍କ ଉପରେ ହଠାତ୍ ମନ୍ତବ୍ୟ କରିଦେଲେ 'ଏଇ ଯାଉଛି ଅଲକା ସାନ୍ୟାଲ୍'। ସେଇ 'କମେଣ୍ଟ' ଟି କାହିଁକି କେଜାଣି ମୋ' ମନରେ ରହିଯାଇଥିଲା। ଏଘଟଣାର କିଛି ବର୍ଷ ପରେ ମୁଁ ମୋର 'ଅଲକା ସାନ୍ୟାଲ୍' କବିତାଟି ଲେଖିଲି।

'ମଲ୍ୟାପୁନ': 'ସମୁଦ୍ରସ୍ନାନ' ସଂକଳନରେ ଥିବା କବିତା ଗୁଡ଼ିକ ନିଜେ ଆପଣ ଆଉ କିଛି କେବେ ଲେଖିଥିଲେ କି ?

ଗୁରୁପ୍ରସାଦ . ହଁ, ବଦ୍‌ଲେୟାରଙ୍କ ପ୍ରାପ୍ୟ ପରୂଣ ହେବ କବିତା ମୁଁ ୨୨ଟା ଅନୁବାଦ କରିଥିଲି। ଗୋଟିଏ କଳା ଝାକାରେ ସେତିକି ଓ ମୋ' ନିଜର ଆଉକେତେକ ଅସମ୍ପୂର୍ଣ୍ଣ କବିତା ଥିଲା। ବଦଲେୟାରଙ୍କ କବିତା ଖୁବ ଭଲ ଲାଗିଥିଲା, ତେଣୁ ଅନୁବାଦ କରିଥିଲି, କିନ୍ତୁ ବଦ୍‌ଲେୟାରଙ୍କ ଦ୍ୱାରା ମୁଁ ପ୍ରଭାବିତ ହୋଇଛି ବୋଲି ଭାବୁନାହିଁ। କିନ୍ତୁ ମୁଁ ସେତେବେଳେ ପ୍ରତିରକ୍ଷା ବିଭାଗରେ ଯୋଗ ଦେଲି, ସେ ଗୁଡ଼ିକ ବହୁତ ବଦଳ ତ...ଯେଉଁ ବଦଳି ବେଳେ ମୋର ଯେ କଳାଖାତାଟି କେଉଁଠି ହଜିଗଲା........ I have always deeply felt that loss...। ସେକ୍ସପୀୟରଙ୍କ ସନେଟରୁ କେତୋଟି ଅନୁବାଦ କରିବାକୁ ଚେଷ୍ଟା କରିଥିଲି କିନ୍ତୁ ତାଙ୍କର କେତୋଟି 'ଫ୍ରେଜ୍' (Phrase) ପାଖରେ

Digitized by srujanika@gmail.com

ବାରମ୍ବାର ଅଟକଳ - ସେ ଗୁଡ଼ିକୁ ମୋଟେ ଅନୁବାଦ କରି ହେଲା-ନାହିଁ । ଏଇ ଧରନ୍ତୁ 'Love's increase'...କ'ଣ ହବ ତାର ଓଡ଼ିଆ ଅନୁବାଦ ? ତେଣୁ ସେ ଚେଷ୍ଟା ଛାଡ଼ିଲି । ଅନେକ ଦିନ ପରେ ଏବେ 'ପ୍ରଜ୍ଞା', ଓ 'ସ୍ୱତନ୍ତ୍ରତା'ର କୋଡ଼ିଏ କ'ଣ ଶହେଖଣ୍ଡ ଭିତରେ ଆଜି ଗୋଟେ ଯୋଡ଼ିଏ କବିତା କ'ଣ ବାହାରୁଛି । ଦେଖିଥିବେ... ବାସ୍ ସେତିକି ତ ପ୍ରକାଶିତ ।

'ମୂଲ୍ୟାୟନ' : ଆପଣ ଅଜକାଲି ଆଉ କବିତା ଲେଖୁ-ନାହାନ୍ତି କାହିଁକି ?

ଗୁରୁପ୍ରସାଦ : ଅନେକ ଦିନ ତଳେ ସର୍ବେଶ୍ୱର ବାବୁଙ୍କ * ଏଇଭଳି ଏକ ପ୍ରଶ୍ନର ଉତ୍ତରରେ ଯାହା କହିଥିଲି ତାହା ଆପଣମାନଙ୍କୁ କହିବି କି ନାହିଁ, ଭାବୁଛି । କ'ଣ ଦିନେ ଏମିତି ସର୍ବେଶ୍ୱର ବାବୁ ମୋତେ ମଜ୍ଜାରେ ଦେଲେ—'କଣ' କବି ! ସ୍ତ୍ରୀ ଭିତରେ ଆଉ କ'ଣ ସବୁ କବିତା ଲେଖା ହେଉଛି ?' ମଜାରେ ମୁଁ ଉତ୍ତର ଦେଲି : 'କବିତା ! Why that adolescent Pursuit ?' ଟିକିଏ ରହିଯାଇ ସେ ପୁଣି ପଚାରିଲେ, 'ତା' ହେଲେ କହ, କ'ଣ ସବୁ ତମ ମତରେ adult pursuit ? ମୁଁ କହିଲି : 'Why women, money, etc, etc. I think this was too much for him..... ତେବେ, ମୁଁ ଲେଖା ବନ୍ଦ କରି ନାହିଁ । ପ୍ରତିରକ୍ଷା ବିଭାଗରେ ଯୋଗ ଦେଲା ପରେ ଆଉ ପରିବେଶ ମିଳିଲା ନାହିଁ । ଲେଖିବା ପ୍ରାୟ ବନ୍ଦ ହୋଇଗଲା ।

---

* ସଂପ୍ରତି ଶ୍ରୀଯୁକ୍ତ ସର୍ବେଶ୍ୱର ଦାସ ଖଲିକୋଟ କଲେଜ, ବ୍ରହ୍ମପୁରରେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ – ସଂପାଦକ ।

Digitized by srujanika@gmail.com

ଏବେ ଏମିତ କୁଆଡ଼େ ବାହାରକୁ ଗଲାବେଳେ ଘରୁ କାର୍ ଭିତରେ କବିତା ଧାଡ଼ିଏ ଦ' ଧାଡ଼ି ମନକୁ ଆସେ । ଡାଇରୀରେ ତାକୁ ଲେଖି ରଖେ । କୋଉଁଏ ଗୋଟିଏ କବିତା ଲେଖିବାକୁ ଛଅ ମାସରୁ ବର୍ଷେ ବା ଅଧିକ ସମୟ ଲାଗିଛି । ଏବେ ମୋ ଅବଶ୍ୟ ପ୍ରକାଶ ପାଇଁ ଦେବାପାଇଁ କିଛି finished poems ନାହିଁ । ଭାବୁଛି, Retire କଲା ପରେ କିଛି ଲେଖି ପାରିବ । ଯାହାସବୁ ଏବେ-ତେବେଣେ ପଡ଼ିଛି ତାକୁ final shape ଦେବ । ଏବେ ସମୟ ମିଳୁ ନାହିଁ ।

'ମୂଲ୍ୟାୟନ' : 'ଦ ୱେଷ୍ଟ ଲ୍ୟାଣ୍ଡ' ପରେ ଇଲିଅଟଙ୍କ କାବ୍ୟ– ବିବର୍ତ୍ତନର ପରିଣତ 'ଏରିଏଲ ପୋଏମସ' ଓ 'ଫୋର କ୍ୱାର୍ଟେଟସ୍' । ଆପଣଙ୍କ 'କାଳପୁରୁଷ' ପରବର୍ତ୍ତୀ କବିତା (ଯଥା 'ଅନ୍ଧାର ଦରବାର', 'ସିଡ଼ୁଆ') ଗୁଡ଼ିକୁ ଅତି ବେଶୀ ହେଲେ 'ଏରିଏଲ୍ ପୋଏମ୍ସ' କୁହାଯାଇ ପାରେ । କିନ୍ତୁ ଆପଣଙ୍କର 'ଫୋର-କ୍ୱାର୍ଟେଟ୍ସ' କାହିଁ ?

ଗୁରୁପ୍ରସାଦ : ଯେ ଭଳି ଏକ କବିତା ଲେଖିବା ପାଇଁ ଯେଉଁ ପ୍ରକାର faith ଦରକାର, ତା ମୋର ଆସୁନାହିଁ । I think I am basically a good person........ କିନ୍ତୁ ବେଳେ ବେଳେ ଏମିତ ଗୋଟେ feeling ଆସୁଛି.......... The agony is terrible....... When I am alone, really alone, with no one around me, I have a strange feeling. I don't know if one day I may pull a gun and shoot myself or hang myself from the fan-hook." [ଏକା ନିଃଶ୍ୱାସରେ ଏତକ କହି ସାରିଲା ପରେ ଏକ ତୀବ୍ର ବେଦନାବୋଧ ଗୁରୁପ୍ରସାଦଙ୍କ

Digitized by srujanika@gmail.com

ମୁଁ ଶୀମଣ୍ଡଳକୁ ଅାଇଡ଼ିଲ କରି ସାରିଥିଲି । ଦୁଇ ତିନି ମିନିଟ୍ ପାଇଁ ଆଉ କିଛି ପ୍ରଶ୍ନ ନ ପଚାରି ଆମେ ତାଙ୍କୁ ସମୟ ଦେଲୁ ନିଜକୁ ପୁଣି ଆତ୍ମସ୍ଥ କରି ନେବାକୁ ।]

'ମୂଲ୍ୟାୟନ' :—ଆପଣଙ୍କ ନିଜ କବିତାମାନଙ୍କରୁ କେଉଁ କେଉଁଟି ବା କବିତା ଗୁଡ଼ିକ ଆପଣଙ୍କର ବେଶୀ ପ୍ରିୟ ?

ଗୁରୁପ୍ରସାଦ '— ଏବେ ଥରେ ଥରେ ଯେବେ ସେଗୁଡ଼ିକୁ ପଢ଼ିବାକୁ ଚେଷ୍ଟା କରେ I find I can really go back to only two poems – 'ଅନ୍ଧ ରୁର ଜବାବ' ଓ 'ସିନ୍ଧୁଆ' । ଏକ ପ୍ରକାରର larger experience ମୁଁ ପାଏ ସେ ଦୁଇଟିରୁ । I think I have tried to do something very original there. ଅନ୍ୟ କବିତା ଗୁଡ଼ିକ ବିଶେଷତଃ, the early poems କେମିତି adolescent ଲାଗନ୍ତି । 'କାଳପୁରୁଷ' କଥା ତ କହିଛି, patches of it are still good. ଏବେ ବି ଭଲ ଲାଗେ... But I cannot go back to the entire poem any more 'କାଳପୁରୁଷ'କୁ ସେତେବେଳେ ଯେଉଁମାନେ କହୁଥିଲେ 'It's a Cuttacki edition of 'The Waste Land' ସେମାନେ ବିଶେଷ କିଛି ଭୁଲ କହୁ ନ ଥିଲେ ।

'ମୂଲ୍ୟାୟନ' : ଆପଣଙ୍କ କବିତା ସଂକଳନକୁ 'ସମୁଦ୍ରସ୍ନାନ' ବୋଲି କାହିଁକି ନାଁ ଦେଇଛନ୍ତି, ଅଥଚ ସେଇ ନାମରେ ଆପଣଙ୍କର କୌଣସି କବିତା ସେ ସଂକଳନରେ ନାହିଁ ?

ଗୁରୁପ୍ରସାଦ : ଅନେକ ଦିନ ଧରି ମୁଁ ପୁରୀରେ ଥିଲି । ପୁରୀରେ ଥିଲା ବେଳେ ହିଁ ସେଥିରୁ ଅଧିକାଂଶ କବିତା ଲେଖି

Digitized by srujanika@gmail.com

ଯାଉଥିଲା । ତାପରେ ବି ସମୁଦ୍ର purification ର ପ୍ରଶ୍ନ ...Contact with the Cosmic from which we have come and to which we ultimately return ଏ ଦୃଷ୍ଟି ବିଶ୍ୱାସ ବି ଅଛି । ନାଁ ଟି actually ସଚ୍ଚିଦାନନ୍ଦ ବାବୁ suggest କରିଥିଲେ । ଅବଶ୍ୟ ମୁଁ ଦେଇ ଭଲ ଗୋଟିଏ କ'ଣ ନାଁ କଥା ଭାବୁଥିଲି ।

'ମୂଲ୍ୟାୟନ' :—'ସମୁଦ୍ରସ୍ନାନ' କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ଖବର ଆପଣ ଯେତେବେଳେ ପ୍ରଥମ ଶୁଣିଲେ, ଆପଣଙ୍କୁ କେମିତି ଲାଗିଲା ?

ଗୁରୁପ୍ରସାଦ :—ସାର୍ (ଆଇ ମିନ୍, ପ୍ରଫେସର ବି: ଦାସ) ମୋତେ ଟେଲିଫୋନ୍ କରି ପ୍ରଥମେ ଖବରଟି ଦେଇଥିଲେ । Naturally, I just felt happy, but I must say I was more interested in the money part of it.

'ମୂଲ୍ୟାୟନ' :—ଆଗରୁ ଶୁଣିଥିଲୁଁ, ଏବଂ ଏ ସାକ୍ଷାତକାର ସମୟରେ ବି ଲକ୍ଷ୍ୟ କରୁଛୁଁ, ନିଜ କବିତା ସଂପର୍କରେ ଆପଣ ଭୀଷଣ ନିର୍ଲିପ୍ତ ଓ ଉଦାସୀନ । ଏ ନିର୍ଲିପ୍ତତା ଗୋଟାଏ 'ପୋଜ୍' ନା ସେଥିରେ ଆନ୍ତରିକତା ଅଛି ?

ଗୁରୁପ୍ରସାଦ :—ନା, 'ପୋଜ୍' ଆଦୌ ନୁହେଁ । କାରଣ I have seen the wide world, and living is surely more interesting than poetry. କେତେବେଳେ ମନ ହୋଇଥିଲା, ଏମିତି କିଛି କବିତା ଲେଖି ଦେଇଥିଲି, ତା' ନେଇ ମୁଣ୍ଡ ଖେଳେଇବା କ'ଣ ଦରକାର ? ମୁଁ କହୁନାହିଁ, Poetry does not matter, but it matters for the initiated. ଜଣେ ଡାକ୍ତର, ଇଂଜିନିୟର, ଜଣେ soldier, how does he need to bother about poetry ? Lots of people go on living without reading a line of poetry.

'ମୂଲ୍ୟାୟନ' :—ମନେ ହୁଏ, ଆପଣଙ୍କ କବିତାରେ ଅନୁଭୂତିର କ୍ୟାନ୍‌ଭାସ୍ ବେଶ୍ ଶ୍ରେଷ୍ଠ, ଗଭୀର ହେଲେ ମଧ୍ୟ ପରିସର ସଂକୀର୍ଣ୍ଣ ଓ ବୈଚିତ୍ର୍ୟହୀନ । ଆପଣଙ୍କ 'ଡକ୍ସ ନ' ଓ 'ଭେକାବୁଲାରୀ'ର ପରିସର ମଧ୍ୟ ସେତେ ବିସ୍ତୃତ ନୁହେଁ, ଅନେକ ସମୟରେ ଗୋଟିଏ ଦେଉଛି ଲାଇନ୍ ଲାଇନ୍ ଦୁଇଥର ପ୍ରୟୋଗ କରି ଅଣେ ଏକ ପ୍ରକାର ଛନ୍ଦ ସୃଷ୍ଟି କରିବାକୁ ଚେଷ୍ଟା କରିଥାନ୍ତି, ଏଇ ଧରନ୍ତୁ " ଅଳିନ୍ଦ ଅଳିନ୍ଦ

Digitized by srujanika@gmail.com

ଧରି ଧରି, ('କାଳପୁରୁଷ') ବା 'ଗୁଇ ଯାଏ ଝରି ଝରି' ('ପ୍ରିୟବାନ୍ଧବୀ') ଏ ସବୁ ସତ୍ତ୍ୱେ ଆପଣଙ୍କ କବିତାର ଆବେଦନ ପ୍ରଚୁର । କିପରି ?

ଗୁରୁପ୍ରସାଦ : ତା'ର ବିଚାର ଆପଣମାନେ କରିବେ । ମୁଁ ଖାଲି ଏତିକି କହିବି, ମୋର limited vocabulary ସତ୍ତ୍ୱେ ଲେଖିଲାବେଳେ ମୋର କେବେ ଅସୁବିଧା ହୋଇନାହିଁ, ମୁଁ ଯାହା ପ୍ରକାଶ କରିବାକୁ ଚାହିଁଛି, ପାରିଛି । ଆଉ, ଯେଉଁ ଛନ୍ଦ ମୁଁ ସୃଷ୍ଟି କରିବାକୁ 'ଚେଷ୍ଟା' କରିଛି ବୋଲି ଆପଣ କହୁଛନ୍ତି, ମୁଁ କୌଣସି ପ୍ରକାର 'ଚେଷ୍ଟା' କରିନାହିଁ । It has come naturally to me.

'ମନ୍ଦାକ୍ରାନ୍ତ' : ନିର୍ଜନତା ଓ କ୍ଷୟ ସମ୍ପର୍କିତ ରୂପକଳ୍ପ ସୃଷ୍ଟି କରିବାରେ ଆପଣ ସିଦ୍ଧହସ୍ତ ମନେ ହୁଅନ୍ତି । କିଛି ମନ୍ତବ୍ୟ ଦେବେ ?

ଗୁରୁପ୍ରସାଦ : ମୋ କବିତାର ନିର୍ଜନତା might have something to do with my own sense of loneliness. ଏବଂ sense of decay ବିଷୟରେ କହିବି, it perhaps comes from my awareness of Time, the cosmic perspective, man's place in the universe etc. etc.

'ମନ୍ଦାକ୍ରାନ୍ତ' : ଆପଣଙ୍କ କବିତାର ଆବେଦନ ଯେ ପ୍ରଚୁର, ତା'ର ଅନ୍ୟତମ ଗୋଟିଏ ପ୍ରମାଣ ହେଉଛି ଯେ ସାତ ଆଠ ବର୍ଷ ଭିତରେ 'ସମୁଦ୍ର ସ୍ନାନ'ର ଚତୁର୍ଥ ସଂସ୍କରଣ ହୋଇ ସାରିଲାଣି ।

ଗୁରୁପ୍ରସାଦ : 'ସମୁଦ୍ର ସ୍ନାନ'ର ଚତୁର୍ଥ ସଂସ୍କରଣ ହୋଇ ସାରିଲାଣି ?

'ମନ୍ଦାକ୍ରାନ୍ତ' : ଆପଣ ଜାଣି ନାହାନ୍ତି ?

ଗୁରୁପ୍ରସାଦ : ଜାଣି ନାହିଁ, କି ଜାଣିବାକୁ ଚାହେଁ ନାହିଁ । ମୋ' ପ୍ରକାଶକ ଯେତେବେଳେ ମୋ କବିତା ଗୁଡ଼ିକ ଏକ ସଙ୍କଳନ କରି ପ୍ରକାଶ କରିବାକୁ ଇଚ୍ଛାକରି ମୋତେ ସେ ପ୍ରସ୍ତାବ ଦେଲେ, ମୁଁ

Digitized by srujanika@gmail.com

ଆଶ୍ଚର୍ଯ୍ୟ ହୋଇଗଲି । କବିତା, ପୁଣି ମୋ' କବିତାର ସଙ୍କଳନ ! କିନ୍ତୁ ସେ ଜିଦ୍ କରିବାରୁ ମ୍ୟାନୁସ୍କ୍ରିପ୍ଟଟି ତାଙ୍କୁ ଦେଇ କହିଲି : "ଯଦି ବୃଦ୍ଧୁଁଛନ୍ତି, ତା' ହେଲେ ଛାପନ୍ତୁ । କିନ୍ତୁ ଲାଭ କ୍ଷତି କଥା ମୋତେ କିଛି କହିବେ ନାହିଁ । କ୍ଷତି ତ ଆପଣଙ୍କର, ଲାଭ ହେଲେ ବି ଆପଣଙ୍କର ।"

'ନୂଆ ସ୍ୱପ୍ନ' : ଏତେ କମ୍ କବିତା ଲେଖି ଖୁବ୍ କମ୍ କବି ଆପଣଙ୍କ ଭଳି ଏତେ ପ୍ରସିଦ୍ଧ ହୋଇଛନ୍ତି । କାରଣ କ'ଣ ହୋଇପାରେ ?

ଗୁରୁପ୍ରସାଦ : ମୋ' ସମ୍ପର୍କରେ ତ ଅନେକ Scandal. ମୁଁ ଭାବୁଛି ସେଗୁଡ଼ିକ ଯୋଗୁଁ ଅନେକ ପାଠକ ମୋ' କବିତା ପ୍ରତି ଆକୃଷ୍ଟ ହୋଇଥିବେ । [ଏତିକି ଗୁରୁପ୍ରସାଦ ଅତି ଲଘୁ ସ୍ୱରରେ କହିଥିଲେ ।]

'ନୂଆ ସ୍ୱପ୍ନ' : ଆମେ ଭାବୁଛୁ, ଓଡ଼ିଆ କବିତାରେ ଏକ ପ୍ରକାର ଶୂନ୍ୟସ୍ଥାନ (ମାନେ Vacuum) ଥିଲା ଯାହାକି ଆପଣଙ୍କ କବିତା ବୋଧହୁଏ ପୂରଣ କରିପାରିଲା ।

ଗୁରୁପ୍ରସାଦ : ତା' ବି ହୋଇପାରେ । ●

—ଶରତ ଚନ୍ଦ୍ର ଶତପଥୀ, ପ୍ରଫୁଲ୍ଲ କୁମାର ଜଗଦେବ

॥ 'ସମୁଦ୍ରସ୍ନାନ' ପରବର୍ତ୍ତୀ କବିତା ॥

ବାବା ପାଇଁ ଗୋଟିଏ କବିତା

ଏ ଶୀତର ଏଁ କୁହୁଡ଼ି ତୋର ବୁଢ଼ୀ ମାଆ ପରି
ତା' ଆଖିର ଫିକା ପେଜ, ତା ମୁଣ୍ଡର ଧଳା ଝୋଟ ପରି
ଆଜି ତାର ଗୃହାଣୀର ଝାପ୍‌ସା ଆକାଶ ସବୁ
ମରିଥିବା ପୃଥିବୀର ମୃତ୍ୟୁର ଯନ୍ତ୍ରଣା ନେଇ
ପାହାଡ଼ରେ ଏ ଶୀତର ଛଇ ଛଇ ଧଳା ଦାଗ ପରି ।

Digitized by srujanika@gmail.com

ସେ ଆକାଶ ସେମିତି ଟିକ୍ ଥିଲା ଶାଳ ଗୋଡ଼ି ହୋଇ
ବାଡ଼ି ଧରି ନଇଁ ନଇଁ
ତା' ପଛରେ କେତେ ନଈ, କେତେ ଢେଉ, କେତେ ସୁଅ
କେତେ ବାଟ ଅପନ୍ତରର ଗୋଡ଼ ଆଉ କେତେ ଥକା ମୁହଁ
ତା' ଧଳା ଗୃଦାର ତଳେ ଶୁଖିଥିବା କ୍ଷୀର କେତେ
ଅଶ୍ରୁ ହୋଇ ଯାଇଥିବା ଜହ୍ନର କେତେ ନାହିଁ—
କେତେ ଯେ ସେ ଅନନ୍ତ ସମୟ ।

ତୋ' ଆଖିର ଏକ୍ବ ତଗ
ମୋ ଅଖି ତଗରୁ କାଏ ନଟ୍ରେଇ ଖେଳଣା କେତେ
କେତେ ଭଙ୍ଗା କଣ୍ଢେଇର ହାତ ଗୋଡ଼ ଭଙ୍ଗା ଚକ
କେତେ ଷ୍ଟ୍ରିଙ୍ଗ ପେଁକାଳି, ପୁଣି କେତେ ରଙ୍ଗର ଆଲୁଅ
ତୋ' ବୁଢ଼ୀ ମାଆର ଆଖିତଳରୁ ବି ଆଖି ମୋର
ଏମିତି ଚହଲ ଦିନେ ଆଣିଥିଲା କେତେ ଗପ କେତେ ଗୀତ
କେତେ ଯେ ଆକାଶ ଡେଇଁ କେତେ ବୁଡ଼ି ବେଲୁନ୍‌ରେ
କେତେ ଲୁଡ଼ କେତେ ଡର କେତେ ବୁଢ଼ୀ ଅସୁରୁଣୀ ମୁହଁ,

ମୋ କେଉଁର ଆଖି ମଣି ତୋ' ଆଖିର ଏ ଆକାଶ
ତୋ ଆଖିର କଳାନେତ୍ର, କଳା ମେଘ, ନେଳି ପ୍ରଜାପତି
ଖରା ମେଘ ବସନ୍ତର ମହୁ ସବୁ ପିଇ ପିଇ
ପାରି ହୋଇ ପାଠପଢ଼ା, ହକି ଆଉ ଫୁଟ୍‌ବଲ
ପ୍ରେମ ଆଉ ଚିଠି ଲେଖା, ସେଗ ଆଉ ଦାଶବ୍ଦୁଂର ସବୁ ଷଡ୍‌ଯନ୍ତ୍ର
ତୋ ଆଖି ଆକାଶ ଡାଉ ମୋ ବୋଉ ଆକାଶ ପରି
ପାରି ହୋଇ ମହାକାଶ, ମହାକାଳ, ସେ ମୃତ୍ୟୁର ଦୁନ'ଆର ଗତି

Digitized by srujanika@gmail.com

ଏ ଶୀତର ଏ କୁହୁଡ଼ି ବାଡ଼ି ଧଣ ନଇଁ ନଇଁ
ପାହାଡ଼ ଉଠାଣି ଚଢ଼
ତୋ' ଧଳା ଗୁଦର ତଳେ, କେତେ ଗଛ ଜଙ୍ଗା କେତେ
କେତେ ବନଜଙ୍ଗଲର ଫୁଲ
ଶିକାରୀ ବାଘର ନଖ କାଣ୍ଡାର ଡେଣାସବୁ
ତୋ' ଧଳା ଗୁଦର ତଳେ ପାଚିଲା ଧାନର ବାସ୍ନା
ଝିଂକାରେ ଝିଁ ଝିଁ
ବାଦୁଡ଼ି ଡେଣାର ଗୁଇ
ଟକ୍ ଟକ୍ ଚାଷ କେତେ ତା ହାତର ଢଙ୍ଗିଥିବା କାଚ ଗୁଣ୍ଡ ପର,
ଏ ଶୀତର ଏ କୁହୁଡ଼ି ପାହାଡ଼ ଉଠାଣି ଚଢ଼ି, ବୃଜିଯିବ
ତୋ' ଆଖିର ଆକାଶ ସେପାର
ମୋ ଆଖିର ମେଘ ଡେଇଁ ତୋ'ର ବୁଢ଼ୀମା ଯାଏ
ତୋ' ଆଖି ତଳରୁ ଖସି
ଆଦିଗନ୍ତ ଆସମୁଦ୍ର ଆଜନ୍ମର ସମସ୍ତ ସେପାର,
ଏ ଶୀତର ଏ କୁହୁଡ଼ି ମୋ ବୋଉ ତୋ' ବୁଢ଼ୀମାଆ—
ମୋ'ବୁଢ଼ୀମାଆର ତମ
ଧଳା ଶାଲ ଚଦରର ଅସରନ୍ତି ଆକାଶ ଆକାଶ
ଆଜିଠେଣୁ ତୋ'ଆଖିର ତାରାରେ ମୋମୃତ୍ୟୁ ହୁଏ, ମୋର ଜନ୍ମଜନ୍ମାନ୍ତର
ବସ୍ତୁ ଲଘୁ ବଳସ୍ତର ଇତିହାସ । ●

ବାବା ପାଇଁ ଆଉ ଗୋଟିଏ କବିତା

ଆଜଠାରୁ ତା ବାଟରେ ଫୁଲ ଦେଉ ଖଇ ଦେଉ
ଚନ୍ଦନ ଓ ଝୁଣାର ବାସ୍ନାରେ

Digitized by srujanika@gmail.com

ତା' ବାଟରେ ମୁହଁସବୁ ହୋଇଯାନ୍ତି ଦୃଷ୍ଟିହୀନ ନୀରବ
ପଛରେ ତ ବାଟ ତାର ନର୍ଦ୍ଦମାକ୍ତ ଆବର୍ଜନାମୟ
ତା' ପାଦର ଶବ୍ଦ ସେଠି ନାହିଁ ମୋଟେ ଅଜ ଆଉ ନାହିଁ,
ତା' ପିବାର ମୁହୂର୍ତ୍ତରେ ବର୍ଷା ଆଉ ଅପରିଚ୍ଛନ୍ନତା
ଟୁପ୍‌ଟୁପ୍ ତା ମୁହଁର ବିକୃତିର ନିଃସଙ୍ଗତା ନେଇ
ଆଖି ବୁଜି ତା' ଦୃଷ୍ଟିର ସେ ବା କଣ ଦେଖୁଥିଲା ?
ଅସ୍ପଷ୍ଟ ନକ୍ଷତ୍ରର ବହୁ ମୁହଁର ବିକୃତି ଅବା ?
କ୍ଳାନ୍ତ କ୍ଳାନ୍ତ କ୍ଳାନ୍ତ ଖାଲି — ବିରକ୍ତି ବା ପରିସମାପ୍ତିର ?
ଅବା ମୋ ଜେଜେର ମୁହଁ କଳାଧଳା ବାଙ୍କ ନଶ
ଅତର ଓ ଗୁଣ୍ଡି ପାନ ବଙ୍କା ବାଡ଼ି, ରୁପା ପାନଡ଼ିବାର ସଉକ ?

ଅବା ତା ଦୃଷ୍ଟିରେ ଥିଲା ଦିଗନ୍ତ ଦିଗନ୍ତ ଖାଲି ?
ଅନନ୍ତ ଶୂନ୍ୟତା ଘେରି ହାହାକାର ?
ଅବା ମହାସୁପ୍ତିର ବିସ୍ତାର ?

ତୋ ଆଖିର ଡୋଳା ତଳେ ତା ମୁହଁର ଚମ ଆଉ ହାଡ଼
ତା ହସର ପାନଚୋବା, ତା ବାଳର ଧଳା ଝୋଟ ସବୁ
କେବେହେଲେ ପାଇନାହିଁ ଜୀବନ୍ୟାସ
ତେଣୁ ତୋର ଅସ୍ପଷ୍ଟ ସ୍ମୃତିରେ
ସାମ୍ନାର ସମସ୍ତ କେବେ ବ୍ୟସ୍ତବ୍ୟସ୍ତ ହେବ ନାହିଁ
ରାତିର କାକର ଅବା ଜହ୍ନଖୋର ତୋ ଲୁହ ଭିତରେ
ସେ ବୁଢ଼ୀର ଚମ ହାଡ଼ ଶୀତ ଆଉ କୁହୁଡ଼ି ସ୍ମୃତିରେ
କେବେ ତ ଫେରିବ ନାହିଁ ତୋ ଫେରିବା ବାଟର କ୍ଳାନ୍ତିରେ ।

ତା ଆଖିର କୁହୁଡ଼ିର ତୃପ୍ତି ଆସୁ ତୋର ମନ ଘେରି

Digitized by srujanika@gmail.com

ତା ହୃଦୟରୁ ସ୍ନେହ ଆସୁ ତୋ ଦେହରେ ତାର; ସବୁ ଆଶୀର୍ବାଦ ନେଇ
ସେ ଆଜି ଗଲଣି ଫେରି କାଠଯୋଡ଼ି ବାଲି ଭିତରକୁ
ସେ ଆଜି ଗଲଣି ଫେରି ସମସ୍ତଙ୍କ ଏକ ମହା ପରମାତ୍ମାକୁ,
ତା ବାଟରେ ଫୁଲ ପଡ଼ୁ ବର୍ଷା ହେଉ ଚନ୍ଦନ ଓ ଝୁଣା
ଅଷ୍ଟକଷ୍ଟ ନକ୍ଷତ୍ର ଯେତେ ମୁହଁ ସବୁ ବରକ୍ତର
ଲେପ ପାଉ ଶୂନ୍ୟ ଆକାଶରେ
ଯାଯାବର ତା ଆତ୍ମାର ଗତି ହେଉ ତୋର ଗୀତ ପରି
ଅର୍ଥହୀନ ଉଲ୍ଲାସର ସାନ ସାନ ଅସରନ୍ତି ଢେଉ । ●

ମୃତ୍ୟୁ

ମହାଶୟ,
କୌତୁହଳ ଠିକ୍ ନୁହେଁ...
ଏ ଦେହ ଓ ଦେହାନ୍ତର ସୀମା ଅବା
ଚେତନାର ପାଚେରି ସେପାଖେ
ଗ୍ରେଟ ସ୍କୁଲ ପିଲପରି ଫାଟକ ସେପାଖେ ଡେଇଁ
ଦେଖିବାର କୌତୁହଳ ନୁହେଁ ।
ଯେହେତୁ ମୁଁ ଠିକ୍ ଜାଣେ ଫେରିବାର ବାଟ ଏଠି ନାହିଁ
ଫେରିବାର ଏ ବାଟରେ ଅନ୍ଧାର କେବଳ ଫେରେ
ଯେହେତୁ ମୁଁ ଠିକ୍ ଜାଣେ ଫେରିବାର ଏ ବାଟରେ ସୁଖ ଅବା
ସ୍ମୃତି ଫେରେ ନାହିଁ
ଯେହେତୁ ମୁଁ ଠିକ୍ ଜାଣେ ସୁଖର ଦେହାନ୍ତ ନାହିଁ
ସମୟର ସୁସ୍ଥାପାତ ନାହିଁ
ମହାଶୟ,
ସେ ମୃତ୍ୟୁରେ ଶୋଇଥିଲି ସେଦିନ ବର୍ଷାର
ଲୁହରେ ଶିଥିଳ ସିକ୍ତ ଶାଳ ବଣ
କଜଳପାତିର ପର ଆକାଶରେ ଭୁହା ଭୁହା ଅସରା ଅସରା

Digitized by srujanika@gmail.com

THE MULYAYAN : Orissa's Only Journal Devoted Exclusively to Literary Criticism : Vol II, No. 2.
Special Number on the Poetry of Guru Prasad Mohanty
PRICE RUPEES FIVE ONLY

ବିଶେଷ ଘୋଷଣା

● 'ମୂଲ୍ୟାୟନ'—୯ ଓ 'ମୂଲ୍ୟାୟନ'—୧୦କୁ ଯଥାକ୍ରମେ 'ସ୍ୱାଧୀନତା ପୂର୍ବର ଓଡ଼ିଆ ଉପନ୍ୟାସ ବିଶେଷାଙ୍କ' ଓ 'ସ୍ୱାଧୀନତୋତ୍ତର ଓଡ଼ିଆ ନାଟକ ବିଶେଷାଙ୍କ' ରୂପେ ପ୍ରକାଶ କରିବାକୁ ଉଦ୍ୟମ କରାଯାଉଅଛି । ଏଥିରେ ସାଧାରଣ ମୂଲ୍ୟାୟନାତ୍ମକ ଓ ପୁନର୍ମୂଲ୍ୟାୟନାତ୍ମକ ପ୍ରବନ୍ଧମାନ ଛଡ଼ା ପ୍ରଧାନ ପ୍ରଧାନ ଔପନ୍ୟାସିକ ଓ ନାଟ୍ୟକାରମାନଙ୍କ କୃତି ସମ୍ପର୍କରେ ଆଲୋଚନାମାନ ମଧ୍ୟ ପ୍ରସ୍ତୁତ କରାହେବ । ଆଗ୍ରହୀ ସୁଧୀ ସମାଲୋଚକବୃନ୍ଦ ଉକ୍ତ ବିଶେଷାଙ୍କଦ୍ୱୟ ସମ୍ପର୍କରେ ସମ୍ପାଦକଙ୍କ ସହ ପତ୍ରାଳାପ କରିବାକୁ ଅନୁରୋଧ । ପତ୍ରାଳାପର ଠିକଣା : ସମ୍ପାଦକ 'ମୂଲ୍ୟାୟନ', ପ୍ରଫେସର୍-ସ୍ନାତକୋତ୍ତର ଇଂରାଜୀ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୭୫୧୦୦୪ ।

● 'ମୂଲ୍ୟାୟନ'ର ପ୍ରଥମ ବର୍ଷରେ ପ୍ରକାଶିତ ପାଞ୍ଚୋଟି ସଂକଳନର ଏକତ୍ର ସମାବେଶ କରାଯାଇ ବୋର୍ଡ ବନ୍ଧାଇ ସହ ତାର ମୂଲ୍ୟ ତିରିଶ ଟଙ୍କା ରଖାଯାଇଛି । ଏହାର ସଂଗ୍ରହଅଭିଳାଷୀ ବ୍ୟକ୍ତି/ଅନୁଷ୍ଠାନମାନ ନିମ୍ନଲିଖିତ ଠିକଣାରେ ତିରିଶ ଟଙ୍କା ଅଗ୍ରୀମ ପଠାଇଲେ ରେଜେଷ୍ଟ୍ରି ପାର୍ସଲ ଦ୍ୱାରା ତାହା ଯୋଗାଇ ଦିଆଯାଇଥାଏ । ଠିକଣା : ପରିଚାଳନା ସମ୍ପାଦକ, 'ମୂଲ୍ୟାୟନ'
ପ୍ଲଟ ନଂ-ବି-୧, ଶହୀଦ ନଗର, ଭୁବନେଶ୍ୱର-୭

Edited by Prafulla Kumar Jagadeb. Published for Mahanadi Books, Bhubaneswar by Sri S. N. Jagadeb and printed by him at Mulyayan Press, Plot No. B-1. Sahid Nagar, Bhubaneswar-7, India. 'The Mulyayan'-7
January, 1979—February, 1980

Digitized by srujanika@gmail.com